# ଧରିତ୍ରୀ DHARITRI

Dharitri 51 Years

ଭୁବନେଶ୍ୱର, ଶୁକ୍ରବାର, ଜୁଲାଇ ୧୮/୨୦୨୫ (୧୬ ପୃଷ୍ଠା) | Bhubaneswar, Friday, July 18/2025 | Page 16 | ₹ 7.00

୫୧ଶ ଭାଗ ୨୩୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 233 | ମୂଲ୍ୟ ₹୭/-




## 'ଡନ୍ ୩'ରେ କ୍ରିତି

'ଡନ୍ ୩' ଫିଲ୍ମରେ ଅଭିନେତା ରଣବୀର ସିଂଙ୍କ ବିପକ୍ଷରେ ଅଭିନେତ୍ରୀ କ୍ରିତି ସାନୋନ୍‌ଙ୍କୁ ଦେଖିବାକୁ ମିଳିବ।

୦୨

୧୬

## କାର୍ଲସେନଙ୍କୁ ହରାଇଲେ ପ୍ରଜ୍ଞାନନ୍ଦ

ମାଗ୍ନସ କାର୍ଲସେନ୍‌ଙ୍କୁ ହରାଇ ଫ୍ରିଷ୍ଟାଇଲ ଗ୍ରାଣ୍ଡସ୍ଲାମ ଟୁର୍ ଚେସ୍ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି ଭାରତୀୟ ଗ୍ରାଣ୍ଡମାଷ୍ଟର ଆର. ପ୍ରଜ୍ଞାନନ୍ଦ।



# ଓଡ଼ିଶା ବନ୍ଦ ଶାନ୍ତିପୂର୍ଣ୍ଣ

ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୁତି ଘଟଣାରେ କଂଗ୍ରେସ, ବାମପନ୍ଥୀଙ୍କ ସମେତ ୮ଟି ଦଳ ପକ୍ଷରୁ ଗୁରୁବାର 'ଓଡ଼ିଶା ବନ୍ଦ' ଶାନ୍ତିପୂର୍ଣ୍ଣ ଭାବେ ଶେଷ ହୋଇଛି। ଅଧ୍ୟାପକଙ୍କ ଯୌନ ନିର୍ଯାତନାର ଶିକାର ସୌମ୍ୟାଶ୍ରୀ ନ୍ୟାୟ ପାଇଁ ଲଢ଼େଇ କରିଥିବାବେଳେ ତାଙ୍କ ପ୍ରତି ହୋଇଥିବା ସରକାରୀ ଉଦାସୀନତା ବିରୋଧରେ 'ଓଡ଼ିଶା ବନ୍ଦ' ଡାକରା ଦିଆଯାଇଥିଲା। ତଦନୁଯାୟୀ ସକାଳ ୬ରୁ ସନ୍ଧ୍ୟା ୬ ଯାଏ ଯାନବାହନ, ଦୋକାନବଜାର, ଶିକ୍ଷାନୁଷ୍ଠାନ, ପେଟ୍ରୋଲ ପମ୍ପ, ମଲ୍, ବେସରକାରୀ ଅଫିସ ଆଦି ପ୍ରାୟତଃ ବନ୍ଦ ରହିଥିଲା। କାଁ ଭାଁ ସ୍ଥାନକୁ ଛାଡ଼ିଦେଲେ ବନ୍ଦ ପାଳନ ବେଳେ କୌଣସି ଅପ୍ରୀତିକର ପରିସ୍ଥିତି ଘଟିନାହିଁ। ଲୋକେ ପ୍ରାୟତଃ ବାହାରକୁ ବାହାରି ନ ଥିଲେ। ଏଥିରୁ ବନ୍ଦକୁ ଲୋକେ ସ୍ୱତଃସ୍ଫୂର୍ତ୍ତ ସମର୍ଥନ ଦେଇଥିବା ମନେହେଉଛି। ଗାଡ଼ି ଚଳାଚଳ କରି ନ ଥିବାରୁ ଯାତ୍ରୀମାନେ ନିଜ ଗନ୍ତବ୍ୟସ୍ଥଳକୁ ଯାଇ ନ ପାରି ହଇରାଣ ହୋଇଥିବା ଦେଖିବାକୁ ମିଳିଛି। ସେହିପରି ଭୁବନେଶ୍ୱର ସମେତ କେତେକ ଷ୍ଟେଶନ ଓ ରେଳଧାରଣାରେ ଆନ୍ଦୋଳନ କରାଯିବା ଯୋଗୁ ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା।



ଓଡ଼ିଶା ବନ୍ଦ ପାଳନ ଅବସରରେ ଗୁରୁବାର ଢେଙ୍କାନାଳ ଜିଲା କାମାକ୍ଷାନଗର ସହରରେ ଦୋକାନବଜାର ବନ୍ଦ ରହିଛି। **(ଫଟୋ: ସୁଧୀର କୁମାର ପରିଡ଼ା)**

ଭୁବନେଶ୍ୱର,୧୭।୭(ରବିନାରାୟଣ ଜେନା)

ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ଆତ୍ମାହୁତି ଘଟଣାକୁ ନେଇ ଗୁରୁବାର କଂଗ୍ରେସ ସମେତ ୮ଟି ସମଭାବାପନ୍ନ ଦଳ ପକ୍ଷରୁ ଦିଆଯାଇଥିବା ବନ୍ଦ ଡାକରାର ପ୍ରଭାବ ରାଜ୍ୟବ୍ୟାପୀ ପଡ଼ିଥିବା ଦେଖିବାକୁ ମିଳିଛି। ଗାଁର ଗଳିକନ୍ଦିଠାରୁ ଆରମ୍ଭ କରି ସହର ବଜାରର ପ୍ରମୁଖ ରାସ୍ତା ଅପରାହ୍ନ ଯାଏ ପ୍ରାୟ ଶୂନସାନ୍ ରହିଥିଲା। ଶିକ୍ଷାନୁଷ୍ଠାନ ଓ ବ୍ୟବସାୟିକ ପ୍ରତିଷ୍ଠାନ ଆଦି ବନ୍ଦ ରହିଥିଲା। ସକାଳ ୬ଟାରୁ ସନ୍ଧ୍ୟା ୬ଟା ଯାଏ ବନ୍ଦ ପାଳନ ହୋଇଥିଲେ ମଧ୍ୟ ଅପରାହ୍ନ ଗୋଟାଏ ପର୍ଯ୍ୟନ୍ତ ଆନ୍ଦୋଳନକାରୀମାନେ ବିଭିନ୍ନ ସ୍ଥାନରେ ଗାଡ଼ିମୋଟରକୁ ବନ୍ଦ ରଖିଥିଲେ। ବିଶେଷକରି ଜାତୀୟ ରାଜପଥକୁ ସେମାନେ ଏକପ୍ରକାର ଅକ୍ତିଆର କରି ନେଇଥିଲେ। ବନ୍ଦକୁ ଦୃଷ୍ଟିରେ ରଖି ଅନେକେ ବାହାରକୁ ଆସି ନ ଥିବାରୁ ବାଲେଶ୍ୱରର ଫକୀର ମୋହନ ମହାବିଦ୍ୟାଳୟ ☞ପୃଷ୍ଠା-୪

## ପଞ୍ଚାୟତ ପ୍ରତିନିଧିଙ୍କ ମୃତ୍ୟୁ ହେଲେ ମିଳିବ ୨ ଲକ୍ଷ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୭।୭(ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟର ପଞ୍ଚାୟତ ପ୍ରତିନିଧିମାନଙ୍କ ପାଇଁ କାର୍ଯ୍ୟ ଅବଧି ସମୟରେ ମୃତ୍ୟୁ କିମ୍ବା ଅକ୍ଷମତା ଘଟିଲେ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ନିଷ୍ପତ୍ତି ଅନୁଯାୟୀ ପଞ୍ଚାୟତିରାଜ ବ୍ୟବସ୍ଥାରେ କାର୍ଯ୍ୟରତ ୱାର୍ଡମେମ୍ବରଙ୍କଠାରୁ ଆରମ୍ଭକରି ଜିଲା ପରିଷଦ ଅଧ୍ୟକ୍ଷଙ୍କ ପର୍ଯ୍ୟନ୍ତ ସମସ୍ତେ ଏଥିରେ ଅନ୍ତର୍ଭୁକ୍ତ ହେବେ। ପଞ୍ଚାୟତ ପ୍ରତିନିଧିମାନଙ୍କ କାର୍ଯ୍ୟ ଅବଧି ସମୟରେ କୌଣସି କାରଣରୁ ମୃତ୍ୟୁ ଘଟିଲେ ତାଙ୍କର ନିକଟତମ ସମ୍ପର୍କୀୟଙ୍କୁ ୨ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରାଯିବ। ସେହିଭଳି ଉଭୟ ଆଖି, ହାତ କିମ୍ବା ଗୋଡ଼ ନଷ୍ଟ ହେଲେ ସମ୍ପୃକ୍ତ ପଞ୍ଚାୟତ ପ୍ରତିନିଧିଙ୍କୁ ୨ ଲକ୍ଷ ଟଙ୍କା ଏବଂ ଗୋଟିଏ ଆଖି ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

## ପୁଟିନ୍ ଦୋଷୀ ହେବେ କି

**ପ୍ରଶାସନିକ ସଂସ୍କାରଠାରୁ ପେପରଲେସ୍ ବଜେଟ, ସବୁଥିରେ ଓଡ଼ିଶା ଆଗୁଆ: ମୁଖ୍ୟମନ୍ତ୍ରୀ**

ପୃଷ୍ଠା-୩

# ଜିଏମ୍‌ୟୁ ଅଧ୍ୟାପକ ଗିରଫ, ନିଲମ୍ବିତ

ସମ୍ବଲପୁର,୧୭।୭(ପ୍ରମୋଦ ବହିଦାର)

ବାଲେଶ୍ୱର ଏଫ୍ଏମ୍ କଲେଜ ଛାତ୍ରୀ ଆତ୍ମାହୁତି ଘଟଣାକୁ ନେଇ ଏବେ ସାରା ରାଜ୍ୟରେ ନିଆଁ ଜଳୁଛି। ଏହି ପରିସ୍ଥିତିରେ ସମ୍ବଲପୁରରେ ଜଣେ କଲେଜ ଛାତ୍ରୀଙ୍କୁ ଅଧ୍ୟାପକଙ୍କ ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା ଅଭିଯୋଗ ଆସିଛି। ପୀଡ଼ିତା ଛାତ୍ରୀଙ୍କ ଅଭିଯୋଗ ଆଧାରରେ ସମ୍ବଲପୁର ମହିଳା ଥାନା ପୋଲିସ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ(ଜିଏମ୍‌ୟୁ) ଶିକ୍ଷା ବିଭାଗ ଆସିଷ୍ଟାଣ୍ଟ ପ୍ରଫେସର ଡ. ଗୋପୀକାନ୍ତ ସୁନା(୩୨)ଙ୍କୁ ଗୁରୁବାର ଗିରଫକରି କୋର୍ଟ ଚାଲାଣ କରିଥିଲା। ହେଲେ ଜାମିନ ଆବେଦନକୁ ସମ୍ବଲପୁର ଏସ୍‌ଡିଜେଏମ୍ ନାମଞ୍ଜୁର କରିବାରୁ ତାଙ୍କୁ ସ୍ଥାନୀୟ ମଣ୍ଡଳ କାରାଗାରକୁ ପଠାଇ ଦିଆଯାଇଛି। ଅପରପକ୍ଷରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଏହି ଘଟଣାକୁ ଗୁରୁତ୍ୱର ସହ ନେଇ ଗିରଫ ଅଧ୍ୟାପକଙ୍କୁ କାର୍ଯ୍ୟରୁ ନିଲମ୍ବନ କରିଛନ୍ତି। ଜିଏମ୍‌ୟୁ ଭାରପ୍ରାପ୍ତ କୁଳପତି ପ୍ରଫେସର ସୁଶାନ୍ତ ଦାଶଙ୍କ ନିର୍ଦ୍ଦେଶକ୍ରମେ କୁଳସଚିବ ସନତ କୁମାର ନାୟକ ଏହି କାର୍ଯ୍ୟାନୁଷ୍ଠାନ ନେଇଥିବା ଉପ କୁଳ ସଚିବ ଡ.ଉମାଚରଣ ପତି ସୂଚନା ଦେଇଛନ୍ତି।

**ଛାତ୍ରୀଙ୍କୁ ପ୍ରତାରଣା**



ଗିରଫ ଅଧ୍ୟାପକ ଗୋପୀକାନ୍ତ ସୁନା।

ଜିଏମ୍‌ୟୁ ଶିକ୍ଷା ବିଭାଗ ଇଣ୍ଟିଗ୍ରେଟେଡ୍ ବିଏଡ୍ ଦ୍ୱିତୀୟ ବର୍ଷ ଛାତ୍ରୀ(୨୦)ଙ୍କ ଅଭିଯୋଗ ଅନୁସାରେ ବରଗଡ଼ ଜିଲା ବୁଡେନ୍ ଥାନା ଅନ୍ତର୍ଗତ ଦହିତା ଗ୍ରାମର ମୂଳ ନିବାସୀ ପ୍ରଫେସର ସୁନା ବିବାହର ପ୍ରତିଶ୍ରୁତି ଦେଇ ତାଙ୍କ ସହ ଦୀର୍ଘଦିନ ଧରି ଶାରୀରିକ ସମ୍ପର୍କ ରଖି ଆସିଥିଲେ। ମାତ୍ର ପରବର୍ତ୍ତୀ କାଳରେ ସେ ବିବାହ ପାଇଁ ମନା କରିଦେଇ ତାଙ୍କୁ ପ୍ରତାରଣା କରିଛନ୍ତି। ଏ ନେଇ ସେ ଗତ ୧୬ ତାରିଖ ବୁଧବାର ସମ୍ବଲପୁର ମହିଳା ଥାନାରେ ଏତଲା ଦେଇଥିଲେ। ତାଙ୍କ ଏତଲା ଆଧାରରେ ☞ପୃଷ୍ଠା-୪







# ଦେବେନ୍ଦ୍ର, ଉଦ୍ଧବ ନିକଟତର

**ସହଯୋଗୀରୁ ଶତ୍ରୁ ପାଲଟିଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ ଓ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ ଅନେକ ମାସ ପରେ ଗୁରୁବାର ମହାରାଷ୍ଟ୍ର ବିଧାନସଭାରେ ପରସ୍ପରକୁ ଭେଟିଛନ୍ତି। ଯଦିଓ ୨୦୨୪ ନଭେମ୍ବର ୨୩ରୁ ବିଧାନସଭାରେ ଖାଲି ପଡ଼ିଥିବା ବିରୋଧୀ ଦଳ ନେତା ପଦ ପାଇଁ ଆଲୋଚନାକୁ ଉଭୟଙ୍କ ସାକ୍ଷାତର କାରଣ ବୋଲି ଦର୍ଶାଯାଉଛି, ତେବେ ଉଦ୍ଧବଙ୍କୁ ସରକାରରେ ସାମିଲ ହେବାପାଇଁ ବୁଧବାର ଫଡ୍‌ନବିସ ଦେଇଥିବା ଅଫର ଦୃଷ୍ଟିରୁ ରାଜନୈତିକ ବିଶ୍ଳେଷକ ଏହାର ଭିନ୍ନ ତାତ୍ପର୍ଯ୍ୟ ବାହାର କରୁଛନ୍ତି। କାରଣ ଆଗକୁ ବ୍ରିହନ୍‌ମୁମ୍ବାଇ ମ୍ୟୁନିସିପାଲ କର୍ପୋରେଶନ୍ (ବିଏମ୍‌ସି) ସମେତ ୨୯ ମହାନଗର ନିଗମ ପାଇଁ ନିର୍ବାଚନ ରହିଛି। ଇତିମଧ୍ୟରେ ଉପମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ ଆନନ୍ଦରାଜ ଆମ୍ବେଡକରଙ୍କ ରିପବ୍ଲିକାନ୍ ସେନା ସହ ଶାସକ ଶିବସେନାର ମେଣ୍ଟ ଘୋଷଣା କରିଛନ୍ତି, ଯାହାକୁ ମହାରାଷ୍ଟ୍ର ପୌର ନିର୍ବାଚନ ପୂର୍ବରୁ ଏକ ଗୁରୁତ୍ୱପୂର୍ଣ୍ଣ ରାଜନୈତିକ ଘଟଣାକ୍ରମ ବୋଲି ମନେକରଯାଉଛି। ଉଦ୍ଧବଙ୍କ ଶିବସେନା ୟୁବିଟି ଏବଂ ରାଜ୍ ଠାକ୍‌ରେଙ୍କ ମହାରାଷ୍ଟ୍ର ନବନିର୍ମାଣ ସେନା (ଏମ୍‌ଏନ୍‌ଏସ୍) ମଧ୍ୟରେ ମେଣ୍ଟ ହୋଇପାରେ ବୋଲି ଚର୍ଚ୍ଚା ଜୋର୍ ଧରିଥିବାବେଳେ ରାଜନୀତିରେ ଶିନ୍ଦେଙ୍କ ନୂଆ ପାର୍ଟନରଶିପ୍ ଏକ ରଣନୈତିକ ପଦକ୍ଷେପ ରୂପେ ଉଭା ହୋଇଛି।**

## ମହାରାଷ୍ଟ୍ର ରାଜନୀତିରେ ନୂଆ ସମୀକରଣର ସଙ୍କେତ



ଶିବସେନା ୟୁବିଟି ମୁଖ୍ୟ ଉଦ୍ଧବ ଠାକ୍‌ରେ ଗୁରୁବାର ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସଙ୍କୁ ହିନ୍ଦୀଚି ଶକ୍ତି ହାଭିଚ୍ କଶାଲା (ହିନ୍ଦୀକୁ ବାଧ୍ୟତାମୂଳକ କରିବାର ଆବଶ୍ୟକତା କ'ଣ ?) ଶୀର୍ଷକ ଏକ ପୁସ୍ତକ ଉପହାର ଦେଉଛନ୍ତି। ନିକଟରେ ଉଦ୍ଧବଙ୍କ ପୁଅ ଆଦିତ୍ୟ ଠାକ୍‌ରେ ଉପସ୍ଥିତ।

ମୁମ୍ବାଇ, ୧୭।୭

ମହାରାଷ୍ଟ୍ର ବିଧାନ ପରିଷଦ ବିରୋଧୀ ଦଳ ନେତା ଶିବସେନା ୟୁବିଟିର ଅମ୍ବାଦାସ ଦାନ୍‌ଭେଙ୍କୁ ବୁଧବାର ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ ସମ୍ବୋଧିତ କରି ଶିବସେନା ୟୁବିଟି ମୁଖ୍ୟ ଉଦ୍ଧବ ଠାକ୍‌ରେଙ୍କୁ କହିଥିଲେ, ଉଦ୍ଧବଜୀ ୨୦୨୯ ପର୍ଯ୍ୟନ୍ତ ସରକାର ବଦଳିବାର ସମ୍ଭାବନା ନାହିଁ। ଭାଜପା ଆପଣଙ୍କ ସହ ବିରୋଧୀ ପକ୍ଷରେ ସାମିଲ ହେବାକୁ ଯାଉନାହିଁ। କିନ୍ତୁ ଆପଣଙ୍କ ପାଇଁ ପକ୍ଷ ପରିବର୍ତ୍ତନର ସୁଯୋଗ ରହିଛି; ଆସନ୍ତୁ ସରକାରରେ ସାମିଲ ହୁଅନ୍ତୁ। ମୁଖ୍ୟମନ୍ତ୍ରୀଙ୍କ ଏହି ପ୍ରସ୍ତାବର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି। ଏହାକୁ ନେଇ ମହାରାଷ୍ଟ୍ରରେ ଦୁଇ ହିନ୍ଦୁତ୍ୱବାଦୀ ପୂର୍ବ ସହଯୋଗୀ ପୁଣି ଏକାଠି ହେବା ସମ୍ପର୍କରେ କଳ୍ପନାଜଳ୍ପନା ପ୍ରକାଶ ପାଇଛି। ଫଡ୍‌ନବିସଙ୍କ ଅଫରକୁ ଉଦ୍ଧବ ବୁଧବାର 'ଜୋକ୍' ବୋଲି କହିଥିଲେ। କିନ୍ତୁ ଏହାର ୨୪ ଘଣ୍ଟା ନ ପୂରୁଣୁ ଉଦ୍ଧବ ଓ ତାଙ୍କ ପୁଅ ଆଦିତ୍ୟ ଠାକ୍‌ରେ ବିଧାନ ପରିଷଦ ଅଧ୍ୟକ୍ଷ ରାମ ଶିନ୍ଦେଙ୍କ ଚ୍ୟାମ୍ବରରେ ଫଡ୍‌ନବିସଙ୍କୁ ଭେଟିଛନ୍ତି। ଠାକ୍‌ରେ ପିତାପୁତ୍ର ଓ ଫଡ୍‌ନବିସଙ୍କ ମଧ୍ୟରେ ପ୍ରାୟ ଅଧଘଣ୍ଟା ଧରି ଆଲୋଚନା ହୋଇଥିବାବେଳେ ଉଭୟ ପକ୍ଷଙ୍କ ଦଳରୁ କୌଣସି ପ୍ରତିକ୍ରିୟା ଆସିନାହିଁ।

୨୦୧୯ ବିଧାନସଭା ନିର୍ବାଚନ ପରେ ଉଦ୍ଧବ ଠାକ୍‌ରେଙ୍କ ନେତୃତ୍ୱାଧୀନ ଅବିଭକ୍ତ ଶିବସେନା ମୁଖ୍ୟମନ୍ତ୍ରୀ ପଦକୁ ନେଇ ଏହାର ଦୀର୍ଘ ସହଯୋଗୀ ଭାଜପା ସହ ସମ୍ପର୍କ ତୁଟାଇଦେଇଥିଲା। ପରେ ଏକନାଥ ଶିନ୍ଦେ ଶିବସେନାର ଏକ ବଡ଼ ଗୋଷ୍ଠୀକୁ ଧରି ଭାଜପା ସହ ମିଶି ସରକାର ଗଢ଼ିଥିଲେ। ଶିନ୍ଦେ ବର୍ତ୍ତମାନ ଫଡ୍‌ନବିସଙ୍କ ନେତୃତ୍ୱାଧୀନ ମହାୟୁତି ସରକାରରେ ଉପମୁଖ୍ୟମନ୍ତ୍ରୀ ଅଛନ୍ତି। ସୂତ୍ରରୁ ପ୍ରକାଶ ଯେ, ଗତ ଫେବୃଆରୀ ୨୨ରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ପୁଣେର ଏକ ହୋଟେଲରେ ଅବସ୍ଥାନ କରିଥିବାବେଳେ ଶିନ୍ଦେ ତାଙ୍କ ପାଖକୁ ଫଡ୍‌ନବିସଙ୍କ ବିରୋଧରେ ଅଭିଯୋଗ କରିବାକୁ ଯାଇଥିଲେ। ଏହି ସରକାରରେ ମୋର ଆଉ ସମ୍ମାନ ରହିନାହିଁ। କାରଣ ମୁଁ ପୂର୍ବରୁ ନେଇଥିବା ବଡ଼ ନିଷ୍ପତ୍ତିଗୁଡ଼ିକୁ ଫଡ୍‌ନବିସ ପଲଟାଇ ଦେଉଛନ୍ତି ବୋଲି କୁଆଡ଼େ ଶିନ୍ଦେ ଶାହାଙ୍କ ଆଗରେ ଅଭିଯୋଗ କରିଥିଲେ। ଏହା ଶୁଣିବା ପରେ ଶାହା କହିଥିଲେ, ଭାଜପା ପାଖରେ ୧୨୫ରୁ ଅଧିକ ବିଧାୟକଙ୍କ ସମର୍ଥନ ରହିଛି। ଆପଣ ମୁଖ୍ୟମନ୍ତ୍ରୀ ପଦ ପାଇଁ ଦାବିଦାର ହେବାକୁ ଚାହୁଁଥିଲେ ନିଜ ଶିବସେନା ଗୋଷ୍ଠୀକୁ ଭାଜପାରେ ମିଶ୍ରଣ କରାନ୍ତୁ। ଏହି ବିଷୟ ଶିବସେନା ୟୁବିଟି ମୁଖପତ୍ର 'ସାମ୍ନା'ରେ ମାର୍ଚ୍ଚ ପହିଲାରେ ପ୍ରକାଶ ପାଇଥିଲା।

ସେବେଠୁ ରାଜନୀତିରେ ଅନେକ ପାଣି ବହିଗଲାଣି। ଆଗକୁ ବିଏମ୍‌ସି, ପୁଣେ, ନାଗପୁର, ଠାଣେ, ନାସିକ୍, ନଭିମୁମ୍ବାଇ, ଛତ୍ରପତି ଶମ୍ଭାଜୀନଗର ଓ କଲ୍ୟାଣ-ଦୋମ୍ବିଭଲି ସମେତ ମହାରାଷ୍ଟ୍ରର ୨୯ ମହାନଗର ନିଗମ ପାଇଁ ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ଭାରତର ସବୁଠୁ ଧନୀ ମହାନଗର ନିଗମ ବିଏମ୍‌ସିରେ ୨୨୭ ଆସନ ଥିବାବେଳେ ବର୍ତ୍ତମାନ ଅବିଭକ୍ତ ଶିବସେନାର ୮୪, ଭାଜପା ୮୨, କଂଗ୍ରେସ ୩୧, ଏନ୍‌ସିପି ୯, ଏମ୍‌ଏନ୍‌ଏସ୍ ୭ ଏବଂ ସମାଜବାଦୀ ପାର୍ଟିର ୬ କର୍ପୋରେଟର ରହିଛନ୍ତି। ପୌର ନିର୍ବାଚନ ପୂର୍ବରୁ ଶିବସେନା ୟୁବିଟି ଏବଂ ଏମ୍‌ଏନ୍‌ଏସ୍ ଭାଜପା ସହ ହାତ ମିଳାଇପାରନ୍ତି ବୋଲି ଚର୍ଚ୍ଚା ହେଉଥିବାବେଳେ ମୁଖ୍ୟମନ୍ତ୍ରୀରୁ ଉପମୁଖ୍ୟମନ୍ତ୍ରୀ ପଦକୁ ଖସିଆସିଥିବା ଅସନ୍ତୁଷ୍ଟ ଶିନ୍ଦେ ଗୋଟି ଚଳାଇବା ଆରମ୍ଭ କରିଛନ୍ତି। ସେ ରିପବ୍ଲିକାନ୍ ସେନା ନେତା ଆନନ୍ଦରାଜ ଆମ୍ବେଡକରଙ୍କ ସହ ମେଣ୍ଟ ଘୋଷଣା କରିଛନ୍ତି। ମରାଠା ଏବଂ ଦଳିତ ଭୋଟରଙ୍କ ସମର୍ଥନ ହାସଲ ପାଇଁ ଉଭୟେ 'ଶିବଶକ୍ତି ଓ ଭୀମଶକ୍ତି'ର ମିଳନ ହୋଇଥିବା ପ୍ରକାଶ କରିଛନ୍ତି। ଆନନ୍ଦରାଜ ହେଉଛନ୍ତି, ବଞ୍ଚିତ ବହୁଜନ ଅଘାଡ଼ି (ଭିବିଏ) ମୁଖ୍ୟ ପ୍ରକାଶ ଆମ୍ବେଡକରଙ୍କ ସାନଭାଇ। ଉଭୟେ ସମ୍ବିଧାନ ପ୍ରଣେତା ଡ. ଭୀମରାଓ ଆମ୍ବେଡକରଙ୍କ ନାତି। ପ୍ରକାଶଙ୍କ ଦଳ ଭିବିଏ ଆନନ୍ଦରାଜଙ୍କ ଏହି ପଦକ୍ଷେପକୁ ସମାଲୋଚନା କରିଛି। ଆମ୍ବେଡକରଙ୍କ ସମ୍ବିଧାନକୁ ବଦଳାଇବାକୁ ଚାହୁଁଥିବା ତତ୍ତ୍ୱ ସହ ଆନନ୍ଦରାଜ ହାତ ମିଳାଇବା ଦୁର୍ଭାଗ୍ୟଜନକ ବୋଲି ଏକ ବିବୃତିରେ କୁହାଯାଇଛି।

## ଅଲଗା ବାଟରେ ଏକନାଥ



ରିପବ୍ଲିକାନ୍ ସେନା ମୁଖ୍ୟ ଆନନ୍ଦରାଜ ଆମ୍ବେଡକରଙ୍କ ସହ ଉପମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ।

## ୟୁଲିଆ ସିରିଡେଙ୍କୋ ୟୁକ୍ରେନ୍‌ର ନୂଆ ପ୍ରଧାନମନ୍ତ୍ରୀ



କିଭ୍, ୧୭।୭

ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ଗୁରୁବାର ତାଙ୍କ କ୍ୟାବିନେଟ୍‌ର ସମ୍ପ୍ରସାରଣ କରିବା ସହ ୟୁଲିଆ ସିରିଡେଙ୍କୋଙ୍କୁ ନୂଆ ପ୍ରଧାନମନ୍ତ୍ରୀ ଭାବେ ନିଯୁକ୍ତ କରିଛନ୍ତି। ୨୦୨୨ରେ ରୁଷିଆ ୟୁକ୍ରେନ୍ ଉପରେ ଆକ୍ରମଣ କରିବା ପରେ ପ୍ରଥମ ଥର ପାଇଁ ସରକାରରେ ନୂଆ ମୁଖ୍ୟ ନିଯୁକ୍ତ ହୋଇଛନ୍ତି। ୟୁକ୍ରେନ୍‌ର ଅର୍ଥମନ୍ତ୍ରୀ ଥିବା ସିରିଡେଙ୍କୋ ଆମେରିକା ଓ ୟୁକ୍ରେନ୍ ମଧ୍ୟରେ ଖଣିଜ ଚୁକ୍ତିନାମା ସମ୍ପର୍କିତ ବୁଝାମଣାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲେ। ଯୁଦ୍ଧପ୍ରଭାବିତ ରାଷ୍ଟ୍ରକୁ ପ୍ରୋତ୍ସାହିତ କରିବା ସହ ଘରୋଇ ଅସ୍ତ୍ର ଉତ୍ପାଦନ ବଢ଼ାଇବା ଲକ୍ଷ୍ୟରେ କ୍ୟାବିନେଟ୍ ସମ୍ପ୍ରସାରଣ କରାଯାଇଛି।

## ପପ୍ ଗାୟିକା କୋନି ଫ୍ରାନ୍ସିସ୍‌ଙ୍କ ପରଲୋକ



ଲସ୍ ଏଞ୍ଜେଲ୍ସ, ୧୭।୭

ଖ୍ୟାତନାମା ଆମେରିକୀୟ ପପ୍ ଗାୟିକା, ଅଭିନେତ୍ରୀ ତଥା ଫିମେଲ୍ ଭୋକାଲିଷ୍ଟ କୋନି ଫ୍ରାନ୍ସିସ୍‌ଙ୍କର ଗୁରୁବାର ପରଲୋକ ହୋଇଯାଇଛି। ତାଙ୍କୁ ୮୭ ବର୍ଷ ହୋଇଥିଲା। 'ପ୍ରେଟି ଲିଟିଲ୍ ବେବି' ଭଳି ଅନେକ ଲୋକପ୍ରିୟ ଗୀତ ଗାଇ ସେ ୫୦ ଓ ୬୦ ଦଶକରେ ବେଶ୍ ଲୋକପ୍ରିୟ ହୋଇଥିଲେ। ବିଶ୍ୱବ୍ୟାପୀ ତାଙ୍କର ୨୦୦ ନିୟୁତରୁ ଊର୍ଦ୍ଧ୍ୱ ରେକର୍ଡସ ବିକ୍ରି ହୋଇଛି। ୧୯୬୦ରେ କୋନି ଜର୍ମାନୀ, ଜାପାନ, ବ୍ରିଟେନ୍, ଇଟାଲୀ, ଅଷ୍ଟ୍ରେଲିଆ ଏବଂ ଆମେରିକାରେ ସବୁଠୁ ସଫଳ ମହିଳା କଳାକାର ଭାବେ ସ୍ୱୀକୃତି ପାଇଥିଲେ। ତାଙ୍କ ଗୀତ 'ଏଭ୍ରିବଡିସ୍ ସମ୍‌ବଡିସ୍ ଫୁଲ୍' ୧୯୬୦ରେ ଚାର୍ଟର ଶୀର୍ଷ ସ୍ଥାନ ହାସଲ କରିଥିବାବେଳେ ବିଲ୍‌ବୋର୍ଡ ହଟ୍ ୧୦୦ରେ ନଂ.୧ରେ ପହଞ୍ଚିବାରେ ପ୍ରଥମ ମହିଳା ଭାବେ ସେ ଇତିହାସ ରଚିଥିଲେ। ତାଙ୍କ କ୍ୟାରିୟରର ୫୩ଟି ହିଟ୍ ସଙ୍ଗ୍ ମଧ୍ୟରୁ ୩ଟିକୁ ନମ୍ବର ୱାନ୍ ମାନ୍ୟତା ମିଳିଥିଲା।

## ସ୍ତ୍ରୀଙ୍କ ପରକୀୟା ପ୍ରୀତି: ଲାଇଭ୍ ଭିଡିଓରେ ସ୍ୱାମୀଙ୍କ ଆତ୍ମହତ୍ୟା

ନୂଆଦିଲ୍ଲୀ, ୧୭।୭

ଦିଲ୍ଲୀର ନିହାଲ ବିହାର ଅଞ୍ଚଳରେ ବିକାଶ ନାମକ ଯୁବକ ରଶିରେ ଝୁଲି ଗୁରୁବାର ଆତ୍ମହତ୍ୟା କରିଛନ୍ତି। ସେ ତାଙ୍କ ଆତ୍ମହତ୍ୟାର ଲାଇଭ୍ ଷ୍ଟ୍ରିମିଂ କରିଥିଲେ। ଉକ୍ତ ଭିଡିଓରେ ବିକାଶ ତାଙ୍କ ଆତ୍ମହତ୍ୟା ପାଇଁ ସ୍ତ୍ରୀଙ୍କୁ ଦୋଷ ଦେଇଛନ୍ତି। ଆତ୍ମହତ୍ୟା ପୂର୍ବରୁ ଲାଇଭ୍ ଭିଡିଓରେ ସେ କହିଥିଲେ, ତାଙ୍କ ସ୍ତ୍ରୀଙ୍କର ଶାକିବ ନାମକ ବ୍ୟକ୍ତିଙ୍କ ସହ ସମ୍ପର୍କ ରହିଛି। ଫଳରେ ତାଙ୍କ ଦାମ୍ପତ୍ୟ ଜୀବନରେ ବହୁ ବାଧା ସୃଷ୍ଟି ହୋଇଥିଲା ଏବଂ ସ୍ତ୍ରୀ ତାଙ୍କୁ ଛାଡ଼ି ନିଜ ମା' ଓ ଭଉଣୀଙ୍କ ସହ ରହୁଥିଲେ। ଫଳରେ ସେ ଦୀର୍ଘଦିନ ହେବ ମାନସିକ ଅବସାଦ ମଧ୍ୟରେ ଥିଲେ ଏବଂ ଋଣରେ ବୁଡ଼ି ରହିଥିଲେ। ମୃତ୍ୟୁପରେ ୪ ବର୍ଷୀୟ ପୁଅର ଲାଳନପାଳନ ଦାୟିତ୍ୱ ତାଙ୍କ ମା'ବାପାଙ୍କୁ ଦିଆଯାଉ ବୋଲି ସେ କହିଥିଲେ।

## ସରଳ ହେବ ଅଫ୍‌ଲାଇନ ଆଧାର ଯାଞ୍ଚ ପ୍ରକ୍ରିୟା

ନୂଆଦିଲ୍ଲୀ, ୧୭।୭

ଭାରତର ଏକକ ପରିଚୟ କର୍ତ୍ତୃପକ୍ଷ (ୟୁଆଇଡିଏଆଇ) ଅଫ୍‌ଲାଇନ୍ ଆଧାରଭିତ୍ତିକ ପରିଚୟ ଯାଞ୍ଚ ପ୍ରକ୍ରିୟାକୁ ଅଧିକ ସୁଦୃଢ଼ କରିବାକୁ ପଦକ୍ଷେପ ନେଉଛନ୍ତି। ଏହା ଆର୍ଥିକ କାରବାର ଏବଂ ଫିନ୍‌ଟେକ୍ ସେବାରେ ଅଧିକ ସୁରକ୍ଷିତ, ବ୍ୟବହାର ଅନୁକୂଳ ଏବଂ ଅଧିକ ଗ୍ରହଣୀୟ ହୋଇପାରିବ। ଏହାଦ୍ୱାରା ଆଧାରଭିତ୍ତିକ କେୱାଇସି ସମ୍ପୂର୍ଣ୍ଣ କରିବା ପାଇଁ ନାଗରିକଙ୍କୁ ସେମାନଙ୍କ ଆଧାର ନମ୍ବର କିମ୍ବା ବ୍ୟକ୍ତିଗତ ତଥ୍ୟ ଦେବାକୁ ପଡ଼ିବ ନାହିଁ। କ୍ୟୁଆର୍ କୋଡ୍ ଏବଂ ପିଡିଏଫ୍ ଫର୍ମାଟ ବ୍ୟବହାରକୁ ପ୍ରୋତ୍ସାହନ ଦ୍ୱାରା ଅଫ୍‌ଲାଇନ୍ ପରିଚୟ ଯାଞ୍ଚ ପ୍ରକ୍ରିୟା ସରଳ ହେବ।

## ଆସାମରେ ଜବରଦଖଲ ଉଚ୍ଛେଦ ବେଳେ ହିଂସା

## ପୋଲିସ ଗୁଳିରେ ଜଣେ ମୃତ

ଗୁଆହାଟୀ, ୧୭।୭

ଆସାମର ମୁସଲମାନ ବହୁଳ ଗୋଲପରା ଜିଲାରେ ଗୁରୁବାର ସକାଳ ଜବରଦଖଲ ଉଚ୍ଛେଦ ଅଭିଯାନ ବେଳେ ପୋଲିସ, ବନବିଭାଗ କର୍ମଚାରୀ ଏବଂ ଉଚ୍ଛେଦ ହୋଇଥିବା ଲୋକଙ୍କ ମଧ୍ୟରେ ସଂଘର୍ଷ ଘଟିଛି। ଏଥିରେ ଜଣେ ପ୍ରାଣ ହରାଇବା ସହ ଅନେକେ ଆହତ ହୋଇଛନ୍ତି। ମେଘାଳୟ ସୀମା ନିକଟବର୍ତ୍ତୀ ପାଇକନ୍ ରିଜର୍ଭ ଜଙ୍ଗଲ ମଧ୍ୟରେ ପୋଲିସ ଓ ବନ କର୍ମଚାରୀଙ୍କ ମିଳିତ ଟିମ୍ ଜବରଦଖଲ ଉଚ୍ଛେଦ କରୁଥିବାବେଳେ ହିଂସାକାଣ୍ଡ ଘଟିଥିଲା। ଅସ୍ଥାୟୀ ଟେଣ୍ଟରେ ମୁଣ୍ଡ ଗୁଞ୍ଜିଥିବା ବିସ୍ଥାପିତମାନେ ପୋଲିସ୍ ଓ ବନ କର୍ମଚାରୀଙ୍କୁ ଟେକାମାଡ଼ କରିବା ସହ ଏକ୍ସାଭେଟରକୁ ଆକ୍ରମଣ କରିଥିଲେ। ସେମାନଙ୍କୁ ଘଉଡ଼ାଇବାକୁ ଯାଇ ପୋଲିସ ଗୁଳି ଚଳାଇଥିଲା। ୨ ଜଣଙ୍କ ଦେହରେ ଗୁଳି ବାଜିଥିବାବେଳେ ସେମାନଙ୍କ ମଧ୍ୟରୁ ଜଣକ ମୃତ୍ୟୁ ଘଟିଛି। ସୁରକ୍ଷା ବଳର ୫ରୁ ୬ ଜଣ ଆହତ ହୋଇଛନ୍ତି। ଉତ୍ତେଜନା ଲାଗି ରହିଥିବାବେଳେ ସ୍ଥିତି ନିୟନ୍ତ୍ରଣ କରିବାକୁ ଅତିରିକ୍ତ ସୁରକ୍ଷା ଯବାନଙ୍କୁ ମୁତୟନ କରାଯାଇଛି। ଏହା ପୂର୍ବରୁ ମୁସଲମାନ ବହୁଳ ଧୁବ୍ରୀ ଜିଲାରେ ଅନୁରୂପ ଜବରଦଖଲ ଉଚ୍ଛେଦ ଅଭିଯାନ କରାଯାଇଥିଲା। ଏହି ଅଭିଯାନରେ ୩ଟି ଗ୍ରାମରେ ଥିବା ୩,୫୦୦ ବିଘା ସରକାରୀ ଜମିରୁ ୧,୦୬୯ ପରିବାରକୁ ଉଚ୍ଛେଦ କରାଯାଇଥିଲା।

## ପାରୋଲରେ ଥିବା ହତ୍ୟାକାରୀଙ୍କୁ ପାଟନା ହସ୍ପିଟାଲରେ ହତ୍ୟା

ପାଟନା, ୧୭।୭(ପି.ଟି.)

ପାରୋଲରେ ଥିବା ଜଣେ ହତ୍ୟା ଅଭିଯୁକ୍ତଙ୍କୁ ଗୁରୁବାର ସକାଳେ ବିହାରର ପାଟନାରେ ଥିବା ଏକ ଘରୋଇ ହସ୍ପିଟାଲରେ ବନ୍ଧୁକଧାରୀ ଗୁଳିକରି ହତ୍ୟା କରିଛନ୍ତି। ମୃତକ ଚନ୍ଦନ ମିଶ୍ରାଙ୍କ ଘର ବକ୍ସାର ଜିଲାରେ। ସେ ଚିକିତ୍ସା ପାଇଁ ହସ୍ପିଟାଲକୁ ଆସିଥିଲେ। ସୋସିଆଲ ମିଡିଆରେ ହତ୍ୟାକାଣ୍ଡ ବେଳର ଭିଡିଓ ଫୁଟେଜ୍ ଭାଇରାଲ ହୋଇଛି। ୫ ଜଣ ବନ୍ଧୁକଧାରୀ ହସ୍ପିଟାଲର ଆଇସିୟୁରେ ପ୍ରବେଶ କରି ଚନ୍ଦନଙ୍କ ଉପରକୁ ଗୁଳି ଚଳାଉଥିବା ଫୁଟେଜ୍‌ରୁ ଦେଖିବାକୁ ମିଳିଛି। ପୋଲିସ ସମସ୍ତ ହତ୍ୟାକାରୀଙ୍କୁ ଚିହ୍ନଟ କରିବା ସହ ତୌସିଫ୍‌ଙ୍କୁ ଗିରଫ କରିଛି। ଅନ୍ୟ ୪ ଜଣଙ୍କୁ ଗିରଫ ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି। ଚନ୍ଦନ ଏକ ହତ୍ୟା ମାମଲାରେ ଦୋଷୀସାବ୍ୟସ୍ତ ହୋଇ ବେଉର ଜେଲରେ ଥିବାବେଳେ ପାରୋଲରେ ଆସି ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଚନ୍ଦନ ଏକ ନିର୍ଦ୍ଦିଷ୍ଟ ଗ୍ୟାଙ୍ଗ୍‌ର ସଦସ୍ୟ ଥିବାବେଳେ ଆକ୍ରମଣକାରୀମାନେ ବିରୋଧୀ ଗ୍ୟାଙ୍ଗ୍‌ର। ପୁରୁଣା ଶତ୍ରୁତାରୁ ଏହି ହତ୍ୟାକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି। ଚଳିତବର୍ଷ ଶେଷ ଭାଗରେ ବିହାର ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ ସେଠାରେ ଗତ କିଛିଦିନ ମଧ୍ୟରେ ଅନେକ ହତ୍ୟାକାଣ୍ଡ ଘଟିଲାଣି। ଅପରାଧୀ ସରକାରଙ୍କ ସୁରକ୍ଷା ବଳୟ ମଧ୍ୟରେ ରହି ହସ୍ପିଟାଲ ଭିତରେ ରୋଗୀଙ୍କୁ ଗୁଳିକରି ହତ୍ୟା କରୁଛନ୍ତି। ବିହାରରେ କେହି ସୁରକ୍ଷିତ ନୁହନ୍ତି ବୋଲି ଆର୍‌ଜେଡି ନେତା ତେଜସ୍ୱୀ ଯାଦବ କହିଛନ୍ତି। ରାଜ୍ୟରେ ଆଇନ ଶୃଙ୍ଖଳା ସ୍ଥିତି ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇଥିବା ପୂର୍ଣ୍ଣିଆର ସ୍ୱାଧୀନ ଲୋକ ସଭା ସଦସ୍ୟ ରାଜେଶ ରଞ୍ଜନ ଓରଫ ପପ୍ପୁ ଯାଦବ ଅଭିଯୋଗ କରିଛନ୍ତି। ଏନେଇ ସେ ରାଜ୍ୟପାଳଙ୍କୁ ଭେଟି ବିହାରରେ ରାଷ୍ଟ୍ରପତି ଶାସନ ପାଇଁ ଦାବି କରିବେ ବୋଲି କହିଛନ୍ତି।

## ଇରାକ୍ ମଲ୍‌ରେ ନିଆଁ: ୬୧ ମୃତ

ବାଗଦାଦ, ୧୭।୭



ଇରାକର ପୂର୍ବ ଭାଗରେ ଥିବା ୱାସିଟ୍ ପ୍ରଦେଶରେ ନୂଆ ଖୋଲିଥିବା ଏକ ମଲ୍‌ରେ ବୁଧବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ମହିଳା ଓ ଶିଶୁଙ୍କ ସମେତ ୬୧ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଛି। କୁଟ୍ ସହରରେ ଥିବା ୫ ମହଲା ବିଶିଷ୍ଟ ଶପିଂ ସେଣ୍ଟରରେ ନିଆଁ ଲାଗିଥିବାବେଳେ ଅଧିକାଂଶଙ୍କର ଶ୍ୱାସରୁଦ୍ଧ ହୋଇ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ମୃତକଙ୍କ ମଧ୍ୟରୁ ୧୪ ଜଣଙ୍କ ଶରୀର ଏଭଳି ପୋଡ଼ିଯାଇଛି ଯେ ଚିହ୍ନଟ କରିବା ସମ୍ଭବ ନୁହେଁ ବୋଲି ଇରାକ ଗୃହ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ବିଲ୍ଡିଂ ଭିତରେ ଫସିରହିଥିବା ୪୫ ଜଣଙ୍କୁ ସିଭିଲ୍ ଡିଫେନ୍ସ ଟିମ୍ ଉଦ୍ଧାର କରିବାରେ ସଫଳ ହୋଇଛି। ମାତ୍ର ଗୋଟିଏ ସପ୍ତାହ ପୂର୍ବରୁ ଏହି ମଲ୍ ଖୋଲିଥିଲା। ଏଥିରେ ରେଷ୍ଟୁରାଣ୍ଟ ଏବଂ ସୁପରମାର୍କେଟ ରହିଛି। ବିଲ୍ଡିଂ ସମ୍ପୂର୍ଣ୍ଣ ଜଳିଯାଇଥିବା ସ୍ଥାନୀୟ ଗଣମାଧ୍ୟମରେ ପ୍ରକାଶିତ ଫଟୋ ଓ ଭିଡିଓରୁ ଜଣାପଡ଼ିଛି। ଏବେ ବି କେତେଜଣ ନିଖୋଜ ରହିଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ମୃତକଙ୍କ ପାଇଁ ପ୍ରାଦେଶିକ ଗଭର୍ନର ୩ ଦିନିଆ ଶୋକ ଘୋଷଣା କରିଛନ୍ତି। ଅଗ୍ନିକାଣ୍ଡର କାରଣ ଜାଣିବା ପାଇଁ ତଦନ୍ତ ଚାଲିଥିବାବେଳେ ବିଲ୍ଡିଂ ଓ ମଲ୍ ମାଲିକଙ୍କ ନାଁରେ ମାମଲା ରୁଜୁ ହୋଇଛି।

## ବିମାନ ଦୁର୍ଘଟଣା ତଦନ୍ତ ରିପୋର୍ଟକୁ ପାଇଲଟ୍ ଆସୋସିଏଶନ୍‌ର ନିନ୍ଦା

**ପାଇଲଟ୍‌ଙ୍କ ମେଡିକାଲ ପାରାମିଟରରେ ସଂଶୋଧନ ପାଇଁ କମିଟି ଗଢ଼ିବ ଡିଜିସିଏ**

ନୂଆଦିଲ୍ଲୀ, ୧୭।୭

ଅହମଦାବାଦରେ ଜୁନ୍ ୧୨ରେ ହୋଇଥିବା ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାର ପ୍ରାରମ୍ଭିକ ରିପୋର୍ଟ ଏବଂ ଜନସାଧାରଣଙ୍କ ଆଲୋଚନାକୁ ନେଇ ଭାରତୀୟ ପାଇଲଟ୍ ମହାସଂଘ (ଏଫ୍‌ଆଇପି) ଗମ୍ଭୀର ଚିନ୍ତା ପ୍ରକଟ କରିଛି। ତଦନ୍ତ ପ୍ରକ୍ରିୟାରୁ ପାଇଲଟ୍‌ମାନଙ୍କୁ ବାଦ୍ ଦିଆଯାଇଥିବାରୁ ମହାସଂଘ ଅସନ୍ତୋଷ ବ୍ୟକ୍ତ କରିଥିବା ଏହାର ଅଧ୍ୟକ୍ଷ କ୍ୟାପ୍‌ଟେନ୍ ସି.ଏସ୍. ରାନ୍ଧୱା କହିଛନ୍ତି। ପ୍ରକାଶ ପାଇଥିବା ପ୍ରାରମ୍ଭିକ ତଦନ୍ତ ରିପୋର୍ଟରେ ବିସ୍ତୃତ ତଥ୍ୟ ନ ଥିବାବେଳେ କକ୍‌ପିଟ୍ ଭଏସ୍ ରେକର୍ଡିଂକୁ ଚୟନାତ୍ମକ ଭାବେ ଭରସା କରାଯାଇଥିବା ଜଣାପଡୁଛି, ଯେଉଁଥିରେ ପାଇଲଟ୍‌ଙ୍କ ତ୍ରୁଟି ଥିବା ପ୍ରସ୍ତାବ ଦିଆଯାଇଥିଲାବେଳେ ପେସାଦାରି ଦକ୍ଷତା ଏବଂ ବିମାନ କ୍ରିଉଙ୍କ ସଚ୍ଚୋଟତା ଉପରେ ପ୍ରଶ୍ନ ଉଠିଛି। ଏହି ଦୃଷ୍ଟିକୋଣ ନା ବସ୍ତୁନିଷ୍ଠ ନା ବିସ୍ତୃତ ବୋଲି ରାନ୍ଧୱା କହିଛନ୍ତି।

ଭାରତରେ ବେସାମରିକ ବିମାନ ଚଳାଉଥିବା ପାଇଲଟ୍‌ମାନଙ୍କ ମେଡିକାଲ ପାରାମିଟରରେ ସଂଶୋଧନ ପାଇଁ ଏକ କମିଟି ଗଢ଼ିବାକୁ ଡାଇରେକ୍ଟୋରେଟ୍ ଜେନେରାଲ ଅଫ୍ ସିଭିଲ୍ ଆଭିଏଶନ (ଡିଜିସିଏ) ରାଜି ହୋଇଛି। ଅନ୍ତର୍ଜାତୀୟ ବିମାନ ଚଳାଚଳ ସଂଗଠନ (ଆଇସିଏଓ)ର ସୁପାରିସକ୍ରମେ ଏହି ସଂଶୋଧନ ହେବାକୁ ଯାଉଥିବା ଏୟାରଲାଇନ୍ ପାଇଲଟ୍ସ ଆସୋସିଏଶନ ଅଫ୍ ଇଣ୍ଡିଆ (ଏଏଲ୍‌ପିଏ) କହିଛି।

## ଫୁର୍‌ସତ୍



କ୍ରିତି ସାନୋନ

## 'ଡନ୍ ୩'ରେ କ୍ରିତି

**ମାତୃତ୍ୱ ଲାଭ ପରେ କିଆରା ହଟିଲେ**

ଚେନ୍ନାଇ

ଆସନ୍ତା ବର୍ଷ ଜାନୁଆରୀରେ 'ଡନ୍ ୩' ଫିଲ୍ମର ସୁଟିଂ ଆରମ୍ଭ ହେବାକୁଯାଉଛି। ଅଭିନେତା ତଥା ଫିଲ୍ମ ନିର୍ମାତା ଫରହାନ୍ ଅଖତର ଏହି ଫିଲ୍ମର ନିର୍ଦ୍ଦେଶନା ଦେବେ। ଏହି ଫିଲ୍ମର ମୁଖ୍ୟ ଭୂମିକାରେ ଅଭିନେତା ରଣବୀର ସିଂ ଏବଂ ଅଭିନେତ୍ରୀ କିଆରା ଆଡ଼ଭାନୀ ନଜରକୁ ଆସିବେ ବୋଲି ପୂର୍ବରୁ ଘୋଷଣା ହୋଇଥିଲା। ତେବେ ଗତ ୧୫ ତାରିଖରେ କିଆରା ଜଣେ ଶିଶୁକନ୍ୟାକୁ ଜନ୍ମଦେଇ ମାତୃତ୍ୱ ଲାଭ କରିଛନ୍ତି। ଫଳରେ ସେ ଏହି ଫିଲ୍ମରୁ ଅଲଗା ହୋଇଛନ୍ତି। ଫିଲ୍ମରେ କିଆରାଙ୍କ ସ୍ଥାନ ଅଭିନେତ୍ରୀ କ୍ରିତି ସାନୋନ ନେଇଛନ୍ତି। ଏନେଇ ଫରହାନଙ୍କ ପ୍ରଡକ୍ସନ ହାଉସ୍ ଏକ୍ସେଲ ଏଣ୍ଟରଟେନମେଣ୍ଟ ପକ୍ଷରୁ ଗୁରୁବାର ଏକ ବିବୃତି ଜାରି କରି ସୂଚନା ଦିଆଯାଇଛି। ଏହାସହ 'ଡନ୍ ୩'ରେ ରଣବୀର ଏବଂ କ୍ରିତିଙ୍କ ଲଭ୍ କେମେଷ୍ଟ୍ରି ଦେଖିବାକୁ ମିଳିବ, ଫଳରେ ଉଭୟଙ୍କ ପ୍ରଶଂସକ ଏହି ଫିଲ୍ମକୁ ନେଇ ଉତ୍ସାହିତ ହୋଇ ପଡ଼ିଛନ୍ତି। ତେବେ ପୂର୍ବରୁ ଏହି ଫିଲ୍ମର ମୁଖ୍ୟ ଖଳନାୟକ ଭୂମିକାରେ ବିକ୍ରାନ୍ତ ମେସିଙ୍କୁ ଚୟନ କରାଯାଇଥିଲା। ତେବେ ଫିଲ୍ମର ସ୍କ୍ରିପ୍ଟ ପସନ୍ଦ ନ ଆସିବାରୁ ସେ 'ଡନ୍ ୩'ରୁ ଦୂରେଇଥିବା ନେଇ ରିପୋର୍ଟ ପ୍ରକାଶ ପାଇଛି। ଗତ ୬ରେ ରଣବୀରଙ୍କ ଜନ୍ମଦିନ ଅବସରରେ କ୍ରିତି ତାଙ୍କୁ ଶୁଭେଚ୍ଛା ଜଣାଇ କହିଥିଲେ, ଆପଣଙ୍କ ସହ କାର୍ଯ୍ୟ କରିବାକୁ ଅପେକ୍ଷା କରି ରହିଛି। କ୍ରିତିଙ୍କ ଏହି ଷ୍ଟୋରିକୁ ନେଇ 'ଡନ୍ ୩' ଫିଲ୍ମରେ ରଣବୀରଙ୍କ ବିପକ୍ଷରେ ସେ ନଜରକୁ ଆସିପାରନ୍ତି ବୋଲି ଚର୍ଚ୍ଚା ଆରମ୍ଭ ହୋଇଥିଲା।

## ୯ କେ.ଜି.ର ସବୁଠୁ ହାଲୁକା ହୁଇଲ୍‌ଚେୟାର

ଚେନ୍ନାଇ

ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଆଇଆଇଟି) ମାଡ୍ରାସ ପକ୍ଷରୁ ଭାରତର ସବୁଠାରୁ ହାଲୁକା ହୁଇଲ୍‌ଚେୟାରକୁ ବୁଧବାର ଲଞ୍ଚ କରାଯାଇଛି। 'ୱାଇଡି ୱାନ୍' ନାମକ ଏହି ହୁଇଲ୍‌ଚେୟାରର ଓଜନ ମାତ୍ର ୯ କେ.ଜି. ରହିଛି। ଉପଭୋକ୍ତାଙ୍କ ଆବଶ୍ୟକତା ଅନୁଯାୟୀ, ଏହି ହାଲୁକା ହୁଇଲ୍‌ଚେୟାରକୁ ସ୍ୱତନ୍ତ୍ର ଭାବରେ ଡିଜାଇନ୍ କରାଯାଇଛି।

ଏହି ହୁଇଲ୍‌ଚେୟାରଗୁଡ଼ିକର ମୂଲ୍ୟ ୭୫,୦୦୦ ଟଙ୍କାରୁ ୮୦,୦୦୦ ଟଙ୍କା ମଧ୍ୟରେ ରଖାଯାଇଛି। ଏହି କମ୍ ମୂଲ୍ୟର ହୁଇଲ୍‌ଚେୟାରଗୁଡ଼ିକ ବ୍ୟବହାରକାରୀଙ୍କ ଶରୀର ଗଠନ, ବସିବାର ସ୍ଥିତି ଏବଂ ଦୈନନ୍ଦିନ କାର୍ଯ୍ୟକଳାପକୁ ଧ୍ୟାନରେ ରଖି ଡିଜାଇନ୍ କରାଯାଇଛି। ଏହା ବ୍ୟବହାରୀଙ୍କ ଦୈନନ୍ଦିନ ଆରାମ ଏବଂ ବ୍ୟବହାରର ସହଜତାକୁ ସୁନିଶ୍ଚିତ କରିଥାଏ ବୋଲି ଆଇଆଇଟି ମାଡ୍ରାସର ଜଣେ ଗବେଷକ କହିଛନ୍ତି। ସାରା ଦିନ ହୁଇଲ୍‌ଚେୟାର ଉପରେ ନିର୍ଭର କରୁଥିବା ଲୋକଙ୍କ ପାଇଁ ଏହି ହୁଇଲ୍‌ଚେୟାର ବରଦାନ ସାବ୍ୟସ୍ତ ହେବ ବୋଲି ଶ୍ରୁତି ନାମ୍ନୀ ଜଣେ ହୁଇଲ୍‌ଚେୟାର ବ୍ୟବହାରକାରୀ କହିଛନ୍ତି। ଏହି ହୁଇଲ୍‌ଚେୟାରର ବିଶେଷତ୍ୱ ହେଉଛି ଏହାକୁ ଚଳାଇବା ଏବଂ ବହନ କରିବା ବହୁତ ସହଜ। ଏହାର ହାଲୁକା ଓଜନ ଜୀବନକୁ ସରଳ କରିଥାଏ ବୋଲି ସେ କହିଛନ୍ତି। ୱାଇଡି ୱାନ୍‌ର ଛୋଟ ଏବଂ ହାଲୁକା ଫ୍ରେମ୍ ଏହାକୁ କାର୍, ଅଟୋ-ରିକ୍ସା କିମ୍ବା ସାର୍ବଜନୀନ ପରିବହନ ମଧ୍ୟରେ ରଖିବା ଏବଂ ଏହାକୁ ବ୍ୟବହାରକାରୀଙ୍କ ସହ ବହନ କରିବା ପାଇଁ ସୁବିଧାଜନକ ହୋଇଥାଏ। ବାହାରକୁ ଯିବା ସମୟରେ ଭାରି ହୁଇଲ୍‌ଚେୟାର ଯୋଗୁ ଅସୁବିଧାର ସମ୍ମୁଖୀନ ହେଉଥିବା ଲୋକଙ୍କ ପାଇଁ ଏହା ବଡ଼ ଆଶ୍ୱସ୍ତି ଆଣିପାରିବ ବୋଲି ଏହାକୁ ପ୍ରସ୍ତୁତ କରିଥିବା ଗବେଷକ କହିଛନ୍ତି। ଏହି ହାଲୁକା ହୁଇଲ୍‌ଚେୟାରର ଲଞ୍ଚିଂ ଦ୍ୱାରା ପ୍ରଯୁକ୍ତିବିଦ୍ୟାକୁ ମାନବତା ସହ ସଂଯୋଗ କରାଯାଇ ପାରିଛି। ୱାଇଡି ୱାନ୍ ଅନେକ ହଜାର ଲୋକଙ୍କ ଜୀବନକୁ ସହଜ କରିପାରିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।



## ୧୯ରୁ ଏନ୍‌ଆର୍‌ଟିଏସ୍ ପରୀକ୍ଷା ଆବେଦନ

କଟକ,୧୭ା୭(କାର୍ତ୍ତିକ ସାହୁ)

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଜାତୀୟ ଗ୍ରାମାଞ୍ଚଳ ମେଧାବୃତ୍ତି (ଏନ୍‌ଆର୍‌ଟିଏସ୍) ୨୦୨୫ ପରୀକ୍ଷା ସେପ୍ଟେମ୍ବର ୧୦ରେ ଅନୁଷ୍ଠିତ ହେବ। ଉକ୍ତ ଦିନ ପୂର୍ବାହ୍ନ ୧୦ଟାରୁ ମଧ୍ୟାହ୍ନ ୧୨ଟା ଯାଏ ନିର୍ଦ୍ଧାରିତ କେନ୍ଦ୍ରରେ ପରୀକ୍ଷା ହେବ। ଏଥିପାଇଁ ଆସନ୍ତା ୧୯ରୁ ଆବେଦନ ଆରମ୍ଭ ହେବ। ଅନ୍‌ଲାଇନ୍ ଜରିଆରେ ୨୪ ଘଣ୍ଟିଆ ଭାବେ ଅନବରତ ଏହି ଆବେଦନ କରାଯାଇପାରିବ। ଏଥିପାଇଁ ବୋର୍ଡର ୱେବ୍‌ସାଇଟ୍ www.bseodisha.ac.inରେ ଲିଙ୍କ ଉପଲବ୍ଧ ହେବ। ଅଗଷ୍ଟ ୫ ପର୍ଯ୍ୟନ୍ତ ଆବେଦନ କରାଯାଇପାରିବ। ଏଥିସହ ପରୀକ୍ଷାର୍ଥୀମାନଙ୍କ ପ୍ରବେଶ ପତ୍ର ମଧ୍ୟ ସେହି ୱେବ୍‌ସାଇଟ୍‌ରୁ ସେପ୍ଟେମ୍ବର ୧ରୁ ଡାଉନ୍‌ଲୋଡ୍ କରାଯାଇପାରିବ ବୋଲି ବୋର୍ଡ ପକ୍ଷରୁ ଗୁରୁବାର ପ୍ରେସ୍ ଇସ୍ତାହାରରେ ସୂଚନା ଦିଆଯାଇଛି। ଆବେଦନର ନିୟମାବଳୀ ଉକ୍ତ ୱେବ୍‌ସାଇଟ୍‌ରେ ଉପଲବ୍ଧ ହେଉଛି। ପ୍ରତ୍ୟେକ ଆବେଦନକାରୀ ଏଥିପାଇଁ ୧୦୦ ଟଙ୍କା ଦେୟ ଦେବାକୁ ପଡ଼ିବ। ଚଳିତ ଶିକ୍ଷାବର୍ଷରେ ନବମ ଶ୍ରେଣୀରେ ପଢୁଥିବା ଇଚ୍ଛୁକ ଛାତ୍ରୀଛାତ୍ରମାନେ ମେଧାବୃତ୍ତି ନିମନ୍ତେ ଯୋଗ୍ୟ ବିବେଚିତ ହେବେ। କେବଳ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ/ପ୍ରଧାନ ଶିକ୍ଷକଙ୍କ ଜରିଆରେ ଆବେଦନ ଗ୍ରହଣ କରାଯିବ।

# ଏସ୍‌ଆଇଟି ତଦନ୍ତ ପାଇଁ ହାଇକୋର୍ଟରେ ଆବେଦନ

**ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀ ଆତ୍ମାହୁତି ମାମଲା**

କଟକ,୧୭ା୭(କାର୍ତ୍ତିକ ସାହୁ)

ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ଆତ୍ମାହୁତି ମାମଲାକୁ ନେଇ ହାଇକୋର୍ଟରେ ଗୁରୁବାର ଏକ ଆବେଦନ ଦାଏର ହୋଇଛି। ଏହି ମାମଲାର ସ୍ପେଶାଲ ଇନ୍‌ଭେଷ୍ଟିଗେଶନ ଟିମ୍ (ଏସ୍‌ଆଇଟି) ଦ୍ୱାରା ତଦନ୍ତ କରାଇବା ନିମନ୍ତେ ଆଇନଜୀବୀ ଶିବଶଙ୍କର ମହାନ୍ତି ଆବେଦନରେ ପ୍ରାର୍ଥନା କରିଛନ୍ତି। ଏଥିସହ ହାଇକୋର୍ଟଙ୍କ ତତ୍ତ୍ୱାବଧାନରେ ଏକ ଏସ୍‌ଆଇଟି ଗଠନ କରାଯାଇ ଦକ୍ଷ ଅଧିକାରୀଙ୍କ ଦ୍ୱାରା ନିରପେକ୍ଷ ତଦନ୍ତ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଶେଷ କରିବା ନିମନ୍ତେ ହାଇକୋର୍ଟ ଆଦେଶ ଦେବାକୁ ସେ ଆବେଦନରେ ଉଲ୍ଲେଖ କରିଛନ୍ତି। ସେହିପରି ପୋଲିସ ଡିଜି କ୍ରାଇମବ୍ରାଞ୍ଚ ତଦନ୍ତର ଷ୍ଟାଟସ୍ ରିପୋର୍ଟ ଦାଖଲ, ୟୁନିଭରସିଟି ଗ୍ରାଣ୍ଟସ କମିଶନ (ୟୁଜିସି) ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍‌ର ତଦନ୍ତ ରିପୋର୍ଟ ଓ କାର୍ଯ୍ୟାନୁଷ୍ଠାନ ଦାଖଲ କରିବାକୁ ଏବଂ ରାଜ୍ୟ ଓ କେନ୍ଦ୍ର ସରକାର ସମସ୍ତ ଉଚ୍ଚ ଶିକ୍ଷାନୁଷ୍ଠାନରେ ନିରାପତ୍ତା ନିୟମାବଳୀ ୨୦୧୫ କାର୍ଯ୍ୟକାରିତାକୁ ନିଶ୍ଚିତ କରିବା ନିମନ୍ତେ ହାଇକୋର୍ଟ ନିର୍ଦ୍ଦେଶ ଦେବାକୁ ସେ ପ୍ରାର୍ଥନା କରିଛନ୍ତି। ରାଜ୍ୟ ମୁଖ୍ୟ ଶାସନ ସଚିବ, ପୋଲିସ ଡିଜି, ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ରାଜ୍ୟ ସଭାପତି, ବିଜୁ ଜନତା ଦଳ ରାଜ୍ୟ ସଭାପତି ଓ ୟୁଜିସିର ସଚିବଙ୍କୁ ମାମଲାରେ ପକ୍ଷଭୁକ୍ତ କରାଯାଇଛି।

# ଜ୍ୟୋତିପ୍ରକାଶଙ୍କୁ କ୍ରାଇମବ୍ରାଞ୍ଚ ଟିମ୍‌ର ପଚରାଉଚରା

**ସୌମ୍ୟାଶ୍ରୀଙ୍କୁ ବଞ୍ଚାଇବାକୁ ଯାଇ ଆହତ ହୋଇଥିଲେ**

କଟକ,୧୭ା୭(ଶିଳ୍ପା ପ୍ରିୟଦର୍ଶିନୀ)

ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀଙ୍କୁ ବଞ୍ଚାଇବାକୁ ଉଦ୍ୟମ କରି ଆହତ ହୋଇଥିବା ଜ୍ୟୋତିପ୍ରକାଶ ବିଶ୍ୱାଳଙ୍କ ଚିକିତ୍ସା ଏସ୍‌ସିବି ମେଡିକାଲ ପ୍ଲାଷ୍ଟିକ ସର୍ଜରି ବିଭାଗ ବର୍ନ ୟୁନିଟ୍ ଆଇସିୟୁରେ ଚାଲିଛି। ଅନ୍ୟପକ୍ଷରେ ରାଜ୍ୟ ସରକାର କ୍ରାଇମବ୍ରାଞ୍ଚ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଗୁରୁବାର ଅପରାହ୍ନରେ କ୍ରାଇମବ୍ରାଞ୍ଚର ୨ଜଣିଆ ଟିମ୍ ଏସ୍‌ସିବିରେ ପହଞ୍ଚି ଉକ୍ତ ଘଟଣା ସମ୍ପର୍କରେ ଜ୍ୟୋତିପ୍ରକାଶଙ୍କୁ ପଚରାଉଚରା କରିଛି। ପ୍ରାୟ ଏକଘଣ୍ଟାରୁ ଅଧିକ ସମୟ ଧରି ଜ୍ୟୋତିପ୍ରକାଶଙ୍କୁ ସେ ଦିନର ଘଟଣା ସମ୍ପର୍କରେ ପଚରା ଯାଇଥିଲା। ଏହାସହ ଜ୍ୟୋତିପ୍ରକାଶଙ୍କୁ ଚିକିତ୍ସା କରୁଥିବା ଡାକ୍ତରଙ୍କ ସହ ଟିମ୍ ଆଲୋଚନା କରିଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ, ଜ୍ୟୋତିପ୍ରକାଶ ଏଫ୍‌ଏମ୍ କଲେଜ ଯୁକ୍ତ୩ ପ୍ରଥମ ବର୍ଷର ଛାତ୍ର। ମୃତା ଛାତ୍ରୀ ସୌମ୍ୟାଶ୍ରୀଙ୍କୁ ଜଳିବା ଦେଖି ଜ୍ୟୋତି କିଛି ନ ବୁଝି ଶାର୍ଟ ଖୋଲି ସୌମ୍ୟାଶ୍ରୀଙ୍କୁ ବଞ୍ଚାଇବାକୁ ଯାଇ ପୋଡ଼ିଯାଇଥିଲେ। ଜ୍ୟୋତିଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ ଏସ୍‌ସିବି ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ଏସସିବି ବର୍ନ ଆଇସିୟୁରେ ଜ୍ୟୋତିଙ୍କ ଚିକିତ୍ସା ଜାରି ରହିଛି।




# ପ୍ରଶାସନିକ ସଂସ୍କାରଠାରୁ ପେପର୍‌ଲେସ୍ ବଜେଟ, ସବୁଥିରେ ଓଡ଼ିଶା ଆଗୁଆ: ମୁଖ୍ୟମନ୍ତ୍ରୀ



**'ଉତ୍ତମ ପ୍ରଶାସନିକ ଅଭ୍ୟାସ' ଜାତୀୟ ସମ୍ମିଳନୀ ଉଦ୍‌ଘାଟିତ**

**ବୈପ୍ଳବିକ ସଂସ୍କାର ଆସିଛି : କେନ୍ଦ୍ରମନ୍ତ୍ରୀ ଡ. ଜିତେନ୍ଦ୍ର ସିଂ**

ଭୁବନେଶ୍ୱର,୧୭ା୭ (ରବିନାରାୟଣ ଜେନା)

ସୁଶାସନ କିଛି ଲୋକଙ୍କର ବିଶେଷ ଅଧିକାର ନୁହେଁ, ବରଂ ପ୍ରତ୍ୟେକ ନାଗରିକଙ୍କ ହକ୍ ଏବଂ ପ୍ରତ୍ୟେକ ସରକାରୀ କର୍ମଚାରୀଙ୍କ ଗମ୍ଭୀର କର୍ତ୍ତବ୍ୟ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ଗୁରୁବାର ଲୋକସେବା ଭବନ ସଭାକକ୍ଷରେ 'ଉତ୍ତମ ପ୍ରଶାସନିକ ଅଭ୍ୟାସ' ଉପରେ ଅନୁଷ୍ଠିତ ଦୁଇଦିନିଆ କର୍ମଶାଳାରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଲୋକକୈନ୍ଦ୍ରିକ, ପ୍ରଯୁକ୍ତିବିଦ୍ୟା ପରିଚାଳିତ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ପ୍ରଶାସନ ପ୍ରତି ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତାକୁ ଦୃଢ଼ ଭାବେ ବ୍ୟକ୍ତ କରିଥିଲେ। ସେ କହିଥିଲେ, ରାଜ୍ୟ ବିପର୍ଯ୍ୟୟ ପ୍ରଶମନଠାରୁ ଆରମ୍ଭ କରି ନାଗରିକ ସେବା ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି ହାସଲ କରିଛି। ଏହାଦ୍ୱାରା ଶାସନ ଏବଂ ଶାସିତଙ୍କ ମଧ୍ୟରେ ସମ୍ପର୍କକୁ ପୁନଃପରିଭାଷିତ କରାଯାଇ ପାରିଛି।

ମୁଖ୍ୟମନ୍ତ୍ରୀ କହିଥିଲେ, ଓଡ଼ିଶାର ପ୍ରଶାସନିକ ଢାଞ୍ଚାରେ ଅନେକ କିଛି ପରିବର୍ତ୍ତନ କରାଯାଇଛି। କାଗଜ ବିହୀନ ବଜେଟ୍ ପ୍ରକ୍ରିୟାରୁ ଆରମ୍ଭ କରି ଡିଜିଟାଲ ଅଭିଯୋଗ ନିବାରଣ ପ୍ରଣାଳୀ ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ରରେ ସଂସ୍କାରମୂଳକ ପଦକ୍ଷେପ ନିଆଯାଇଛି। ଓଡ଼ିଶା ସଚିବାଳୟ ୱାର୍କଫ୍ଲୋ ଅଟୋମେସନ୍ ସିଷ୍ଟମ୍ (ଓସ୍ୱାସ୍) ଏବଂ ନୂତନ 'ୱାର୍କ ପାସ୍‌ବୁକ୍' ଯୋଜନାକୁ ଉଦାହରଣ ଭାବରେ ନେଇ ମୁଖ୍ୟମନ୍ତ୍ରୀ କହିଥିଲେ, ଯାହା ଅଧିକ ପାରଦର୍ଶିତା, କାର୍ଯ୍ୟକୁଶଳତା ଏବଂ ନାଗରିକ ଅନ୍ତର୍ଭୁକ୍ତିକୁ ବଢ଼ାଇଛି।

କାର୍ଯ୍ୟକ୍ରମରେ ଆଣବିକ ଶକ୍ତି ଓ ମହାକାଶ ରାଷ୍ଟ୍ର ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂ କହିଥିଲେ, ସ୍ୱାଧୀନତା ପରଠାରୁ ଅନୁଷ୍ଠିତ ୪୧ଟି ସୁଶାସନ ସମ୍ମିଳନୀ ମଧ୍ୟରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କାର୍ଯ୍ୟକାଳ ମଧ୍ୟରେ ୨୯ଟି ପ୍ରଭାବଶାଳୀ ସମ୍ମିଳନୀ ଆୟୋଜନ କରାଯାଇଛି। ଏହା ବର୍ତ୍ତମାନ ଯୁଗରେ ପ୍ରଶାସନିକ ସଂସ୍କାରର ବ୍ୟାପକତା, ଗତି ଏବଂ ଧାରାକୁ ପ୍ରତିଫଳିତ କରୁଛି। ମୋଦିଙ୍କ ନେତୃତ୍ୱରେ ସଂସ୍କାରର ଚାରୋଟି ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଡକ୍ଟର ସିଂହ ବିସ୍ତୃତ ଭାବରେ ବର୍ଣ୍ଣନା କରିଥିଲେ।

ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଭାରତର ୟୁନିଫାଏଡ୍ ପେମେଣ୍ଟ ଇଣ୍ଟରଫେସ୍ (ୟୁପିଆଇ)ର ବ୍ୟାପକ ଅଭିବୃଦ୍ଧି ବିଷୟରେ ଉଲ୍ଲେଖ କରିଥିଲେ। ସେ କହିଥିଲେ, ଏହା ବର୍ତ୍ତମାନ ବ୍ୟବହାର ଦୃଷ୍ଟିରୁ ଭିଜା ଭଳି ବିଶ୍ୱସ୍ତରୀୟ ଅର୍ଥପଇଠ ପ୍ରଣାଳୀ ବା ପେମେଣ୍ଟ ସିଷ୍ଟମକୁ ଅତିକ୍ରମ କରିଛି। ନବସୃଜନ ଏବଂ ଡିଜିଟାଲ ସଶକ୍ତୀକରଣ ପ୍ରତି ସରକାରଙ୍କ ପ୍ରତିବଦ୍ଧତା ସମ୍ପର୍କରେ ଡକ୍ଟର ସିଂ ରେଖାଙ୍କିତ କରିଥିଲେ। ସେ ଆହୁରି ମଧ୍ୟ କହିଥିଲେ, ଏହି ପ୍ରଶାସନର ଏକ ପ୍ରମୁଖ ଲକ୍ଷଣ ହେଉଛି ଅତୀତର 'ସ୍ଥିତାବସ୍ଥା' ଆଭିମୁଖ୍ୟକୁ ନିର୍ଣ୍ଣାୟକ ଭାବେ ବଦଳାଇବା। ଏହାଦ୍ୱାରା ପ୍ରଶାସନିକ ବୋଝକୁ ଯଥେଷ୍ଟ ହ୍ରାସ କରାଯାଇ ପାରୁଛି ଏବଂ ଶାସନରେ ଅଧିକ ଦକ୍ଷତା ଏବଂ ସ୍ୱଚ୍ଛତାକୁ ପ୍ରୋତ୍ସାହିତ କରିଛି।

ସମ୍ମିଳନୀରେ ଡିଏଆର୍‌ପିଜିର ସଚିବ ଭି. ଶ୍ରୀନିବାସ କହିଥିଲେ, ଜିଲା ଏବଂ ବ୍ଲକର ସମଷ୍ଟିଗତ ବିକାଶ ମାଧ୍ୟମରେ ଭାରତର ସାମଗ୍ରିକ ବିକାଶ ସମ୍ଭବ ହୋଇପାରିବ। ବିକଶିତ ଭାରତକୁ ସାକାର କରିବା ପାଇଁ ପ୍ରଶାସନିକ କର୍ମଚାରୀଙ୍କ ମଧ୍ୟରେ ପ୍ରତିବଦ୍ଧତା, ସହଯୋଗ ଏବଂ ଦକ୍ଷତା ପାଇଁ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକୁ ଦୋହରାଇଥିଲେ।

ଉଦ୍‌ଘାଟନୀ ଅଧିବେଶନରେ ଦେଶର ୪୦୦ରୁ ଅଧିକ ପ୍ରତିନିଧି ଅଂଶଗ୍ରହଣ କରିଥିଲେ। ଏମାନଙ୍କ ମଧ୍ୟରେ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀ, ଜିଲାପାଳ ଏବଂ ପୁରସ୍କାରପ୍ରାପ୍ତ ପ୍ରଶାସନିକ ଅଧିକାରୀ ସାମିଲ ଥିଲେ।

# କଂଗ୍ରେସ, ବିଜେଡି ନିଜ ଇତିହାସକୁ ଭୁଲି ଦୋଷାରୋପ ରାଜନୀତି କରୁଛନ୍ତି: ଭାଜପା

**ବାତାବରଣ ଅଶାନ୍ତ କରିବାକୁ ଓଡ଼ିଶା ଆସିଛନ୍ତି କଂଗ୍ରେସ ରାଷ୍ଟ୍ରୀୟ ସଭାନେତ୍ରୀ**

ଭୁବନେଶ୍ୱର,୧୭ା୭(ସୁନିତ୍ ମିଶ୍ର)

ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶି ମୃତ୍ୟୁ ଘଟଣା ଅତ୍ୟନ୍ତ ଦୁଃଖଦାୟକ ଓ ହୃଦୟବିଦାରକ, ଯାହା ଆମ ସମସ୍ତଙ୍କୁ ବ୍ୟଥିତ କରିଛି ବୋଲି ଭାଜପା ଏମ୍‌ପି ଅପରାଜିତା ଷଡ଼ଙ୍ଗୀ କହିଛନ୍ତି। ଏଭଳି ସ୍ଥଳେ ବିରୋଧୀ ଦଳ ଭାବେ କଂଗ୍ରେସ ଓ ବିଜେଡିର ଆନ୍ଦୋଳନ କରିବାର ସମ୍ପୂର୍ଣ୍ଣ ଅଧିକାର ରହିଛି, ମାତ୍ର ଅସହିଷ୍ଣୁ ହୋଇ ହୀନ ରାଜନୀତି କରି ଅଗଣତାନ୍ତ୍ରିକ ଉପାୟରେ ବାତାବରଣ ନଷ୍ଟ କରିବା ଅନୁଚିତ ବୋଲି ସେ କହିଛନ୍ତି। ରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବା ପୂର୍ବରୁ ନିଜ ଶାସନକାଳର କାର୍ଯ୍ୟକଳାପକୁ ଉଭୟ ବିଜେଡି ଓ କଂଗ୍ରେସ ଆତ୍ମସମୀକ୍ଷା କରିବା ଉଚିତ ଥିଲା। କଂଗ୍ରେସ ୪୦ ବର୍ଷ ଏବଂ ବିଜେଡି ୨୪ ବର୍ଷ ଧରି ରାଜ୍ୟରେ ମହିଳା ସୁରକ୍ଷା ଓ ସଶକ୍ତୀକରଣ ପାଇଁ କାର୍ଯ୍ୟ କରିଥିଲେ ବର୍ତ୍ତମାନ ଏଭଳି ପରିସ୍ଥିତି ସୃଷ୍ଟି ହୋଇ ନ ଥାନ୍ତା। ନିଜ ଇତିହାସକୁ ଭୁଲିଯାଇ ଉଭୟ ଦଳ ଦୋଷାରୋପ ରାଜନୀତି କରୁଛନ୍ତି ବୋଲି ଅପରାଜିତା କହିଛନ୍ତି। କଂଗ୍ରେସ ରାଷ୍ଟ୍ରୀୟ ସଭାନେତ୍ରୀ ଏଠାକାର ବାତାବରଣ ଅଶାନ୍ତ କରିବାକୁ ଦିଲ୍ଲୀରୁ ଓଡ଼ିଶା ଆସିଛନ୍ତି ବୋଲି ସେ କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଗୁରୁବାର ଖବରଦାତା ସମ୍ମିଳନୀରେ ଅପରାଜିତା କହିଛନ୍ତି, ବିରୋଧୀ ବିଜେଡି ଓ କଂଗ୍ରେସ ଡାହଣୀ ହୋଇ ଲାଗୁଛନ୍ତି ଏବଂ ଗୁଣିଆ ହୋଇ ଝାଡୁଛନ୍ତି ଭଳି ଆଚରଣ ପ୍ରଦର୍ଶନ କରୁଛନ୍ତି। କେବଳ ଅସ୍ତିତ୍ୱ ବଜାୟ ରଖିବା ଓ ଖବରରେ ରହିବା ହେଉଛି ଉଭୟ ଦଳର ପ୍ରକୃତ ଉଦ୍ଦେଶ୍ୟ। ଅପରାଜିତା ଆହୁରି କହିଛନ୍ତି, ମହିଳା ସୁରକ୍ଷା ଆମ ଦାୟିତ୍ୱ ଓ ପ୍ରାଥମିକତା। ଏଫ୍‌ଏମ୍ କଲେଜ ଘଟଣାର ଗଭୀରତା ଓ ସ୍ଥିତିକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କଠୋର ପଦକ୍ଷେପ ନେଇଛନ୍ତି। ବିଜେଡି ରାଜ୍ୟରେ ୨୪ ବର୍ଷ ଧରି ଶାସନରେ ଥିଲା। ତାଙ୍କ ସରକାର ସମୟରେ କେଉଁ ପ୍ରକାର କେଳେଙ୍କାରୀ ହୋଇଥିଲା ତାହା ସମସ୍ତଙ୍କୁ ଜଣାଅଛି। ଏବେ ରାଜ୍ୟର ସବୁ ମହାବିଦ୍ୟାଳୟକୁ ଚିଠିକରି ଇଣ୍ଟରନାଲ କମ୍ପ୍ଲେନ କମିଟିଗୁଡ଼ିକର ସ୍ଥିତି ସମ୍ପର୍କରେ ପଚରାଯାଇଛି। ନାରୀ ହିଂସା ମାମଲାରେ ସରକାର ଶୂନ୍ୟ ସହନଶୀଳତା ଅବଲମ୍ବନ କରୁଛନ୍ତି। ଏହି ଘଟଣାରେ ଆଉ ମଧ୍ୟ ଯେଉଁମାନେ ସମ୍ପୃକ୍ତ ଅଛନ୍ତି ସେମାନଙ୍କୁ ଛଡ଼ାଯିବ ନାହିଁ। ଆଗାମୀ ଦିନରେ କୌଣସି ଶିକ୍ଷାନୁଷ୍ଠାନରେ ଯେପରି ଏଭଳି ଘଟଣାର ପୁନରାବୃତ୍ତି ନ ଘଟିବ ସେନେଇ ଦୃଢ଼ ପଦକ୍ଷେପ ନେବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଛାତ୍ରୀ ଆତ୍ମାହୁତି ଦେବା ପଛରେ ଛାତ୍ର କଂଗ୍ରେସର ନେତାମାନେ ଉସ୍କାଇଥିବା ପ୍ରମାଣ ସାମାଜିକ ଗଣମାଧ୍ୟମରେ ରହିଛି। ବୁଧବାର ମୃତା ଛାତ୍ରୀଙ୍କ ଭାଇ ଭୋଗରାଇ ଥାନାରେ ଏକ ଏତଲା ଦେଇଛନ୍ତି। ସେଥିରେ ସେ ଦର୍ଶାଇଛନ୍ତି, କଂଗ୍ରେସ ଓ ବିଜେଡିର କର୍ମୀମାନଙ୍କ ପାଇଁ ତାଙ୍କ ପରିବାର ସଦସ୍ୟ ଅସୁରକ୍ଷିତ ମନେକରୁଛନ୍ତି। ଉଭୟ ଦଳର କର୍ମୀ ଲଗାତର ସେମାନଙ୍କୁ ହଇରାଣ କରୁଥିବା ବିଷୟ ଅପରାଜିତା କହିଛନ୍ତି।

## ସ୍ୱାଧୀନତା ଦିବସ: ଜିଲା ତାଲିକା ଲୋଡ଼ିଲା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ

ଭୁବନେଶ୍ୱର,୧୭ା୭ (ରବିନାରାୟଣ ଜେନା)

ଚଳିତବର୍ଷ ସ୍ୱାଧୀନତା ଦିବସ ପାଳନ ବେଳେ କେଉଁ ମନ୍ତ୍ରୀ କେଉଁଠାରେ ଜାତୀୟ ପତାକା ଉତ୍ତୋଳନ କରିବେ, ସେନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜିଲା ତାଲିକା ଲୋଡ଼ାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଉପସଚିବ ଆଲୋକ ବେହୁରିଆ ଚଳିତମାସ ୧୪ରେ ସମସ୍ତ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବଙ୍କୁ ପ୍ରଦାନ କରିଥିବା ପତ୍ରରେ ଦର୍ଶାଇଛନ୍ତି, ଆସନ୍ତା ଅଗଷ୍ଟ ୧୫ରେ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ଜିଲାରେ ପାଳନ ହେବାକୁ ଥିବା ସ୍ୱାଧୀନତା ଦିବସ ଲାଗି ଆପଣଙ୍କ ବିଭାଗ ମନ୍ତ୍ରୀଙ୍କ ଇଚ୍ଛାକୃତ ଜିଲା ତାଲିକା ପ୍ରଦାନ କର। ଏହାକୁ ନେଇ ମନ୍ତ୍ରୀଙ୍କ ଦପ୍ତରରୁ ଜିଲା ତାଲିକା ପ୍ରସ୍ତୁତ ହେଉଥିବା ଦେଖିବାକୁ ମିଳିଛି।

# ଜାତିସଂଘ ରେକର୍ଡରେ କିସ୍ ସ୍ଥାନିତ

ଭୁବନେଶ୍ୱର, ୧୭ା୭ (ଅନୁରାଧା ମହାରଣା)

ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା ଏବଂ ପ୍ରମାଣ-ଆଧାରିତ ଶିକ୍ଷା ମାଧ୍ୟମରେ ଜନଜାତି ଭବିଷ୍ୟତକୁ ସଶକ୍ତ କରିବାରେ ଅଗ୍ରଣୀ କାର୍ଯ୍ୟ ପାଇଁ ଓଡ଼ିଶାର ଶିକ୍ଷାନୁଷ୍ଠାନ 'କିସ୍' ଜାତିସଂଘର ଅର୍ଥନୈତିକ ଓ ସାମାଜିକ ପରିଷଦ (ଇକୋସକ) ଉଚ୍ଚସ୍ତରୀୟ ସେଗ୍‌ମେଣ୍ଟ ଦ୍ୱାରା ରେକର୍ଡରେ ସ୍ଥାନିତ ହୋଇଛି। ଏନେଇ କିସ୍ ପକ୍ଷରୁ ଗୁରୁବାର ସୂଚନା ମିଳିଛି। ଚଳିତ ମାସ ଇକୋସକ୍‌ର ସାଧାରଣ ଅଧିବେଶନରେ ଜନଜାତି ବିଷୟରେ ଆଲୋଚନା କାଳରେ ଏହା ଜାତିସଂଘ ରେକର୍ଡରେ ସ୍ଥାନିତ ହୋଇଛି। ଜାତିସଂଘ ସ୍ଥାୟୀ ବିକାଶ ଲକ୍ଷ୍ୟ (ଏସ୍‌ଡିଜି) ହାସଲ ଦିଗରେ କିସ୍‌ର ଉଲ୍ଲେଖନୀୟ ଯୋଗଦାନ ସହ କିସ୍ ଏକ ସୃଜନଶୀଳ ଶୈକ୍ଷିକ ମଡେଲର ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିପାରିଛି। କିସ୍ ଜନଜାତି ଛାତ୍ରୀଛାତ୍ରଙ୍କୁ ଆଧୁନିକ ଶିକ୍ଷା ସହ ଡିଜିଟାଲ ସଶକ୍ତୀକରଣ ଏବଂ ଜଳବାୟୁ ସ୍ଥିରତା ଉପରେ ଶିକ୍ଷା ପ୍ରଦାନ କରୁଛି। କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ଠାରୁ ଆରମ୍ଭ କରି ବିଶ୍ୱସ୍ତରୀୟ ପ୍ରଯୁକ୍ତିବିଦ୍ୟାର ଉପଯୋଗ କରାଯାଉଛି। ୟୁନେସ୍କୋ ପୁରସ୍କୃତ ମାତୃଭାଷା ପର୍ଯ୍ୟବସିତ ବହୁଭାଷୀ ଶିକ୍ଷା ମାଧ୍ୟମରେ ପ୍ରାଥମିକସ୍ତରରେ ପିଲାଙ୍କୁ ସେମାନଙ୍କ ମାତୃଭାଷାରେ ଶିକ୍ଷାଦାନ ହିଁ ସେମାନଙ୍କ ମଧ୍ୟରେ ଶିକ୍ଷା ପ୍ରତି ଆଗ୍ରହ ବୃଦ୍ଧି କରିପାରୁଛି ବୋଲି ଜାତିସଂଘର ରେକର୍ଡରେ ଉଲ୍ଲେଖ କରାଯାଇଛି। କିସ୍ ବିଶେଷ ଭାବେ ଦୁର୍ବଳ ୧୩ଟି ଜନଜାତି ସମ୍ପ୍ରଦାୟ ସମେତ ୬୪ଟି ଜନଜାତିର ପ୍ରାୟ ୮୦ ହଜାର ଛାତ୍ରୀଛାତ୍ରଙ୍କୁ ଆନୁଷ୍ଠାନିକ ଶିକ୍ଷା ସହ ଜୀବନ କୌଶଳ, ଦକ୍ଷତା ବିକାଶ, କ୍ରୀଡ଼ା ଉତ୍କର୍ଷତା ପ୍ରତିପାଦନ ଏବଂ ଜଳବାୟୁ ସ୍ଥିରତା ଉପରେ ତାଲିମ ପ୍ରଦାନ କରିଆସୁଛି। କିସ୍ ଏକ ଅଭିନବ ଶିକ୍ଷା ମଡେଲ ଭାବେ ଜାତିସଂଘର ଏସ୍‌ଡିଜି ୧, ୨, ୩, ୪, ୫, ୧୦, ୧୩, ୧୬ ଓ ୧୭ରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଆସିଛି ବୋଲି ଜାତିସଂଘ ରେକର୍ଡରେ ଉଲ୍ଲେଖ କରାଯାଇଛି। ସେହିପରି ସ୍ଥାୟୀ, ଅନ୍ତର୍ଭୁକ୍ତ ଏବଂ ପ୍ରମାଣ-ଭିତ୍ତିକ ସମାଧାନକୁ ଆଗକୁ ବଢ଼ାଇବା କ୍ଷେତ୍ରରେ କିସ୍ କାର୍ଯ୍ୟ କରୁଛି ବୋଲି ଜାତିସଂଘ ରେକର୍ଡରେ ସ୍ଥାନିତ ହୋଇଛି। କିଟ୍ ଏବଂ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଏନେଇ ଖୁସି ବ୍ୟକ୍ତ କରିଛନ୍ତି।



# ରାଣୀତାଲ ଲିଙ୍କ୍ କ୍ୟାବିନ-ଭଦ୍ରକ ୪ର୍ଥ ରେଳ ଲାଇନ ପାଇଁ ୧୪୯ କୋଟି

ଭୁବନେଶ୍ୱର, ୧୭ା୭ (ଅନୁରାଧା ମହାରଣା)

ଓଡ଼ିଶାରେ ରେଳ ଭିତ୍ତିଭୂମି ବୃଦ୍ଧି କରିବା ଦିଗରେ ଏକ ପ୍ରମୁଖ ପଦକ୍ଷେପ ସ୍ୱରୂପ ରେଳ ମନ୍ତ୍ରଣାଳୟ ୧୪୯.୩୨ କୋଟିର ରାଣୀତାଲ ଲିଙ୍କ୍ କ୍ୟାବିନ ଏବଂ ଭଦ୍ରକ ଷ୍ଟେଶନ ମଧ୍ୟରେ ଚତୁର୍ଥ ଲାଇନକୁ ମଞ୍ଜୁର କରିଛି। ୫.୦୬ କିଲୋମିଟର ଦୀର୍ଘ ଏହି ପ୍ରକଳ୍ପ ଧାମରା ଏବଂ ପାରାଦୀପ ବନ୍ଦର ସହିତ ସଂଯୋଗୀକରଣ ଉନ୍ନତ କରିବା ସହ ଯାତ୍ରୀଙ୍କ ବିଳମ୍ବ ହ୍ରାସ କରିବ। ଏହି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ହାଓଡ଼ା-ଚେନ୍ନାଇ ମୁଖ୍ୟ ଲାଇନ ସହିତ ଟ୍ରେନ ପରିଚାଳନାର କ୍ଷମତା ଓ ଦକ୍ଷତାକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରିବା ସହ ଧାମରା ଏବଂ ପାରାଦୀପ ବନ୍ଦରକୁ ମାଲ ପରିବହନ ସଂଯୋଗକୁ ଉନ୍ନତ କରିବ। ରାଣୀତାଲ ଲିଙ୍କ କ୍ୟାବିନ-ଭଦ୍ରକ ସେକ୍ସନ ହାଓଡ଼ା-ଚେନ୍ନାଇ ହାଇ-ଡେନ୍ସିଟି ନେଟୱର୍କ (ଏଚ୍‌ଡିଏନ୍)ର ଏକ ଅଂଶ, ଯାହା ଦେଶର ସବୁଠାରୁ ବ୍ୟସ୍ତବହୁଳ ରେଳକରିଡର ମଧ୍ୟରୁ ଅନ୍ୟତମ। ନୂତନ ଭାବେ ମଞ୍ଜୁର ହୋଇଥିବା ୪ର୍ଥ ଲାଇନଟି ମୁଖ୍ୟ ଲାଇନରୁ ବନ୍ଦର ଅଭିମୁଖୀ ମାଲ ପରିବହନକୁ ପୃଥକ କରି କରିଡରକୁ ଭିଡ଼ କମ୍ କରିବାରେ ସାହାଯ୍ୟ କରିବ, ଯାତ୍ରୀ ଓ ମେଲ୍ ତଥା ଏକ୍ସପ୍ରେସ୍ ଟ୍ରେନ ଉଭୟ ପାଇଁ ଦ୍ରୁତ ଏବଂ ଅଧିକ ସମୟାନୁବର୍ତ୍ତୀ ପରିଚାଳନା ସୁନିଶ୍ଚିତ କରିବ। ଏତଦବ୍ୟତୀତ ଖଡ଼ଗପୁରରୁ ଭୁବନେଶ୍ୱର ମଧ୍ୟରେ ଅଧିକ କୋଚିଂ ଟ୍ରେନ୍‌ର ସୁଗମ ଚଳାଚଳକୁ ମଧ୍ୟ ଏହା ପ୍ରୋତ୍ସାହିତ କରିବ। ସୂଚନା ଥାଉକି, ଏହି ସେକ୍ସନରେ ପ୍ରବଳ ଭିଡ଼ ହେଉଛି, ଯାହା ପ୍ରାୟତଃ ଟ୍ରେନଗୁଡ଼ିକର ଗତିରେ ବାଧା ସୃଷ୍ଟି କରୁଛି। ଉକ୍ତ ପ୍ରକଳ୍ପ ସମାପ୍ତ ହେବା ଦ୍ୱାରା ପରିଚାଳନାଗତ ପ୍ରତିବନ୍ଧକକୁ ହ୍ରାସ କରାଯାଇପାରିବ। ଏହି ପ୍ରକଳ୍ପ ମାଲ ପରିବହନ ଓ କୋଚିଂ ଟ୍ରେନଗୁଡ଼ିକୁ ପୃଥକୀକରଣ କରିବା, ବିଳମ୍ବକୁ ହ୍ରାସ କରିବା ଏବଂ ସାମଗ୍ରିକ ରୁଟ୍ ଦକ୍ଷତାକୁ ଉନ୍ନତ କରିବାରେ ସହାୟତା କରିବ। ବର୍ଦ୍ଧିତ ଲାଇନ କ୍ଷମତା ଏହି ଅଞ୍ଚଳର ବର୍ଦ୍ଧିତ ଚାହିଦା ପୂରଣ କରିବା ପାଇଁ ଅତିରିକ୍ତ ଟ୍ରାଫିକ ଚଳାଚଳକୁ ସୁଯୋଗ ଦେବ।

# ଦେଶରେ ଭୁବନେଶ୍ୱର ୯ମ ସ୍ୱଚ୍ଛ ସହର

- **ଆସିକା, ଚିକିଟି ସମେତ ୩ ସହର ପୁରସ୍କୃତ**
- **ଇନ୍ଦୋର ସବୁଠୁ ସ୍ୱଚ୍ଛ**

ଭୁବନେଶ୍ୱର/ ଆସିକା/ ଚିକିଟି,୧୭ା୭ (ବନ୍ଦନା ସେଠୀ/ ସୁରେନ୍ଦ୍ରନାଥ ସାହୁ/ ପ୍ରକାଶ ଚନ୍ଦ୍ର ସାହୁ)

କେନ୍ଦ୍ର ଗୃହ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ହୋଇଥିବା ସ୍ୱଚ୍ଛ ସର୍ବେକ୍ଷଣ-୨୦୨୪ର ଫଳାଫଳ ଗୁରୁବାର ଘୋଷଣା ହୋଇଛି। ଏହି କ୍ରମରେ ଦେଶର ସ୍ୱଚ୍ଛ ସହରଗୁଡ଼ିକର ତାଲିକା ପ୍ରକାଶ ପାଇଛି। ମଧ୍ୟପ୍ରଦେଶର ଇନ୍ଦୋର ସହର ଲଗାତର ୮ମ ଥର ପାଇଁ ସ୍ୱଚ୍ଛତା କ୍ଷେତ୍ରରେ ପ୍ରଥମ ସ୍ଥାନ ହାସଲ କରିଛି। ଚଳିତବର୍ଷ ନୂତନ ଭାବେ ପ୍ରଚଳିତ 'ସୁପର ସ୍ୱଚ୍ଛ ଲିଗ୍'ରେ ଇନ୍ଦୋର ପ୍ରଥମ ହୋଇଥିବାବେଳେ ସୁରଟ ଦ୍ୱିତୀୟ ଏବଂ ନଭି ମୁମ୍ବାଇ ତୃତୀୟ ସ୍ଥାନ ହାସଲ କରିଛି। ଚତୁର୍ଥ ସ୍ଥାନରେ ବିଜୟୱାଡା ସହର ରହିଛି। ସେହିପରି ଅହମ୍ମଦାବାଦ, ଭୋପାଳ ଏବଂ ଲକ୍ଷ୍ନୌ ଶ୍ରେଷ୍ଠ ସ୍ୱଚ୍ଛ ସହର ଭାବେ ଉଭା ହେବା ସହିତ ଭାରତର ନୂତନ ପିଢ଼ିର ସ୍ୱଚ୍ଛ ସହର ରୂପେ ମାନ୍ୟତା ଲାଭ କରିଛି। ଚଳିତବର୍ଷ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ମଧ୍ୟ ଭଲ ପ୍ରଦର୍ଶନ କରିଛି। ୩ଲକ୍ଷରୁ ୧୦ଲକ୍ଷ ଜନସଂଖ୍ୟା ବିଶିଷ୍ଟ ବର୍ଗରେ ଭୁବନେଶ୍ୱରକୁ ସମ୍ଭାବନାପୂର୍ଣ୍ଣ ସ୍ୱଚ୍ଛ ସହର ବର୍ଗରେ ପୁରସ୍କୃତ କରାଯାଇଛି। ଏଥିସହ ସ୍ୱଚ୍ଛତା କ୍ଷେତ୍ରରେ ଗତଥର ଭୁବନେଶ୍ୱରକୁ ସର୍ବଭାରତୀୟ ସ୍ତରରେ ୩୪ତମ ର୍‍ୟାଙ୍କ୍ ମିଳିଥିବାବେଳେ ଏଥର ୯ମ ର୍‍ୟାଙ୍କ୍ ମିଳିଛି। ଏଥିସହ ୱାଟର ପ୍ଲସ୍ ଏବଂ ଗାର୍‌ବେଜ୍ ଫ୍ରି ବା ଆବର୍ଜନାମୁକ୍ତ ସହର ଭାବେ ୩ଷ୍ଟାର ରେଟିଂ ମିଳିବା ସହ ରାଜ୍ୟରେ ଦ୍ୱିତୀୟ ସହର ଭାବେ ସ୍ଥାନ ଅଧିକାର କରିଛି। ସେହିପରି ଡୋର୍ ଟୁ ଡୋର୍ ଆବର୍ଜନା ସଂଗ୍ରହ କ୍ଷେତ୍ରରେ ଭୁବନେଶ୍ୱରକୁ ୯୭% ମାର୍କ ମିଳିଥିବାବେଳେ ପୃଥକୀକରଣ କ୍ଷେତ୍ରରେ ୭୮% ମାର୍କ, ୱେଷ୍ଟ ଜେନେରେଶନ୍/ପ୍ରୋସେସିଂ କ୍ଷେତ୍ରରେ ୯୮%, ରେମିଡିଏଶନ୍ ଅଫ୍ ଡମ୍ପ ସାଇଟ୍ସ କ୍ଷେତ୍ରରେ ୪୦%, କ୍ଲିନିନେସ୍ ଅଫ୍ ରେସିଡେନ୍ସିଆଲ୍ ଏରିଆ କ୍ଷେତ୍ରରେ ୧୦୦%, କ୍ଲିନିନେସ୍ ଅଫ୍ ମାର୍କେଟ୍ ଏରିଆ କ୍ଷେତ୍ରରେ ୧୦୦%, କ୍ଲିନିନେସ୍ ଅଫ୍ ୱାଟର ବଡି ୧୦୦% ଏବଂ କ୍ଲିନିନେସ୍ ଅଫ୍ ପବ୍ଲିକ୍ ଟଏଲେଟ୍ କ୍ଷେତ୍ରରେ ୯୫% ମାର୍କ ପ୍ରଦାନ କରାଯାଇଛି।

ଅପରପକ୍ଷେ ୨୦ହଜାରରୁ ୫୦ହଜାର ମଧ୍ୟରେ ଜନସଂଖ୍ୟା ଥିବା ସ୍ୱଚ୍ଛ ସହର ତାଲିକାରେ ଗଞ୍ଜାମ ଜିଲାର ଆସିକା ଏବଂ ୨୦ହଜାରରୁ କମ୍ ଜନସଂଖ୍ୟା ଥିବା ସ୍ୱଚ୍ଛ ସହର ତାଲିକାରେ ଗଞ୍ଜାମର ଚିକିଟିକୁ ସ୍ୱତନ୍ତ୍ର ରାଷ୍ଟ୍ରପତି ପୁରସ୍କାର ପ୍ରଦାନ କରାଯାଇଛି। ଏହାକୁ ମିଶାଇ ଚଳିତ ଥର ସ୍ୱଚ୍ଛ ସର୍ବେକ୍ଷଣ ପୁରସ୍କାରରେ ଓଡ଼ିଶାର ୩ ସହର ସାମିଲ୍ ହୋଇଛି। ୨୦୨୨ରେ ସ୍ୱଚ୍ଛ ସର୍ବେକ୍ଷଣ ସର୍ଭେରେ ମୋଟ୍ ୭୫୦୦ ନମ୍ବର ରଖାଯାଇଥିବାବେଳେ ୨୦୨୩ରେ ଏହାକୁ ବୃଦ୍ଧି କରି ମୋଟ୍ ୯୫୦୦ ନମ୍ବର ରଖାଯାଇଥିଲା। ଚଳିତବର୍ଷ ଏହାକୁ ପୁନର୍ବାର ବୃଦ୍ଧି କରି ମୋଟ୍ ୧୨,୫୦୦ ନମ୍ବର ରଖାଯାଇଥିଲା। ସେଥିମଧ୍ୟରୁ ଆବର୍ଜନା ଫ୍ରି ସିଟି ଭାବେ ୧୩୦୦ ମାର୍କ, ଓଡିଏଫ୍/ଓଡିଏଫ୍+, ଓଡିଏଫ୍++/ୱାଟର+ ବାବଦରେ ୧୨୦୦ ମାର୍କ, ଫେଜ୍-୧ ୫୦୦ ମାର୍କ, ଫେଜ୍-୨ ୫୦୦ ମାର୍କ ଏବଂ ଫେଜ୍ ୩ ଓ ୪ ବାବଦରେ ୯୦୦୦ ମାର୍କ ରଖାଯାଇଥିଲା। ସେଥିରୁ ଭୁବନେଶ୍ୱରକୁ ମୋଟ୍ ୧୦୫୪୮ ମାର୍କ ମିଳିଛି। ଗୁରୁବାର ନୂଆଦିଲ୍ଲୀର ବିଜ୍ଞାନ ଭବନରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ବିଏମ୍‌ସି ମେୟର ସୁଲୋଚନା ଦାସ, କମିଶନର ରାଜେଶ ପ୍ରଭାକର ପାଟିଲ, ଅତିରିକ୍ତ କମିଶନର ଶୁଭେନ୍ଦୁ ସାହୁ, ବିଡିଏ ଭିସି ଏନ୍. ଥିରୁମାଲା ନାୟକ ପ୍ରମୁଖ ଉପସ୍ଥିତ ରହି ପୁରସ୍କାର ଗ୍ରହଣ କରିଥିଲେ।

# ଆଜି କ'ଣ କେଉଁଠି

### ଭୁବନେଶ୍ୱର
- ଏନ୍ଏସ୍ଓ(ଏଫ୍ଓଡି) ଭୁବନେଶ୍ୱର ଶାଖା ପକ୍ଷରୁ କୁଇଜ୍ ପ୍ରତିଯୋଗିତା ଅନ୍ୱେଷା୨.୦, ସ୍ଥାନ: କନଫରେନ୍ସ ହଲ୍, ୪ର୍ଥ ମହଲା, ବିଏସ୍ଏନ୍ଏଲ୍ ଭବନ, ଆଇଜି ପାର୍କ ନିକଟ, ସମୟ: ପୂର୍ବାହ୍ନ ୧୦ଟା ୧୫।

### ବାଲେଶ୍ୱର
- ସ୍ମୃତିଚାରଣ ସଭା, ସ୍ଥାନ: କଷିପଦା ପଞ୍ଚାୟତ ହାଇସ୍କୁଲ, ରୂପସା, ବାଲେଶ୍ୱର, ସମୟ: ଅପରାହ୍ନ ୪ଟା ୩୦।

### ମୟୂରଭଞ୍ଜ
- ବାଙ୍ଗିରିପୋଷି ବିଧାନସଭାସ୍ତରୀୟ ଡେଭଲପ୍‌ମେଣ୍ଟ କମିଟିର ବୈଠକ, ସ୍ଥାନ: ବ୍ଲକ ସମ୍ମିଳନୀ କକ୍ଷ, ବାଙ୍ଗିରିପୋଷି,ସମୟ: ପୂର୍ବାହ୍ନ ୧୦ଟା।
- ସମବାୟ ଦିବସ ପାଳନ, ସ୍ଥାନ: ଚିତ୍ରଡ଼ା କଲ୍ୟାଣ ମଣ୍ଡପ, ମୋରଡ଼ା, ସମୟ: ପୂର୍ବାହ୍ନ ୧୧ଟା।

### ବ୍ରହ୍ମପୁର
- ରାଜ୍ୟ ସ୍ତରୀୟ ମୁକ୍ତ ମଞ୍ଚ କଳାକାର ସମାବେଶ,ସ୍ଥାନ: ଅଭିନନ୍ଦନ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।

### ଗଞ୍ଜାମ
- ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ଛତ୍ରପୁର ବ୍ଲକ ବଡଲଗାଁ ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ସକାଳ ୯ଟା।
- ଗଞ୍ଜାମ ଜିଲା ପରିଷଦ ଏବଂ ଦିଶା ବୈଠକ, ସ୍ଥାନ: ଛତ୍ରପୁରସ୍ଥିତ ଋଷିକୁଲ୍ୟା ସମ୍ମିଳନୀ କକ୍ଷ, ପୂର୍ବାହ୍ନ ୧୦ଟା।

### ଗଜପତି
- ସୁଭଦ୍ରା ଶକ୍ତି କାଫେ ଉଦ୍‌ଘାଟନ, ସ୍ଥାନ:ମୋହନା, ସମୟ: ପୂର୍ବାହ୍ନ ୧୧ଟା।
- ପଞ୍ଚାୟତ ସମିତିର ନବମ ସାଧାରଣ ବୈଠକ, ସ୍ଥାନ: ମୋହନା ବ୍ଲକ ପରିସର, ସମୟ: ପୂର୍ବାହ୍ନ ୧୧ଟା।

### ଢେଙ୍କାନାଳ
- ମିଳିତ ଗଣେଶପୂଜା କ୍ରିୟାନୁଷ୍ଠାନ କମିଟିର ବୈଠକ, ସ୍ଥାନ: ଢେଙ୍କାନାଳ ସହରସ୍ଥିତ ଗୋପବନ୍ଧୁ ଟାଉନ ହଲ, ସମୟ: ଅପରାହ୍ନ ୪ଟା।

### କେନ୍ଦ୍ରାପଡ଼ା
- ରାଜ୍ୟସ୍ତରୀୟ ସାହାଣୀ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ, ସ୍ଥାନ: ମିନି ଷ୍ଟାଡିୟମ, ରାଜକନିକା, ସମୟ: ସକାଳ ୮ଟା।

### ନୟାଗଡ଼
- ସ୍କୁଲର ପ୍ରତିଷ୍ଠା ଉତ୍ସବ, ସ୍ଥାନ:ଖଣ୍ଡପଡ଼ା ବ୍ଲକ୍ ବଡବାଣପୁର ବସନ୍ତ ବିଦ୍ୟାପୀଠ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା ବ୍ୟାପୀ ସେବା ଉତ୍ସବ ଅବସରରେ ବସ୍ତ୍ର ଓ ରାଶନ ଉପକରଣ ବଣ୍ଟନ, ସ୍ଥାନ:ନୟାଗଡ଼ ବ୍ଲକର ବିଭିନ୍ନ ଗାଁ, ସମୟ: ପୂର୍ବାହ୍ନ ୧୧ଟା।
- ଜିଲା ପରିଷଦର ଦଶମ ସାଧାରଣ ଅଧିବେଶନ, ସ୍ଥାନ:ନୟାଗଡ଼ ଜିଲା ପରିଷଦ ସମ୍ମିଳନୀ କକ୍ଷ ସୃଜନ, ସମୟ: ପୂର୍ବାହ୍ନ ସାଢ଼େ ୧୦ଟା।

### ରାୟଗଡ଼ା
- ଦିବ୍ୟଦର୍ଶନ ସଂଘର ପ୍ରତିଷ୍ଠାତା ସଦ୍‌ଗୁରୁ ଅର୍ଜୁନଙ୍କ ଜୟନ୍ତୀ ପାଳନ ଉପଲକ୍ଷେ ରକ୍ତଦାନ ଶିବିର, ସ୍ଥାନ: ଦିବ୍ୟ ଦର୍ଶନ ଆଶ୍ରମ ଅନ୍ତରଝୋଲି, ପଦ୍ମପୁର, ସମୟ: ପୂର୍ବାହ୍ନ ୧୦ଟା।

### ସମ୍ବଲପୁର
- ନିଃଶୁଳ୍କ ଯୋଗ ଶିବିର, ସ୍ଥାନ: ହୀରାକୁଦ କଲୋନୀ ସ୍ଥିତ ଯୋଗ କେନ୍ଦ୍ର, ସମୟ : ସକାଳ ୬ଟା।
- ଯୋଗ ପରିବାର ଆୟୋଜନରେ ଯୋଗ ଶିବର, ସ୍ଥାନ : ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ ସକାଳ ୬ଟା।
- ସମ୍ବଲପୁରୀ ଦିନ ପ୍ରସ୍ତୁତି , ସ୍ଥାନ: ସମ୍ବଲପୁରୀ ଡେରା, ସମୟ: ପୂର୍ବାହ୍ନ ୧୦ଟା।
- ଦିବ୍ୟ ଜୀବନ ସଂଘ ଆୟୋଜନରେ ଅର୍ଜୁନ ଦେବଙ୍କ ଜୟନ୍ତି, ସ୍ଥାନ: ମୁଦିପଡା ପାଣିଟାଙ୍କି ପରିସରସ୍ଥ ଜୀବନ କ୍ଲବ, ସମୟ: ଅପରାହ୍ନ ୪ଟା।
- ସାଓଲିନ କୁମ୍ଫୁ ଉସୁ ଆସୋସିଏଶନ ଆୟୋଜିତ ପ୍ରଶିକ୍ଷଣ ଶିବିର, ସ୍ଥାନ: ଜିଲା ଜୁଡୋ ହଲ, ସମୟ: ସନ୍ଧ୍ୟା ୭ଟା।

### ବଲାଙ୍ଗୀର
- ଜିଲାସ୍ତରୀୟ ରେନ୍‌ବୋ ପ୍ରାଇଡ ୱାକ, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ ପାର୍କିଂ ଜୋନ ନିକଟ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।

### ରାଉରକେଲା
- ଆରୋହଣ ପକ୍ଷରୁ କାଉଡିଆଙ୍କୁ ସେବା କାର୍ଯ୍ୟ, ସ୍ଥାନ: ରାଉରକେଲା ରେଲୱେ ଷ୍ଟେଶନ, ସମୟ: ସକାଳ ୭ଟା।
- ବୃକ୍ଷରୋପଣ କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର–୨୦, ସମୟ: ସକାଳ ୮ଟା।

### ବରଗଡ଼
- ସନ୍ତରଣ ପ୍ରତିଯୋଗିତା,ସ୍ଥାନ:ସଂସ୍କାର ଇଣ୍ଟର ନ୍ୟାଶନାଲ ସ୍କୁଲ, ବରଗଡ଼,ସମୟ: ସକାଳ ୬ଟା।

### କଳାହାଣ୍ଡି
- ଥୁଆମୂଳ ରାମପୁର ଜେଏମ୍ଏଫ୍‌ସି କୋର୍ଟ ତାଲୁକ ଆଇନସେବା ପ୍ରାଧିକରଣ ପକ୍ଷରୁ ବାଧ୍ୟତାମୂଳକ ଶିକ୍ଷା ଅଧିକାର ଆଇନ ଉପରେ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ସରକାରୀ ଉଚ୍ଚ ବିଦ୍ୟାଳୟ, ଥୁଆମୂଳ ରାମପୁର, ସମୟ: ସକାଳ ୧୦ଟା।

### ବୌଦ୍ଧ
- ସାହାଣୀ କପ ଆନ୍ତଃଜିଲା ଫୁଟବଲ ଟୁର୍ନାମେଣ୍ଟର ତୃତୀୟ ଦିନ,ସ୍ଥାନ: ଜିଲା ଷ୍ଟାଡିୟମ ବୌଦ୍ଧ, ସମୟ: ଅପରାହ୍ନ ୧ଟା ୩୦।

### ଦେବଗଡ଼
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ପଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।

### ସୁବର୍ଣ୍ଣପୁର
- ତରଭା ବ୍ଲକ ତେନ୍ତୁଳିଖୁଣ୍ଟି ଧବଳେଶ୍ୱର ମନ୍ଦିରରେ ଜଳଶାୟୀ, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୭ଟା।
- ମେଗା ରକ୍ତଦାନ ଶିବିର, ସ୍ଥାନ: ବୀରମହାରାଜପୁର ବ୍ଲକ ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା।

### ନୂଆପଡ଼ା
- ଆଦିବାସୀଙ୍କ ପକ୍ଷରୁ ଆଶ୍ରମ ବିଦ୍ୟାଳୟ ଘେରାଉ, ସ୍ଥାନ: କୋମନା ବ୍ଲକ ଜଟଗଡ ପଞ୍ଚାୟତ ସାହାଜଟ ଆଶ୍ରମ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

# ସ୍କୁଲରେ ସୁରକ୍ଷିତ ପରିବେଶ ସୃଷ୍ଟି କର

## ଡିଇଓ, ଡିପିସିଙ୍କୁ ଗଣଶିକ୍ଷା ବିଭାଗର ନିର୍ଦ୍ଦେଶ

ଭୁବନେଶ୍ୱର,୧୭।୭
(ସୁଚିସ୍ମିତା ସାହୁ)

ବାଲେଶ୍ୱର ଏଫ୍ଏମ୍ କଲେଜ ଛାତ୍ରୀଙ୍କ ମୃତ୍ୟୁ ଘଟଣା ପରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତତ୍ପରତା ଦେଖାଇଛି। କଲେଜ ଭଳି ସ୍କୁଲଗୁଡ଼ିକରେ ମଧ୍ୟ ନିର୍ଯାତନା ଆଇନକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ରାଜ୍ୟର ସମସ୍ତ ଜିଲା ଶିକ୍ଷା ଅଧିକାରୀ (ଡିଇଓ)ଙ୍କୁ ଗଣଶିକ୍ଷା ବିଭାଗ ପକ୍ଷରୁ ଚିଠି ଲେଖାଯାଇଛି। ବିଦ୍ୟାଳୟରେ ମହିଳା କର୍ମଚାରୀ ଏବଂ ଛାତ୍ରୀଛାତ୍ରଙ୍କ ସୁରକ୍ଷା ପାଇଁ ହେଲ୍ପଲାଇନ ନମ୍ବର ଜାରି କରାଯାଇଛି। ତୁରନ୍ତ ଠିକ ଭାବେ ଇଣ୍ଟରନାଲ କମ୍ପ୍ଲେନ୍ କମିଟି (ଆଇସିସି) ଗଠନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। କାର୍ଯ୍ୟରତ ମହିଳା କର୍ମଚାରୀଙ୍କ ସୁରକ୍ଷା ସୁନିଶ୍ଚିତ କରିବା ସହ ଛାତ୍ରୀଛାତ୍ରଙ୍କ ପାଇଁ ଏକ ସୁରକ୍ଷିତ ପରିବେଶ ସୃଷ୍ଟି କରିବାକୁ ଡିଇଓ ଏବଂ ଡିପିସିମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ଛାତ୍ରୀଛାତ୍ରଙ୍କ ଶାରୀରିକ, ମାନସିକ ଓ ସାମାଜିକ–ଭାବପ୍ରବଣ ସୁସ୍ଥତା ପାଇଁ ବିଦ୍ୟାଳୟଗୁଡ଼ିକରେ ସୁରକ୍ଷିତ ପରିବେଶ ସୃଷ୍ଟି କରିବାକୁ କୁହାଯାଇଛି। ଏହି ପରିପ୍ରେକ୍ଷୀରେ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଅଭିଭାବକମାନଙ୍କ ମଧ୍ୟରେ ସକାରାତ୍ମକ ଲିଙ୍ଗ ମନୋଭାବ ଓ ଆଚରଣକୁ ପ୍ରୋତ୍ସାହିତ କରିବା ଜରୁରୀ। ଲିଙ୍ଗଭିତ୍ତିକ ହିଂସା ଦୂର କରିବା ପାଇଁ ଉଦ୍ଦିଷ୍ଟ ଲିଙ୍ଗ ସମାନତା କାର୍ଯ୍ୟକ୍ରମ ପାଠ୍ୟକ୍ରମକୁ ରାଜ୍ୟର ସମସ୍ତ ପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକରେ ସାମାଜିକ ଅଧ୍ୟୟନ ପାଠ୍ୟକ୍ରମ ସହିତ ସମନ୍ୱୟ କରି କଡ଼ାକଡ଼ି ପାଳନ କରିବାକୁ କୁହାଯାଇଛି। ଓମେନ୍ସ ହେଲ୍ପଲାଇନ ନଂ– ୧୮୧, ଶିଶୁ ହେଲ୍ପଲାଇନ ନଂ–୧୦୯୮, ପୋଲିସ ହେଲ୍ପଲାଇନ ନଂ–୧୧୨ ଜାରି ହୋଇଥିବାବେଳେ ବିଦ୍ୟାଳୟରେ ପଢୁଥିବା ଛାତ୍ରୀଛାତ୍ରମାନେ କୌଣସି ସମସ୍ୟାର ସମ୍ମୁଖୀନ ହେଲେ ତୁରନ୍ତ ୧୮୦୦୩୪୫୬୭୨୨ ନମ୍ବରରେ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଛି। ଏହି ନମ୍ବରଗୁଡ଼ିକ ସମସ୍ତ କର୍ମସ୍ଥଳୀ, ବିଦ୍ୟାଳୟ ଏବଂ ଆବାସିକ କ୍ଷେତ୍ର ଭଳି ପ୍ରମୁଖ ସ୍ଥାନରେ ପ୍ରଦର୍ଶନ କରାଯିବ। ଏହି ନିର୍ଦ୍ଦେଶକୁ ଠିକ ଭାବେ ପାଳନ କରା ନ ଗଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

# ବ୍ରିଟେନ୍‌ରେ ମତଦାନ ବୟସ ୧୬କୁ ହ୍ରାସ

ଲଣ୍ଡନ,୧୭।୭

ଗଣତାନ୍ତ୍ରିକ ଭାଗୀଦାରିତା ବଢ଼ାଇବା ନିମନ୍ତେ ଆଗାମୀ ଜାତୀୟ ନିର୍ବାଚନରେ ମତଦାନ ପାଇଁ ସର୍ବନିମ୍ନ ବୟସସୀମା ୧୮ରୁ ୧୬କୁ ହ୍ରାସ କରିବାକୁ ବ୍ରିଟେନ ସରକାର ଗୁରୁବାର ଘୋଷଣା କରିଛନ୍ତି। ୨୦୨୪ ଜୁଲାଇରେ ଲେବର ପାର୍ଟି ବିଜୟୀ ହେବା ପୂର୍ବରୁ ବ୍ରିଟେନ୍ ପାର୍ଲାମେଣ୍ଟ ନିର୍ବାଚନ ପାଇଁ ଭୋଟଦାନ ବୟସସୀମା ହ୍ରାସ କରିବ ବୋଲି ପ୍ରତିଶ୍ରୁତି ଦେଇଥିଲା। ସ୍କଟ୍‌ଲାଣ୍ଡ ଏବଂ ୱେଲ୍ସରେ ସ୍ଥାନୀୟ ଓ ଆଞ୍ଚଳିକ ନିର୍ବାଚନରେ ମତଦାନ ପାଇଁ ସର୍ବନିମ୍ନ ବୟସସୀମା ଯଥାକ୍ରମେ ୧୬ ଏବଂ ୧୭ ବର୍ଷ କରାଯାଇଛି। ଇକ୍ୱେଡର, ଅଷ୍ଟ୍ରିଆ ଏବଂ ବ୍ରାଜିଲରେ ସର୍ବନିମ୍ନ ଭୋଟଦାନ ବୟସ ୧୬ ବର୍ଷ ହୋଇଥିବାବେଳେ ଏହି ତାଲିକାରେ ବ୍ରିଟେନ୍ ସାମିଲ ହେବାକୁ ଯାଉଛି। ସନ୍ଦିଗ୍ଧ ମାଲିକାନାରେ ଥିବା ସେଲ୍ କମ୍ପାନୀଗୁଡ଼ିକ ରାଜନୈତିକ ଦଳଗୁଡ଼ିକୁ ଚାନ୍ଦା ଯୋଗାଇଦେଉଥିବାରୁ ପ୍ରଚାର ପାଣ୍ଠି ନିୟମାବଳୀରେ ବ୍ୟାପକ ସଂସ୍କାର ଆଣିବାକୁ ସରକାର ଯୋଜନା କରିଛନ୍ତି। ଏହି ପରିବର୍ତ୍ତନ ବ୍ରିଟେନ୍ ରାଜନୀତିକୁ ବିଦେଶୀ ହସ୍ତକ୍ଷେପ ବିରୋଧରେ ସୁରକ୍ଷା ବ୍ୟବସ୍ଥା ସୁଦୃଢ଼ ହୋଇପାରିବ ବୋଲି ପ୍ରତିରକ୍ଷା ମନ୍ତ୍ରୀ ରୁଶାନାରା ଅଲି କହିଛନ୍ତି। ସ୍ୱତଃ ଭୋଟର ପଞ୍ଜୀକରଣ କାର୍ଯ୍ୟକାରୀ ହେବା ସହ ଭୋଟଗ୍ରହଣ କେନ୍ଦ୍ରରେ ପରିଚୟ ଭାବେ ବ୍ୟାଙ୍କ କାର୍ଡକୁ ଭୋଟର ବ୍ୟବହାର କରିପାରିବେ ବୋଲି ସରକାର କହିଛନ୍ତି।




# ବିହାରରେ ପ୍ରତି ପରିବାରକୁ ୧୨୫ ୟୁନିଟ୍ ପର୍ଯ୍ୟନ୍ତ ବିଜୁଳି ମାଗଣା

## ନିର୍ବାଚନ ପୂର୍ବରୁ ନୀତୀଶଙ୍କ ଘୋଷଣା

ପାଟନା,୧୭।୭(ପି.ଟି.)

ଆଗାମୀ ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଗୁରୁବାର ଏକ ବଡ଼ କଲ୍ୟାଣକାରୀ ଯୋଜନା ଘୋଷଣା କରିଛନ୍ତି। ଉକ୍ତ ଯୋଜନା ଅନୁଯାୟୀ, ରାଜ୍ୟର ସମସ୍ତ ଘରୋଇ ଉପଭୋକ୍ତାଙ୍କୁ ୧୨୫ ୟୁନିଟ୍ ପର୍ଯ୍ୟନ୍ତ ବିଜୁଳି ମାଗଣାରେ ଯୋଗାଇ ଦିଆଯିବ। ଅଗଷ୍ଟ ୧ରୁ ଲାଗୁ ହେବାକୁ ଯାଉଥିବା ଏହି ଯୋଜନାରୁ ୧.୬୭ କୋଟି ପରିବାର ଉପକୃତ ହେବେ ବୋଲି ନୀତୀଶ ସୋସିଆଲ ମିଡିଆରେ କହିଛନ୍ତି। ଜୁଲାଇ ମାସର ବିଦ୍ୟୁତ୍ ବିଲ୍‌ରେ ୧୨୫ ୟୁନିଟ୍‌ରୁ କମ୍ ବ୍ୟୟ କରିଥିବା ଉପଭୋକ୍ତାଙ୍କୁ ମଧ୍ୟ ଦେୟ ଦେବାକୁ ପଡ଼ିବ ନାହିଁ। ବର୍ତ୍ତମାନ ସ୍ଥିତିରେ ବିହାର ଗ୍ରୀଡ୍‌ରୁ ଉଚ୍ଚ ଦରରେ ବିଦ୍ୟୁତ୍ କିଣୁଥିବା ନୀତୀଶ କହିଛନ୍ତି। ବିରୋଧୀ ଆର୍‌ଜେଡି କ୍ଷମତାକୁ ଆସିଲେ ୨୦୦ ୟୁନିଟ୍ ପର୍ଯ୍ୟନ୍ତ ବିଜୁଳି ମାଗଣା ଯୋଗାଇ ଦେବ ବୋଲି ଏହାର ନେତା ତେଜସ୍ୱୀ ଯାଦବ ପ୍ରତିଶ୍ରୁତି ଦେବା ପରେ ନୀତୀଶ କୁମାର ଏଭଳି ଘୋଷଣା କରିଛନ୍ତି। ଏଥିସହିତ ରାଜ୍ୟରେ ସୌରଶକ୍ତିକୁ ପ୍ରୋତ୍ସାହନ ଦେବା ନେଇ ସରକାର ପଦକ୍ଷେପ ନେଉଛନ୍ତି। ଆଗାମୀ ୩ ବର୍ଷରେ ରାଜ୍ୟରେ ବିକଳ୍ପ ଶକ୍ତି ଉତ୍ସ ଜରିଆରେ ୧୦,୦୦୦ ମେଗାୱାଟ ବିଦ୍ୟୁତ୍ ଉତ୍ପାଦନ ହେବ ବୋଲି ସରକାର ଆକଳନ କରିଛନ୍ତି।


ନୀତୀଶ କୁମାର


# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଶଗଡ଼ ଚାଲିଛି ଘିଡି ଘିଡାଇଲୋ**
**ବେଣ୍ଟ ପୋଖରୀକି ଡେଇଁ**
**ଶଗଡ଼ିଆ ମୁହଁ ଶୁଖିଯାଉଛି ଲୋ**
**ଗୋରୀକି ଦେଖିବା ପାଇଁ।**

ଯାହା ପ୍ରତି ଯାହା ମନରେ ଭଲପାଇବା, ସ୍ନେହ ତଥା ଆଦର ଭାବ ଥାଏ ସେ ତାକୁ ପାଖରୁ ମୋଟେ ଅନ୍ତର କରିବାକୁ ଚାହିଁ ନ ଥାଏ। ଶଗଡ଼ିଆର ନିଜ ଘରଣୀ ପାଖରେ ଶୀଘ୍ର ପହଞ୍ଚିବାର ନେଇ ମନରେ ରହିଥିବା ବ୍ୟସ୍ତତା ତଥା ବ୍ୟାକୁଳତା ଭାବକୁ ଏଠାରେ ଉପସ୍ଥାପନା କରାଯାଇଛି।

**ଶାଳୁଆ ଗଜା**
**ଘଇତା ଉପରେ ମାଇପ ରଜା।**

ସ୍ୱାମୀ ନିକମା ବା ଅପାରଗ ହେଲେ ସ୍ତ୍ରୀର ଆଧିପତ୍ୟ ବଢ଼ିଚାଲେ। ସ୍ୱାମୀର ଅଯୋଗ୍ୟ ପଣକୁ ଧିକ୍କାର କରିବା ସହ ସେ ନିଜର କର୍ତ୍ତୃତ୍ୱ ଜାହିର କରିବାକୁ ପଛାଉ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ–ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

ପ୍ରଥମ ପୃଷ୍ଠାରୁ...

## ଓଡ଼ିଶା ବନ୍ଦ...

ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମହତ୍ୟା ଘଟଣାର ପ୍ରତିବାଦକୁ ଲୋକଙ୍କ ସ୍ୱତଃ ସମର୍ଥନ ମିଳିଥିବା କୁହାଯାଉଛି। ରାଜ୍ୟବ୍ୟାପୀ ହୋଇଥିବା ବନ୍ଦ ଯୋଗୁ ଜଗତ୍‌ସିଂହପୁରରେ ଅପ୍ରୀତିକର ସ୍ଥିତି ଦେଖାଦେବା ଓ କେତେକ ସ୍ଥାନରେ ରେଳ ରୋକୋକୁ ଛାଡ଼ିଦେଲେ ଆନ୍ଦୋଳନ ମୋଟାମୋଟି ଶାନ୍ତିପୂର୍ଣ୍ଣ ଥିଲା। କିଛି ଜାଗାରେ ଆନ୍ଦୋଳନକାରୀ ପିକେଟିଂ କରିବା ସହିତ ଟାୟାର ଜାଳୁଥିବାବେଳେ ଆଉ କେତେକ ସ୍ଥାନରେ ଜରୁରୀ କାର୍ଯ୍ୟରେ ଯାଉଥିବା ଲୋକେ ହଇରାଣ ହୋଇଥିବା ପରିଲକ୍ଷିତ ହୋଇଥିଲା। ବନ୍ଦ ଯୋଗୁ ପ୍ରମୁଖ ସହରାଞ୍ଚଳଗୁଡ଼ିକରେ ଜୀବନଯାତ୍ରା ଏକପ୍ରକାର ଠପ୍ ହୋଇଯାଇଥିଲା। ଭୁବନେଶ୍ୱର ଜୟଦେବ ବିହାର, ମାଷ୍ଟରକ୍ୟାଣ୍ଟିନ ଭଳି ଛକଗୁଡ଼ିକରୁ ଆନ୍ଦୋଳନକାରୀଙ୍କୁ ପୋଲିସ ଗିରଫ କରି ପରେ ଛାଡ଼ି ଦେଇଛି। ରାଜଧାନୀରେ ଶହ ଶହ କଂଗ୍ରେସ କର୍ମୀ ରେଳ ଷ୍ଟେଶନ, ଜୟଦେବ ବିହାର ଛକ, ଆଚାର୍ଯ୍ୟ ବିହାର ଛକ ସମେତ ଅନ୍ୟ ପ୍ରମୁଖ ଛକରେ ପିକେଟିଂ କରିବା ସହ ଟାୟାର ଜାଳି ରାସ୍ତାରୋକୋ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଆନ୍ଦୋଳନକାରୀମାନେ ପ୍ରଥମେ ରେଳସେବା ବନ୍ଦ କରିବା ପାଇଁ ମାଷ୍ଟରକ୍ୟାଣ୍ଟିନଠାରେ ପ୍ଲାଟଫର୍ମରେ ଧସେଇ ପଶିବାକୁ ଚେଷ୍ଟା କରିବାରୁ ଉତ୍ତେଜନା ସୃଷ୍ଟି ହୋଇଥିଲା। ଘଟଣାସ୍ଥଳରେ ନିୟୋଜିତ ସୁରକ୍ଷା କର୍ମୀମାନେ ହସ୍ତକ୍ଷେପ କରିବା ପରେ ସ୍ଥିତି ଶାନ୍ତ ପଡ଼ିଥିଲା। କେତେକ ଟ୍ରେନ୍ ବିଳମ୍ବରେ ଗନ୍ତବ୍ୟସ୍ଥଳକୁ ଯାଉଥିବା ଦେଖିବାକୁ ମିଳିଥିଲା।

ଗୁରୁବାର ସକାଳୁ ବିକ୍ଷୋଭକାରୀମାନେ ଜାତୀୟ ରାଜପଥକୁ ନିଜ ଅକ୍ତିଆରକୁ ନେବା ଯୋଗୁ ଭାରୀଯାନଗୁଡ଼ିକ ଲମ୍ବା ଲାଇନ୍ ହୋଇ ଛିଡ଼ା ହୋଇଥିଲେ। ସେହିପରି ଜୟଦେବବିହାରଠାରେ ପ୍ରାୟ ୨୦ଟି ଆମ–ବସ୍ ରାସ୍ତା ପାର୍ଶ୍ୱରେ ଅଟକି ରହିଥିଲା। ଏଥିଯୋଗୁ ଅନେକ ଯାତ୍ରୀ ବିଶେଷକରି ସହର ବାହାରୁ ଆସୁଥିବା ଲୋକେ କୌଣସି ବିକଳ୍ପ ନ ପାଇ ହନ୍ତସନ୍ତ ହୋଇଥିଲେ। କେବଳ ଜରୁରିକାଳୀନ ଗାଡ଼ିକୁ ଯିବାକୁ ଅନୁମତି ଦିଆଯାଇଥିଲା। ଅନେକଗୁଡ଼ିଏ ଛକରେ ଅଟୋ ଏବଂ ଟ୍ୟାକ୍ସି ମଧ୍ୟ ଅଟକି ରହିଥିବାବେଳେ ଲୋକସେବା ଭବନ, ଖାରବେଳ ଭବନ ଏବଂ ରାଜୀବ ଭବନକୁ କର୍ମଚାରୀମାନେ ବାଇକ୍ ଓ ଚାଲି କରି ଯାଇଥିଲେ। ଯାତ୍ରୀମାନେ ଗନ୍ତବ୍ୟସ୍ଥଳକୁ ଯିବା ପାଇଁ ବିକଳ୍ପ ବ୍ୟବସ୍ଥା ନ ପାଇ ଲଗେଜ୍ ବୋହି ବୋହି ରାସ୍ତାରେ ବୁଲୁଥିବାର ଦୃଶ୍ୟ ଦେଖିବାକୁ ମିଳିଥିଲା। ତେବେ ରେଳଷ୍ଟେଶନରେ ଫସିରହିଥିବା ଲୋକଙ୍କ ଲାଗି କିଛି ହୋଟେଲ ଖୋଲା ରହିଥିବାବେଳେ ଔଷଧ ଦୋକାନ, ଗ୍ୟାରେଜ୍, ଚା ଦୋକାନ, ଚିକେନ୍ କାଉଣ୍ଟର ଖୋଲା ରହିଥିଲା। ମଧ୍ୟାହ୍ନ ପର୍ଯ୍ୟନ୍ତ ଭୁବନେଶ୍ୱର–କଟକ ଟ୍ୱିନ୍ ସିଟିରେ କୌଣସି ବଡ଼ ଧରଣର ହିଂସା ନେଇ ଅଭିଯୋଗ ହୋଇ ନ ଥିବାବେଳେ ପରେ ବାମପନ୍ଥୀ ଓ ରାଜ୍ୟ କଂଗ୍ରେସ ନେତା ଓ କର୍ମୀ ଲୋୟର ପିଏମ୍‌ଜିରେ ପ୍ରତିବାଦ କରିଥିଲେ। ଏହି ସମୟରେ ପୋଲିସ୍ କଂଗ୍ରେସ କର୍ମୀଙ୍କୁ ଉଠାଇ ନେଇଥିଲା।

ବନ୍ଦକୁ ନେଇ ଓଡ଼ିଶା କଂଗ୍ରେସ ପ୍ରଭାରୀ ଅଜୟ କୁମାର ଲଲ୍ଲୁ କହିଛନ୍ତି, ରାଜ୍ୟ ସରକାର ପୀଡ଼ିତାଙ୍କୁ ନ୍ୟାୟ ଦେବାକୁ ଚାହୁଁ ନାହାନ୍ତି। ସରକାର ଗୁଣ୍ଡାଗିରି କରୁଛନ୍ତି, ହେଲେ ସରକାରଙ୍କ ଗୁଣ୍ଡାଗିରିକୁ ନେଇ କଂଗ୍ରେସ ଭୟଭୀତ ନୁହେଁ। ଏଭଳି ସମ୍ବେଦନଶୀଳ ଘଟଣାରେ ସରକାର ନିଜର ବିଫଳତାକୁ ସ୍ୱୀକାର କରି ପ୍ରଥମେ ମୁଖ୍ୟମନ୍ତ୍ରୀ, ଉଚ୍ଚଶିକ୍ଷାମନ୍ତ୍ରୀ ନିଜ ପଦରୁ ଇସ୍ତଫା ଦିଅନ୍ତୁ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ଇସ୍ତଫା ଦିଅନ୍ତୁ ବୋଲି ସେ କହିଥିଲେ।

ପିସିସି ସଭାପତି ଭକ୍ତ ଚରଣ ଦାସ କହିଥିଲେ, ନାରୀକୁ ନ୍ୟାୟ ଦେବା ପାଇଁ କଂଗ୍ରେସ ଦେଇଥିବା ଓଡ଼ିଶା ବନ୍ଦ ଡାକରା ସଫଳ ହୋଇଛି। ଲୋକେ ସ୍ୱତଃ ବନ୍ଦକୁ ସମର୍ଥନ ଜଣାଇଛନ୍ତି। ସମ୍ପୃକ୍ତା ଝିଅକୁ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ କଂଗ୍ରେସର ଆନ୍ଦୋଳନ ଜାରି ରହିବ। ସଡ଼କରୁ ସଂସଦ ପର୍ଯ୍ୟନ୍ତ ଲଢ଼େଇ ହେବ। ଦୋଷୀଙ୍କୁ ରାଜ୍ୟ ସରକାର ଛାଡ଼ି ଦେଉଛନ୍ତି। ଏସ୍‌ପି ଓ ଆଇଆଇସିଙ୍କୁ କାହିଁକି ଛଡ଼ାଗଲା ଏବଂ ଉଚ୍ଚଶିକ୍ଷା ମନ୍ତ୍ରୀ ଓ ସାଂସଦ କାହିଁକି ଦୋଷୀ ହେବେ ନାହିଁ ବୋଲି ପିସିସି ସଭାପତି ପ୍ରଶ୍ନ କରିଛନ୍ତି।

ସେହିପରି ସିପିଆଇ (ଏମ୍) ନେତା ସୁରେଶ ପାଣିଗ୍ରାହୀ କହିଛନ୍ତି, ୮ଟି ରାଜନୈତିକ ଦଳ ଦେଇଥିବା ବନ୍ଦ ଡାକରା ସଫଳ ହୋଇଛି। ଏହି ବନ୍ଦ କେବଳ ରାଜନୈତିକ ଦଳ ମଧ୍ୟରେ ସୀମିତ ନୁହେଁ, ଏହା ଓଡ଼ିଶାର ଜନସାଧାରଣଙ୍କ ବନ୍ଦରେ ପରିଣତ ହୋଇଛି।

## ପଞ୍ଚାୟତ ପ୍ରତିନିଧିଙ୍କ...

କିମ୍ବା ଗୋଟିଏ ହାତ କିମ୍ବା ଗୋଡ଼ ନଷ୍ଟ ହୁଏ ତେବେ ତାଙ୍କୁ ୧ ଲକ୍ଷ ଟଙ୍କାର ସହାୟତା ରାଶି ଦିଆଯିବ। ସାମ୍ବିଧାନିକ ବ୍ୟବସ୍ଥାରେ ପଞ୍ଚାୟତ ପ୍ରତିନିଧିମାନେ ହେଉଛନ୍ତି ତୃଣମୂଳସ୍ତରରେ ନିର୍ବାଚିତ ପ୍ରତିନିଧି। ସେମାନେ ସିଧାସଳଖ ଲୋକଙ୍କ ସହ ଯୋଡ଼ିହୋଇ ରହିଥାନ୍ତି। ଲୋକଙ୍କ ସୁବିଧା ଅସୁବିଧାରେ ସେମାନଙ୍କୁ ସହାୟତା କରନ୍ତି। ଗ୍ରାମାଞ୍ଚଳ ବିକାଶରେ ସେମାନଙ୍କ ମହତ୍ତ୍ୱପୂର୍ଣ୍ଣ ଅବଦାନ ରହିଥାଏ। କିନ୍ତୁ ସେମାନଙ୍କ କ୍ଷେତ୍ରରେ କୌଣସି ଦୁର୍ଘଟଣା ଘଟିଲେ ସେମାନେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଏସବୁକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଏହି ସହାୟତା ରାଶି ପ୍ରଦାନ ପାଇଁ ନିଷ୍ପତ୍ତି ଗ୍ରହଣ କରିଛନ୍ତି।

## ଜିଏମ୍‌ୟୁ ଅଧ୍ୟାପକ...

ମହିଳା ଥାନାରେ ଭାରତୀୟ ନ୍ୟାୟ ସଂହିତାର ଦଫା ୬୯ରେ ଏକ ମାମଲା(ନଂ.୫୬/୨୫)ରୁଜୁକରି ପୋଲିସ ତଦନ୍ତ କରିଥିଲା। ତଦନ୍ତ ବେଳେ ପୋଲିସ ପ୍ରଫେସର ସୁନାଙ୍କୁ ସମ୍ବଲପୁର ପ୍ରଫେସର କଲୋନିସ୍ଥିତ ତାଙ୍କ ସରକାରୀ ବାସଭବନରୁ ଗିରଫ କରିଥିଲା। ଗିରଫ ପରେ ସମ୍ପୃକ୍ତ ଅଧ୍ୟାପକ ଓ ପୀଡ଼ିତାଙ୍କ ଡାକ୍ତରୀମାଇନା କରାଯାଇଥିଲା। ଝାରସୁଗୁଡ଼ା ଜିଲାର ଛାତ୍ରୀ ଜଣକ ସମ୍ବଲପୁର ଲକ୍ଷ୍ମୀନାରାୟଣ ଲେନ୍‌ରେ ଭଡ଼ାଘର ନେଇ ରହୁଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ** ଆଜି ଯେଉଁ କାମରେ ହାତ ଦିଅନ୍ତୁ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ। ଇଚ୍ଛା ନ ଥିଲେ ମଧ୍ୟ ପରିସ୍ଥିତିରେ ପଡ଼ି ଦୂରସ୍ଥାନକୁ ଯିବା ପାଇଁ ବାଧ୍ୟ ହେବେ। ଆନୁଷ୍ଠାନିକ କ୍ଷେତ୍ରରେ ସଫଳତା ମିଳିବ ଏବଂ ଆମଦାନୀ କାରବାରରେ ଲାଭବାନ ହେବେ। ଶ୍ରୀଚନ୍ଦ୍ର ଯୋଗୁ ଆର୍ଥିକ ଅଭିବୃଦ୍ଧି ଘଟିବା ସହ ଟେନ୍ସନ ଲାଗି ରହିପାରେ।

**ବୃଷ** ବୁଧଙ୍କ ସ୍ଥିତିଜନିତ ପାରିବାରିକ କ୍ଷେତ୍ରରେ ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହେବ। ଅସମ୍ପୂର୍ଣ୍ଣ କାମକୁ ପୂର୍ଣ୍ଣାଙ୍ଗ କରିବାରେ ଜଣେ ବ୍ୟକ୍ତି ସାହାଯ୍ୟ କରିବେ। ପରିସ୍ଥିତିରେ ପଡି ଖର୍ଚ୍ଚାନ୍ତ ହେବେ ଏବଂ ଧାର କରଜ କରିବାକୁ ପଡିପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟରେ ଆଶାଜନକ ଫଳ ଲାଭକରି ଖୁସି ରହିବେ।

**ମିଥୁନ** କର୍ମାଧିପ ବୃହସ୍ପତି ରାଶିରେ ରହିଥିବାରୁ ଆଜିର କାମ ସବୁ ଠିକ୍‌ଠାକ୍ ହୋଇଯିବ। କିନ୍ତୁ ବନ୍ଧୁଙ୍କ କାମରେ ଖର୍ଚ୍ଚ ବୃଦ୍ଧି ଯୋଗୁ ମନରେ ସରସତା ରହିବ ନାହିଁ। କ୍ରୀଡ଼ା, ସାହିତ୍ୟ, ସାମ୍ବାଦିକତା, ରଚନାତ୍ମକ କାର୍ଯ୍ୟ କ୍ଷେତ୍ରରେ ସଫଳତା ମିଳିବ। ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ କୌଣସି କାମ କଲେ ସମସ୍ୟା ଭିତରକୁ ଟାଣି ହୋଇପାରନ୍ତି।

**କର୍କଟ** ରାଶିରେ ବୁଧାଦିତ୍ୟ ଯୋଗ ପ୍ରଭାବରେ କୌଣସି ସମସ୍ୟା ସମ୍ବନ୍ଧରେ ଆଲୋଚନାର ନିର୍ଯାସ ପାଇପାରନ୍ତି। ପ୍ରତ୍ୟେକ କ୍ଷେତ୍ରରେ ତରବରିଆ ପଦକ୍ଷେପ ନେଲେ ଅସୁବିଧାରେ ପଡିବେ। ଯେଉଁ ଜିନିଷଟିକୁ ପାଇବାକୁ ଅପେକ୍ଷା କରିଛନ୍ତି ତାହା ବିଳମ୍ବରେ ପାଇବେ। ଯାତ୍ରା ସମୟରେ ଯାନ୍ତ୍ରିକ ତ୍ରୁଟି ଭାବପ୍ରବଣ କରାଇପାରେ।

**ସିଂହ** କର୍ମଭାବସ୍ଥ ଶୁକ୍ରଜନିତ ଚେଷ୍ଟା ସଫଳ ହେବାରେ ଜଣେ ପୁରାତନ ବନ୍ଧୁ ସାହାଯ୍ୟ କରିବେ। ମଙ୍ଗଳଙ୍କ ପ୍ରଭାବ ଆପଣଙ୍କ ଘରେ ବନ୍ଧୁ ମିଳନ ସହିତ ଖୁସିର ଆସର ଜମାଇବାର ଉପକ୍ରମ କରିବ। କନ୍ୟାଙ୍କ ବିବାହ ପ୍ରସ୍ତାବ ନେଇ ଜଣେ ବ୍ୟକ୍ତି ହଠାତ୍ ଆସିପାରନ୍ତି। କଚେରି ମାମଲା, ପ୍ରଶାସନ, ବାଣିଜ୍ୟ, ଗବେଷଣା କାର୍ଯ୍ୟରେ ସଫଳତା ମିଳିବ।

**କନ୍ୟା** ଅଷ୍ଟମ ଚନ୍ଦ୍ରଙ୍କ ପ୍ରଭାବରୁ ଆପଣଙ୍କ ସ୍ଥଗିତ ପ୍ରାପ୍ୟ ଅର୍ଥ ପାଇବାର ସମ୍ଭାବନା ଦେଖାଦେଇପାରେ। ବହୁପୂର୍ବରୁ ମନେ ମନେ ଭାବିଥିବା ନୂତନ କାର୍ଯ୍ୟଟିକୁ ଆରମ୍ଭକରି କୃତକାର୍ଯ୍ୟ ହେବେ। କଠିନ ପରିଶ୍ରମଜନିତ କ୍ଲାନ୍ତି ଓ ଅବସାଦ ଦେଖାଦେଇପାରେ। ସାଧାରଣ କଥାରେ ତର୍କବିତର୍କ କାରଣରୁ ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବ।

**ତୁଳା** କର୍ମାଧିପ କେନ୍ଦ୍ରସ୍ଥ ରହିଥିବାରୁ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବାରେ ବନ୍ଧୁଙ୍କ ଅବଦାନ ରହିବ। ଧର୍ମାନୁଷ୍ଠାନ ଦିଗରୁ ବନ୍ଧୁଙ୍କ ପ୍ରେରଣା ଓ ପ୍ରୋତ୍ସାହନ ଆପଣଙ୍କୁ ନୂତନ ଦିଗ୍‌ଦର୍ଶନ ଦେଇପାରେ। ସାହିତ୍ୟରେ ସମସ୍ୟା ସମାଧାନ ହେବା ସହ ନୂଆ କାମ ଯୋଡି ପାରନ୍ତି। ସାମାଜିକ ସ୍ତରରେ ଭୁଲ୍ ଖବର ପାଇ ବିବ୍ରତ ହୋଇପାରନ୍ତି।

**ବିଛା** ରାଶ୍ୟାଧିପ କର୍ମସ୍ଥ ଯୋଗୁ ସ୍ଥଗିତ ରହିଥିବା କାମର ସରଳ ସମାଧାନ ହୋଇଯିବ। ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ନିଜ ଲୋକମାନଙ୍କ ସହ ଭଲ ସମ୍ପର୍କ ନ ଥିବାରୁ ପର କଥାକୁ ସତ ମନେ କରି ଭୁଲ୍ କରିବେ। ଶିଳ୍ପ, ବାଣିଜ୍ୟ ଏବଂ ବ୍ୟବସାୟିକ ସ୍ଥିତି ଭଲ ରହିପାରେ।

**ଧନୁ** ରାଶି ପ୍ରତି ବୃହସ୍ପତିଙ୍କ ଦୃଷ୍ଟି ରହିଥିବାରୁ ଅଟକିଥିବା କାମକୁ ପୂରା ଦମରେ କରିବା ପାଇଁ ନିଷ୍ପତ୍ତି ନେବେ। ସାମାଜିକ ସ୍ତରରେ ସାହିତ୍ୟ, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ। ଭୁଲ୍ ବୁଝାମଣା କାରଣରୁ ସାଧାରଣ କଥାକୁ କେନ୍ଦ୍ରକରି ପରିବାରରେ ଝଡ ଉଠିପାରେ। କର୍ମକ୍ଷେତ୍ରରେ ସୁଯୋଗର ସଦ୍ ବ୍ୟବହାର କରିପାରିଲେ ଉପକୃତ ହେବେ।

**ମକର** ବିଭିନ୍ନ ବିଷୟକୁ ମନରେ ସ୍ଥାନ ଦେଇ ମାନସିକ ଦ୍ୱନ୍ଦ୍ୱର ସମ୍ମୁଖୀନ ହୋଇପାରନ୍ତି। ମିତ୍ରମାନେ ସହଯୋଗର ହାତ ବଢାଇବେ ଏବଂ ବସ୍ତ୍ରଭୂଷଣ ପ୍ରାପ୍ତି ଯୋଗ ରହିଛି। ପୁରୁଣା ସମସ୍ୟାଗୁଡିକ ତୁଟି ଯାଇଥିଲେ ମଧ୍ୟ ଆକସ୍ମିକ ଭାବେ ନୂତନ ସମସ୍ୟା ଦେଖାଦେଇପାରେ। ଅଷ୍ଟମରେ ସପ୍ତମାଧିପତି ପାରିବାରିକ ଅଶାନ୍ତିର କାରଣ ହୋଇପାରେ।

**କୁମ୍ଭ** କେନ୍ଦ୍ର ଓ କୋଣ ସ୍ଥାନରେ ଶୁକ୍ର ଏବଂ ବୃହସ୍ପତି ଥିବାରୁ ଆପଣ ଏକାଧାରରେ ଧନ ଓ ସମ୍ମାନ ପାଇବେ। ଆଜିର ଯାତ୍ରା, ପ୍ରଶାସନ, ଆଇନ କଳା ସାହିତ୍ୟ କ୍ଷେତ୍ର ମନ୍ଦ ହେବନି। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ସହକର୍ମୀ କେହି ଚଞ୍ଚକତା ପ୍ରଦର୍ଶନ କରିପାରନ୍ତି। ବାଣିଜ୍ୟ, ବ୍ୟବସାୟ କିମ୍ବା ଚେଷ୍ଟା କରୁଥିବା କାମରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ।

**ମୀନ** ଚନ୍ଦ୍ର ଧନ ସ୍ଥାନରେ ରହିଥିବାରୁ ଆଜି ଯେଉଁ କାମ ଆରମ୍ଭ କରିବେ ନିଶ୍ଚିତ କୃତକାର୍ଯ୍ୟ ହେବେ। କର୍ମ ପରିସର ବୃଦ୍ଧି ପାଇଥିବାରୁ ଘର କାମ ଛାଡି ବାହାର କାମରେ ବେଶି ସମୟ କଟାଇବେ। ଅସୁବିଧା ନ ଥିଲେ ମଧ୍ୟ ଖର୍ଚ୍ଚ ପରିମାଣ ବୃଦ୍ଧି ଯୋଗୁ ମନରେ ସରସତା ରହିବ ନାହିଁ। ପୂର୍ବଭାଦ୍ରପଦ୍ ନକ୍ଷତ୍ର ପ୍ରତ୍ୟେକ ପ୍ରତିବନ୍ଧକକୁ ଏଡିଯିବେ।

ଆଜି ଜୁଲାଇ ୧୮ ତାରିଖ, ଶ୍ରାବଣ କୃଷ୍ଣ ଅଷ୍ଟମୀ ଶୁକ୍ରବାର। ରାଶିନକ୍ଷତ୍ର–ଅଶ୍ୱିନୀ/ମେଷ, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ଦିବା ଘ.୦୫।୨୧ ଗତେ, ଘ.୦୬।୧୩ ମଧ୍ୟେ, ଘ.୦୭।୦୫ ଗତେ, ଘ.୦୮।୩୬ ମଧ୍ୟେ ଶୁଦ୍ଧ ଶୁଭ ବେଳା । ଦିବା ଘ.୧୦।୧୪ ଗତେ, ଘ.୧୧।୫୨ ମଧ୍ୟେ ରାହୁ କାଳ।

# ଓଡ଼ିଶା ବନ୍ଦ



ଏଫ୍‌ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କୁ ନ୍ୟାୟ ଦାବିରେ କଂଗ୍ରେସ ସମେତ ୮ ବାମପନ୍ଥୀ ଦଳ ପକ୍ଷରୁ ଗୁରୁବାର ଦିଆଯାଇଥିବା 'ଓଡ଼ିଶା ବନ୍ଦ' ଡାକରାରେ ସାମିଲ୍ ହୋଇ ଭୁବନେଶ୍ୱର ମାଷ୍ଟର କ୍ୟାଣ୍ଟିନ୍‌ଠାରେ ବାଇକ୍ ରାଲିରେ ବାହାରିଥିବା କଂଗ୍ରେସ ନେତୃମଣ୍ଡଳୀ।




ବନ୍ଦ ଡାକରାରେ ସାମିଲ୍ ହୋଇଥିବା ଏଆଇସିସି ମହିଳା ସଭାନେତ୍ରୀ ଅଲକା ଲାମ୍ବା ଏବଂ ରାଜ୍ୟ ମହିଳା କଂଗ୍ରେସ ନେତ୍ରୀ।

ବାଲେଶ୍ୱର ଫକୀର ମୋହନ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶି ମୃତ୍ୟୁ ଘଟଣା ଏବେ ସାରା ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟିଛି। ସୌମ୍ୟାଶ୍ରୀଙ୍କୁ ନ୍ୟାୟ ଦାବିରେ ବିଭିନ୍ନ ରାଜନୈତିକ ଦଳ, ଛାତ୍ର ସଂଗଠନ ରାସ୍ତାକୁ ଓହ୍ଲାଇ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛନ୍ତି। ରାଜ୍ୟରେ ମହିଳା ଏବଂ ଛାତ୍ରୀମାନେ ସୁରକ୍ଷିତ ନାହାନ୍ତି, ଆଇନ ଶୃଙ୍ଖଳା ସ୍ଥିତି ବିଗିଡ଼ିଯାଇଥିବା ବିରୋଧୀ ଅଭିଯୋଗ ଆଣିଛନ୍ତି। ସୌମ୍ୟାଶ୍ରୀ ମୃତ୍ୟୁ ଘଟଣାର ନ୍ୟାୟିକ ତଦନ୍ତ ଦାବି ସହ ମୁଖ୍ୟମନ୍ତ୍ରୀ ଏବଂ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଗୁରୁବାର କଂଗ୍ରେସ ସମେତ ୮ଟି ବାମପନ୍ଥୀ ଦଳ 'ଓଡ଼ିଶା ବନ୍ଦ' ଡାକରା ଦେଇଥିଲେ। ଏହି ବନ୍ଦର ପ୍ରଭାବ ସାରା ରାଜ୍ୟରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ଅଧିକାଂଶ ସ୍ଥାନରେ ସ୍ୱତଃସ୍ଫୁର୍ତ୍ତ ଭାବେ ଯାନବାହନ ଚଳାଚଳ, ଦୋକାନବଜାର, ଶିକ୍ଷାନୁଷ୍ଠାନ ଏବଂ ବିଭିନ୍ନ ବେସରକାରୀ ଅନୁଷ୍ଠାନ ବନ୍ଦ ହୋଇଥିବା ଦେଖିବାକୁ ମିଳିଥିଲା। ଏହାଦ୍ୱାରା ଜନସାଧାରଣଙ୍କ ଜୀବନ ଯାତ୍ରା ପ୍ରଭାବିତ ହୋଇଥିଲେ ସୁଦ୍ଧା ରାଜ୍ୟର ବିଭିନ୍ନ ସ୍ଥାନର ସ୍ଥିତିକୁ ଦେଖିଲେ ବନ୍ଦ ଡାକରା ଏକ ପ୍ରକାର ସଫଳ ହୋଇଥିବା କୁହାଯାଉଛି।



ଆନ୍ଦୋଳନକାରୀମାନେ ବ୍ୟାରିକେଟ୍ ଡେଇଁ ଲୋକସେବା ଭବନ ଆଡ଼କୁ ଯିବାକୁ ଉଦ୍ୟମ କରୁଛନ୍ତି।



ଭୁବନେଶ୍ୱର ପଳାଶୁଣୀଠାରେ ଜଣେ ବାଇକ୍ ଆରୋହୀଙ୍କୁ ଆନ୍ଦୋଳନକାରୀମାନେ ଅଟକାଉଛନ୍ତି।




ଓଡ଼ିଶା ବନ୍ଦ ଡାକରା ଫଳରେ ବ୍ରହ୍ମପୁର ଫାୟାର ଷ୍ଟେଶନ ରୋଡ୍ ଖାଁ ଖାଁ ଦେଖାଯାଉଛି।



ଓଡ଼ିଶା ବନ୍ଦ ଡାକରା ଯୋଗୁ ଭୁବନେଶ୍ୱର ମାର୍କେଟ୍ ବିଲ୍ଡିଂ ବନ୍ଦ ରହିଥିବାରୁ ପିଲାମାନେ କ୍ରିକେଟ୍ ଖେଳୁଛନ୍ତି।



ସମ୍ବଲପୁର ରେଲ୍‌ୱେ ଷ୍ଟେଶନଠାରେ ମହିଳା ନେତ୍ରୀମାନେ ରେଳରୋକୋ କରୁଛନ୍ତି।



ଭୁବନେଶ୍ୱର ମାଷ୍ଟର କ୍ୟାଣ୍ଟିନ୍‌ଠାରେ ଯାତ୍ରୀମାନେ ଚାଲି ଚାଲି ରେଳ ଷ୍ଟେଶନ ଯାଉଛନ୍ତି।



କୋରାପୁଟଠାରେ ରେଳ ରୋକୋ କରାଯାଉଛି।



ପୁରୀଠାରେ ଆନ୍ଦୋଳନକାରୀମାନେ ରେଳରୋକୋ କରିଛନ୍ତି।




ରାଉରକେଲା ବିଶ୍ରା ଛକରେ ଆନ୍ଦୋଳନକାରୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।



ବାଲେଶ୍ୱର ଷ୍ଟେଶନ ଛକରେ ରାସ୍ତା ଉପରେ ବସି ବିଭିନ୍ନ ଦଳର ଆନ୍ଦୋଳନ।



କଟକ ଗଣ୍ଡରପୁରଠାରେ ଜାତୀୟ ରାଜପଥ ଅବରୋଧ କରାଯାଇଛି।




ଜଗତ୍‌ସିଂହପୁର ବଙ୍ଗଳା ଛକରେ କଂଗ୍ରେସ କର୍ମୀମାନେ ରାସ୍ତା ରୋକୋ କରିଛନ୍ତି।




ଓଡ଼ିଶା ବନ୍ଦ ଯୋଗୁ ଭୁବନେଶ୍ୱର ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ ଅଟକି ରହିଥିବା ବସ୍।

ଆଧ୍ୟାତ୍ମିକ ଦୃଷ୍ଟିରୁ ଦେଖିଲେ– ଗୋଟିଏ ଦେଶର ଗୁରୁତ୍ୱ ବା ମହତ୍ତ୍ୱ ତା'ର ଆକାରର ବିରାଟତ୍ୱ ଉପରେ କିମ୍ବା ତା'ର ବଳ, କ୍ଷମତାଦି ଉପରେ କିମ୍ବା ଅନ୍ୟ ଦେଶଗୁଡିକ ଉପରେ, ତା'ର ପ୍ରଭୁତ୍ୱ ଉପରେ ମଧ୍ୟ ନିର୍ଭର କରେ ନାହିଁ। କିନ୍ତୁ ଏହା ନିର୍ଭର କରେ– ସେ ଦେଶ କେତେଦୂର ସତ୍ୟ ଆଡକୁ ଉନ୍ମୁଖ ଓ ସତ୍ୟକୁ ପ୍ରକାଶ କରିବାରେ ସକ୍ଷମ ତା'ରି ଉପରେ। –ଶ୍ରୀମା



# ପୁଟିନ୍ ଦୋଷୀ ହେବେ କି



ଗର୍ଡନ ବ୍ରାଉନ

ୟୁକ୍ରେନ୍ ବିରୋଧରେ ଫେବୃଆରୀ ୨୦୨୨ରେ ରୁଷିଆ ଯୁଦ୍ଧ ଆରମ୍ଭ କରିଥିଲା। ନିକଟରେ ଏହାର ନାଗରିକଙ୍କ ଉପରେ ରୁଷିଆ ସବୁଠୁ ଘାତକ ଆକ୍ରମଣ କରିଛି। ୟୁକ୍ରେନ୍‌ରେ ଥିବା ଜାତିସଂଘ ମାନବ ଅଧିକାର ଯାଞ୍ଚ ମିଶନ (ଏଚ୍‌ଆର୍‌ଏମ୍‌ଏମ୍‌ୟୁ)ର ମୁଖ୍ୟ ଡାନିଏଲ ବେଲ୍ କହିଛନ୍ତି, ସୀମାବର୍ତ୍ତୀ ଅଞ୍ଚଳଠାରୁ ବହୁ ଦୂରରେ ଥିବା ୟୁକ୍ରେନ୍‌ର ନାଗରିକଙ୍କ ଉପରେ ଅଧିକ ଦୂରଗାମୀ କ୍ଷେପଣାସ୍ତ୍ର ଓ ଡ୍ରୋନ୍ ଦ୍ୱାରା ରୁଷିଆ ଆକ୍ରମଣ କରି ଅଧିକ ଲୋକଙ୍କ ମୃତ୍ୟୁ ଘଟାଇବା ସହ ବ୍ୟାପକ କ୍ଷତି କରିଛି। ବାସ୍ତବରେ ଏଚ୍‌ଆର୍‌ଏମ୍‌ଏମ୍‌ୟୁର ନୂତନ ତଥ୍ୟ ରୁଷିଆ ସବୁ ପ୍ରମୁଖ ବୋମା ଆକ୍ରମଣରେ ଘଟିଥିବା ମୃତ୍ୟୁସଂଖ୍ୟା ସୂଚିତ କରିଛି। ଯୁଦ୍ଧ ଆରମ୍ଭ ହେବାର ତିନି ବର୍ଷ ମଧ୍ୟରେ ମାସିକ ମୃତ୍ୟୁ ହାର ଜୁନ୍‌ରେ ସବୁଠୁ ଅଧିକ ଥିଲା। ଏହି ମାସରେ ୨୩୨ ୟୁକ୍ରେନ୍ ନାଗରିକଙ୍କ ମୃତ୍ୟୁ ହୋଇଥିଲାବେଳେ ୧,୩୪୩ ଜଣ ଆହତ ହୋଇଥିଲେ। ନାଗରିକଙ୍କ ସ୍ଥିତି ଦିନକୁ ଦିନ ଅଧିକ ଗମ୍ଭୀର ହେବାରେ ଲାଗିଛି। ୟୁକ୍ରେନ୍ ସମର୍ଥନରେ ହେଉଥିବା ଏକ ମହତ୍ତ୍ୱପୂର୍ଣ୍ଣ ପରିବର୍ତ୍ତନକୁ ଲକ୍ଷ୍ୟ କରି ରୁଷିଆ ଅଧିକ ଆକ୍ରମଣ ବୃଦ୍ଧି କରୁଥାଇପାରେ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ୟୁକ୍ରେନ୍ ସହାୟତାକୁ ନେଇ ଏବେ ତାଙ୍କ ସ୍ଥିତିରେ ପରିବର୍ତ୍ତନର ସଙ୍କେତ ଦେଇଛନ୍ତି ଏବଂ ଏହା ସ୍ଥାୟୀ ହେବ ବୋଲି ୟୁକ୍ରେନୀୟ ଏବଂ ପାଶ୍ଚାତ୍ୟରେ ସେମାନଙ୍କ ମିତ୍ରମାନେ ଆଶା କରିଛନ୍ତି।

ଟ୍ରମ୍ପ୍ ୟୁକ୍ରେନ୍‌କୁ ଘାତକ କ୍ଷେପଣାସ୍ତ୍ର (ଯାହା ପାଇଁ ୟୁରୋପ ଅର୍ଥ ଦେବ) ଯୋଗାଇବାକୁ ନିଷ୍ପତ୍ତି ନେଇଛନ୍ତି, ଯଦ୍ୱାରା ରୁଷିଆ ଆକ୍ରମଣ ବିରୋଧରେ ୟୁକ୍ରେନ୍ ମୁକାବିଲା ଜାରି ରଖିବ। ଟ୍ରମ୍ପ୍‌ଙ୍କ ଏହି ନିଷ୍ପତ୍ତି ସୂଚାଉଛି ଯେ, ଏକ ଶାନ୍ତି ଚୁକ୍ତି କରିବା ପାଇଁ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମୀର ପୁଟିନ୍‌ଙ୍କ ଉପରେ ବିଶ୍ୱାସ ହ୍ରାସ ପାଇଛି। ସେହିଭଳି ପୁଟିନ୍ ତାଙ୍କ କଥା ରଖିବାରେ ଅକ୍ଷମ ହୋଇଥିବାରୁ ଟ୍ରମ୍ପ୍ ନୂଆ କଟକଣା ଲଗାଇବା ପାଇଁ ଧମକ ଦେଇଛନ୍ତି। ପୁଟିନ୍ ଚିନ୍ତିତ ହେବାର ଆଉ ଏକ କାରଣ ଅଛି। ୧୫ ଜୁଲାଇରେ, ୟୁକ୍ରେନ୍ ୟୁରୋପ ପରିଷଦ ସହ ମିଶି ଏକ ସ୍ୱତନ୍ତ୍ର ଟ୍ରିବ୍ୟୁନାଲ ଗଠନ କରିବା ପାଇଁ ୟୁକ୍ରେନ୍ ପାର୍ଲାମେଣ୍ଟରେ ବ୍ୟାପକ ସମର୍ଥନ ମିଳିଥିଲା। ୟୁକ୍ରେନ୍ ବିରୋଧରେ ଆକ୍ରମଣ ଯୋଗୁ ରୁଷିଆକୁ ଯୁଦ୍ଧ ଅପରାଧୀ ଭାବେ ଦର୍ଶାଇବା ପାଇଁ ଏହି ଟ୍ରିବ୍ୟୁନାଲ ଚେଷ୍ଟା କରିବ। ଜୁନ ୨୫ରେ ଷ୍ଟ୍ରାସବର୍ଗରେ ୟୁରୋପ ପରିଷଦକୁ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲ୍‌ଡୋମିର ଜେଲେନ୍‌ସ୍କି ଯାଇଥିବା ବେଳେ ସେଠାରେ ଯେଉଁ ଚୁକ୍ତି ସ୍ୱାକ୍ଷର କରିଥିଲେ, ତାହାକୁ ୟୁକ୍ରେନୀୟମାନେ ଦୃଢ଼ ସମର୍ଥନ କରିଛନ୍ତି। ଏକ ସ୍ପଷ୍ଟ ସଙ୍କେତ ମିଳୁଛି ଯେ, ପୁଟିନ୍ ଏବଂ ୟୁକ୍ରେନ୍ ବିରୋଧରେ ଭୟଙ୍କର ଆକ୍ରମଣ କରିବାକୁ ନିଷ୍ପତ୍ତି ନେଇଥିବା ତାଙ୍କ ସମର୍ଥକ ଗୋଷ୍ଠୀଙ୍କ ପାଇଁ ଆଉ ସୁରକ୍ଷିତ ସ୍ଥାନ ରହିବ ନାହିଁ। ଭବିଷ୍ୟତରେ ସ୍ୱତନ୍ତ୍ର ଟ୍ରିବ୍ୟୁନାଲ ରୁଷିଆ ସରକାରଙ୍କ ସମସ୍ତ ଉଚ୍ଚ ପଦସ୍ଥ ନେତାଙ୍କ ଉପରେ ତଦନ୍ତକୁ ଅନୁମତି ଦେବ। ରାଜ୍ୟର ମୁଖ୍ୟ, ସରକାରର ମୁଖ୍ୟ ଏବଂ ବୈଦେଶିକ ମନ୍ତ୍ରୀମାନେ ନ୍ୟାୟିକ ବିଚାରରୁ ବ୍ୟକ୍ତିଗତ ଭାବେ ରକ୍ଷା ପାଉଥିବାବେଳେ, ଏହି ଟ୍ରିବ୍ୟୁନାଲରେ ସେମାନଙ୍କ ବିରୋଧରେ ପ୍ରମାଣ ସଂଗ୍ରହ କରିବାରେ ଆଉ କୌଣସି ବାଧା ରହିବ ନାହିଁ। ଏହା ସହ ସେମାନେ କାର୍ଯ୍ୟାଳୟ ଛାଡ଼ିବା କ୍ଷଣି ସେମାନଙ୍କ ବିରୋଧରେ ଏକ ବୈଧ ଅଭିଯୋଗ ଜାରି କରିବା ଲାଗି ପ୍ରସ୍ତୁତି ଚାଲୁଛି।



ରୁଷିଆ ୟୁରୋପ ପରିଷଦ ସଦସ୍ୟ ହେବାର ୨୬ ବର୍ଷ ପରେ, ଫେବୃଆରୀ ୨୦୨୨ରେ ଏହାର ପ୍ରତିନିଧିତ୍ୱ ଅଧିକାରକୁ ପରିଷଦ ରଦ୍ଦ କରିଥିଲା। ଏହାର ମାସେ ପରେ ପରିଷଦ ଆଇନର ଅନୁଚ୍ଛେଦ ୮ ଅନୁଯାୟୀ ରୁଷିଆକୁ ବହିଷ୍କାର କରାଯାଇଥିଲା। ଏହିସବୁ ଘଟଣା ପରେ ୟୁରୋପ ପରିଷଦ ଓ ଜେଲେନ୍‌ସ୍କିଙ୍କ ମଧ୍ୟରେ ଚୁକ୍ତି ହୋଇଛି। ୟୁକ୍ରେନ୍‌ରେ ଚଳାଇଥିବା ଆକ୍ରମଣାତ୍ମକ କାର୍ଯ୍ୟକଳାପ ପାଇଁ ରୁଷିଆକୁ ଉତ୍ତରଦାୟୀ କରିବାକୁ ଗତ ତିନି ବର୍ଷ ଧରି ଚାଲୁ ରହିଥିବା ବିଚାରବିମର୍ଶରେ ପୂର୍ଣ୍ଣଚ୍ଛେଦ ପକାଇବ ଏହି ଟ୍ରିବ୍ୟୁନାଲ। ଅନ୍ତର୍ଜାତୀୟ ଅପରାଧ ନ୍ୟାୟାଳୟ (ଆଇସିସି) ପୁଟିନ୍ ଓ ୟୁକ୍ରେନ୍‌ରୁ ଅନେକ ହଜାର ପିଲାଙ୍କୁ ଅନ୍ୟାୟ ଭାବେ ରୁଷିଆକୁ ଦେଶାନ୍ତର କରିଥିବା ରୁଷିଆର ଶିଶୁ ଅଧିକାର କମିଶନ ମାରିଆ ଲଭୋ–ବେଲୋଭାଙ୍କ ବିରୋଧରେ ଗିରଫ ପରୱାନା ଜାରି କରିସାରିଛି। ଗତବର୍ଷ ମଧ୍ୟ ଆଇସିସି ବିଚାରପତିମାନେ ୟୁକ୍ରେନ୍‌ର ବିଦ୍ୟୁତ୍ ଭିତ୍ତିଭୂମି ଉପରେ ଆକ୍ରମଣ କରିଥିବାରୁ ପୂର୍ବତନ ପ୍ରତିରକ୍ଷା ମନ୍ତ୍ରୀ ସେର୍ଗି ଶୋଇଗୁ ଏବଂ ସଶସ୍ତ୍ର ସେନାର ଚିଫ୍ ଅଫ୍ ଦି ରୁଷିଆନ୍ ଜେନେରାଲ ଷ୍ଟାଫ୍ ଭାଲେରି ଗେରାସିମୋଭଙ୍କ ବିରୋଧରେ ଗିରଫ ପରୱାନା ଜାରି କରିଥିଲେ। କିନ୍ତୁ ଏଭଳି ସ୍ଥିତିରେ ଏକ ଟ୍ରିବ୍ୟୁନାଲର ଆବଶ୍ୟକତା ଅଛି, କାରଣ ଯୁଦ୍ଧ ଅପରାଧକୁ ନେଇ ନ୍ୟାୟିକ ସୀମା ରହିଥିବା ସତ୍ତ୍ୱେ ୟୁକ୍ରେନ୍‌ରେ ମାନବତା ବିରୋଧୀ ଅପରାଧ (ଯେଉଁଥିରେ ଏବେ ସ୍କୁଲ, ହସ୍ପିଟାଲ, ଭିତ୍ତିଭୂମି ଏବଂ ଲଗାତର ନାଗରିକଙ୍କ ଉପରେ ଆକ୍ରମଣକୁ ସାମିଲ କରାଯାଇଛି) ଓ ଗଣହତ୍ୟା ଜାରି ରହିଛି। ଆଇସିସି ମଧ୍ୟ ରୁଷୀୟ ରାଜନେତା ଓ ସେନାର ଶୀର୍ଷ ଅଧିକାରୀଙ୍କୁ ଯୁଦ୍ଧ ଅପରାଧ ପାଇଁ ଔପଚାରିକ ଭାବେ ଦୋଷୀ କରିପାରିବ ନାହିଁ। ଏହାର ପ୍ରଥମ କାରଣ ହେଉଛି, ରୁଷିଆ ରୋମ ଚୁକ୍ତି (ଯେଉଁଥିରେ ଆଇସିସି ଗଠନ ହୋଇଥିଲା)ର ପକ୍ଷ ବା ଅଂଶୀଦାର ନୁହେଁ। ଦ୍ୱିତୀୟରେ, ଜାତିସଂଘରେ ରୁଷିଆର ଭିଟୋ ପାୱାର ଆଇସିସି କୋର୍ଟକୁ ଅଭିଯୋଗ ପଠାଇବାରେ ସୁରକ୍ଷା ପରିଷଦକୁ ରୋକିଦିଏ। ଏଣୁ ପୁଟିନ୍‌ଙ୍କ ଅପରାଧଗୁଡ଼ିକ ଯଥା ଆକ୍ରମଣ ପାଇଁ ଯୋଜନା, ପ୍ରସ୍ତୁତି ଏବଂ ୟୁକ୍ରେନ୍‌କୁ ବଳପୂର୍ବକ ଦଖଲ କରିବା ଚେଷ୍ଟା, ଏପରିକି ୨୦୧୪ରେ କ୍ରିମିଆକୁ ଦଖଲକୁ ନେବାର ନ୍ୟାୟିକ ବିଚାର ପାଇଁ କେବଳ ସ୍ୱତନ୍ତ୍ର ଟ୍ରିବ୍ୟୁନାଲ ଦରକାର।

ୟୁକ୍ରେନ୍ ବିରୋଧରେ ଯୁଦ୍ଧ ଅପରାଧ ପାଇଁ କୌଣସି ଶାସନକୁ ଦୋଷୀ କରିବା ୟୁରୋପ ପରିଷଦର ସମ୍ପୂର୍ଣ୍ଣ ଦାୟିତ୍ୱ ରହିଛି। ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଅନେକ ଦେଶର ବ୍ୟାପକ କ୍ଷତି ହେବା ପରେ ଆଇନର ଶାସନ ଓ ମାନବ ଅଧିକାରଗୁଡ଼ିକ ବଜାୟ ରଖିବା ଲକ୍ଷ୍ୟରେ ଏହି ପରିଷଦ ଗଠନ କରାଯାଇଥିଲା। ଏହା ମଧ୍ୟ ବାର୍ତ୍ତା ଦିଏ ଯେ, ଅଧିକ ସ୍ଥାୟୀ ଏବଂ ଶାନ୍ତ ବିଶ୍ୱ ଗଠନ କରିବା ପାଇଁ ଏକ ଆଇନ ଆଧାରିତ ବ୍ୟବସ୍ଥା ଏଯାବତ୍ ସର୍ବଶ୍ରେଷ୍ଠ ଉପାୟ ହୋଇ ରହିଛି। ପୁଟିନ୍ ରୁଷିଆର ଯୁଦ୍ଧ ପ୍ରକ୍ରିୟାକୁ ଅଧିକ ସକ୍ରିୟ କରି ୟୁକ୍ରେନ୍ ସୀମା ଓ ନାଗରିକଙ୍କ ଉପରେ ଅଧିକ ଚାପ ସୃଷ୍ଟି କରିଥିବା ଯୋଗୁ ଏବେ ଏଭଳି ବାର୍ତ୍ତାର ଅଧିକ ଆବଶ୍ୟକତା ରହିଛି। କ୍ରେମ୍‌ଲିନ ଡ୍ରୋନ ଉତ୍ପାଦନ ଲାଗି କମ୍ପାନୀଗୁଡ଼ିକରେ ଶ୍ରମଶକ୍ତି ବୃଦ୍ଧି କରିବା ନିମନ୍ତେ ଏସୀୟ ଓ ଆଫ୍ରିକାର ଦେଶଗୁଡ଼ିକରୁ ଶ୍ରମିକ ଆଣୁଥିବା ଜଣାପଡ଼ିଛି। ଏହା ସହ ଚାଇନା ଅତ୍ୟଧିକ ଗୁରୁତ୍ୱପୂର୍ଣ୍ଣ ଉପକରଣ ଯୋଗାଉଥିବା ଅଭିଯୋଗ ମଧ୍ୟ ହେଉଛି। ଏଣୁ ଚଳିତ ସପ୍ତାହରେ ଯାହା ଘଟିଛି, ତାହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଆମେରିକାର ନୂଆ ଅସ୍ତ୍ରଶସ୍ତ୍ର ୟୁକ୍ରେନ୍‌ରେ ଶୀଘ୍ର ପହଞ୍ଚିବା ଆରମ୍ଭ ହୋଇଯିବ। ପୁଟିନ୍ ଏବଂ ତାଙ୍କ ଅପରାଧୀ ଗୋଷ୍ଠୀଙ୍କ ପାଖରେ ବାର୍ତ୍ତା ପହଞ୍ଚିଯାଇଛି– ତୁମମାନଙ୍କ ସକାଶେ ଆପରାଧିକ ଅଭିଯୋଗସବୁ ଆସୁଛି ଏବଂ କେଉଁଠି ମଧ୍ୟ ଲୁଚି ରହିପାରିବ ନାହିଁ। କିନ୍ତୁ ଏହା ନିଶ୍ଚିତ ଯେ, ରୁଷିଆ ବାହାରେ କିଛି ଜାଗା ରହିବ, ଯେଉଁଠି ପୁଟିନ୍ ସମ୍ଭାବ୍ୟ ଅପମାନଜନକ ଗିରଫର ସମ୍ମୁଖୀନ ହୋଇ ନ ପାରନ୍ତି। ତେବେ ଅପରାଧରୁ ସେ ଦଣ୍ଡମୁକ୍ତ ହେବା ସମ୍ଭାବନା କ୍ଷୀଣ ହୋଇ ଆସୁଛି।

**ପୂର୍ବତନ ପ୍ରଧାନମନ୍ତ୍ରୀ, ବ୍ରିଟେନ୍**

# ଈଶ୍ୱରଙ୍କ ସ୍ୱରୂପ



ଡା. ଗୋପାଳ ଚନ୍ଦ୍ର ଦାଶ

ପତଞ୍ଜଳି ଯୋଗ ଦର୍ଶନର ପ୍ରଥମ ପାଦ ସୂତ୍ର ସଂଖ୍ୟା ୨୪ରେ କୁହାଯାଇଛି, ''କ୍ଲେଶ କର୍ମ ବିପାକ ଆଶୟ ଅପରାମୃଷ୍ଟଃ ପୁରୁଷ ବିଶେଷ ଈଶ୍ୱର।'' ଏହାର ଅର୍ଥ ପଞ୍ଚକ୍ଲେଶ (ଅବିଦ୍ୟା, ଅସ୍ମିତା, ରାଗ, ଦ୍ୱେଷ, ଅଭିନିବେଶ), କର୍ମ, କର୍ମଫଳ ଓ କର୍ମ ଫଳରୁ ଉତ୍ପନ୍ନ ବାସନା ସହିତ ଅସମ୍ପୃକ୍ତ ବିଶେଷ ପୁରୁଷ ହେଉଛନ୍ତି ଈଶ୍ୱର। ବେଦ ତ୍ରୈତ୍ୟ ବିଦ୍ୟା ଉପରେ ଆଧାରିତ। ତ୍ରୈତ୍ୟ ବିଦ୍ୟା ହେଉଛି, ଈଶ୍ୱର, ଜୀବ ଓ ପ୍ରକୃତି। ଈଶ୍ୱର ହେଉଛନ୍ତି, ସତ୍ ଚିତ୍ ଓ ଆନନ୍ଦ (ସଚ୍ଚିଦାନନ୍ଦ)। ଈଶ୍ୱରଙ୍କ ମୌଳିକ ବା ଅପରିବର୍ତ୍ତନୀୟ ସତ୍ତା ହେଉଛି ସତ୍– ଯାହା ଅତୀତରେ ଥିଲା, ବର୍ତ୍ତମାନ ଅଛି ଓ ଭବିଷ୍ୟତରେ ମଧ୍ୟ ରହିବ। ସତ୍ୟର ଗତିଶୀଳ ଅବସ୍ଥା ହେଉଛି ଚିତ୍ ବା ଚେତନାଶକ୍ତି। ଚିତ୍‌ଶକ୍ତି ଚେତନାକୁ ଗତିଶୀଳ କରାଇଥାଏ। ତେଣୁ ଚିତ୍ ଶବ୍ଦ ଚେତନ ଓ ଶକ୍ତି ଉଭୟକୁ ବୁଝାଇଥାଏ। ଏହି ଚିତ୍ ସତ୍ତା ପିଣ୍ଡ ଓ ବ୍ରହ୍ମାଣ୍ଡରେ ଯଥାକ୍ରମେ ଜୀବାତ୍ମା ଓ ବିଶ୍ୱାତ୍ମା ଭାବରେ ଅଭିବ୍ୟକ୍ତ ହୋଇଥାଏ। ଚେତନାର ୪ ଗୋଟି ସ୍ତର– ଜାଗ୍ରତ, ସ୍ୱପ୍ନ, ସୁଷୁପ୍ତି ଓ ତୁରୀୟ ଅବସ୍ଥା। ଏହି ଚେତନାର ସ୍ତର ପରସ୍ପରଠାରୁ ଅଲଗା ନୁହେଁ। ଏହା ସମୂହିତ ଭାବରେ ପରମେଶ୍ୱରଙ୍କଠାରେ ବିଦ୍ୟମାନ। ଈଶ୍ୱର ହେଉଛନ୍ତି ଆନନ୍ଦ ସ୍ୱରୂପ। ଅନନ୍ତ ସୁଖ ହେଉଛି ଆନନ୍ଦ (ସୁଖମ୍ ଅନନ୍ତମ୍ ଆନନ୍ଦମ୍)। ସୁଖ ଇନ୍ଦ୍ରିୟ ଦ୍ୱାରା, ଶାନ୍ତି ମନ ଦ୍ୱାରା ଓ ଆନନ୍ଦ ଆତ୍ମା ଦ୍ୱାରା ପ୍ରକଟିତ ହୋଇଥାଏ। ଉପନିଷଦରେ ଆନନ୍ଦର ବିଭିନ୍ନ ସ୍ତର ସମ୍ବନ୍ଧରେ ବର୍ଣ୍ଣନା କରାଯାଇଛି। ମନୁଷ୍ୟର ଆନନ୍ଦକୁ ଏକ ମାପକ ଭାବରେ ଗ୍ରହଣ କରାଯାଇ ଆନନ୍ଦର ବିଭିନ୍ନ ସ୍ତର ଯଥା ଗନ୍ଧର୍ବ ଆନନ୍ଦ, ଦେବ ଆନନ୍ଦ, ପିତୃ ଆନନ୍ଦ, ବୃହସ୍ପତି ଆନନ୍ଦ, ଇନ୍ଦ୍ର ଆନନ୍ଦ ଓ ବ୍ରହ୍ମାନନ୍ଦ ଆଦିକୁ ଉନ୍ନତ ସ୍ତରର ଆନନ୍ଦ ବୋଲି ଦର୍ଶାଯାଇଛି। ଈଶ୍ୱର ଏହି ସମସ୍ତ ଆନନ୍ଦ ସ୍ତରର ଊର୍ଦ୍ଧ୍ୱରେ ଅଛନ୍ତି। ଈଶ୍ୱରଙ୍କର ଆନନ୍ଦମୟ ସତ୍ତାକୁ ବାକ୍ୟରେ ବର୍ଣ୍ଣନା କରିବା ସମ୍ଭବ ନୁହେଁ।

ଏହା ଅନିର୍ବଚନୀୟ ଯେ ଈଶ୍ୱର ସର୍ବଜ୍ଞ, ଜୀବ ଅଳ୍ପଜ୍ଞ ଓ ପ୍ରକୃତି ଅଜ୍ଞ। ଈଶ୍ୱର ହିଁ ଜୀବ ଓ ପ୍ରକୃତିର ସୃଷ୍ଟିକର୍ତ୍ତା, ପାଳନକର୍ତ୍ତା ଓ ସଂହାରକର୍ତ୍ତା। ଜୀବର ଭୋଗ୍ୟ ଓ ମୋକ୍ଷ ପାଇଁ ପ୍ରକୃତିର ସୃଷ୍ଟି। ଯୋଗ ଦର୍ଶନରେ ଦର୍ଶାଯାଇଥିବା କ୍ଲେଶ ଓ କର୍ମ ଆଦି ୪ ଗୋଟି ତତ୍ତ୍ୱ ଦେହ ବନ୍ଧନର କାରଣ, ଯାହା ଜୀବାତ୍ମା ପାଇଁ ପ୍ରଯୁଜ୍ୟ। କ୍ଲେଶର ପ୍ରଥମ କାରଣ ହେଉଛି ଅବିଦ୍ୟା। ଅବିଦ୍ୟାରୁ ଅନ୍ୟ ୪ ଗୋଟି କ୍ଲେଶ ଜନ୍ମ ନେଇଥାଏ। ଅବିଦ୍ୟା ହେଉଛି ଅଜ୍ଞାନ– ଯାହା ନିତ୍ୟକୁ ଅନିତ୍ୟ ଓ ଶୁଦ୍ଧକୁ ଅଶୁଦ୍ଧ ଭାବରେ ଗ୍ରହଣ କରିଥାଏ। ଉଦାହରଣ ସ୍ୱରୂପ ଅନ୍ଧାରରେ ଦଉଡ଼ିକୁ ସାପ ବୋଲି ଭାବିବା। ଅନ୍ଧାର ହେଉଛି ଅବିଦ୍ୟା। ଆଲୋକ ଦ୍ୱାରା ଅନ୍ଧକାର ଅପସରିଯାଏ ଓ ଦଉଡ଼ି ସାପ ପରି ନ ହୋଇ ଦଉଡ଼ି ଭଳି ଦେଖାଯାଏ। ଏହି ଆଲୋକ ହେଉଛି ଜ୍ଞାନ। ବେଦାନ୍ତ ଭାଷାରେ ଏହାକୁ ୩ ସ୍ତରରେ ବର୍ଣ୍ଣନା କରାଯାଇଛି– ପ୍ରତିଭାଷିକ(ଅଜ୍ଞାନ), ବ୍ୟାବହାରିକ (ସାଧାରଣଜ୍ଞାନ) ଓ ପାରମାର୍ଥିକ(ପ୍ରଜ୍ଞାନ)। ଅସ୍ମିତା ହେଉଛି ମିଥ୍ୟା ଜ୍ଞାନ। ଅହଂକାର ଅସ୍ମିତାର ପ୍ରତୀକ। ସୁଖରୁ ଉତ୍ପନ୍ନ ହେଉଥିବା କାମନା ହେଉଛି ରାଗ (ସୁଖାନୁଶାୟୀ ରାଗ)। ଏହା ସଂସ୍କାର ଭାବର ସ୍ମୃତିରେ ଅବସ୍ଥାନ କରିଥାଏ। ସୁଖ ଭୋଗ କରିବା ପାଇଁ ବାରମ୍ବାର ତୃଷ୍ଣା ଜାଗ୍ରତ ହୁଏ। ଏହା ପୂର୍ତ୍ତି ନ ହେଲେ କଷ୍ଟ ହୁଏ। ଅନ୍ତଃକରଣରେ ସ୍ମୃତି ଭାବରେ ଅବସ୍ଥାନ କରୁଥିବା କାମନା ପୂର୍ତ୍ତି ନ ହେଲେ ଯେଉଁ କଷ୍ଟ ଅନୁଭୂତ ହୁଏ ତାହା ଦ୍ୱେଷ (ଦୁଃଖାନୁଶାୟୀ ଦ୍ୱେଷ)। ଏହା କ୍ରୋଧ, ରୋଷ ବା ଦ୍ୱେଷ ଭାବରେ ପ୍ରକଟିତ ହୋଇଥାଏ। ଇନ୍ଦ୍ରିୟ ଆସକ୍ତିରୁ କାମନା ଓ କାମନାରେ ବାଧା ଉତ୍ପନ୍ନ ହେଲେ କ୍ରୋଧ ସୃଷ୍ଟି ହୁଏ (ସଙ୍ଗାତ୍ ସଂଜାୟତେ କାମ, କାମାତ୍ କ୍ରୋଧଭିଜାୟତେ)। ମୃତ୍ୟୁର ଭୟ ହେଉଛି ଅଭିନିବେଶ। ଈଶ୍ୱର ଏହି ୫ ଗୋଟି କ୍ଲେଶରୁ ମୁକ୍ତ। କର୍ମ ୩ ପ୍ରକାର– ଶୁଭ, ଅଶୁଭ ଓ ମିଶ୍ରିତ। କର୍ମରୁ ସୃଷ୍ଟି ହେଉଥିବା ଫଳ ଯାହାକୁ କର୍ମଫଳ କୁହାଯାଏ ତାହା ୨ ପ୍ରକାର– ସୁଖ ଓ ଦୁଃଖ। ଆଶୟ ଅର୍ଥାତ୍ ବାସନା ଯାହା କର୍ମଫଳରୁ ସୃଷ୍ଟି ଓ ସ୍ମୃତି ଫଳକରେ ସଂସ୍କାର ଭାବରେ ଅବସ୍ଥାନ କରିଥାଏ। ଏହି ବାସନା ସ୍ଥାନ, କାଳ ଓ ପାତ୍ର ଅନୁସାରେ ପ୍ରକଟିତ ହୋଇ ଜୀବକୁ କର୍ମ ବନ୍ଧନରେ ବାନ୍ଧିରଖି ଜନ୍ମ–ମୃତ୍ୟୁ ଚକ୍ରରେ ଘାଣ୍ଟୁଥାଏ। ଈଶ୍ୱର ଏହି ପଞ୍ଚ କ୍ଲେଶ, ତିନି ପ୍ରକାର କର୍ମ ତଥା କର୍ମଫଳ ଓ କର୍ମଫଳରୁ ସୃଷ୍ଟି ବାସନାରୁ ଅସମ୍ପୃକ୍ତ ବା ମୁକ୍ତ। ପତଞ୍ଜଳି ଯୋଗ ଦର୍ଶନ ଅନୁସାରେ ଏହା ହେଉଛି ଈଶ୍ୱରଙ୍କର ସ୍ୱରୂପ।

ମୋ: ୭୮୪୮୮୫୦୯୫୦

## ଏଇ ଭାରତରେ

ନାଗାଲାଣ୍ଡର ପାହାଡ଼ିଆ ଅଞ୍ଚଳରେ ଉତ୍ପାଦିତ କୃଷିଜାତ ଦ୍ରବ୍ୟକୁ ଶୁଖାଇ ସୁରକ୍ଷିତ ଭାବେ ରଖିବା ପାଇଁ ୨୬ ବର୍ଷୀୟ ସୁଇଭେଜୋ ଡୁଜୁଡୋ ଏକ ସୋଲାର ଡ୍ରାଏର ନିର୍ମାଣ କରିଛନ୍ତି। ଏବେ ଏହାକୁ ନାଗାଲାଣ୍ଡରେ ୫୦୦ରୁ ଊର୍ଦ୍ଧ୍ୱ କୃଷକ ବ୍ୟବହାର କରୁଛନ୍ତି। ଡୁଜୁଡୋ ସେଣ୍ଟ୍ ଜୋଶେଫ୍ ବିଶ୍ୱବିଦ୍ୟାଳୟରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିବା ପରେ କୌଣସି ଚାକିରି ଅନ୍ୱେଷଣ ନ କରି ସିଧା ତାଙ୍କ ଗାଁ ପୋରବକୁ ଫେରି କୃଷକଙ୍କୁ ସାହାଯ୍ୟ କରିବାକୁ ନିଷ୍ପତ୍ତି ନେଇଥିଲେ। ପିଲାବେଳୁ ଗାଁରେ କୃଷକମାନଙ୍କ ଉତ୍ପାଦ ନଷ୍ଟ ହେବା ଲକ୍ଷ୍ୟ କରିଥିଲେ। ଏଣୁ ସେ ଏକ ସୋଲାର ଡ୍ରୟର ନିର୍ମାଣ ଆରମ୍ଭ କରିଥିଲେ। ସୋଲାର ଡ୍ରୟରର ମୁଖ୍ୟ ଢାଞ୍ଚା ବାଉଁଶ ଓ କାଠରେ ହୋଇଥିବା ଯୋଗୁ ଏହା ହାଲୁକା ହୋଇଛି। ପାଞ୍ଚ ଫୁଟିଆ ଡ୍ରୟରର ମୂଲ୍ୟ ୭,୦୦୦ ଟଙ୍କା, ଯାହା ଅନ୍ୟ ଡ୍ରୟର ତୁଳନାରେ ଶସ୍ତା। ଏହା ବ୍ୟତୀତ ୧୦ ଫୁଟ ଲମ୍ବ ଓ ୧୦ ଫୁଟ ଚଉଡାର ଡ୍ରୟରର ଦାମ୍ ୨୫,୦୦୦ରୁ ୩୦,୦୦୦ ଟଙ୍କା ରଖାଯାଇଛି।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

### ୧୮ ଜୁଲାଇ ୧୯୭୬

- ଢେଙ୍କାନାଳ ଜିଲାରେ ଗରିବ, ବାସହୀନ ଓ ବେକାର ଲୋକମାନଙ୍କୁ ଆତ୍ମନିର୍ଭରଶୀଳ କରିବା ଉଦ୍ଦେଶ୍ୟରେ ୫ଟି ଉନ୍ନୟନମୂଳକ ଯୋଜନା ଉଦ୍‌ଘାଟିତ।
- ପ୍ରଖ୍ୟାତ ଶିକ୍ଷାବିତ୍, ପଣ୍ଡିତ ଓ ପ୍ରଶାସକ ଡଃ. ଏ. ରାମସ୍ୱାମୀ ମୁଦାଲିୟରଙ୍କ ୮୯ ବର୍ଷ ବୟସରେ ପରଲୋକ।
- ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଉପଗ୍ରହ ମାଧ୍ୟମରେ ଟେଲିଫୋନ ଓ ଟେଲେକ୍ସ ଯୋଗଯୋଗ ସ୍ଥାପନ।

## su | do | ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 5 | 9 | | 4 | | | | 7 |
| | | | 2 | | 1 | | | |
| | 4 | | | | 5 | | | |
| | | 4 | | | | | | |
| | | 7 | | | 4 | | 5 | 1 |
| 2 | | 1 | | | | | 6 | 4 |
| | | | | 8 | 9 | | | |
| | | 3 | 6 | | | 1 | | |
| | | | | | | 7 | | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 5 | 2 | 9 | 8 | 4 | 6 | 3 | 7 |
| 7 | 3 | 8 | 5 | 6 | 2 | 9 | 4 | 1 |
| 6 | 4 | 9 | 7 | 3 | 1 | 8 | 5 | 2 |
| 3 | 1 | 6 | 8 | 2 | 9 | 4 | 7 | 5 |
| 9 | 7 | 4 | 1 | 5 | 6 | 2 | 8 | 3 |
| 8 | 2 | 5 | 4 | 7 | 3 | 1 | 9 | 6 |
| 4 | 9 | 3 | 2 | 1 | 7 | 5 | 6 | 8 |
| 5 | 6 | 1 | 3 | 4 | 8 | 7 | 2 | 9 |
| 2 | 8 | 7 | 6 | 9 | 5 | 3 | 1 | 4 |

ଗତକାଲିର ଉତ୍ତର

# ରାଜନୀତି ବନାମ ରାଜ୍ୟନୀତି



ଅନନ୍ତ ଚରଣ ସ୍ୱାଇଁ

ସମାଜ, ଦେଶ ଓ ରାଜ୍ୟର ମଙ୍ଗଳ ପାଇଁ ଲାଗୁ ହେଉଥିବା ବିଭିନ୍ନ ନୀତି, ନିୟମ ଯୋଜନା ଓ କାର୍ଯ୍ୟକ୍ରମଗୁଡିକ ରାଜ୍ୟ ନୀତିରେ ଅନ୍ତର୍ଭୁକ୍ତ। ରାଜ୍ୟନୀତିଗୁଡିକ ମୁଖ୍ୟତଃ ଦୀର୍ଘସୂତ୍ରୀ ଏବଂ ବହୁ ବିଚାରବିମର୍ଶ ପରେ ଏହା ପ୍ରଣୟନ କରାଯାଏ। ନିର୍ବାଚିତ ପ୍ରତିନିଧିମାନେ ନିୟମ ପ୍ରଣୟନ କରିଥାଆନ୍ତି। ଜନସାଧାରଣଙ୍କ ସୁବିଧା ନିମନ୍ତେ ଯେଉଁସବୁ ଯୋଜନା ବା କାର୍ଯ୍ୟକ୍ରମ ଅଣାଯାଏ ସେଗୁଡିକ ରାଜ୍ୟନୀତି।

ରାଜନୀତି ହେଉଛି ରଜାମାନଙ୍କ ନୀତି। ଏବେ ତ ଆଉ ରଜାମାନେ ନାହାନ୍ତି। ଏଣୁ ଶାସକ ବା ଶାସନକୁ ପ୍ରଭାବିତ କରୁଥିବା ବ୍ୟକ୍ତିମାନେ ସେମାନଙ୍କୁ ସୁହାଇଲା ଭଳି ଯେଉଁ ନୀତିକୁ ଆୟୁଧ କରିଥାଆନ୍ତି ତାହାକୁ ରାଜନୀତି କୁହାଯାଏ। ସବୁ ରାଜନୀତି ଭୁଲ୍ ନୁହେଁ। ଠିକ୍ ନୀତିକୁ ଭୁଲ୍ ବୋଲି ପ୍ରମାଣ କରିବା ବା ପ୍ରଚାର କରିବା ହେଉଛି ଏକ ପ୍ରକାର ରାଜନୀତି। ସ୍ୱାର୍ଥଭିତ୍ତିକ ନୀତିର ପ୍ରଚାର ପ୍ରସାର ଓ ପ୍ରଣୟନରେ ରାଜନୀତି ଆଗରେ। ରାଜନୀତିରୁ ସୃଷ୍ଟି ହେଉଥିବା କେତେକ ନୀତି ସମୟକ୍ରମେ ରାଜ୍ୟନୀତିରେ ପରିଣତ ହୋଇଥାଏ।

ରାଜନୈତିକ ଲାଭ ପାଇଁ କେତେକ ନିର୍ଦ୍ଦିଷ୍ଟ ବର୍ଗର ଲୋକଙ୍କୁ ଆର୍ଥିକ ସହାୟତା ସେମାନଙ୍କ ଭିତରେ ସାମୟିକ ସନ୍ତୁଷ୍ଟି ଆଣିଥାଏ ସତ, କିନ୍ତୁ ସହାୟତା ରାଶିରେ ମଝିରେ ମଝିରେ ବୃଦ୍ଧି ନ ହେଲେ ଏହା ଅସନ୍ତୁଷ୍ଟର କାରଣ ହୋଇଥାଏ। ଆର୍ଥିକ ସହାୟତା ସମସ୍ତ ହିତାଧିକାରୀଙ୍କୁ କର୍ମଠ କରି ନ ଥାଏ ବରଂ ଅଧିକାଂଶ ଏହାର ଦୁରୁପଯୋଗ କରିଥାଆନ୍ତି ଏବଂ ଆଳସ୍ୟର ଶିକାର ହୋଇଥାଆନ୍ତି। ଆର୍ଥିକ ସହାୟତାକୁ ସର୍ବଦା ବଢାଇ ଚାଲିବା ସମ୍ଭବ ନୁହେଁ। ଏହା ରାଜ୍ୟର ଆର୍ଥିକ ସ୍ଥିତିକୁ ଦୁର୍ବଳ କରିଦିଏ। ରାଜ୍ୟର ଉନ୍ନତିମୂଳକ କାର୍ଯ୍ୟରେ ବାଧା ସୃଷ୍ଟି କରେ। ଭୋଟରମାନଙ୍କୁ ଆକୃଷ୍ଟ କରିବାକୁ ଆର୍ଥିକ ସହାୟତା ଦେବା ଦ୍ୱାରା ଦେଶର ଗଠନମୂଳକ କାମ ପାଇଁ ପୁଞ୍ଜିର ଅଭାବ ପଡେ। କରଦାତାମାନଙ୍କ ପ୍ରଦତ୍ତ ଅର୍ଥକୁ ମାଗଣାରେ ବାଣ୍ଟିଦେବା କେତେ ଯଥାର୍ଥ ଓ ଯୁକ୍ତିସଙ୍ଗତ ତାହା ବିଚାର୍ଯ୍ୟ।

ଆର୍ଥିକ ସହାୟତା ସର୍ବଦା ଅନୁକୂଳ ପରିସ୍ଥିତି ସୃଷ୍ଟି କରି ନ ଥାଏ। ଏ ସମ୍ବନ୍ଧରେ ସାମାଜିକ ମନସ୍ତତ୍ତ୍ୱବିତ୍‌ଙ୍କ ଭିତରେ ଆଲୋଚିତ ଏକ କୌତୂହଳ ପ୍ରସଙ୍ଗ ଏଠାରେ ଉଲ୍ଲେଖଯୋଗ୍ୟ। ଗ୍ରାମର ଜଣେ ବୃଦ୍ଧ ଜ୍ଞାନୀ ବ୍ୟକ୍ତିଙ୍କର ଥାଏ ଏକ ଫଳବଗିଚା। ବୃଦ୍ଧ ବ୍ୟକ୍ତି ଜଣଙ୍କ ଏହି ବଗିଚାର ଦେଖାରଖା କରନ୍ତି। ବଗିଚାରୁ ଫଳ ଚୋରାଇବା ଆଶାରେ ଗାଁର କିଛି ଦୁଷ୍ଟ ପିଲା ସେଠାକୁ ଆସିଲେ। ବଗିଚାକୁ ଜଗି ରହିଥିଲେ ବୃଦ୍ଧ। ବଗିଚାରୁ ଫଳ ନେଇ ନ ପାରି ଦୁଷ୍ଟ ପିଲାମାନେ ତାଙ୍କୁ ଗାଳିଗୁଲଜ କଲେ। ଅନ୍ୟ କେହି ହୋଇଥିଲେ ହୁଏତ ପିଲାମାନଙ୍କ ଅଭିଭାବକ କିମ୍ବା ପୋଲିସକୁ ସେମାନଙ୍କ ବିରୋଧରେ ଅଭିଯୋଗ କରିଥାଆନ୍ତେ। କିନ୍ତୁ ଚତୁର ବୃଦ୍ଧ ଜଣଙ୍କ ପିଲାଙ୍କୁ ପାଖକୁ ଡାକି କହିଲେ 'ତମମାନଙ୍କର ଗାଳି ମୋତେ ଭଲ ଲାଗୁଛି। ପ୍ରତିଦିନ ଏହିପରି ମୋତେ ଗାଳି ଶୁଣାଇବ। ପ୍ରତିବଦଳରେ ମୁଁ ପ୍ରତ୍ୟେକଙ୍କୁ ଦଶଟଙ୍କା ଲେଖାଏ ଦେବି।' ପିଲାମାନେ ଦଶଟଙ୍କା ଲେଖାଏ ନେଇ ଖୁସିରେ ଘରକୁ ଚାଲିଗଲେ। ପରଦିନ ମଧ୍ୟ ବୃଦ୍ଧଙ୍କୁ ଗାଳି କଲେ ଏବଂ ନିଜ ନିଜର ପ୍ରାପ୍ୟ ପାଇଲେ। ଏହିପରି ଏକ ସପ୍ତାହ ଚାଲିଲା।



ପର ସପ୍ତାହରେ ପିଲାମାନେ ଆସି ସେମାନଙ୍କର ଅଶ୍ରାବ୍ୟ ଗାଳି ଚାଲୁ ରଖିଲେ। ବୃଦ୍ଧ ଜଣଙ୍କ ସେମାନଙ୍କୁ କହିଲେ, 'ପିଲାମାନେ! ମୋର ଆର୍ଥିକ ସ୍ଥିତି ଦିନକୁ ଦିନ ଖରାପ ହୋଇଯାଉଛି। ସେଥିପାଇଁ ଦିନକୁ ଦଶ ଟଙ୍କା ପରିବର୍ତ୍ତେ ମୁଁ ପ୍ରତ୍ୟେକଙ୍କୁ ପାଞ୍ଚ ଟଙ୍କା ଲେଖାଏ ଦେବି।' ଦ୍ୱିତୀୟ ସପ୍ତାହରେ ଗାଳି ବାବଦରେ ଦିନକୁ ପାଞ୍ଚଟଙ୍କା ପାଇ ପିଲାମାନେ ଖୁସି ଥିଲେ। ତୃତୀୟ ସପ୍ତାହ ପ୍ରାରମ୍ଭରେ ବୃଦ୍ଧ ଜଣଙ୍କ କହିଲେ ଓ ଗାଳି ପାଇଁ ପ୍ରତିଦିନ ପାଞ୍ଚ ଟଙ୍କା ବଦଳରେ ମୁଁ ପ୍ରତ୍ୟେକଙ୍କୁ ପଚାଶ ପଇସା ଲେଖାଏ ଦେବି।' ଏକଥା ଶୁଣି ପିଲାମାନେ ବିଚାର କଲେ। ବୃଦ୍ଧ ଜଣଙ୍କ ବହୁତ ଚାଲାକ। ଆମ ଗାଳି ଭଲ ଲାଗୁଛି ବୋଲି ପ୍ରଥମେ ଦଶ ଟଙ୍କା, ପର ସପ୍ତାହରେ ପାଞ୍ଚ ଟଙ୍କାରେ ଆମକୁ ରାଜି କରାଇଲେ। ଏବେ ଦୈନିକ ପ୍ରାପ୍ୟ ପାଞ୍ଚ ଟଙ୍କାରୁ ଖସି ପଚାଶ ପଇସାରେ ପହଞ୍ଚିଲାଣି। ଆମେ କ'ଣ ଏତେ ଶସ୍ତା ହୋଇଗଲେ ? ଏଣୁ ପିଲାମାନେ ସମୂହ ନିଷ୍ପତ୍ତି ନେଲେ ଯେ ସେମାନେ ଆଉ ଗାଳି କରିବେ ନାହିଁ ଏବଂ ବୃଦ୍ଧଙ୍କର ନୂଆ ପ୍ରସ୍ତାବରେ ରାଜି ନୁହନ୍ତି।

ଏହି ଗଳ୍ପରୁ ଆମକୁ କେତେକ ଶିକ୍ଷା ମିଳେ। ଦୁଷ୍ଟ ପିଲାମାନଙ୍କୁ ବଗିଚାରୁ ଫଳ ନେବାକୁ ବାରଣ କରିଥିଲେ ହୁଏତ ସେମାନେ ଏଥିରେ ରାଜି ନ ହୋଇ ଫଳ ନେବାକୁ ଅନ୍ୟ ଉପାୟ ଅବଲମ୍ବନ କରିଥାଆନ୍ତେ। ପିଲାଙ୍କ ଦୁଷ୍ଟାମି ପ୍ରକୃତି ବିଷୟରେ ପୋଲିସକୁ ଅବଗତ କରାଇଥିଲେ ଏଥିରୁ କିପ୍ରକାର ଫଳ ମିଳିଥାଆନ୍ତା ତାହା ମଧ୍ୟ କହିହେବ ନାହିଁ। ଏହି ସବୁ ବଦଳରେ ଚତୁର ବୃଦ୍ଧ ଜଣଙ୍କ ଯେଉଁ ରାସ୍ତାଟି ବାଛିଲେ ସେଥିରେ ପିଲାମାନେ ବୃଦ୍ଧଙ୍କ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କଲେ।

ଚତୁର ବୃଦ୍ଧ ନିଜ ବଗିଚାର ସୁରକ୍ଷାକୁ ଦୃଷ୍ଟିରେ ରଖି ରାଜନୀତିର ପଶା ଚଳାଇଲେ। ଏଥିରେ ସଫଳ ହେଲେ। ଟଙ୍କା ପାଉଥିବା ବ୍ୟକ୍ତି ନିଜ ଇଚ୍ଛା ବିରୋଧରେ ଟଙ୍କା ଦେଉଥିବା ବ୍ୟକ୍ତିର ଉଦ୍ଦେଶ୍ୟ ପୂରଣ ପାଇଁ କାମ କରେ। ଅନୁଦାନ ବା ଆର୍ଥିକ ସହାୟତା ସାମୟିକ ଭାବେ ଦାତାର ଲକ୍ଷ୍ୟ ପୂରଣ କରିବାରେ ସଫଳ ହୋଇପାରେ, କିନ୍ତୁ ଏହା ଦୀର୍ଘସ୍ଥାୟୀ ନୁହେଁ। ମାଗଣାରେ ଉପଲବ୍ଧ ସାମଗ୍ରୀକୁ ଲୋକେ ବହୁତ ହାଲୁକା ଭାବେ ନେଇଥାଆନ୍ତି। ଆଫ୍ରିକାରେ ମ୍ୟାଲେରିଆ ପ୍ରାଦୁର୍ଭାବରୁ ରକ୍ଷା ପାଇବା ପାଇଁ ସେଠାର ବାସିନ୍ଦାଙ୍କୁ ମାଗଣାରେ ମଶାରି ବଣ୍ଟାଗଲା। ଏହାର ଉଦ୍ଦେଶ୍ୟ ଥିଲା ଯେ ଲୋକେ ମ୍ୟାଲେରିଆ ସୃଷ୍ଟିକାରୀ ମଶା ଦାଉରୁ ରକ୍ଷା ପାଇବେ। ଦେଖାଗଲା କିଛି ଲୋକ ମଶାରିକୁ ମାଛ ଧରିବା, ତକିଆ କରି ଶୋଇବା ଏବଂ ଖାଦ୍ୟ ଶସ୍ୟକୁ ଘୋଡାଇ ରଖିବା ପାଇଁ ବ୍ୟବହାର କରୁଛନ୍ତି। ଫଳରେ ମାଗଣାରେ ମଶାରି ଯୋଗାଇବାର ଉଦ୍ଦେଶ୍ୟ ଶତ ପ୍ରତିଶତ ଫଳପ୍ରଦ ହୋଇପାରିଲା ନାହିଁ।

କରଦାତାଙ୍କ ଦେୟ ଉନ୍ନତିମୂଳକ କାର୍ଯ୍ୟରେ ଲାଗିବା ସ୍ୱାଗତଯୋଗ୍ୟ, କିନ୍ତୁ ଏହାକୁ କିଛି ଲୋକଙ୍କୁ ମାଗଣାରେ ବାଣ୍ଟିବା ହେଉଛି ରାଜନୀତି। ରାଜସ୍ୱକୁ ଲୋକମାନଙ୍କ ଆୟ ବଢାଇବାକୁ ଆର୍ଥିକ ସହାୟତା, ଗୃହ, ଶିକ୍ଷା, ସ୍ୱାସ୍ଥ୍ୟ, ପରିବହନ, ଜନ ସୁରକ୍ଷା ଆଦି କ୍ଷେତ୍ରରେ ବିନିଯୋଗ ହେଉଛି ଆଦର୍ଶ ରାଜ୍ୟନୀତି। ଜନତାଙ୍କୁ ଆକୃଷ୍ଟ କରିବା ପାଇଁ ଉଦ୍ଦେଶ୍ୟବିହୀନ ଆର୍ଥିକ ଅନୁଦାନର ଲକ୍ଷ୍ୟ ସଫଳ ହୋଇ ନ ଥାଏ। ଟଙ୍କା ବାଣ୍ଟିବା ହେଉଛି ରାଜନୀତି। ଏହି ଟଙ୍କାର ଉପଯୁକ୍ତ ବିନିଯୋଗ ପାଇଁ ପ୍ରଣିତ ନିୟମକାନୁନ ହେଉଛି ରାଜ୍ୟନୀତି। ରାଜନୀତିର ଊର୍ଦ୍ଧ୍ୱରେ ରାଜ୍ୟନୀତି। ରାଜନୀତି ଅପେକ୍ଷା ରାଜ୍ୟନୀତିକୁ ଅଧିକ ଗୁରୁତ୍ୱ ଦେଲେ ରାଜ୍ୟ ସମୃଦ୍ଧ ଓ ବିକଶିତ ହୋଇପାରିବ।

**ପଲେଇ, ଚାନ୍ଦୋଳ, କେନ୍ଦ୍ରାପଡା**
**ମୋ:୭୩୮୧୦୪୬୪୭୭**

# ପାଠକ ଶ୍ରେଷ୍ଠ ବିଚାରକ

## ସୁରକ୍ଷାକୁ ପ୍ରାଧାନ୍ୟ ଦିଆଯାଉ

ମହାଶୟ,

ଭାରତର ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟିରେ ଓଡ଼ିଶା ଶ୍ରେଷ୍ଠ ପାଞ୍ଚ ରାଜ୍ୟରେ ଗୋଟିଏ ବୋଲି ପରିଚିତ ହେଲା। ତେବେ ମଣିପୁର ପରି ଓଡ଼ିଶା ମଧ୍ୟ ଅସୁରକ୍ଷିତ ବୋଲି କୁହାଯାଉଛି। ଝିଅମାନେ ଏଠାରେ ଅସୁରକ୍ଷିତ। ବାହାରୁ କେହି ପର୍ଯ୍ୟଟକ ବୁଲିବାକୁ ଆସିଲେ ଏଠି ନିରାପଦ ମଣୁନାହାନ୍ତି। ଏଥିପାଇଁ ଦାୟୀ କିଏ ? ଏଠାରେ ସରକାର ବା ପ୍ରଶାସନ କ'ଣ ଏଥିପାଇଁ ଦାୟୀ ନୁହନ୍ତି। ରାଜ୍ୟରେ ସରକାର ଆସୁଛନ୍ତି ଯାଉଛନ୍ତି। କିନ୍ତୁ ଜନସାଧାରଣ କ'ଣ ପାଉଛନ୍ତି ଓ କେମିତି ରହୁଛନ୍ତି, ତାହା କେହି ଚିନ୍ତା କରୁନାହାନ୍ତି। ଝିଅ ବୋହୂମାନଙ୍କ ଉପରେ ଅତ୍ୟାଚାର ବଢିଚାଲିଛି। ସମାଜର ଚୋରି ଡକାୟତି ତଥା ହିଂସାର କ'ଣ କୌଣସି ପ୍ରତିକାର ନାହିଁ। ତା'ହେଲେ ସରକାର କାହିଁକି କିଛି କରୁନାହାନ୍ତି। ଜନସାଧାରଣ ସଚେତନ ହେବା ସହ ସରକାର ମଧ୍ୟ ଏଥିପ୍ରତି କଠୋର ଦୃଷ୍ଟି ଦିଅନ୍ତୁ। ଶିକ୍ଷା, ସ୍ୱଚ୍ଛତା ଏବଂ ଆର୍ଥିକ ପରିସ୍ଥିତି ସହିତ ସୁରକ୍ଷାକୁ ମଧ୍ୟ ପ୍ରାଧାନ୍ୟ ଦିଆଯାଉ।

**–ପୁଷ୍ପା ମହାନ୍ତି, ସାଇ ବିହାର, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ନିବିଡ଼ ଆଶ୍ଳେଷେ ଆଜି
ନିବିଡ଼ ଏ ଘନରାଜି
ଆବୋରିଛି ଆକାଶର ବକ୍ଷ,
ବ୍ୟଥିତ ଧରଣୀ ପରେ
ଏକା ମୁଁ ବେଦନାଭରେ
ନୀରବ ନିଶୂନ୍ୟ ମୋର କକ୍ଷ !

–(ଆଶ୍ଳେଷ ସ୍ୱର୍ଗ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଥାନା ଅଧିକାରୀଙ୍କ ସହ ୧୫ କର୍ମଚାରୀଙ୍କୁ ଅଟକ

ପାଟଣାଗଡ଼, ୧୭।୭
(ସଚ୍ଚିଦାନନ୍ଦ ମହାକୁର)

ବଲାଙ୍ଗୀର ଜିଲା ପାଟଣାଗଡ଼ ଥାନା ଭଇଁଷା ଗାଁ ନୂଆପଡ଼ାର ମଧୁସୂଦନ ବର୍ଗେଙ୍କ ନାବାଳିକା ଝିଅ ଭୂମିସୁତା(୧୦)ଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାର ତଦନ୍ତ ପାଇଁ ଗୁରୁବାର ପୋଲିସ ଟିମ୍ ଯାଇଥିବା ବେଳେ ଗ୍ରାମବାସୀଙ୍କ ଆକ୍ରୋଶର ଶିକାର ହୋଇଛି। ଅଭିଯୁକ୍ତଙ୍କୁ ପୂର୍ବରୁ ଥାନାକୁ ନେଇ ଛାଡି ଦେଇଥିବାରୁ ଅସନ୍ତୁଷ୍ଟ ଗ୍ରାମବାସୀ ଥାନା ଅଧିକାରୀଙ୍କ ସହ ୧୫ ଜଣ ପୋଲିସ କର୍ମଚାରୀଙ୍କୁ ପ୍ରାୟ ୬ ଘଣ୍ଟା ଧରି ଅଟକ ରଖି ପରେ ଛାଡିଦେଇଥିବା ଖବର ମିଳିଛି। ପୋଲିସ ଏହି ଘଟଣାରେ ପଡୋଶୀ ଘରର ୩ ଅଭିଯୁକ୍ତଙ୍କୁ ପୁଣି ସନ୍ଧ୍ୟାରେ ଥାନାକୁ ନେଇ ପଚରାଉଚୁରା ଚଳାଇଛି।

ପ୍ରକାଶ ଯେ, ନାବାଳିକା ଭୂମିସୁତାଙ୍କ ଝୁଲନ୍ତା ମୃତଦେହ ଗତ ଜୁନ ୧୫ ତାରିଖ ଦିନ ତାଙ୍କ ଘରୁ ପୋଲିସ ଜବତ କରିଥିଲା। ଉକ୍ତ ଘଟଣାରେ ପଡୋଶୀ ଘର ମା', ଝିଅ ଓ ବୋହୂ ମିଶି ତାଙ୍କ ଝିଅର ତଣ୍ଟି ଚିପି ହତ୍ୟା କରିବା ପରେ ଆତ୍ମହତ୍ୟାର ରୂପ ଦେଇଥିବା ନେଇ ମୃତା ନାବାଳିକାଙ୍କ ବାପା ଓ ମାମୁ ଜୁନ ୧୬ ତାରିଖ ଦିନ ପାଟଣାଗଡ଼ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ


ପରିବାର ଲୋକଙ୍କ ସହ ଭଇଁଷା ଗ୍ରାମବାସୀ ପୋଲିସ କର୍ମଚାରୀଙ୍କୁ ଅଟକ ରଖିଛନ୍ତି।

## ଘର ଭିତରୁ ନାବାଳିକାଙ୍କ ଝୁଲନ୍ତା ମୃତଦେହ ଜବତ ଘଟଣା
## ଅଭିଯୁକ୍ତମାନଙ୍କୁ ଗିରଫ ଦାବି କଲେ ଗ୍ରାମବାସୀ

ପୋଲିସ ଏକ ମାମଲା ରୁଜୁ କରି ପରିବାରବର୍ଗଙ୍କୁ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ ରହସ୍ୟ ଜଣାପଡିବ ବୋଲି କହି ଦିନ ଗଡ଼ାଇ ଚାଲିଥିଲା। ତେବେ ଗତ ୫ ତାରିଖ ଦିନ ପରିବାରବର୍ଗଙ୍କ ସହ ଉକ୍ତ ପଡାର ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ମହିଳା ବଲାଙ୍ଗୀରଠାରେ ଜିଲା ଆରକ୍ଷୀ ଅଧୀକ୍ଷକଙ୍କୁ ସାକ୍ଷାତ କରିଥିବା ବେଳେ ନାବାଳିକାଙ୍କ ବାପା ପୁନର୍ବାର ଘଟଣା ସମ୍ପର୍କରେ ଲିଖିତ ଅଭିଯୋଗ କରିଥିଲେ। ଏସ୍‌ପି ଅଭିଲାଷ ଜୀ.ଙ୍କ ହସ୍ତକ୍ଷେପ ପରେ ପାଟଣାଗଡ଼ ପୋଲିସର ଏକ ଟିମ୍ ପଡୋଶୀ ପରିବାରର ଅଭିଯୁକ୍ତ ୩ ଜଣଙ୍କୁ ସେହିଦିନ ସନ୍ଧ୍ୟାରେ ଥାନାକୁ ଉଠାଇ ଆଣି ଅଟକ ରଖି ତାପରଦିନ ସେମାନଙ୍କୁ ଛାଡି ଦେଇଥିଲା। ଏହାକୁ ନେଇ ପରିବାରବର୍ଗଙ୍କ ସହ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଲାଗି ରହିଥିଲା।

ଗୁରୁବାର ଅପରାହ୍ନ ଗୋଟାଏ ସମୟରେ ଥାନା ଅଧିକାରୀ ହରିବନ୍ଧୁ ଗଡତ୍ୟାଙ୍କ ନେତୃତ୍ୱରେ ଦୁଇଟି ପୋଲିସ ଗାଡ଼ିରେ ୧୫ରୁ ଊର୍ଦ୍ଧ୍ୱ କର୍ମଚାରୀ ଆସି ଅଭିଯୁକ୍ତଙ୍କ ଘର ସମ୍ମୁଖରେ ଅଟକିଥିଲେ। ସେମାନଙ୍କ ମଧ୍ୟରୁ ଥାନା ଅଧିକାରୀଙ୍କ ସହ କେତେଜଣ କର୍ମଚାରୀ ଅଭିଯୁକ୍ତଙ୍କ ଘର ଭିତରକୁ ଯାଇ ଦୀର୍ଘ ସମୟ ପର୍ଯ୍ୟନ୍ତ ରୁଦ୍ଧଦ୍ୱାର ବୈଠକ କରିଥିଲେ, ଯାହାକୁ ନେଇ ମୃତା ନାବାଳିକାଙ୍କ ପରିବାରବର୍ଗ ଓ ଗ୍ରାମବାସୀଙ୍କ ମନରେ ସନ୍ଦେହ ଉପୁଜିଥିଲା। ଏ ନେଇ ବାହାରେ ଥିବା ପୋଲିସ କର୍ମଚାରୀମାନଙ୍କୁ ଲୋକେ ପଚାରି ବୁଝିଥିଲେ। ସେମାନଙ୍କଠାରୁ କୌଣସି ସନ୍ତୋଷଜନକ ଉତ୍ତର ନ ପାଇବାରୁ ଗ୍ରାମବାସୀ ଏକତ୍ରିତ ହୋଇ ପୋଲିସ ଗାଡ଼ି ସହ କର୍ମଚାରୀମାନଙ୍କୁ ଘେରାଉ କରି ରଖିଥିଲେ। ଯେପର୍ଯ୍ୟନ୍ତ ଜିଲା ଆରକ୍ଷୀ ଅଧୀକ୍ଷକ ଏବଂ ଜିଲାପାଳ ନ ଆସିବେ ସେ ପର୍ଯ୍ୟନ୍ତ ପୋଲିସ କର୍ମଚାରୀମାନଙ୍କୁ ଛାଡିବୁ ନାହିଁ ବୋଲି ଗ୍ରାମବାସୀ ଜିଦରେ ଅଟଳ ରହିଥିଲେ। ଖବର ପାଇ ଅପରାହ୍ନ ୫ଟା ୨୦ରେ ଏସ୍‌ଡିପିଓ ସଦାନନ୍ଦ ପୂଝାରୀଙ୍କ ସହ ପୋଲିସ ଫୋର୍ସ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲେ। ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ଏସ୍‌ଡିପିଓ ପୂଝାରୀ ଲୋକଙ୍କୁ ପ୍ରତିଶ୍ରୁତି ଦେବା ପରେ ପୋଲିସ ଗାଡି ସହ କର୍ମଚାରୀଙ୍କୁ ଗ୍ରାମବାସୀ ଛାଡିଦେଇଥିବା ଜଣାଯାଇଛି।

ସୂଚନାଯୋଗ୍ୟ, ମଧୁସୂଦନ ବର୍ଗେ ଓ ବନୀତାଙ୍କ ଏକମାତ୍ର ଝିଅ ଥିଲେ ଭୂମିସୁତା। ସେ ଷଷ୍ଠ ଶ୍ରେଣୀରେ ପାଠ ପଢୁଥିବା ବେଳେ ଜଣେ ମେଧାବୀ ଛାତ୍ରୀ ଥିଲେ। ଘଟଣା ଦିନ ମା'ବାପା ବାହାରକୁ କୌଣସି କାମରେ ଯାଇ ଘରକୁ ଫେରିବା ପରେ ନାବାଳିକାଙ୍କ ମୃତ୍ୟୁ ଘଟିଥିବା ଦେଖିବାକୁ ପାଇଥିଲେ।

# ଏଫ୍‌ଏମ୍ ମହାବିଦ୍ୟାଳୟରେ ପୁଣି କ୍ରାଇମବ୍ରାଞ୍ଚ ଟିମ୍

ବାଲେଶ୍ୱର, ୧୭।୭ (ବାଞ୍ଛାନିଧି ଦେ)

ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଇଣ୍ଟିଗ୍ରେଟେଡ୍ ବିଏଡ୍‌ର ଦ୍ୱିତୀୟ ବର୍ଷର ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମାହୁତି ମାମଲାରେ ପୁଣିଥରେ ତଦନ୍ତ ପାଇଁ ଗୁରୁବାର ମହାବିଦ୍ୟାଳୟରେ ପହଞ୍ଚିଛି କ୍ରାଇମବ୍ରାଞ୍ଚର ୫ଜଣିଆ ଟିମ୍। କ୍ରାଇମବ୍ରାଞ୍ଚର ସିଏଡବ୍ଲ୍ୟୁ ଓ ସିଡବ୍ଲ୍ୟୁ ଶାଖାର ଆଇଜି ଏସ୍ ସାଇନିଙ୍କ ତତ୍ତ୍ୱାବଧାନରେ ଟିମ୍ ଲିଡର ଡିଏସ୍‌ପି ଇମାନ କଲ୍ୟାଣ ନାୟକ, ଇନ୍ସପେକ୍ଟର ପାଞ୍ଚାଲି ରାଉତ ଓ ଅନ୍ୟ ଜଣେ କନଷ୍ଟେବଲ, ସାଇଣ୍ଟିଫିକ୍ ଟିମ୍‌ର ସଦସ୍ୟ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟରେ ପହଞ୍ଚି ଆତ୍ମାହୁତି ମାମଲାର ତଥ୍ୟ ହାସଲ ନିମନ୍ତେ ପଚରାଉଚରା କରିଥିଲେ। ବାଲେଶ୍ୱର କ୍ରାଇମ ଡିଏସ୍‌ପି ତପସ୍ୱିନୀ କହଁର ଉପସ୍ଥିତ ଥିଲେ। ନୂତନ ଅଧ୍ୟକ୍ଷ ପ୍ରଫେସର ଫିରୋଜ ପାଢ଼ୀଙ୍କ ସହ ପ୍ରଥମେ ଆଲୋଚନା କରି ଇଣ୍ଟରନାଲ କମ୍ପ୍ଲେଣ୍ଟ କମିଟି (ଆଇସିସି)ର ସଦସ୍ୟଙ୍କୁ ଜଣ ଜଣ କରି ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ। ଗତ ୧୩ ଓ ୧୪ ତାରିଖରେ କ୍ରାଇମବ୍ରାଞ୍ଚର ଅତିରିକ୍ତ ଏସ୍‌ପି ରାଜଲକ୍ଷ୍ମୀ ନାୟକ ଓ ଡିଏସ୍‌ପି ନାୟକ ଦୁଇଦିନ ଧରି ୩ଘଣ୍ଟା ଲେଖାଏଁ ଘଟଣାର ବିଭିନ୍ନ ଦିଗ ଉପରେ ତଦନ୍ତ କରି ଫେରିଥିଲେ।


ତଦନ୍ତରେ ଆସିଥିବା କ୍ରାଇମବ୍ରାଞ୍ଚ ଟିମ୍।

## ସୌମ୍ୟାଶ୍ରୀ ଆତ୍ମାହୁତି ମାମଲା
## ଆଇସିସି ସଦସ୍ୟଙ୍କୁ ପଚରାଉଚରା

ସୌମ୍ୟାଶ୍ରୀଙ୍କ ମୃତ୍ୟୁ ପରେ ରାଜ୍ୟ ସରକାର ଏହି ଘଟଣାକୁ ଗୁରୁତ୍ୱର ସହ ନେଇଛନ୍ତି। ଘଟଣାର ସତ୍ୟାସତ୍ୟ କିଭଳି ଖୁବ୍‌ଶୀଘ୍ର ଲୋକଲୋଚନକୁ ଆସିବ ସେନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। କ୍ରାଇମବ୍ରାଞ୍ଚ ପୋଲିସ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ର ଏହି ମାମଲା(ସହଦେବଖୁଣ୍ଟା ଥାନାରେ ମାମଲା ନଂ. ୨୨୯/୨୫)ର ତଦନ୍ତ ପାଇଁ ଏକ ନିର୍ଦ୍ଦେଶନାମା ଜାରି କରିଥିଲେ। ତଦନ୍ତ ଭାର ଦାୟିତ୍ୱ ଡିଏସ୍‌ପି ଇମାନ କଲ୍ୟାଣ ନାୟକ ଓ ମାମଲାର ଆଇଓ ଭାବେ ଇନ୍ସପେକ୍ଟର ପାଞ୍ଚାଲି ରାଉତ ସହାୟତା କରିବେ ବୋଲି ନିର୍ଦ୍ଦେଶନାମାରେ ଦର୍ଶାଯାଇଥିଲା। ତଦନୁଯାୟୀ ଏହି ଟିମ୍ ଗୁରୁବାର କଲେଜରେ ପହଞ୍ଚି ସମସ୍ତ ଘଟଣାର ଅନୁଧ୍ୟାନ କରିଥିଲେ। ଗ୍ରାଉଣ୍ଡରୁ ସମସ୍ତ ତଥ୍ୟ ସଂଗ୍ରହ ନିମନ୍ତେ ତଦନ୍ତ ତ୍ୱରାନ୍ୱିତ କରିଥିଲେ। ଛାତ୍ରୀଙ୍କ ଆତ୍ମାହୁତି ଘଟଣାର ସମସ୍ତ ଦିଗକୁ ନେଇ ଆଇସିସିର ସଦସ୍ୟ ଓ କଲେଜ ଷ୍ଟାଫ୍‌ଙ୍କୁ ତଦନ୍ତ ପରିସରଭୁକ୍ତ କରିଛି। ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟରେ ଦୀର୍ଘ ୩ଘଣ୍ଟା ଧରି ପଚରାଉଚରା ଓ ରିପୋର୍ଟ ସଂଗ୍ରହ ପରେ ଆଇଜି ଏସ୍ ସାଇନି ଗଣମାଧ୍ୟମକୁ ପ୍ରତିକ୍ରିୟାରେ କହିଥିଲେ, ଠିକ୍ ଏବଂ ଯୋଜନା ବଦ୍ଧ ଭାବେ ତଦନ୍ତ ଜାରି ରହିଛି। କୌଣସି ନିଷ୍କର୍ଷ ପହଞ୍ଚିବା ପୂର୍ବରୁ ସୂଚନା ଦେବା ସମ୍ଭବ ନୁହେଁ। ପରବର୍ତ୍ତୀ ସମୟରେ ଏ ବାବଦରେ ସମସ୍ତ ତଥ୍ୟ ପ୍ରଦାନ କରାଯିବ ବୋଲି କହିଥିଲେ।

# ବିଦ୍ୟାଳୟର ୪ କର୍ମଚାରୀ ଗିରଫ

ଚମ୍ପୁଆ, ୧୭।୭ (ମହେଶ୍ୱର ଦାସ)

## ହଷ୍ଟେଲ ଛାତରୁ ଡେଇଁ ଛାତ୍ର ମୃତ୍ୟୁ ମାମଲା

କେନ୍ଦୁଝର ଜିଲା ଚମ୍ପୁଆସ୍ଥିତ ଏକ ଘରୋଇ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ଜଣେ ଛାତ୍ର ୪ ମହଲା ହଷ୍ଟେଲ ଛାତରୁ ଡେଇଁ ଆତ୍ମହତ୍ୟା କରିଥିଲେ। ଘଟଣାର ୫ ଦିନ ପରେ ଚମ୍ପୁଆ ପୋଲିସ ୪ ଜଣ ବିଦ୍ୟାଳୟ କର୍ମଚାରୀଙ୍କୁ ଗିରଫ କରିଛି। ଗିରଫ ବିଦ୍ୟାଳୟ କର୍ମଚାରୀ ହେଲେ ଦୈତାରୀ ସାହୁ, ଶଶିଶେଖର ଝା, ପ୍ରକାଶନ ଟି ଏବଂ ସୁରେନ୍ଦ୍ର ନାଥ ମିଶ୍ର।

ପ୍ରକାଶ ଯେ, ଗତ ୧୨ ତାରିଖରେ ବିଦ୍ୟାଳୟ ୪ ମହଲା ହଷ୍ଟେଲ ଛାତରୁ ଦଶମ ଶ୍ରେଣୀର ଛାତ୍ର କ୍ରିଷ୍ଣା ପ୍ରଧାନ ଡେଇଁ ଗୁରୁତର ହୋଇଥିଲେ। ତାଙ୍କୁ ବିଦ୍ୟାଳୟ କର୍ତ୍ତୃପକ୍ଷ ଚମ୍ପୁଆ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରିବାର ଲୋକେ ମାଡ଼ମରା ଓ ନିର୍ଯାତନା ଅଭିଯୋଗ ଆଣି ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଦାୟୀ କରିଥିଲେ। ଛାତ୍ର ମୃତ୍ୟୁକୁ ନେଇ ୧୦ ଘଣ୍ଟା ଧରି ବିଦ୍ୟାଳୟ ଓ ଡାକ୍ତରଖାନାରେ ଉତ୍ତେଜନା ଦେଖିବାକୁ ମିଳିଥିଲା। ଚମ୍ପୁଆ ଏସ୍‌ଡିପିଓ ରଶ୍ମିରଞ୍ଜନ ସାହୁ ଓ ଆଇଆଇସି ରମାକାନ୍ତ ମୁଦୁଲି ଘଟଣାସ୍ଥଳରେ ପହଞ୍ଚି ବିଭିନ୍ନ ଦିଗରୁ ଯାଞ୍ଚ ଆରମ୍ଭ କରିଥିଲେ। ସିସିଟିଭି ଯାଞ୍ଚ ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ଘଟଣା ବିଷୟରେ ପଚରାଉଚରା କରିଥିଲେ। ଗୁରୁବାର ବିଦ୍ୟାଳୟର ୪ କର୍ମଚାରୀଙ୍କୁ କୋର୍ଟଚାଲାଣ କରାଯାଇ ଅଧିକ ତଦନ୍ତ ଜାରି ରହିଥିବା ପୋଲିସ କହିଛି।

# ଜଙ୍ଗଲରୁ ବିପୁଳ ମାଓବାଦୀ ସାମଗ୍ରୀ ଜବତ


ଖୋଳି ବାହାର କରାଯାଉଛି ଡିଟୋନେଟର।

ବାଲିଗୁଡ଼ା, ୧୭।୭
(ସଞ୍ଜୟ କୁମାର ପାଣିଗ୍ରାହୀ)

ଆଣ୍ଟି ନକ୍ସଲ ଅପରେଶନ ମୁଖ୍ୟଙ୍କ ନିର୍ଦ୍ଦେଶରେ କନ୍ଧମାଳ ଏସ୍‌ପି ହରିଶ ବିଶିଙ୍କ ଦ୍ୱାରା ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରାଯାଇ ଡିଭିଏଫ୍‌ର କୋମ୍ବିଂ ବେଳେ କୋଟଗଡ଼ ଥାନା ଅନ୍ତର୍ଗତ ଗୁମ୍ମା ଜଙ୍ଗଲରୁ ବିପୁଳ ପରିମାଣର ମାଓବାଦୀ ସାମଗ୍ରୀ ଜବତ ହୋଇଛି। ଗୁମ୍ମା ସଂରକ୍ଷିତ ଜଙ୍ଗଲରେ ମାଓବାଦୀଙ୍କ ଜିନିଷପତ୍ର ଗଦା ହୋଇଥିବା ସମ୍ପର୍କରେ ସୂଚନାପାଇ ଏସ୍‌ପି ଅପରେଶନ ଯୋଜନା କରିଥିଲେ। ଗୁମ୍ମା ଜଙ୍ଗଲରେ ଡିଭିଏଫ୍‌ର ଗୋଟିଏ ୟୁନିଟ୍ ସହିତ ବୋମା ନିଷ୍କ୍ରିୟକାରୀ ଟିମ୍ ମୁତୟନ କରାଯାଇଥିଲା। ବ୍ୟାପକ ସତର୍କତା ଅବଲମ୍ବନକରି ଘଟଣାସ୍ଥଳରେ ଟିମ୍ ପହଞ୍ଚିଥିଲା। ବୋମା ନିଷ୍କ୍ରିୟକାରୀ ଟିମ୍ ସ୍ଥାନଟିକୁ ସଫା କରିଥିଲା। ସ୍ଥାନଟିକୁ ଖୋଳିବା ପରେ ପ୍ରାୟ ୬୦୦ ଡିଟୋନେଟର ଏବଂ ଗୋଟିଏ ରିମୋଟ୍ ଜବତ କରାଯାଇଥିଲା। ସୁରକ୍ଷା ବାହିନୀର କୋମ୍ବିଂ ଅପରେଶନ ବେଳେ ମାଓବାଦୀମାନେ ଡିଟୋନେଟର ବ୍ୟବହାର କରିଥାନ୍ତେ ବୋଲି ସନ୍ଦେହ କରାଯାଉଛି। ସ୍ଥାନୀୟ ଅଞ୍ଚଳରେ ଜୋର୍‌ଦାର ଅପରେଶନ ଜାରି ରହିଛି।

**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**

**ଇ-ଟେଣ୍ଡର ବିଜ୍ଞପ୍ତି**

କ୍ର.ସଂ. (୧) ଇ-ଟେଣ୍ଡର ନଂ. ସିପିଏମ୍-ଇଏନ୍‌ଜିଜି-ଜିଏସ୍‌ୟୁ-ବିଏସ୍‌ପି-୦୭-୨୫-୨୬, ତାରିଖ: ୧୪.୦୭.୨୦୨୫

କାର୍ଯ୍ୟ: "ଅମୃତ ଭାରତ ଷ୍ଟେଶନ ଯୋଜନା" ଅଧୀନରେ ହିମଗିର ରେଳ ଷ୍ଟେଶନର ସଫ୍ଟ ଅପ୍‌ଗ୍ରେଡେଶନ୍ । ଟେଣ୍ଡର ମୂଲ୍ୟ (ଟଙ୍କାରେ): ୧୬,୮୩,୪୭,୯୬୮.୦୦/-, ଇଏମ୍‌ଡି (ଟଙ୍କାରେ): ୯,୯୧,୭୦୦.୦୦/-, ସମାପ୍ତି ଅବଧି: ୧୮ ମାସ, ଟେଣ୍ଡର ଦାଖଲର ଆରମ୍ଭ ତାରିଖ: ତା୨୪.୦୭.୨୦୨୫ରିଖଠାରୁ, ଟେଣ୍ଡରେ ଦାଖଲର ଶେଷ ତାରିଖ: ତା୦୭.୦୮.୨୦୨୫ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ ।

ଉପରୋକ୍ତ ଇ-ଟେଣ୍ଡର ବିଜ୍ଞପ୍ତିର ସମ୍ପୂର୍ଣ୍ଣ ସୂଚନା https://www.ireps.gov.inରେ ଉପଲବ୍ଧ । ଉପରୋକ୍ତ ଟେଣ୍ଡରଗୁଡ଼ିକ ପାଇଁ ଇ-ବିଡ୍ ବ୍ୟତୀତ ଅନ୍ୟାନ୍ୟ ବିଡ୍‌ଗୁଡ଼ିକୁ ଗ୍ରହଣ କରାଯିବ ନାହିଁ ।

ଉପ ମୁଖ୍ୟ ଯନ୍ତ୍ରୀ/ଜିଏସ୍‌ୟୁ
CPR/10/177 ଦ.ପୂ.ମ. ରେଳପଥ, ବିଳାସପୁର
South East Central Railway @secrail

**झारखण्ड सरकार, कार्यपालक अभियंता का कार्यालय**
**ग्रामीण विकास विशेष प्रमण्डल, धनबाद**
मोबाईल नं0 : 7061981397 Email : rdsd.dhanbad@rediffmail.com

पत्रांक :— 581 धनबाद / दिनांक— 17.07.2025

**शुद्धि पत्र**

इस कार्यालय के पत्रांक 523 दिनांक 01.07.2025 के द्वारा आमंत्रित अति अल्पकालीन निविदा आमंत्रण सूचना सं0— 13/2025-26/RDSD/EE/Dhanbad/2nd Call जिसका PR No. 356238 Rural Development(25-26):D में प्रकाशित निविदा की तिथियों में निम्नवत् संशोधन किया जाता है।

| क्र0 | विवरणी | पूर्व में प्रकाशित तिथि | संशोधित तिथि |
|---|---|---|---|
| 1. | वेबसाइट में निविदा प्रकाशन की तिथि | दिनांक 08.07.2025 | दिनांक 24.07.2025 |
| 2. | ई0—निविदा प्राप्ति की तिथि एवं समय | दिनांक 08.07.2025 से दिनांक 15.07.2025 को अपराह्न 05:00 बजे तक। | दिनांक 24.07.2025 से दिनांक 31.07.2025 को अपराह्न 05:00 बजे तक। |
| 3. | ई—निविदा खोलने की तिथि एवं समय | दिनांक 17.07.2025 अपराह्न 02:00 बजे। | दिनांक 02.08.2025 अपराह्न 02:00 बजे। |

अतः अन्य शर्तो यथावत रहेगी।

कार्यपालक अभियंता
ग्रामीण विकास विशेष प्रमंडल, धनबाद

PR 357598 Rural Development (25-26)_D

**ODISHA COAL AND POWER LTD.**
**(A GOVT. OF ODISHA COMPANY)**
Odisha Coal and Power Limited OCPL
Zone-A, 4th Floor, Fortune Towers, Chandrasekharpur, Bhubaneswar - 751023, Odisha, Ph. No. : 0674-2300654 / 2300664

**TENDER NOTICE**

**NIT No : OCPL/MCMP/SER-150/2025** **Date : 18/07/2025**

Sealed bids in prescribed format are invited from reputed Companies/ Firms/Agencies for execution of the following work:

| Sl. No. | Name of the work | Cost of Tender Paper | Last date of Sale/ download of Tender document | Date of submission/ Opening |
|---|---|---|---|---|
| 1 | Miscellaneous Civil work of OCPL R&R Colony at Sukhabandha, Hemgir, Sundargarh, Odisha | Rs.1,000/- (Rupees One Thousand Only) including GST @ 18% | 07/08/2025 | 03:00 PM / 03:30 PM on 14/08/2025 |

Any further clarifications may please be addressed to the undersigned at the above address or by email to: sudhakar.sinha@ocpl.org.in

**Sd./- Sr. Manager**
**(Commercial & Contracts)**

**କାନାରା ବ୍ୟାଙ୍କ Canara Bank** ସିଣ୍ଡିକେଟ Syndicate

କ୍ଷେତ୍ରୀୟ କାର୍ଯ୍ୟାଳୟ, ଏଫ୍-୪, ୨ୟ ମହଲା, ଇନ୍ଦ୍ରଧନୁ ମାର୍କେଟ, ଆଇଆର୍‌ସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫, ଫୋନ୍ ନଂ.: ୦୬୭୪-୨୫୫୦୦୧୧

**ଦଖଲ ନୋଟିସ୍** (ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନସ୍ୱାକ୍ଷରକାରୀ **କାନାରା ବ୍ୟାଙ୍କର** କ୍ଷମତାପ୍ରାପ୍ତ ଅଧିକାରୀ, ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ଆକ୍ଟ ୫୪) ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମ ୨୦୦୨ର ରୁଲ୍ ୩ ରେ ପ୍ରଦାନ କରାଯାଇଥିବା କ୍ଷମତା ଅନୁଯାୟୀ ନିମ୍ନ ପ୍ରଦତ୍ତ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ପ୍ରଦତ୍ତ ରାଶି ସହିତ ସୁଧ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପରିଶୋଧ କରିବାକୁ ଜଣାଇଦେଇଥିଲେ। ଯେହେତୁ ଋଣଗ୍ରହୀତା/ଜାମିନ୍‌ଦାରମାନେ ଋଣ ପରିଶୋଧ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଏହି ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଛି କି ଏହି ଆକ୍ଟର ଧାରା ୧୩(୪) ସହ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁଯାୟୀ ପ୍ରଦତ୍ତ କ୍ଷମତାବଳରେ ନିମ୍ନସ୍ୱାକ୍ଷରକାରୀ ନିମ୍ନ ପ୍ରଦତ୍ତ ସମ୍ପତ୍ତିକୁ **ଦଖଲ** କରିଛନ୍ତି। ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଛି କି, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଯଦି କୌଣସି ପ୍ରକାର କାରବାର କରନ୍ତି, ତେବେ **କାନାରା ବ୍ୟାଙ୍କ, ସମ୍ପୃକ୍ତ ଶାଖା** ନିକଟରେ ନିମ୍ନଲିଖିତ ବକେୟା ରାଶି ସହିତ ସେବାବଦ ସୁଧ ଏବଂ ଦେୟ ପାଇଁ ଦାୟୀ ରହିବେ।

| ଶାଖା / ଋଣଗ୍ରହୀତା / ଋଣଗ୍ରହୀତାଙ୍କ ଆଇନଗତ ଉତ୍ତରାଧିକାରୀ / ଜାମିନ୍‌ଦାରମାନଙ୍କ ନାମ ଓ ଠିକଣା | (କ) ସ୍ଥାବର ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ / (ଖ) ଧାରା ୧୩(୨) ନୋଟିସ୍ ତାରିଖ / (ଗ) ୧୩ (୪) ନୋଟିସ୍ ତାରିଖ / (ଘ) ବକେୟା ରାଶି |
|---|---|
| **ବାଲୁଗାଁ ଶାଖା (୩୪୫୫) / (ସାଙ୍କେତିକ ଦଖଲ)** ଋଣଗ୍ରହୀତା: ଶ୍ରୀମତୀ ଶର୍ମିଳା ସ୍ୱାଇଁ ଜେନା, ସ୍ୱାମୀ: ତପନ କୁମାର ଜେନା / ଜାମିନ୍‌ଦାର: ଶ୍ରୀ ପ୍ରମୋଦ ଜେନା, ପିତା: ୰ ଗୋପିନାଥ ଜେନା, ଉଭୟଙ୍କ ଠିକଣା- ସା: ଡ଼ାଙ୍ଗୁଆ, ପୋ: ଆଙ୍କୁଲାଚାଟି, ଥାନା: ବାଲୁଗାଁ, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୨୦୩୦ | (କ) ଶ୍ରୀ ପ୍ରମୋଦ ଜେନାଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଜିଲ୍ଲା: ଖୋର୍ଦ୍ଧା, ଥାନା: ବାଣପୁର, ଥାନା ନଂ. ୩୧୧, ତହସିଲ: ଚିଲିକା, ଏସ୍‌ଆରଓ: ବାଣପୁର, ମୌଜା: ଡାଙ୍ଗୁଆ, ଖାତା ନଂ.: ୧୧୩, ପ୍ଲଟ୍ ନଂ.: ୧୪୪, କିସମ: ଘରବାରି, କ୍ଷେତ୍ର: ଏକର୦.୦୮୯ ଡିସିମିଲି, ଏହାର ଚାରିପାର୍ଶ୍ୱରେ- ଉତ୍ତର: ରାସ୍ତା, ଦକ୍ଷିଣ: ପ୍ରସନ୍ନ ସାମନ୍ତରାୟ, ପୂର୍ବ: ଭ୍ରମର ସ୍ୱାଇଁ, ପଶ୍ଚିମ: ପ୍ରହଲ୍ଲାଦ ସ୍ୱାଇଁ, ସିଇଆର୍‌ଏସ୍‌ଏଆଇ ଆଇଡ଼ି: ୪୦୦୦୮୬୮୪୦୩୬ / (ଖ) ୨୫.୦୪.୨୦୨୫ / (ଗ) ୧୫.୦୭.୨୦୨୫ / (ଘ) ଟ.୮,୩୨,୨୭୨.୧୬ (ଆଠ ଲକ୍ଷ ବତିଶି ହଜାର ଦୁଇ ଶହ ବାସ୍ତରୀ ଟଙ୍କା ଏବଂ ଷୋହଳ ପଇସା ମାତ୍ର) ତତ୍‌ସହିତ ସୁଧ ଏବଂ ସେବାବଦ ଆଇନଗତ ଖର୍ଚ୍ଚ। |
| **ପୁରୀ ନବକଳେବର ରୋଡ୍ ଶାଖା (୧୮୦୭୮) / (ସାଙ୍କେତିକ ଦଖଲ)** ଋଣଗ୍ରହୀତାମାନେ: ୧) ଶ୍ରୀ ପ୍ରଭାତ କୁମାର ପଣ୍ଡା, ପିତା: ଅର୍ଜୁନ ପଣ୍ଡା, ୨) ଶ୍ରୀ ଅର୍ଜୁନ ପଣ୍ଡା, ପିତା: ୰ ରଘୁନାଥ ପଣ୍ଡା / ଜାମିନ୍‌ଦାରମାନେ: ୧) ଶ୍ରୀ ମନୋଜ କୁମାର ପଣ୍ଡା, ପିତା: ଅର୍ଜୁନ ପଣ୍ଡା, ୨) ଶ୍ରୀ ପ୍ରଶାନ୍ତ କୁମାର ପଣ୍ଡା, ପିତା: ଅର୍ଜୁନ ପଣ୍ଡା, ୩) ଶ୍ରୀମତୀ ମନୋରମା ପଣ୍ଡା, ସ୍ୱାମୀ: ଅର୍ଜୁନ ପଣ୍ଡା, ୪) ମିସ୍ ଜୟନ୍ତୀ ପଣ୍ଡା, ପିତା: ଅର୍ଜୁନ ପଣ୍ଡା, ୫) ମିସ୍ ସୁକାନ୍ତୀ ପଣ୍ଡା, ପିତା: ଅର୍ଜୁନ ପଣ୍ଡା, ସମସ୍ତଙ୍କ ଠିକଣା- ସା: ଚାରିନଳା, ପୋ: ଗୋପିନାଥପୁର, ଥାନା: ପୁରୀ ସଦର, ଜିଲ୍ଲା: ପୁରୀ, ପିନ୍-୭୫୨୦୦୨ | (କ) ଶ୍ରୀ ଅର୍ଜୁନ ପଣ୍ଡାଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଜିଲ୍ଲା: ପୁରୀ, ଥାନା: ପୁରୀ ସଦର, ଥାନା ନଂ. ୧୦୧, ତହସିଲ: ପୁରୀ, ତହସିଲ ନଂ. ୬୮୩, ଏସ୍‌ଆରଓ: ପୁରୀ, ମୌଜା: ଭାରଥୀପୁର, ଖାତା ନଂ.: ୩୪୦/୧୭୫୨, ପ୍ଲଟ୍ ନଂ.: ୩୨୯/୨୪୬୫, ସ୍ଥିତି: ସ୍ଥିତିବାନ, କିସମ: ଘରବାରି, କ୍ଷେତ୍ର: ଏକର୦.୦୭୦ ଡିସିମିଲି, ଏହାର ଚାରିପାର୍ଶ୍ୱରେ- ଉତ୍ତର: ହରିହର ପଣ୍ଡା, ଦକ୍ଷିଣ: ଅର୍ଜୁନ ପଣ୍ଡା, ପୂର୍ବ: ଅର୍ଜୁନ ପଣ୍ଡା, ପଶ୍ଚିମ: ରାସ୍ତା ଏନ୍.ଏଚ୍, ସିଇଆର୍‌ଏସ୍‌ଏଆଇ ଆଇଡ଼ି- ୪୦୦୦୮୯୧୩୯୫୩୬ / (ଖ) ୦୨.୦୫.୨୦୨୫ / (ଗ) ୧୬.୦୭.୨୦୨୫ / (ଘ) ଟ.୨୧,୭୨,୧୧୧.୨୪ (ଏକୋଇଶି ଲକ୍ଷ ବାସ୍ତରୀ ହଜାର ଏକ ଶହ ଏଗାର ଟଙ୍କା ଏବଂ ଚବିଶି ପଇସା ମାତ୍ର) ତତ୍‌ସହିତ ସୁଧ ଏବଂ ସେବାବଦ ଆଇନଗତ ଖର୍ଚ୍ଚ। |

ତାରିଖ : ୧୭.୦୭.୨୦୨୫, ସ୍ଥାନ : ଭୁବନେଶ୍ୱର — କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ

**वरीय पुलिस अधीक्षक का कार्यालय, राँची**

**सर्वसाधारण के लिए सूचना**



**नाम—मंगरा उरॉव, उम्र—65 वर्ष, रंग—साँवला, ऊँचाई—05 फीट 5 ईंच पहनावा—कीम रंग का शर्ट एवं नेभी बूलु पैंट हुए है।**

उपरोक्त लापता व्यक्ति मंगरा उरॉव, उम्र—65 वर्ष, पिता—महादेव, उरॉव, ग्राम—तुमसो, पो0—सापारोम, थाना—नगड़ी, जिला—राँची, जो दिनांक—13.06.2025 को घर से बगैर बताए कहीं चले गए जो आजतक अपने घर वापस नहीं आए है। जिसके संबंध में नगड़ी थाना सनहा संख्या—16/2025, दिनांक—25.06.2025 दर्ज कर खोजबीन की जा रही है। उपरोक्त सूचना को सार्वजनिक किया जाना आवश्यक है।

अतः सभी जनसाधारण से अनुरोध है कि यदि उपरोक्त लापता व्यक्ति कहीं मिलता/दिखता है तो इसके संबंध में वरीय पुलिस अधीक्षक के कार्यालय में या निम्नांकित फोन नम्बर पर संपर्क कर इसकी सूचना दें।

**Email ID(rnc-dcb@jhpolice.gov.in)**
पुलिस उपाधीक्षक, मु0, द्वितीय, रॉंची। — 9431706142
थाना प्रभारी नगड़ी, रॉंची। — 9431706176

पुलिस उप—महानिरीक्षक—सह—वरीय पुलिस अधीक्षक, राँची

**PR 357607 Police(25-26).D**

**DIRECTORATE OF ANIMAL HUSBANDRY**
**DEPARTMENT OF AGRICULTURE, ANIMAL HUSBANDRY & CO-OPERATIVE**
**(GOVERNMENT OF JHARKHAND)**
**NOTICE FOR INVITING e- TENDER No.- 01/2025-26**
**FOR**

**Selection of Insurance Intermediaries to provide Technical & Operational Support and Overseeing effective implementation of Jharkhand Livestock and Poultry Insurance Scheme through Nationalized Insurance Company under Mukhyamantri Pashudhan Vikash Yojna (MMPVY)**

Directorate of Animal Husbandry, Govt. of Jharkhand, Ranchi invites Proposals from eligible IRDAI approved Insurance Intermediaries for implementation of Livestock (Goat, Sheep, Pig) and Poultry Insurance scheme through Scheduled Bank Insurance Company in all districts of Jharkhand. Insurance Intermediary shall do the intermediation & coordination between the department of animal husbandry at the district level, Insurance Co. and beneficiaries for successfully implementation of the scheme.

1. After publication of the N.I.T., the desirous bidders may download tender documents along with terms & conditions from the Website. https://www.jharkhandtenders.gov.in and https:// www.jharkhand.gov.in but submit only through **NIC e-tender portal https://www.jharkhandtenders.gov.in.**
2. Disclosure of rate other than financial bid will disqualify the bidder.
3. Estimated Contract Value- Approx Rs. 6.5 Crore.
4. Each bidder, will have to deposit Earnest Money **Rs. 13 Lakh (Rupees Thirteen Lakh) online board of any Scheduled Bank** in favor of Director Animal Husbandry, Jharkhand payable at Ranchi.
5. **All uploaded documents should be legible/ readable if not tender may be rejected. Unsigned uploaded with documents will be rejected.**
6. The under mentioned schedule is fixed; however, the undersigned reserves the right to change the date of activities in case of any exigencies through a notice in the government website viz & Notice Board at official address Director, Animal Husbandry, Pashupalan Bhawan, Hesag, Hatia, Ranchi, Pin- 834003

| Sl. no. | Particulars | Details |
|---|---|---|
| 1. | Scheme will cover Insurance of | A) Small Animal (Goat, Sheep and Pig). B) Poultry. |
| 2. | Eligibility Criteria | Working in Livestock & Poultry insurance field for minimum 03 (Three) years (Under the Govt. Sponsored Scheme). |
| 3. | Date of Floating of Tender | 18-07-2025 |
| 4. | Pre Bid Meeting | 25-07-2025 |
| 5. | Download of Tender document will start from | 26-07-2025 |
| 6. | Online submission of bid will start from | 26-07-2025 |
| 7. | Last date of online bid submission | 14-08-2025 |
| 8. | Date, Time & Place of opening of Technical Bid | 18-08-2025, Animal Husbandry Directorate, Hesag, Ranchi |
| 9. | Date and Time of opening of Financial Bids | To be intimated later on (After Finalization of technical bid) |
| 10. | About EMD | EMD/Bid Security Money by any Scheduled Bank should be submitted Online mode. Its Refundable. |

***For any Query mail ID:** https://www.ahdjharkhand@gmail.com

**Director,**
Directorate of Animal Husbandry, Jharkhand, Ranchi-834003.

**PR 357505 Animal Husbandry(25-26)D**

**ମଧ୍ୟସ୍ଥତା ଦ୍ୱାରା ବିଚାରାଧୀନ ମାମଲାର ଆଇନଗତ ସମାଧାନ ପାଇଁ ଏକ ଦେଶବ୍ୟାପୀ ଅଭିଯାନ – ଦେଶ ନିମନ୍ତେ "ମଧ୍ୟସ୍ଥତା"**

No. CAD-1114: "ମଧ୍ୟସ୍ଥତା" ହେଉଛି ମାମଲାର ପରିସମାପ୍ତି ନିମନ୍ତେ ଆଇନ ଅନୁମୋଦିତ ଏକ ବିକଳ୍ପ ପଦ୍ଧତି। ଉଭୟପକ୍ଷଙ୍କ ସହମତିରେ ବା ଅଦାଲତଙ୍କର ନିର୍ଦ୍ଦେଶରେ ମଧ୍ୟସ୍ଥତା ଦ୍ୱାରା ବିଚାରାଧୀନ ମାମଲାର ସମାଧାନ ହୋଇଥାଏ ଓ ମାମଲାର ଅନ୍ତ ଘଟିଥାଏ। ପକ୍ଷମାନଙ୍କୁ ଅଦାଲତରେ ମିଳୁଥିବା ନିଷ୍ପତ୍ତିଠାରୁ ସନ୍ତୋଷଜନକ ଫଳ ଏହି ବିକଳ୍ପ ପଦ୍ଧତି ମାଧ୍ୟମରେ ଶୀଘ୍ର ମିଳିଥାଏ। ଏହି ବିକଳ୍ପ ପଦ୍ଧତିରେ ପକ୍ଷମାନେ ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧି ବା ଆଇନ ପରାମର୍ଶଦାତାମାନେ ସକ୍ରିୟ ଭାଗ ନେଇ ସେମାନଙ୍କର ପକ୍ଷ ରଖିପାରିବେ ଓ ମାମଲା ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିପାରିବେ। ମାମଲାର ଚୂଡ଼ାନ୍ତ ଫଳର ରୂପରେଖ ଉଭୟ ପକ୍ଷଙ୍କ ସହମତିରେ ନିର୍ଣ୍ଣୟ କରାଯାଇପାରିବ।

ଏହି ପଦ୍ଧତି ଦ୍ୱାରା ମାନ୍ୟବର ଉଚ୍ଚ ନ୍ୟାୟାଳୟ, ଜିଲ୍ଲା ଅଦାଲତ ଓ ତାଲୁକ ଅଦାଲତରେ ବିଚାରାଧୀନ ବିଭିନ୍ନ ପ୍ରକାରର ମାମଲା ଯଥା:

- ପାରିବାରିକ ବିବାଦ
- ବାଣିଜ୍ୟିକ ଅଦାଲତରେ ଥିବା ମାମଲା
- ମଟର ଦୁର୍ଘଟଣାଜନିତ କ୍ଷତିପୂରଣ
- ରଫାଯୋଗ୍ୟ ଫୌଜଦାରି ମାମଲା
- ଘରୋଇ ହିଂସାଜନିତ ମାମଲା
- ଖାଉଟି ଅଦାଲତରେ ଥିବା ବିବାଦ
- ଚେକ୍ ବାଉନ୍ସ ମାମଲା
- ଋଣ ଅସୁଲ ମାମଲା
- ଉଚ୍ଛେଦ ମାମଲା
- ସମ୍ପତ୍ତି ବଣ୍ଟନ ବିବାଦ
- ନିଯୁକ୍ତି ସମ୍ପର୍କୀୟ ମାମଲା
- ଭୂ-ଅଧିଗ୍ରହଣଜନିତ ମାମଲା

ଓ ଅନ୍ୟାନ୍ୟ ଯୋଗ୍ୟ ଦେୱାନୀ ମାମଲାଗୁଡ଼ିକର ପରିସମାପ୍ତି କରାଯାଇପାରିବ।

ମଧ୍ୟସ୍ଥତା ଦ୍ୱାରା ମାମଲାର ପରିସମାପ୍ତି ପାଇଁ ସମଗ୍ର ଦେଶରେ ନବେଦିନ ବ୍ୟାପୀ ଏକ ଅଭିଯାନ ଚାଲୁଅଛି। ଯାହାକି **ଦେଶ ନିମନ୍ତେ "ମଧ୍ୟସ୍ଥତା"** ନାମରେ ନାମିତ ହୋଇଛି। ଏହି ଅଭିଯାନ ଆସନ୍ତା ଅକ୍ଟୋବରର ପ୍ରଥମ ସପ୍ତାହ ପର୍ଯ୍ୟନ୍ତ ଚାଲୁରହିବ। ମାମଲାରେ ପକ୍ଷଭୁକ୍ତ ବ୍ୟକ୍ତି ବା ସଂସ୍ଥା ଏହାର ସୁଯୋଗ ନେଇ ନିଜ ମାମଲାର ପରିସମାପ୍ତି ପାଇଁ ସମ୍ପୃକ୍ତ ଅଦାଲତ କିମ୍ବା ନିକଟସ୍ଥ ଆଇନ ସେବା ସଂସ୍ଥା ସହ ଯୋଗାଯୋଗ କରନ୍ତୁ।

ଅଧିକ ବିବରଣୀ ପାଇଁ ଦେୟମୁକ୍ତ ନମ୍ବର – ୧୫୧୦୦ ଯୋଗାଯୋଗ କରନ୍ତୁ।

**ସଦସ୍ୟ ସଚିବ**
**ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ, କଟକ**
**ଆଇନ ସେବା ଭବନ, ସେକ୍ଟର-୧, ସିଡିଏ, କଟକ**
**ଯୋଗାଯୋଗ: ୯୪୩୮୫୭୮୫୮୬**
e-mail ID: **oslsa1997@gmail.com**

OIPR-18008/11/0019/2526

# ଢିଲା ନିରୀକ୍ଷଣ, ନିମ୍ନମାନର ନିର୍ମାଣ

ଯାଜପୁର,୧୭।୭ (ହର୍ଷବର୍ଦ୍ଧନ ବେହେରା)



ଦଶରଥପୁର ଆଇବିଠାରୁ ଶୁଶୁଆ ରୋଡ଼ର ଅବସ୍ଥା ଖରାପ।

## ଯାଜପୁର ପାଣିକୋଇଲି ରାସ୍ତା ଓ କୋଠାବାଡି ଡିଭିଜନ

- ଏମ୍‌ଏଲ୍‌ଆଇୟୁ ଦ୍ୱାରା ନିରୀକ୍ଷଣ ହେବ ୧୦ ଦାମୀ ପ୍ରକଳ୍ପ
- ଠିକାସଂସ୍ଥା କର୍ତ୍ତୃପକ୍ଷଙ୍କୁ ତାଗିଦା କରାଯାଉଛି:ଅଧୀକ୍ଷଣଯନ୍ତ୍ରୀ

ସୁଦୃଢ କୋଠାଘର ଏବଂ ଦୀର୍ଘସ୍ଥାୟୀ ରାସ୍ତା ଓ ବ୍ରିଜ ନିର୍ମାଣ କରିବାକୁ ରାଜ୍ୟ ସରକାର ରାସ୍ତା ଓ କୋଠାବାଡି (ଆର ଏଣ୍ଡ ବି) ତଥା ପୂର୍ତ୍ତ ବିଭାଗ ଉପରେ ସମ୍ପୂର୍ଣ୍ଣ ନିର୍ଭର କରିଛନ୍ତି। ଏଥିପାଇଁ ସରକାରଙ୍କ ପକ୍ଷରୁ ନିର୍ମାଣାଧୀନ ବିଭିନ୍ନ ପ୍ରକଳ୍ପର ନିୟମିତ ଭାବେ ତଦାରଖ କରିବାକୁ ଅଧୀକ୍ଷଣ ଯନ୍ତ୍ରୀଙ୍କଠାରୁ ଆରମ୍ଭ କରି କନିଷ୍ଠ ଯନ୍ତ୍ରୀମାନଙ୍କୁ ନିଯୁକ୍ତି ଦିଆଯାଇଛି। ଏପରିକି ଉନ୍ନତମାନର ନିରୀକ୍ଷଣ ପାଇଁ ମୋବାଇଲ ଲାବୋରୋଟୋରୀ ଇନ୍ସପେକ୍ସନ ୟୁନିଟ(ଏମ୍‌ଏଲ୍‌ଆଇୟୁ)ର ବ୍ୟବସ୍ଥା ହେଉଛି। ଏହି ସବୁ ବ୍ୟବସ୍ଥା ପାଇଁ ରାଜ୍ୟ ସରକାର ବାର୍ଷିକ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରୁଛନ୍ତି। କିନ୍ତୁ ଢିଲା ନିରୀକ୍ଷଣ ଓ ଠିକାସଂସ୍ଥାକୁ ଅନୁଗ୍ରହ କାରଣରୁ ଅଧିକାଂଶ ରାସ୍ତା ଦୀର୍ଘସ୍ଥାୟୀ ହୋଇ ପାରୁ ନ ଥିବାବେଳେ କେତେକ ସମ୍ପୂର୍ଣ୍ଣ ହେବାର ୬ ମାସ ଭିତରେ ଦବି ନଷ୍ଟ ହୋଇଯାଉଛି। ଏହିକ୍ରମରେ ନିୟମିତ ତଦାରଖ କରୁଥିବା ଯନ୍ତ୍ରୀ ଏବଂ ଏମ୍‌ଏଲ୍‌ଆଇୟୁ ଅଧିକାରୀମାନଙ୍କ କାର୍ଯ୍ୟ ଦକ୍ଷତା ଓ ସେମାନଙ୍କ ସ୍ୱଚ୍ଛତା ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହାବାଦ ସଂପୃକ୍ତ ଯନ୍ତ୍ରୀ ଏବଂ ଏମ୍‌ଏଲ୍‌ଆଇୟୁ ଅଧିକାରୀଙ୍କ ସହ ଠିକାସଂସ୍ଥା କର୍ତ୍ତୃପକ୍ଷଙ୍କ ମଧ୍ୟରେ ଅସାଧୁ ମେଣ୍ଟ ରହିଥିବା ଯୋଗୁ ପୂର୍ତ୍ତ ବିଭାଗୀୟ କାର୍ଯ୍ୟ ନିମ୍ନମାନର ହେଉଥିବା ଅଭିଯୋଗ ହେଉଛି।

ଏଠାରେ ଯାଜପୁର ଜିଲାର ପାଣିକୋଇଲି ରାସ୍ତା ଓ କୋଠାବାଡି ବିଭାଜନ ଅଧୀନ ଷଠିପୁରଠାରୁ ଯାଜପୁର ପଟକୁ ବୁଢା ନଦୀ ବ୍ରିଜ ନିକଟ ପର୍ଯ୍ୟନ୍ତ ୨୪.୯୮ କୋଟି ଟଙ୍କାର ୩.୪୦୦ କିମି ଚାରିଲେନ ରାସ୍ତା ନିର୍ମାଣକୁ ଉଦାହରଣ ଭାବେ ନିଆଯାଇପାରେ। ଆଶୀର୍ବାଦ ଇଞ୍ଜିନିୟରିଂ ଏଣ୍ଡ କନଷ୍ଟ୍ରକ୍ସନ ପ୍ରାଇଭେଟ ଲିଃ ଠିକାସଂସ୍ଥା ଦ୍ୱାରା ନିର୍ମାଣ ହୋଇଥିବା ଏହି ରାସ୍ତା ୨୦୨୪ ଅଗଷ୍ଟରେ ବିଭିନ୍ନ ସ୍ଥାନରେ ଧସି ଯାଇଥିବା ଦେଖିବାକୁ ମିଳିଥିଲା। ଏନେଇ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ସେପ୍ଟେମ୍ବରରେ ମରାମତି ହୋଇଥିଲା। ମରାମତିର ୬ ମାସ ପରେ ଏବେ ଉକ୍ତ ରାସ୍ତାର ଅନେକ ସ୍ଥାନ ପୁଣି ଧସି ଯାଇ ବଡ ବଡ଼ ଖାଲ ସୃଷ୍ଟି ହୋଇ ହୋଇଛି। ଏହାର ଉପଯୁକ୍ତ ଭାବେ ମରାମତି କରା ନ ଗଲେ ପୁଣି ରାସ୍ତା ଅବସ୍ଥା ପୂର୍ବାବସ୍ଥାକୁ ଫେରି ଆସିବ ବୋଲି ସ୍ଥାନୀୟ ମହଲରେ ମତପ୍ରକାଶ ପାଇଛି।

ରାସ୍ତା, ବ୍ରିଜ ଓ କୋଠବାଡି ନିର୍ମାଣରେ ଏମ୍‌ଏଲ୍‌ଆଇୟୁର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଯାଜପୁର ଜିଲାର ନିର୍ମାଣାଧୀନ ପ୍ରକଳ୍ପଗୁଡିକର ନିରୀକ୍ଷଣ କଟକ ଆର ଏଣ୍ଡ ବି ସର୍କଲର ଏମ୍‌ଏଲ୍‌ଆଇୟୁ ଦ୍ୱାରା ସମ୍ପନ୍ନ ହୋଇଥାଏ। ଏହି କ୍ରମରେ ରାଜ୍ୟ ରାସ୍ତା ଓ କୋଠାବାଡି ବିଭାଗର ଚିଫ୍ ଇଞ୍ଜିନିୟର ଆସନ୍ତା ୨୪, ୨୫ ଓ ୨୬।୭।୨୦୨୫ ତାରିଖରେ ଯାଜପୁର ଜିଲାର ନିର୍ମାଣାଧୀନ ୧୦ଟି ପ୍ରକଳ୍ପର ନିରୀକ୍ଷଣ କରିବାକୁ କଟକ ଆର ଏଣ୍ଡ ବି ସର୍କଲର ଚିଫ୍ କନଷ୍ଟ୍ରକ୍ସନ ଇଞ୍ଜିନିୟରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିରେ ପାଣିକୋଇଲି ଡିଭିଜନର ୧୯୩.୪୨ କୋଟି ଟଙ୍କାର ଯାଜପୁର ପ୍ରଶାସନ ଭବନ, ୬୯.୧୭ କୋଟି ଟଙ୍କାର ଜିଲା କୋର୍ଟ ବିଲ୍ଡିଂ, ୩.୬୩ କୋଟି ଟଙ୍କାର ଦଶରଥପୁର ବ୍ଲକ ମଲ୍ଲିକାପୁର ଓଡ଼ିଶା ଆଦର୍ଶ ବିଦ୍ୟାଳୟର ୧୦୦ ବେଡ୍ ବିଶିଷ୍ଟ ହଷ୍ଟେଲ ବିଲ୍ଡିଂ ଓ ୩.୬୦ କୋଟି ଟଙ୍କାର ଦେଉଳିପାଳ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ୧୦୦ ବେଡ ବିଶିଷ୍ଟ ହଷ୍ଟେଲ ବିଲ୍ଡିଂ, ୫୩.୪୯ କୋଟି ଟଙ୍କାର ତନ୍ତିଘାଇ ନଦୀର ଚାଟୁମାରୀ ବନ୍ଧମୁଣ୍ଡା ରାସ୍ତାରେ ହାଇଲେବୁଲ ବ୍ରିଜ, ୩୧.୮୯ କୋଟି ଟଙ୍କାର ବ୍ରାହ୍ମଣୀ ନଦୀର କାଇପଦା ନିକଟରେ ହାଇଲେବୁଲ ବ୍ରିଜ ନିର୍ମାଣ, ୨୯.୩୩ କୋଟି ଟଙ୍କାର ଦଶରଥପୁର ଆଇବିଠାରୁ ସୁସୁଆ ଶିବ ତାଣ୍ଡବ ଭାୟା ଛଣିଆ, ନାଗପାଟଣା, ଆଖୁସାହି ରାସ୍ତା ଉନ୍ନତିକରଣ, ୨୬.୭୫ କୋଟି ଟଙ୍କାର କେଲୁଅ ବାମ ପାର୍ଶ୍ୱ ନଦୀବନ୍ଧ ଠାରୁ ବେଦପୁର, ଜନକ ଭାୟା ନଳକୁଳ ରାସ୍ତା ଉନ୍ନତିକରଣ, ୨୬.୨୦ କୋଟି ଟଙ୍କାର ଖରସ୍ରୋତା ନଦୀର ଜରି ନିକଟରେ ହାଇଲେବୁଲ ବ୍ରିଜ ନିର୍ମାଣ ଓ ୧୬.୯୯ କୋଟି ଟଙ୍କାର ୧୬ ନମ୍ବର ଜାତୀୟ ରାଜପଥଠାରୁ ୨୦ ନମ୍ବର ଜାତୀୟ ରାଜପଥ ଭାୟା ଦାମୋଦରପୁର ଓ ନରପଦା ରାସ୍ତା ଉନ୍ନତିକରଣ ପ୍ରକଳ୍ପ ରହିଛି। ତେବେ ଏହିସବୁ ଦାମୀ ପ୍ରକଳ୍ପର ନିର୍ମାଣ ସଂପୃକ୍ତ ଠିକାସଂସ୍ଥାର ମନମାନିରେ ଚାଲିଛି। ନିୟମିତ ଭାବେ ବିଭାଗୀୟ ଯନ୍ତ୍ରୀମାନେ ତଦାରଖରେ ଆସୁନାହାନ୍ତି। ଦଶରଥପୁର ଆଇବିଠାରୁ ରାସ୍ତା ନିର୍ମାଣ କାର୍ଯ୍ୟ ଭଗବତୀ ବିଲ୍ଡ ଏଣ୍ଡ କନଷ୍ଟ୍ରକ୍ସନ ଠିକାସଂସ୍ଥାକୁ ଦାୟିତ୍ୱ ଦିଆଯାଇଛି। କିନ୍ତୁ ଏହି କାର୍ଯ୍ୟକୁ ସଂପୃକ୍ତ ଠିକାସଂସ୍ଥା ନିଜେ ନ କରି ଯାଜପୁରର ଏକ ଛୋଟ ଠିକାସଂସ୍ଥା ପାଖରେ ବିକ୍ରି କରି ଦେଇଥିବା ସୂଚନା ମିଳିଛି। ଏଭଳି ଭାବେ ଉପରୋକ୍ତ ପ୍ରକଳ୍ପଗୁଡିକର ନିର୍ମାଣ କାର୍ଯ୍ୟ ଅତି ନିମ୍ନମାନର ହେଉଥିବା ଅଭିଯୋଗ ହେଉଛି। ଏହିକ୍ରମରେ ଏମ୍‌ଏଲ୍‌ଆଇୟୁର ନିରୀକ୍ଷଣ କେତେ ସ୍ୱଚ୍ଛ ଓ ଉତ୍ତରଦାୟୀ ହେଉଛି ତାହା ସମୟ ହିଁ କହିବ ବୋଲି ଚର୍ଚ୍ଚା ହେଉଛି।

ଏ ସଂକ୍ରାନ୍ତରେ ପାଣିକୋଇଲି ପୂର୍ତ୍ତ ବିଭାଜନର ଅଧୀକ୍ଷଣ ଯନ୍ତ୍ରୀ କମଳ ଲୋଚନ ସ୍ୱାଇଁଙ୍କୁ ପଚାରିବାରୁ ସେ କହିଛନ୍ତି, ବିଭାଗୀୟ ନିର୍ଦ୍ଦେଶ ଅନୁସାରେ ତଦାରଖ ପାଇଁ ଆବଶ୍ୟକ ସହଯୋଗ କରାଯିବ। ଡ୍ୟୁଟିରେ କୌଣସି ଯନ୍ତ୍ରୀ ଅବହେଳା କରୁନାହାନ୍ତି। କାମ ଅତି ଉନ୍ନତମାନର କରିବାକୁ ଠିକାସଂସ୍ଥା କର୍ତ୍ତୃପକ୍ଷଙ୍କୁ ତାଗିଦା କରାଯାଉଛି।





ବ୍ରାହ୍ମଣୀରେ ବନ୍ୟା ଯୋଗୁ ଗୁରୁବାର ଧର୍ମଶାଳା ବ୍ଲକ୍ ଗୋକର୍ଣ୍ଣେଶ୍ୱର ମନ୍ଦିର ପରିସର ଜଳମଗ୍ନ । ବରୀ ଭାଜପା ନେତା ଦେବେନ୍ଦ୍ର ଦାସ ବନ୍ୟାପୀଡ଼ିତଙ୍କ କଥା ପଚାରି ବୁଝୁଛନ୍ତି।

## ରିକ୍ସା ଚାଳକ ସଂଘ ଜୋନ ଆବାହକଙ୍କ ସ୍ମୃତିସଭା

ରସୁଲପୁର,୧୭।୭ (ରଞ୍ଜିତ ରାଉତ)

ରସୁଲପୁର ବ୍ଲକ ଅନ୍ତର୍ଗତ କୁଆଖିଆ ବଜାରସ୍ଥିତ ମା'ଦୁର୍ଗା ରିକ୍ସା ଚାଳକ ସଂଘର ଜୋନ ଆବାହକ ପ୍ରହ୍ଲାଦ ମଲିକଙ୍କ ଏକାଦଶାହ ଉପଲକ୍ଷେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଭୋଟକା ପଞ୍ଚାୟତସ୍ଥିତ ବିଲିପଡ଼ା ବାସଭବନଠାରେ ସଂଘ ସଭାପତି ରତ୍ନାକର ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ସଂଘର ପୂର୍ବତନ ସଭାପତି କାଳନ୍ଦି ଚରଣ କଣ୍ଡ, ସମ୍ମାନିତ ଅତିଥି ଭାବେ ପୂର୍ବତନ ସମିତିସଭ୍ୟ ରଞ୍ଜିତ ରାଉତ, ୱାର୍ଡସଭ୍ୟ ନୃସିଂହ ଚରଣ ମଲିକ, ବରିଷ୍ଠ କାର୍ଯ୍ୟକର୍ତ୍ତା ହଳଧର ମଲିକ, ଈଶ୍ୱର ମଲିକ, ନଳିନୀକାନ୍ତ ମଲିକ, ବାବନ ମଲିକ ଓ ମହେଶ୍ୱର ମଲିକ ପ୍ରମୁଖ ଯୋଗଦେଇ ଆବାହକ ମଲିକ ଏକାଧାରରେ ଜଣେ ସୁ-ସଂଗଠକ, କଠିନ ପରିଶ୍ରମୀ, ସରଳ, ନିଷ୍କପଟ ହୃଦୟର ମଣିଷ ଥିଲେ ବୋଲି କହିଥିଲେ। ପ୍ରାରମ୍ଭରେ ପ୍ରହ୍ଲାଦଙ୍କ ବଡ଼ଭାଇ ମେଘନାଦ ମଲିକଙ୍କ ଉଦ୍ଦେଶ୍ୟରେ ୧ ମିନିଟ୍ ନୀରବ ପ୍ରାର୍ଥନା କରାଯିବା ସହ ତାଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ସର୍ବଧର୍ମ ପ୍ରାର୍ଥନା ଗାନ କରାଯାଇଥିଲା।

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ଆଲୋକ



@ ଗୁଡୁ



@ ମନୋରଞ୍ଜନ



@ ରିଶିକା

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ବିଲକୁ ଯାଇଥିବା ଯୁବକଙ୍କ ମୃତ୍ୟୁ

ଯାଜପୁର ଟାଉନ,୧୭।୭
(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି)

ଯାଜପୁର ବ୍ଲକ ବିଚିତ୍ରପୁର ପଞ୍ଚାୟତ ବିଚିତ୍ରପୁର ଗ୍ରାମର ପୂର୍ଣ୍ଣଚନ୍ଦ୍ର ନାୟକଙ୍କ ପୁଅ ରଞ୍ଜନ ନାୟକଙ୍କ ଗୁରୁବାର ମୃତ୍ୟୁ ହୋଇଛି। ସେ ସକାଳୁ ବିଲକୁ ଯାଇଥିଲେ। ତାଙ୍କ ବଡ଼ ଭାଇ ଅକ୍ଷୟ ନାୟକ ଗ୍ରାମବାସୀଠାରୁ ଜାଣିବାକୁ ପାଇଥିଲେ ଯେ, ତାଙ୍କ ସାନ ଭାଇ ବିଲରେ ଥିବା ପାଣିରେ ପଡ଼ି ରହିଛନ୍ତି। ଏହାପରେ ଅକ୍ଷୟ ପହଞ୍ଚି ରଞ୍ଜନଙ୍କୁ ଉଦ୍ଧାର କରି ଯାଜପୁର ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରଞ୍ଜନଙ୍କ ପାଣିରେ ବୁଡ଼ି କିମ୍ବା କୌଣସି ଜନ୍ତୁ ଆକ୍ରମଣରେ ମୃତ୍ୟୁ ହୋଇଥିବା ଅକ୍ଷୟ ଯାଜପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ମୃତଦେହ ଜବତ କରି ଘଟଣାର ତଦନ୍ତ ଚଳାଇଛି।

## ଯମୁନା ନାଳରେ କୁମ୍ଭୀର ଆତଙ୍କ, ଲୋକେ ଭୟଭୀତ

ଯାଜପୁର ସଦର,୧୭।୭ (ସମର ବିଜୟ ଶରଣ)



ଯାଜପୁର ବ୍ଲକ ଅନ୍ତର୍ଗତ ବେରୁଦା ପଞ୍ଚାୟତ ନିକଟ ଯମୁନା ନାଳରେ ଏକ କୁମ୍ଭୀର ଆତଙ୍କ ଚଳାଇଥିବା ଦେଖିବାକୁ ମିଳିଛି। କୁମ୍ଭୀର ଲୋକଙ୍କୁ ଭୟଭିତ କରିବା ସହ ଛେଳି, ମେଣ୍ଢା ଓ ଗୋରୁଙ୍କୁ ଆହାର ଭାବେ ଖୋଜି ବୁଲୁଛି। ଫଳରେ ନାଳ ନିକଟବର୍ତ୍ତୀ ଅଞ୍ଚଳର ଚାଷୀ ବିଲକୁ ଯିବାକୁ ଭୟ କରୁଛନ୍ତି। ଦୁଇବର୍ଷ ପୂର୍ବରୁ ନିକଟ ଖରସ୍ରୋତା ନଦୀରେ ଥିବା ତିନିରୁ ଅଧିକ କୁମ୍ଭୀର ତନ୍ତୀ ଘାଇଠାରୁ ରାଜଘାଟ ମଧ୍ୟରେ ଚଳପ୍ରଚଳ କରୁଥିବା ନଦୀକୂଳବାସୀ ଦେଖି ଜଙ୍ଗଲ ବିଭାଗକୁ ଜଣାଇଥିଲେ। ଜଙ୍ଗଲ ବିଭାଗ ଏକ ଡାକବାଜି ଯନ୍ତ୍ର ମାଧ୍ୟମରେ ଲୋକଙ୍କୁ ନଦୀକୁ ଯିବାକୁ ବାରଣ କରି ବସି ପଡ଼ିଥିଲା। ଚଳିତ ବର୍ଷ ପ୍ରବଳ ବର୍ଷା ଯୋଗୁ ବିଭିନ୍ନ ନଦୀ ନାଳର ଜଳସ୍ତର ବୃଦ୍ଧି ପାଇଛି। ଫଳରେ ପାଣି ଅଧିକ ହେବାରୁ ଖରସ୍ରୋତାରୁ କୁମ୍ଭୀରଟି ଯମୁନା ନାଳକୁ ପଳାଇ ଆସିଛି। ଜଙ୍ଗଲ ବିଭାଗ ତୁରନ୍ତ କୁମ୍ଭୀରକୁ ଧରି ନନ୍ଦନକାନନ ପ୍ରାଣୀ ଉଦ୍ୟାନକୁ ହସ୍ତାନ୍ତର କରିବାକୁ ଦାବି ହୋଇଛି।

## ମାନବିକତା ଦେଖାଇଲେ ଧର୍ମଶାଳା ବିଧାୟକ



ଅଜୟ ଦାସଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି।

କାଏମା,୧୭।୭ (ଶିବପ୍ରସାଦ ମହାନ୍ତି)

ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ମାନବିକତା ଦେଖାଇଛନ୍ତି। ସେ ବରୀ ନିର୍ବାଚନମଣ୍ଡଳୀ ଅଧୀନ ସାହସପୁର ପଞ୍ଚାୟତ ଗୋବିନ୍ଦପୁର ଗାଁର ଅଜୟ ଦାସଙ୍କୁ ସହାୟତାର ହାତ ବଢ଼ାଇଛନ୍ତି। ଅଜୟଙ୍କ ବାପାଙ୍କ ଦେହାନ୍ତ ହୋଇଛି। ଶୁଦ୍ଧିକ୍ରିୟା ପାଇଁ ତାଙ୍କ ପାଖରେ ଅର୍ଥ ଅଭାବ ଥିବା ବିଧାୟକ ଜାଣିବା ପରେ ତାଙ୍କୁ ୧୦ ହଜାର ଟଙ୍କା ସହାୟତା ପ୍ରଦାନ କରିଛନ୍ତି। ଦିନ ମଜୁରିଆ ଭାବେ କାମ କରି ଅଜୟ ଦୁଃଖେ କଷ୍ଟେ ପରିବାର ପ୍ରତି ପୋଷଣ କରନ୍ତି। ବାପାଙ୍କ ଦେହାନ୍ତ ହେବା ପରେ ସେ ଶୁଦ୍ଧିକ୍ରିୟା ପାଇଁ ଅର୍ଥ ଚିନ୍ତାରେଥିଲେ। ଏହି ସମୟରେ ସମ୍ପର୍କୀୟ ଓ ପାଖ ପଡ଼ିଶାଙ୍କଠାରୁ ଖବର ପାଇ ବିଧାୟକଙ୍କ ଜାରକାସ୍ଥିତ କାର୍ଯ୍ୟାଳୟଠାରେ ମଙ୍ଗଳବାର ଅପରାହ୍ନରେ ପହଞ୍ଚିଥିଲେ। ବିଧାୟକ ଅନୁପସ୍ଥିତ ଥିବାରୁ କର୍ମମାନେ ତାଙ୍କୁ ଯୋଗଯୋଗ କରିଥିଲେ। ବିଧାୟକ ଏକଥା ଜାଣିବା ପରେ ତାଙ୍କୁ ଅଂଶୁମାନ ଟ୍ରଷ୍ଟରୁ ଟଙ୍କା ପ୍ରଦାନ କରିବାକୁ କହିଥିଲେ। ଏନେଇ ଅଜୟ କହିଛନ୍ତି, ସେ ବିଧାୟକଙ୍କ ବିଷୟରେ ଶୁଣି ବସ ସାହାଯ୍ୟରେ ଆସି ପହଞ୍ଚିଥିଲେ। ବିଧାୟକଙ୍କ ସହାୟତାକୁ ସେ କେବେ ଭୁଲି ପାରିବେ ନାହିଁ। ସେହିପରି ଗତ ବୁଧବାର କେନ୍ଦ୍ରାପଡ଼ା ଅଞ୍ଚଳରୁ ଜଣେ ଅନଗ୍ରସର ବ୍ୟକ୍ତି ଆସି ତାଙ୍କର ବିଭିନ୍ନ ସମସ୍ୟା ବିଷୟରେ ବିଧାୟକଙ୍କୁ ଜଣାଇଥିଲେ। ବିଧାୟକ ତାଙ୍କୁ ଅର୍ଥ ରାଶି ପ୍ରଦାନ କରିବା ସହ ଅନ୍ୟ ସାହାଯ୍ୟ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ସେହିପରି ତାଳଜଙ୍ଗ ପଞ୍ଚାୟତର ଅନଗ୍ରସର ବ୍ୟକ୍ତି ଜୀବନ ଦାସ ଟ୍ରାଏ ସାଇକେଲ ସାହାଯ୍ୟରେ ପେପର ବିକ୍ରି କରି ନାନା ସମସ୍ୟାର ସମ୍ମୁଖୀନ ହେଉଥିଲେ। ବିଧାୟକ ଏ ବିଷୟରେ ଜାଣିବା ପରେ ତାଙ୍କୁ ଏକ ବ୍ୟାଟେରି ଚାଳିତ ଟ୍ରାଏ ସାଇକେଲ ପ୍ରଦାନ କରିଛନ୍ତି। ଏ ସମ୍ପର୍କରେ ବିଧାୟକ କହିଛନ୍ତି, ଅସହାୟ ଗରିବ ଲୋକଙ୍କୁ ସେ ପୂର୍ବରୁ ସାହାଯ୍ୟ କରୁଥିଲେ। ଆଗକୁ ମଧ୍ୟ ସେବା କାର୍ଯ୍ୟ ଜାରି ରଖିବେ।

## କମୁଛି ପାଣି, ଆଶ୍ୱସ୍ତ ବରୀବାସୀ

ବରୀ,୧୭।୭ (ମହେନ୍ଦ୍ର ସ୍ୱାଇଁ)

ରେଙ୍ଗାଲି ଡ୍ୟାମର ୩ ଗେଟ ଦେଇ ଜଳ ନିଷ୍କାସନ ପ୍ରକ୍ରିୟା ଜାରି ରହିଥିଲେ ମଧ୍ୟ ବ୍ରାହ୍ମଣୀ ନଦୀରେ ଜଳସ୍ତର ହ୍ରାସ ପାଇବାରେ ଲାଗିଛି। ଫଳରେ ବରୀ ଅଞ୍ଚଳ ଲୋକେ ଆଶ୍ୱସ୍ତ ହୋଇଛନ୍ତି। ବ୍ଲକର ୨୯ ପଞ୍ଚାୟତ ମଧ୍ୟରୁ ୧୫ରୁ ଊର୍ଦ୍ଧ୍ୱ ପଞ୍ଚାୟତର ଚାଷଜମି ଜଳମଗ୍ନ ହୋଇଥିବାରୁ ଗୃହ ପାଳିତ ପ୍ରାଣୀଙ୍କ ପାଇଁ ଖାଦ୍ୟ ଅଭାବ ଦେଖାଦେଇଛି। ଗୁରୁବାର ସନ୍ଧ୍ୟାସୁଦ୍ଧା ରେଙ୍ଗାଲି ଡ୍ୟାମରୁ ୪୫୦୫.୯୨ କ୍ୟୁସେକ ଜଳ ନିଷ୍କାସିତ ହେଉଥିବାବେଳେ ବ୍ରାହ୍ମଣୀ ନଦୀରେ ଜଳସ୍ତର ଜେନାପୁର ଠାରେ ୬୪.୫୦ ଫୁଟ ରହିଛି। ଏନେଇ ବରୀ ଜଳସମ୍ପଦ ବିଭାଗ ସହକାରୀ ଯନ୍ତ୍ରୀ ମନୋରଞ୍ଜନ ତ୍ରିପାଠୀ ସୂଚନା ଦେଇଛନ୍ତି। ଅପରପକ୍ଷରେ ବୈତରଣୀ ନଦୀର ଆଖୁଆପଦାଠାରେ ଜଳସ୍ତର ବିପଦ ସଂକେତତଳେ ପ୍ରବାହିତ ହେଉଥିବାରୁ ବରୀକୁ ବନ୍ୟା ବିପଦ ଟଳିଛି।

## ବନ୍ୟାପାଣି ଘେରରେ ବହୁ ଗାଁ

ଚଣ୍ଡିଖୋଲ,୧୭।୭ (ପ୍ରଦୀପ୍ତ କୁମାର ପୃଷ୍ଟି)

ବିରୂପା, ଗେଙ୍ଗୁଟି ଓ କେଲୁଅ ନଦୀରେ ବନ୍ୟା ଜଳ ଆସିବା ଦ୍ୱାରା ବଡ଼ଚଣା ବ୍ଲକ୍‌ର ୭ ପଞ୍ଚାୟତ କ୍ଷତିଗ୍ରସ୍ତ ହୋଇଛି। ବୁଧବାରଠାରୁ ଜଳସ୍ତର ସ୍ଥିର ରହିଛି। ଯେଉଁ କେତେକ ଗ୍ରାମରେ ବନ୍ୟା ଜଳ ପ୍ରବେଶ କରିଥିଲା ସେହିପରି ପାଣି ପଶି ରହିଛି। ବ୍ଲକ ଅନ୍ତର୍ଗତ ଗୋପାଳପୁର ପଞ୍ଚାୟତର କଳାଶ୍ରୀ, ଗୋପାଳପୁର, ଗଜେନ୍ଦ୍ରପୁର, ଚାରିନଙ୍ଗଳ, ଆମ୍ବସୌରି, ବାହାଦୁରନଗର, ଚଣ୍ଡିଆ, ବନମାଳୀପୁର ଆଦି ଗ୍ରାମଗୁଡ଼ିକ ପାଣି ଘେରରେ ରହିଛି। କଳାଶ୍ରୀ ଓ ବାହାଦୂର ନଗର ଦଳେଇ ସାହିର ଲୋକେ ଗୃହ ପାଳିତ ପ୍ରାଣୀଙ୍କୁ ଧରି କେନାଲ ବନ୍ଧରେ ଆଶ୍ରୟ ନେଇଛନ୍ତି।

ସେହିପରି କେତେକ ବିଦ୍ୟାଳୟ ମଧ୍ୟ ପାଣି ଘେରରେ ରହିଛି। ଗୋପାଳପୁର ପଞ୍ଚାୟତକୁ ବ୍ଲକ ପ୍ରଶାସନ ପକ୍ଷରୁ ୩ ବୋଟ ପ୍ରଦାନ କରାଯାଇଛି। ଚାରିନଙ୍ଗଳ ପଞ୍ଚାୟତରେ ଭେଳା ସାହଯ୍ୟରେ ଲୋକେ ଯାତାୟାତ କରୁଥିବା ଦେଖିବାକୁ ମିଳିଛି। ଗଜେନ୍ଦ୍ରପୁରଠାରେ ଥିବା ପ୍ରାଣୀ ଚିକିତ୍ସାଳୟ ପାଣି ଘେରରେ ରହିଛି। ଫଳରେ ଗୋ ଚିକିତ୍ସା ବାଧା ପ୍ରାପ୍ତ ହୋଇଛି। ଖଡ଼ଗପୁର ହାଟ ମଧ୍ୟ ବନ୍ୟା ଜଳରେ ବୁଡି ରହିଥିବାରୁ କେନାଲ ବନ୍ଧ ଉପରେ ହାଟ ହେଉଛି। ବରୁଆଁ–ବାଲିଚନ୍ଦ୍ରପୁର ପୂର୍ତ୍ତ ବିଭାଗ ରାସ୍ତାଟି ରମାପୁରଠାରୁ ବୁଡ଼ିଯାଇଛି। ବ୍ଲକ ପ୍ରଶାସନ ପକ୍ଷରୁ କେତେକ ଗ୍ରାମକୁ ଶୁକ୍ରବାର ରିଲିଫ ପ୍ରଦାନ କରାଯିବ ବୋଲି ବିଡିଓ ରବୀନ୍ଦ୍ର କୁମାର ପ୍ରଧାନ ସୂଚନା ଦେଇଛନ୍ତି।



ବଡ଼ଚଣା ବ୍ଲକ ଚାରିନଙ୍ଗଳଠାରେ ପିଲାମାନେ ବନ୍ୟାପାଣିରେ ଭେଳାରେ ପାର ହେଉଛନ୍ତି।

**ଉଦ୍ଧାରଘରୁ ଯୁବତୀଙ୍କ ମୃତଦେହ ଜବତ**

ଆଳି, (ବନମାଳୀ ସେନାପତି): ଆଳି ଥାନା ଅନ୍ତର୍ଗତ ଲୋକପଡ଼ା ଗ୍ରାମରେ ଏକ ଭଡ଼ା ଘରୁ ଜଣେ ଯୁବତୀଙ୍କ ମୃତଦେହ ଗୁରୁବାର ଜବତ ହୋଇଛି। ଯୁବତୀ ଜଣକ ଏକ ଘରୋଇ ଫାଇନାନ୍ସ କମ୍ପାନୀରେ କାର୍ଯ୍ୟ କରୁଥିବା ଜଣାପଡ଼ିଛି। ତାଙ୍କ ଭାଇ ଆଳି ଥାନାରେ ଅଭିଯୋଗ କରିଛନ୍ତି। ମାହାଙ୍ଗା ଅଞ୍ଚଳର ଯୁବତୀ ଚାକିରି ଅଛିଳାରେ ଫାଇନାନ୍ସ କମ୍ପାନୀରେ କାର୍ଯ୍ୟ କରୁଥିବାବେଳେ ଆଳିର ଲୋକପଡ଼ାରେ ଘର ଭଡ଼ା ନେଇ ଆଉ ଜଣେ କର୍ମଚାରୀଙ୍କ ସହ ରହୁଥିଲେ। ବୁଧବାର ସେ ଡ୍ୟୁଟିରେ ଥିଲେ। ଅନ୍ୟ ସହଯୋଗୀ ରାତିରେ ଫେରି କବାଟ ଖୋଲିବାକୁ ଡାକିବାରୁ ସେ ଉତ୍ତର ଦେଇ ନ ଥିଲେ। ଘର ମାଲିକ ଗାଁର ଯୁବକଙ୍କ ସହାୟତାରେ ସ୍କାଇଲାଇଟ ବାଟେ ଯୁବତୀଙ୍କୁ ଫ୍ୟାନରେ ଝୁଲୁଥିବା ଦେଖି ପୋଲିସକୁ ଖବର ଦେଇଥିଲେ।

# ବନ୍ୟାପାଣିଘେରରେ ରାଜନଗରର ୪ ପଞ୍ଚାୟତ

ରାଜନଗର, ୧୭।୭(ଭାସ୍କର ରାଉତରାୟ)

ଲଗାଣ ବର୍ଷା ପରେ ରାଜନଗରରେ ବନ୍ୟା ବିପନ୍ନଙ୍କ ଦୁର୍ଦ୍ଦଶା ବଢ଼ାଇ ଦେଇଛି। ରାଜନଗର ବ୍ଲକର ବନ୍ଧପଡ଼ା, ଓଡ଼ିଆ, ବେଲପାଳ, ରାଜପୁର ପଞ୍ଚାୟତ ପାଣିଘେରରେ ରହିଛି। ଦୁଇ ଦିନ ହେଲା ବନ୍ୟା ପାଣି ବଢୁଥିବାରୁ ବିପନ୍ନଙ୍କ ଦୁର୍ଦ୍ଦଶା ବଢ଼ିବାରେ ଲାଗିଛି। ୧୫ରୁ ଅଧିକ ଗାଁ ରାସ୍ତା ଉପରେ ୪ରୁ ୬ ଫୁଟର ବନ୍ୟା ପାଣି ଚାଲୁଛି। ବିଶେଷ କରି ନଗଡ ଗାଁର ୩୦୦ ପରିବାର ୫ ଦିନ ହେଲା ପାଣି ଘେରରେ ଥିଲେ ମଧ୍ୟ ପ୍ରଶାସନ ବିପନ୍ନଙ୍କ ନିକଟରେ ପହଞ୍ଚି ପାରିନାହିଁ।

ଓଡ଼ିଆ ପଞ୍ଚାୟତର ନଗଡ ଗାଁ ରାସ୍ତା ଉପରେ ୬ ଫୁଟର ପାଣି ଚାଲୁଛି। ଗାଁ ଦାଣ୍ଡରେ ବନ୍ୟା ପାଣି ଲହଡି ଭାଙ୍ଗୁଥିବାରୁ ବିପନ୍ନ ୩୦୦ ପରିବାର ବନ୍ୟା ଘେରରେ ରହିଛନ୍ତି। ଗାଁ ଭିତରେ ବିପନ୍ନ ପରିବାର ପାଣି ଘେରରେ ଦୁର୍ଦ୍ଦଶାରେ ଥିଲେ ମଧ୍ୟ ପ୍ରଶାସନ ବିପନ୍ନଙ୍କ ନିକଟରେ ପହଞ୍ଚି ନାହିଁ। ପ୍ରଶାସନର ଅବହେଳାକୁ ନେଇ ବିପନ୍ନଙ୍କ ମଧ୍ୟରେ ପ୍ରତିକ୍ରିୟା ବଢ଼ିବାରେ ଲାଗିଛି। ରାଜନଗର ବ୍ଲକର ବନ୍ଧପଡ଼ା ପଞ୍ଚାୟତର ଚକିବାଙ୍କ, ଗୋବିନ୍ଦପୁର, ସଣ୍ଢପଡା, ଟାଙ୍ଗଣଡେିଲା, ଫିରିକିଦାଣ୍ଡି, ଓଡ଼ିଆ ପଞ୍ଚାୟତର ଓଡ଼ିଆ, ବନ୍ଧପାଟଣା, ନଗଡ, ଭଗବାନପୁର, ରାଜପୁର ପଞ୍ଚାୟତର ରାଜପୁର, ଚନ୍ଦନପୁର, ବେଲପାଳ ପଞ୍ଚାୟତର ଯୋଗାଯୋଗ ବିଚ୍ଛିନ୍ନ ହୋଇ ନ ଥିଲେ ମଧ୍ୟ ଗାଁ ଓ ପଞ୍ଚାୟତ କାର୍ଯ୍ୟାଳୟ ଚାରିପାଖରେ ବନ୍ୟା ପଣି ଘେରି ରହିଛି।



ରାଜନଗର ଦାଣ୍ଡି ବଳଭଦ୍ରପୁର ରାସ୍ତା ଉପରେ ବନ୍ୟା ପାଣି।

ଦାଣ୍ଡି ବଳଭଦ୍ରପୁର ରାସ୍ତାରେ ବନ୍ୟା ପାଣି ଚାଲୁଛି। ବଳଭଦ୍ରପୁର-ରାଜପୁର ରାସ୍ତାରେ ଜୁଆର ସମୟରେ ୩ ଫୁଟ ଉଚ୍ଚତାର ପାଣି ଚାଲୁଅଛି। ଉପର ଓଡ଼ିଆ ରାସ୍ତା ଉପରେ ୫ ଫୁଟର ବନ୍ୟା ଜଳ ପ୍ରବାହିତ ହେଉଛି। ଫଳରେ ସୌଦାଗର ନାୟକ, ଅନାଦି ବଳ, ରବୀନ୍ଦ୍ର ମଲ୍ଲ, କପିଳାସ ବଳ, ମହେଶ୍ୱର ବଳ ପ୍ରଭୃତି ୭ରୁ ଅଧିକ ପରିବାର ସହ ଶ୍ରୀଧର ମହାନ୍ତିଙ୍କ ଦୋକାନ ମଧ୍ୟ ବନ୍ୟା ପାଣି ଘେରରେ ରହିଛି। ଗାଁର ବଟବାବା ମନ୍ଦିର ସମ୍ମୁଖରେ ବନ୍ୟା ପାଣି ଜମି ରହିଛି। ଚକିବେଙ୍କ ରଜ ଠାରଠୁ ଲଘୁଚାପଜନିତ ଲଗାଣ ବର୍ଷା ତଳିଘେରା ପ୍ରସ୍ତୁତ କରିବାରେ ବାଧକ ସାଜିଛି। ବ୍ରାହ୍ମଣୀରେ ପ୍ରବାହିତ ବନ୍ୟାଜଳ ଚାଷୀଙ୍କ ଚିନ୍ତା ବଢ଼ାଇ ଦେଇଛି। ରାଜନଗର ବ୍ଲକ ବନ୍ଧପଡ଼ା, ଓଡ଼ିଆ, ବେଲପାଳ, ରାଜପୁର, କେରଡ଼ାଗଡ଼, ବାଲିଗନ୍ଧିପାଟଣା ପଞ୍ଚାୟତର ବହୁ ଏକର ଜମିର ତଳିଘେରାକୁ ୭ ଦିନ ହେଲା ବନ୍ୟା ପାଣି ବୁଡ଼ାଇ ରଖିଛି। ଅନ୍ୟପକ୍ଷରେ ବନ୍ୟା ଅଞ୍ଚଳର ନଗଡ ଓ ଓଡ଼ିଆ ନିକଟରେ ବିପନ୍ନମାନେ କୁମ୍ଭୀର ଭାସୁଥିବା ଦେଖୁଛନ୍ତି। ଫଳରେ ଲୋକଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି। ଯାଆସ ପାଇଁ ଗୁରୁବାର ସୁଦ୍ଧା ପ୍ରଶାସନ ପକ୍ଷରୁ ବୋଟ୍ କିମ୍ବା ଡଙ୍ଗାର ବ୍ୟବସ୍ଥା କରାଯାଇନାହିଁ।

# ଧୋୟାଞ୍ଚଳରେ ବନ୍ୟା: ବହୁ ପରିବାର ଜଳବନ୍ଦୀ

■ ପହଞ୍ଚିନି ସରକାରୀ ସହାୟତା
■ ଭୋକ ଉପାସରେ ଲୋକେ

ପଟ୍ଟାମୁଣ୍ଡାଇ, ୧୭।୭
(କଳ୍ପତରୁ ନାୟକ)



ପାଣି ଘେରରେ ଥିବା ଲୋକଙ୍କ ପାଇଁ ଟ୍ୟାଙ୍କରରେ ପାଣି ନିଆଯାଉଛି।

ପଟ୍ଟାମୁଣ୍ଡାଇ ଅଞ୍ଚଳରେ ବନ୍ୟା ବିପତି ଦେଖାଦେଇଛି। ଧୋୟାଞ୍ଚଳ ୧୧ ପଞ୍ଚାୟତବାସୀ ବନ୍ୟାରେ ଉବୁଟୁବୁ ହେଉଥିବାବେଳେ ହଜାର ହଜାର ଏକର ଚାଷଜମି ଜଳମଗ୍ନ ହେବା ସହିତ ବହୁ ଲୋକ ଜଳବନ୍ଦୀ ହୋଇଛନ୍ତି। ଅଳଭାଠାରେ ବ୍ରାହ୍ମଣୀ ବିପଦସଙ୍କେତ ଉପରେ ବହୁଛି। ଗୁରୁବାର ୧୮ ଫୁଟ ଉପରେ ଜଳ ପ୍ରବାହିତ ହେଉଛି। ପଟ୍ଟାମୁଣ୍ଡାଇ ବ୍ଲକ୍‌ର ୧୦ ପଞ୍ଚାୟତ ଓ ପୌରାଞ୍ଚଳର ୧୧ଟି ୱାର୍ଡର ପ୍ରାୟ ୭୦ହଜାର ଲୋକ ଜଳବନ୍ଦୀ ଅବସ୍ଥାରେ ଅଛନ୍ତି। ତେବେ ଏହି ଅଞ୍ଚଳ ଗରିବ ପରିବାରରେ ଚୁଲି ଜଳିବା ସମ୍ଭବ ହୋଇ ନ ଥିବାବେଳେ କୌଣସି ସରକାରୀ ସହାୟତା ମଧ୍ୟ ମିଳିନାହିଁ। ଗୃହ ପାଳିତ ପ୍ରାଣୀଙ୍କୁ ଖୋଲା ଛାଡି ଦେଇ ଏବେ ଭୋକ ଉପାସରେ ଅଛନ୍ତି। ସେମାନଙ୍କ ଅଭିଯୋଗ ସ୍ଥାନୀୟ ବିଡିଓ ସ୍ଥିତି ଦେଖିଯାଇଥିଲେ ମଧ୍ୟ କୌଣସି ସହାୟତା କିମ୍ବା ରିଲିଫ ସାମଗ୍ରୀ ପ୍ରଦାନ କରିନାହାନ୍ତି। ଅନୁରୂପ ଭାବେ ପୌରାଞ୍ଚଳ ଅବସ୍ଥା ହୋଇଥିବାବେଳେ କଟଅପ ସ୍ଥାନରେ ପାନୀୟ ଜଳ ଟ୍ୟାଙ୍କର, ସାନିଟାଇଜେଶନ ପାଇଁ ବ୍ଲିଚିଂ ଯୋଗାଇ ଦିଆଯାଇଛି। ଏ ନେଇ କେନ୍ଦ୍ରାପଡ଼ା ଜିଲାପାଳଙ୍କୁ ଅବଗତ କରାଇଛୁ ସରକାରୀ ସ୍ତରରେ ରିଲିଫ ସହାୟତା ଆସିଲେ ଯୋଗାଇ ଦିଆଯିବ ବୋଲି ପୌର ନିର୍ବାହୀ ଅଧିକାରୀ ରଞ୍ଜନ କୁମାର ଦାଶ କହିଛନ୍ତି।ଅନ୍ୟପକ୍ଷରେ ନଦୀରେ ଜଳସ୍ତର ବୃଦ୍ଧି ପାଉଥିବାରୁ ବନ୍ୟା ପରିସ୍ଥିତି ସଙ୍ଗୀନ ହେବା ଆଶଙ୍କା ଦେଖାଦେଇଛି। ନଦୀବନ୍ଧଗୁଡ଼ିକ ଉପରେ ଜଳ ସମ୍ପଦ ବିଭାଗ କର୍ମଚାରୀ ସତର୍କ ଦୃଷ୍ଟି ରଖିଛନ୍ତି।

# ୬ ଅଙ୍ଗନୱାଡ଼ି କର୍ମୀ, ୧ ସହାୟିକାଙ୍କୁ କାରଣ ଦର୍ଶାଅ ନୋଟିସ

ନାଉଗାଁ, ୧୭।୭(ସୁଧା ବେହୁରା)

ନାଉଗାଁ ବ୍ଲକ ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟ ଅଧୀନରେ କାର୍ଯ୍ୟ କରୁଥିବା ୬ ଅଙ୍ଗନୱାଡ଼ି କର୍ମୀ ଓ ସହାୟିକାଙ୍କୁ କାର୍ଯ୍ୟାଳୟ ପକ୍ଷରୁ କାରଣ ଦର୍ଶାଅ ନୋଟିସ ଜାରି ହୋଇଛି। ନୋଟିସ ୧୬ ଜୁଲାଇ ୨୦୨୫ରେ ପ୍ରଦାନ କରାଯାଇଛି। କାର୍ଯ୍ୟରେ ଅବହେଳା ପାଇଁ ଉକ୍ତ ନୋଟିସ ଦିଆଯାଇଛି ବୋଲି ସିଡିପିଓ ବାସନ୍ତୀ ମାଇନ ସୂଚନା ଦେଇଛନ୍ତି। ନୋଟିସ ପାଇବାର ୩ ଦିନ ମଧ୍ୟରେ ସନ୍ତୋଷଜନକ ଉତ୍ତର ଦେବା ପାଇଁ ସେଥିରେ ଉଲ୍ଲେଖ କରାଯାଇଛି। ସେହିପରି ୧ ମାସର ଦରମାକୁ ମଧ୍ୟ ସ୍ଥଗିତ ରଖାଯାଇଛି। ନୋଟିସ ପ୍ରଦାନ କରାଯାଇଥିବା ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକ ମଧ୍ୟରେ ରହିଛି ଗାରୋଇ। ଏଠାକାର କର୍ମୀ ଭାରତୀ ଜେନା ସିଡିପିଓ କାର୍ଯ୍ୟାଳୟରୁ ପରିଦର୍ଶନ ବେଳେ କେନ୍ଦ୍ରରେ ଅନୁପସ୍ଥିତ ଥିବା ଜଣାପଡ଼ିଛି। ସେହିପରି ଅନନ୍ତପୁର ଅଙ୍ଗନୱାଡ଼ି କେନ୍ଦ୍ରର କର୍ମୀ ପ୍ରିୟଙ୍କା ମହାନ୍ତି ଓଜନ ଉତ୍ସବ ରେଜିଷ୍ଟ୍ରାର ୨୦୨୪ ଠାରୁ ପୂରଣ କରି ନାହାନ୍ତି। ଏଠାରେ ପିଲାମାନଙ୍କୁ ଓଜନ କରାଯାଉ ନ ଥିବା, ଏତଦ୍‌ବ୍ୟତୀତ ବିଭିନ୍ନ ରେଜିଷ୍ଟ୍ରାର କେନ୍ଦ୍ରରେ ମହାଜୁଦ ନ ଥିବା ଜଣାପଡ଼ିଛି। ଅବଦଲପୁର ଅଙ୍ଗନୱାଡ଼ି କେନ୍ଦ୍ରରେ ସିଡିପିଓ କାର୍ଯ୍ୟାଳୟରୁ ପରିଦର୍ଶନ ବେଳେ ୩ଟି ପିଲା ଉପସ୍ଥିତ ଥିବା ବେଳେ କର୍ମୀ ନମିତା ଦାସ ଓଜନ ଉତ୍ସବରେ ପିଲାମାନଙ୍କୁ ଠିକ୍ ଭାବେ ଓଜନ କରି ନ ଥିବା ଜଣାପଡ଼ିଛି। କୋରୁଅ-୨ରେ ପିଲା ଅନୁପସ୍ଥିତ ଥିଲାବେଳେ ସାବିତ୍ରୀ ଜେନା ରେଜିଷ୍ଟରରେ ସମସ୍ତ ପିଲାଙ୍କ ଉପସ୍ଥିତି ଦର୍ଶାଇଥିଲେ। ଏଥିସହ ରନ୍ଧନ ଖାଦ୍ୟ ବନ୍ଦ ଥିଲା। ଦାନ୍ତୁଆଳ କେନ୍ଦ୍ର ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ଏଥିଯୋଗୁ ଏଠାକାର ଅଙ୍ଗନୱାଡ଼ି କର୍ମୀ ଆଳତି ଭୋଳ ଓ ସହାୟିକା ଇନ୍ଦୁପ୍ରଭା ନାୟକଙ୍କୁ ନୋଟିସ ପଠାଯାଇଛି। ଚନ୍ଦରପୁର ଅଙ୍ଗନୱାଡ଼ି କେନ୍ଦ୍ରର କର୍ମୀ ସରିତା ଦାସ ଓଜନ ଦିବସ ଦିନ ଅନୁପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଏହି ବ୍ଲକରେ କେବଳ ଉକ୍ତ କର୍ମୀ ଓ ସହାୟିକା ନୁହନ୍ତି, ଅଧିକାଂଶ କର୍ମୀ ଜିଲା ବାହାରେ ରହୁଥିବାବେଳେ ସିଡିପିଓଙ୍କ କାର୍ଯ୍ୟାଳୟର କେତେଜଣ କର୍ମଚାରୀଙ୍କୁ ହାତରେ ରଖି କେନ୍ଦ୍ର ପରିଦର୍ଶନ ଦିନ ପହଞ୍ଚୁଥିବା ଚର୍ଚ୍ଚା ହେଉଛି।

# ଓଳାଭର ବଜାର କମିଟି ପକ୍ଷରୁ ବେଆଇନ ଉଚ୍ଛେଦ ନେଇ ଖବରଦାତା ସମ୍ମିଳନୀ

ରାଜକନିକା, ୧୭।୭(ରବୀନ୍ଦ୍ର କୁମାର ଦାସ)



ଖବରଦାତା ସମ୍ମିଳନୀରେ ଓଳାଭର ବଜାର କମିଟିର ସଦସ୍ୟମାନେ।

ରାଜକନିକା ବ୍ଲକ ଓଳାଭର ବଜାର କମିଟି ପକ୍ଷରୁ ଓଳାଭର ବଜାରକୁ ବେଆଇନ ଉଚ୍ଛେଦକୁ ନେଇ ଗୁରୁବାର ସନ୍ଧ୍ୟାରେ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ଓଳାଭର ବଣିକ ସଂଘର ସମ୍ପାଦକ ପ୍ରଦୀପ କୁମାର ପୃଷ୍ଟି, ସଭାପତି ପ୍ରଫୁଲ୍ଲ କୁମାର ପୃଷ୍ଟି, ଓଳାଭର ପଞ୍ଚାୟତର ସରପଞ୍ଚ ନଉସ ନାୟକ, ଓଳାଭର ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ କୈଳାସ ଚନ୍ଦ୍ର ବେହୁରା, ଅବସର ପ୍ରାପ୍ତ ସୈନିକ ଅକ୍ଷୟ ନାଥ ଉପସ୍ଥିତ ରହିଥିଲେ। ସେମାନେ ଓଳାଭର ବଜାର ହେଉଥିବା ଉଚ୍ଛେଦକୁ ପ୍ରତିବାଦ କରିଛନ୍ତି। ସ୍ଥାନୀୟ ତହସିଲ ପ୍ରଶାସନ ବେଆଇନ ଭାବେ ଉଚ୍ଛେଦରେ ବଳି ପଡିବେ ହାତ ଗଣତି କେତେଗୋଟି ଦୋକାନୀ ବୋଲି କହିଥିଲେ।

ସୂଚନା ମୁତାବକ, ଓଳାଭର ବଜାରର ମୁଖ୍ୟ ରାସ୍ତାକୁ ସମ୍ପ୍ରସାରଣ କରିବାକୁ ଓଳାଭର ତାରିଣୀ ମନ୍ଦିର ଛକଠାରୁ ସାତ ଘରିଆ ପର୍ଯ୍ୟନ୍ତ ପ୍ରାୟ ୨ଶହ ମିଟର କରି ଲୋକମାନଙ୍କ ଯାତାୟାତ ପାଇଁ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇଥିଲା। ହାତ ଗଣତି କେତେଗୋଟି ଦୋକାନୀ ପ୍ରଭାବିତ ହେଉଥିବାରୁ ଯାହାକୁ ନେଇ ଓଳାଭର ବଜାରର ବଣିକ ସଂଘ ପକ୍ଷରୁ ଏହି ସମ୍ମିଳନୀର ଆୟୋଜନ କରାଯାଇଥିଲା। ଓଳାଭର ବଣିକ ସଂଘର ସମ୍ପାଦକଙ୍କ କହିବା କଥା, ପୂର୍ବରୁ ମାପ ହୋଇଥିବା ଚିହ୍ନଟକୁ ବର୍ତ୍ତମାନର ମାପର ଚିହ୍ନଟରେ ପ୍ରଭେଦ ଥିବାରୁ କେତେଜଣ ଦୋକାନୀ ବଳିପଡିବେ। ତେଣୁ ସ୍ଥାନୀୟ ତହସିଲ ପ୍ରଶାସନକୁ ନିବେଦନ ଆସନ୍ତା ଜୁଲାଇ୨୨ତାରିଖକୁ ଥିବା ଉଚ୍ଛେଦ ପ୍ରକ୍ରିୟାକୁ ସ୍ଥଗିତ କରାଯାଉ। ପୁଣି ତାରିଣୀ ମନ୍ଦିର ଛକଠାରୁ ସାତଘରିଆ ପର୍ଯ୍ୟନ୍ତ ମାପ କରାଯାଇ ଚିହ୍ନଟ କରି ଉଚ୍ଛେଦ ପ୍ରକ୍ରିୟା କଲେ ବଣିକ ସଂଘ ଓ ସାଧାରଣ ଲୋକେ ଏହି ପ୍ରକ୍ରିୟାରେ ପ୍ରଶାସନକୁ ସାହାଯ୍ୟ ଓ ସହଯୋଗ କରିବେ ବୋଲି ଅନୁରୋଧ କରିଛନ୍ତି।

# ନିର୍ଯାତନା ଦେଇ ଭଉଣୀକୁ ମାରିଦେଲେ

**ଦମ୍ପତିଙ୍କ ଆତ୍ମହତ୍ୟା ଘଟଣା**

ରାଜନଗର, ୧୭।୭(ଭାସ୍କର ରାଉତରାୟ)

ତାଳଚୁଆ ସାମୁଦ୍ରିକ ଥାନା ଅନ୍ତର୍ଗତ ଖମାରସାହି ପଞ୍ଚାୟତ ନଳିତାପାଟିଆ ଗାଁର ପଞ୍ଚାନନ ନାୟକଙ୍କ ପୁଅ ପ୍ରତାପ (୨୯) ଓ ବୋହୂ ଶଶିରେଖା ରଶି ଲଗାଇ ବୁଧବାର ବନ୍ଦ ଘର ଭିତରେ ଆତ୍ମହତ୍ୟା କରିଥିଲେ। ଗୁରୁବାର ମୃତଦେହ ବ୍ୟବଚ୍ଛେଦ ପରେ ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ମୃତ ଶଶିରେଖାଙ୍କ ଭାଇ ରାଜନଗର ଥାନା ଅନ୍ତର୍ଗତ ପେଣ୍ଠ ଗ୍ରାମର ନିତ୍ୟାନନ୍ଦ ଦାସ ତାଳଚୁଆ ସାମୁଦ୍ରିକ ଥାନାରେ ତାଙ୍କ ଭଉଣୀକୁ ନିର୍ଯାତନା ଦେଇ ମାରି ଦିଆଯାଇଛି ବୋଲି ଅଭିଯୋଗ କରିଛନ୍ତି। ୪ ବର୍ଷ ତଳେ ଭଉଣୀ ବିବାହ କରିଥିଲେ। ବିବାହ ପରେ ଯୌତୁକ ପାଇଁ ନିର୍ଯାତନା ଦେଉଥିଲେ। ଚଳିତ ମାସ ୬ ତାରିଖରେ ଶାଶୁ ଶ୍ୱଶୁର ମାର୍‌ପିଟ କରିଥିଲେ। ନିର୍ଯାତନା ଦେଇ ଭଉଣୀଙ୍କୁ ମାରି ଦେଲେ ବୋଲି ଅଭିଯୋଗ କରିଛନ୍ତି। ପୋଲିସ ଏ ନେଇ ମାମଲା ରୁଜୁ କରିଥିବା ଆଇଆଇସି ବିମଳ କୁମାର ମଲ୍ଲିକ ସୂଚନା ଦେଇଛନ୍ତି। ଚଳିତ ମାସ ୬ ତାରିଖରେ ତାଳଚୁଆ ସାମୁଦ୍ରିକ ଥାନାରେ ଶାଶୁ ଶ୍ୱଶୁର ବୋହୂ ନାଁରେ ଓ ବୋହୂ ଶାଶୁ ଶ୍ୱଶୁରଙ୍କ ନାଁରେ ଅଭିଯୋଗ କରିଥିଲେ। ଥାନାରେ ନଂ. ୭୮/୨୫ ଓ ୭୯/୨୫ ରେ ଦୁଇଟି ମାମଲା ରୁଜୁ ହୋଇଛି। ଏହି ଘଟଣା ପରେ ଗୁଜରାଟରେ କାମ କରୁଥିବା ପ୍ରତାପ ଘରକୁ ଫେରିଥିଲେ। ୪ ଦିନ ତଳେ ଥାନାରେ ପହଞ୍ଚି ପରିବାର କଥା ସମାଧାନ କରିଦେବାକୁ କହିଥିଲେ।

# ସୌମ୍ୟାଶ୍ରୀଙ୍କୁ ନ୍ୟାୟ ଦାବିରେ ଜଗତ୍‌ସିଂହପୁରର ବିଭିନ୍ନ ବ୍ଲକରେ ବନ୍ଦ ପାଳନ

**ଜଗତ୍‌ସିଂହପୁର ଜିଲାର ବିଭିନ୍ନ ବ୍ଲକ୍‌ରେ ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ମୃତ୍ୟୁ ଘଟଣାକୁ ନେଇ ଗୁରୁବାର କଂଗ୍ରେସ, ବାମଦଳ ପକ୍ଷରୁ ଶାନ୍ତିପୂର୍ଣ୍ଣ ବନ୍ଦ ପାଳନ କରାଯାଇଛି।**



ରଘୁନାଥପୁରଠାରେ କଟକ-ପାରାଦୀପ ରାଜପଥକୁ କଂଗ୍ରେସ କର୍ମୀମାନେ ଅବରୋଧ କରିଛନ୍ତି।

ନାଉଗାଁ, ୧୭।୭(ସୁଧା ବେହୁରା)

ଓଡ଼ିଶା ବନ୍ଦ ପ୍ରଭାବରେ ନାଉଗାଁ ବ୍ଲକରେ ରାସ୍ତା ଘାଟ ଜନଶୂନ୍ୟ ହୋଇଯାଇଥିଲା। ଯାନ ବାହନ ଚଳାଚଳ ଏକରକମ ଠପ୍ ହୋଇଯାଇଥିଲା। ବ୍ଲକ କାର୍ଯ୍ୟାଳୟ, ତହସିଲ କାର୍ଯ୍ୟାଳୟ, ସରକାରୀ ଓ ବେସରକାରୀ ବିଦ୍ୟାଳୟ, ମହାବିଦ୍ୟାଳୟ, ଜାତୀୟକରଣ ବ୍ୟାଙ୍କଗୁଡିକ ବନ୍ଦ ରହିଥିଲା। ନାଉଗାଁ ବଜାର, ଗଙ୍ଗଦା, ଡେରିକି, କଂଟୁଣିଆ, ମୁଣ୍ଡାଳୋ, ଅଳଣାହାଟ ଆଦି ବଜାରର ଦୋକାନୀମାନେ ସ୍ୱତଃପ୍ରବୃତ୍ତ ଦୋକାନ ବଜାର ବନ୍ଦ କରି ବନ୍ଦକୁ ସମର୍ଥନ ଜଣାଇଥିଲେ। ବ୍ଲକ କଂଗ୍ରେସ ସଭାପତି ବିଚିତ୍ର ନନ୍ଦ ଲେଙ୍କାଙ୍କ ନେତୃତ୍ୱରେ ନାଉଗାଁ ବଜାର, ଡେରିକି, ଅଳଣାହାଟ, ମୁଣ୍ଡାଳୋଠାରେ ପୂର୍ବତନ ଯୁବ କଂଗ୍ରେସ ସଭାପତି ସୁବ୍ରତ ରାୟ, ନୂଆଗାଁ ସମିତି ସଭ୍ୟ ସୁଶ୍ରୀ ଶ୍ରାବଣୀ ରାୟ, ପୂର୍ବତନ ରାଜ୍ୟ ଛାତ୍ର କଂଗ୍ରେସ ସାଧାରଣ ସମ୍ପାଦକ ପ୍ରୀତମ ପରିଜା, ରାଜ୍ୟ ଛାତ୍ର କଂଗ୍ରେସ ସାଧାରଣ ସମ୍ପାଦକ ସୌମ୍ୟ ସଂଜୀବ ଦାସଙ୍କ ସମେତ ଶତାଧିକ କର୍ମୀ ଏକତ୍ରିତ ହୋଇ ସରକାରଙ୍କ ବିରୋଧରେ ନାରା ଦେବା ସହ ସୌମ୍ୟାଶ୍ରୀଙ୍କୁ ନ୍ୟାୟ ପ୍ରଦାନ ପାଇଁ ଦାବି କରିଥିଲେ।

**ପାରାଦୀପ, (ଶରତ ରାଉତ):** ବାଲେଶ୍ୱର ଛାତ୍ରୀ ମୃତ୍ୟୁ ଘଟଣାକୁ ନେଇ ଶୁକ୍ରବାର ରାଜ୍ୟ କଂଗ୍ରେସ ଯେଉଁ ଓଡ଼ିଶା ବନ୍ଦ ଡାକରା ଦେଇଥିଲା ତାହା ପାରାଦୀପ ଶିଳ୍ପାଞ୍ଚଳରେ ପ୍ରଭାବ ପକାଇଛି। କମ୍ପାନୀ ଓ ପାରାଦୀପ ବନ୍ଦରର ନିଷିଦ୍ଧାଞ୍ଚଳକୁ ବାଦ୍ ଦେଲେ ଅନ୍ୟ ସବୁ ବନ୍ଦ ରହିଥିଲା। ସ୍କୁଲ କଲେଜ ବ୍ୟାଙ୍କ ବଜାର ଆଦି ଅପରାହ୍ନ ପର୍ଯ୍ୟନ୍ତ ବନ୍ଦ ରହିଥିଲା। ଦଳ ପକ୍ଷରୁ ବିଧାୟକ ପ୍ରାର୍ଥୀ ନିରଞ୍ଜନ ନାୟକଙ୍କ ନେତୃତ୍ୱରେ କର୍ମୀମାନେ ବିଭିନ୍ନ ସ୍ଥାନରେ ରାଜ୍ୟ ସରକାରଙ୍କ ବିରୋଧରେ ନାରାବାଜି କରିଥିଲେ।

**କୁଜଙ୍ଗ, (ମନୋଜ ପ୍ରଧାନ):** କୁଜଙ୍ଗଠାରେ କଂଗ୍ରେସ ନେତା ବୀରେନ ଦଳାଇ ଓ ଗତ ବିଧାନସଭା ନିର୍ବାଚନରେ ପ୍ରାର୍ଥୀ ହୋଇଥିବା ନିରଞ୍ଜନ ନାୟକଙ୍କ ଗୋଷ୍ଠୀ ପକ୍ଷରୁ ପୃଥକ୍ ଭାବେ ବନ୍ଦ ପାଳନ କରାଯାଇଛି। ବୀରେନ ଦଳାଇଙ୍କ ଗୋଷ୍ଠୀ ପକ୍ଷରୁ ପୂର୍ବତନ ଜିଲା କିଶାନ ସେଲ ସଭାପତି ନୂତନ ତ୍ରିପାଠୀ, ଯୁବ କଂଗ୍ରେସ ନେତା ଅବିନାଶ ମଲ୍ଲିକ, ଚିତ୍ତରଞ୍ଜନ ସାହୁ ଓ ବିଶ୍ୱନାଥ ମଲ୍ଲିକଙ୍କ ନେତୃତ୍ୱରେ ପୋଷ୍ଟ ଅଫିସ ସମ୍ମୁଖରେ ବନ୍ଦ ପାଳନ କରାଯାଇଥିଲା। ଅନ୍ୟ ଏକ ଗୋଷ୍ଠୀ ପୂର୍ବତନ ବ୍ଲକ ସେବା ଦଳ ଅଧକ୍ଷ ଅଶୋକ ନାଥ, ପୂର୍ବତନ ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ପ୍ରିୟମ୍ବଦା ପାଣି, ଶାରଦା ସ୍ୱାଇଁ ଓ ରାଜକିଶୋର ନାଥଙ୍କ ନେତୃତ୍ୱରେ ଥାନା ଛକଠାରେ ବନ୍ଦ ପାଳନ କରାଯାଇଛି। କୁଜଙ୍ଗରେ ଦୋକାନ ବଜାର ସବୁ ବନ୍ଦ ଥିବାବେଳେ ସରକାରୀ ଦପ୍ତର ଖୋଲା ଥିଲେ ମଧ୍ୟ ସାଧାରଣ ଲୋକ କେହି ଆସି ନ ଥିଲେ। ମାତ୍ର ବିଚାର ବିଭାଗୀୟ ଅଦାଲତ ସବୁ ସ୍ୱାଭାବିକ ଭାବେ କାର୍ଯ୍ୟ କରିଥିଲେ। ସିପିଆଇ ନେତା ଶ୍ରୀନିବାସ ଯୁଝାର ସିଂ, ସୁବାସ ମହାପାତ୍ର, ରବୀନ୍ଦ୍ର ମହାପାତ୍ର ଓ ଶରତ ବଳିଆର ସିଂହ ପ୍ରମୁଖ ଉପସ୍ଥିତ ରହି ଏହି ବନ୍ଦକୁ ସମର୍ଥନ କରିଥିଲେ।

**ଏରସମା, (ଦୀପ୍ତି ଖଣ୍ଡୁଆଳ) :** ଏରସମା ବ୍ଲକରେ ବନ୍ଦ ପ୍ରଭାବରେ ଦୋକାନ ବଜାର ସରକାରୀ ବେସରକାରୀ କାର୍ଯ୍ୟାଳୟ ବନ୍ଦ ରହିଥିଲା। ଏରସମା ମୁଖ୍ୟାଳୟସ୍ଥିତ ଗାନ୍ଧୀ ଛକଠାରେ କଂଗ୍ରେସ ପକ୍ଷରୁ ପିସିସି ଉପସଭାପତି ଡ. ଲଲାଟେନ୍ଦୁ ମହାପାତ୍ର, ନଳିନୀ କୁମାର ସ୍ୱାଇଁ, ବ୍ଲକ ସଭାପତି ବଲ୍ଲବାନନ୍ଦ ସ୍ୱାଇଁ, ଅଭିଜିତ ସାହୁ, ସଂଶୟ ସ୍ୱାଇଁ ପ୍ରମୁଖଙ୍କ ସହ ସିପିଆଇ ପକ୍ଷରୁ ଶଶୀଭୂଷଣ ସ୍ୱାଇଁ, ପ୍ରସନ୍ନ କୁମାର କୁଅଁର, ଦାମୋଦର ବେହେରା ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଥିଲେ।

**ରଘୁନାଥପୁର, (ରାଜେନ୍ଦ୍ର ନାରାୟଣ ସିଂହ):** ରଘୁନାଥପୁର ବ୍ଲକରେ କାଁଭା ଚା, ଜଳଖିଆ ଦୋକାନକୁ ଛାଡ଼ିଦେଲେ ଦୋକାନ ବଜାର ଆପାତତଃ ବନ୍ଦ ରହିଛି। ସେହିପରି ବସ ଓ ଟ୍ରକ ସହ ଚାରିଚକିଆ ଜାନବାହନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଛି। ବ୍ଲକ କଂଗ୍ରେସ ସଭାପତି ଆର୍ତ୍ତତ୍ରାଣ ପଣ୍ଡାଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀମାନେ ବ୍ଲକଛକ ନିକଟସ୍ଥ କଟକ ପାରାଦୀପ ରାସ୍ତା ଉପରେ ବସି ପ୍ରତିବାଦ କରିଥିଲେ। ଏହି ଉପଲକ୍ଷେ ଅନୁଷ୍ଠିତ ପ୍ରତିବାଦ ସଭାରେ ଜିଲା କଂଗ୍ରେସ ଉପସଭାପତି ସର୍ବେଶ୍ୱର ପଣ୍ଡା, ପ୍ରାକ୍ତନ ବ୍ଲକ ସଭାପତି ପ୍ରଶାନ୍ତ ଦାସ, ବସନ୍ତ ଦାଶ, ମାନସ ଗୋଛାୟତ, ବସନ୍ତ ସ୍ୱାଇଁ, ପ୍ରଦୀପ ସ୍ୱାଇଁ, ଜିତେନ୍ଦ୍ର ମଲ୍ଲିକ, ବିନ୍ଦୁସାର ମହାପାତ୍ର, ବିଷ୍ଣୁ ବିଶ୍ୱାଳ ପ୍ରମୁଖ ସାମିଲ ହୋଇଥିଲେ।

**ତିର୍ତ୍ତୋଲ, (ଗୌରାଙ୍ଗ ଚରଣ ସ୍ୱାଇଁ) :** ତିର୍ତ୍ତୋଲ ବ୍ଲକର ବିଭିନ୍ନ ସ୍ଥାନରେ ଓଡ଼ିଶାବନ୍ଦର ପ୍ରଭାବ ଦେଖିବାକୁ ମିଳିଥିଲା। କଂଗ୍ରେସ ନେତା ଇଂ.ହିମାଂଶୁ ଭୂଷଣ ମଲ୍ଲିକ ଓ ପିସିସି ସଭ୍ୟ ଦେବ ପ୍ରସାଦ ନାୟକଙ୍କ ନେତୃତ୍ୱରେ ବ୍ଲକ କଂଗ୍ରେସର ନେତୃବୃନ୍ଦ ତିର୍ତ୍ତୋଲସ୍ଥିତ ସରଣୀ ବଜାରରେ ଟାୟାର ଜାଳି ମୁଖ୍ୟ ରାସ୍ତାକୁ ଅବରୋଧ କରିଥିଲେ। ଯେଉଁ ଲୋକମାନେ ଆସୁଥିଲେ ସେମାନଙ୍କୁ ଚକୋଲେଟ ଦେଇ ବନ୍ଦ ପାଳନକୁ ସମର୍ଥନ କରିବାକୁ ଅନୁରୋଧ କରିଥିଲେ। କଂଗ୍ରେସ କର୍ମକର୍ତ୍ତାମାନେ ବାଇକ ରାଲିରେ ଯାଇ ବିଭିନ୍ନ ସରକାରୀ କାର୍ଯ୍ୟାଳୟ, କଲେଜ ଓ ବ୍ୟାଙ୍କ ଆଦି ଶାନ୍ତିପୂର୍ଣ୍ଣଭାବେ ବନ୍ଦ କରି ସହଯୋଗ କରିବାକୁ ଅନୁରୋଧ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ କଂଗ୍ରେସ ଉପସଭାପତି ଜିତେନ୍ଦ୍ର ମହାନ୍ତି, ଯୁବନେତା ଅଶ୍ୱିନୀ ସ୍ୱାଇଁ, ତିର୍ତ୍ତୋଲ ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ ସଭାପତି ସଫି ଆଜମ, ମଣିଜଙ୍ଗା ସରପଞ୍ଚ ଶଶଧର ମଲ୍ଲିକ, ତୁଳଙ୍ଗ ସମିତି ସଭ୍ୟ ଦେବୀ ପ୍ରସାଦ ପାଳ, ପ୍ରଶାନ୍ତ ଲେଙ୍କା ପ୍ରମୁଖ ସାମିଲ ହୋଇଥିଲେ।

**ବାଲିକୁଦା, (ତାପସ ସ୍ୱାଇଁ):** କଂଗ୍ରେସ ପକ୍ଷରୁ ଡକାଯାଇଥିବା ୧୨ ଘଣ୍ଟିଆ ବନ୍ଦ ସଫଳ ହୋଇଛି ଏବଂ ଶାନ୍ତି ଶୃଙ୍ଖଳାର ସହ ଶେଷ ହୋଇଛି। ବାଲିକୁଦାର କାଠଗୋଲା ଛକଠାରେ ପୂର୍ବତନ ବିଧାୟକ ଡା. ଲଲାଟେନ୍ଦୁ ମହାପାତ୍ରଙ୍କ ନେତୃତ୍ୱରେ ନେତା ଓ କର୍ମୀମାନେ ବନ୍ଦ ପାଳନ କରିଥିଲେ। ବିକ୍ରମ ପରିଡ଼ା, ରାଜକିଶୋର ସାହୁ, ମହନିଚରଣ ରାଉତ, ଆର୍ତ୍ତବନ୍ଧୁ ବିଶ୍ୱାଳ, ବାବାଜୀ ସେଠୀ, ସୁଶାନ୍ତ ଦାସ, ବିଭୂତି ଭୂଷଣ ସ୍ୱାଇଁ, ରମେଶ ସ୍ୱାଇଁ, ରମେଶ ପରିଡ଼ା, ସୁରେନ୍ଦ୍ର ନାୟକ, ରଶ୍ମିରଞ୍ଜନ ରାଉତ, ପଦ୍ମଚରଣ ନାୟକ ପ୍ରମୁଖ ଏଥିରେ ଯୋଗଦେଇଥିଲେ। ଖାଙ୍କରପୁରଠାରେ ପ୍ରଭାସ ପଣ୍ଡାଙ୍କ ନେତୃତ୍ୱରେ କର୍ମୀମାନେ ରାସ୍ତାକୁ ଓଗ୍ଳାଇ ଆନ୍ଦୋଳନ କରିଥିଲେ।

**ସେଲ୍ଫି କର୍ଣ୍ଣର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଆଲୋକ



@ ଗୁଡୁ



@ ମନୋରଞ୍ଜନ



@ ରିଶିକା

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।



ନାଉଗାଁ ବଜାରରେ କଂଗ୍ରେସ ପକ୍ଷରୁ ବନ୍ଦ ପାଳନ କରାଯାଉଛି।



ତିର୍ତ୍ତୋଲଠାରେ କଂଗ୍ରେସ ପକ୍ଷରୁ ଟାୟାର ଜାଳି କଟକ-ପାରାଦୀପ ରାସ୍ତାରୋକୋ।



ବାଲିକୁଦାଠାରେ ବନ୍ଦପାଳନରେ ସାମିଲ ହୋଇଥିବା କଂଗ୍ରେସ ନେତୃବୃନ୍ଦ।

# ୧୯ମାସ ହେଲା ବସିନି ଗଭର୍ଣ୍ଣିଂବଡି ବୈଠକ

- ପ୍ରତି ୬ମାସରେ ବୈଠକ କରିବାକୁ ରହିଛି ଗାଇଡ୍‌ଲାଇନ୍
- ବୈଠକ କରିବାକୁ ସ୍ୱାସ୍ଥ୍ୟ ବିଭାଗର ଆନ୍ତରିକତା ନାହିଁ
- କାର୍ଯ୍ୟକାରିଣୀ ବୈଠକରେ ସବୁକିଛି

ନୟାଗଡ,୧୭।୭(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ସ୍ୱାସ୍ଥ୍ୟ ସମିତି ଗଭର୍ଣ୍ଣିଂବଡି ବୈଠକ ପ୍ରାୟ ୧୯ ମାସ ହେଲା ହୋଇ ନାହିଁ । ଜିଲା ସ୍ୱାସ୍ଥ୍ୟ ସମିତିର କାର୍ଯ୍ୟକାରିଣୀ ବୈଠକ କରାଯାଇ କାମ ଚଳାଇ ନିଆଯାଉଥିବା ଅଭିଯୋଗ ହୋଇଛି। ଜିଲା ସ୍ୱାସ୍ଥ୍ୟ ସମିତି ଗଭର୍ଣ୍ଣିଂବଡିର ଚେୟାରମ୍ୟାନ ଜିଲା ପରିଷଦ ଚେୟାରମ୍ୟାନ ଥିବାବେଳେ କାର୍ଯ୍ୟକାରିଣୀ ବୈଠକର ଚେୟାରମ୍ୟାନ ଜିଲାପାଳ ଅଛନ୍ତି। ଜିଲା ସ୍ୱାସ୍ଥ୍ୟ ସମିତି ଗଭର୍ଣ୍ଣିଂବଡିରେ ଯାହା ପ୍ରସ୍ତାବ ଗୃହୀତ ହେବ ତାହା କାର୍ଯ୍ୟକାରିଣୀ ବୈଠକ କରାଇ କାର୍ଯ୍ୟକାରି କରାଯାଏ। ତେବେ ଜିଲା ସ୍ୱାସ୍ଥ୍ୟ ସମିତି ଗଭର୍ଣ୍ଣିଂବଡିର ବୈଠକ ୬ମାସକୁ ଥରେ ନ କରିବା ଜିଲା ସ୍ୱାସ୍ଥ୍ୟ ବିଭାଗର କାର୍ଯ୍ୟଦକ୍ଷତାକୁ ପଦାରେ ପକାଇଛି। ଏପରି କି ଜିଲା ସ୍ୱାସ୍ଥ୍ୟ ସମିତିର ଅନୁଦାନ ଖର୍ଚ୍ଚ ଉପରେ ଅନିୟମିତତା ଅଭିଯୋଗ ଆସୁଥିବାବେଳେ ଗତ ଜିଲା ସ୍ୱାସ୍ଥ୍ୟ ସମିତି ଗଭର୍ଣ୍ଣିଂବଡି ବୈଠକରେ ତାହା ପ୍ରମାଣିତ ହୋଇସାରିଛି। ଏହା ସତ୍ତ୍ୱେ ବି ସରକାରୀ ଗାଇଡ୍‌ଲାଇନକୁ ଶୀତଳଭଣ୍ଡାରକୁ ଫୋପାଡି ସରକାରୀ ଅନୁଦାନ ଅପବ୍ୟୟ କରାଯିବା ପରି ଅଭିଯୋଗ ସାଧାରଣରେ ଅସନ୍ତୋଷ ସୃଷ୍ଟି କରିଛି।

ସୂଚନା ଅନୁଯାୟୀ, ପୂର୍ବରୁ ୭ ବର୍ଷ ହେଲା ଜିଲା ସ୍ୱାସ୍ଥ୍ୟ ସମିତି ବୈଠକ ବସି ନ ଥିଲା। ଜନପ୍ରତିନିଧିଙ୍କ ପାଟିତୁଣ୍ଡ ପରେ ୨୦୨୩ ନଭେମ୍ବର ୧୮ରେ ବୈଠକ ବସିଥିଲା। ବୈଠକରେ ପ୍ରବଳ ପାଟିତୁଣ୍ଡ ହୋଇଥିଲା। ଏପରି କି ୭ ବର୍ଷ ତଳେ ହୋଇଥିବା ବୈଠକର ପ୍ରୋସିଡିଂ ଅଥବା କୌଣସି କାଗଜପତ୍ର ନ ଥିଲା। ସେହିପରି ୨୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ମନଇଚ୍ଛା ଖର୍ଚ୍ଚ କରାଯାଇଥିଲା। ବୈଠକ ପରେ ଯଥା ପୂର୍ବଂ ତଥା ପରଂ ଅବସ୍ଥା। ସ୍ୱାସ୍ଥ୍ୟ ମିଶନର ବିନା ଅନୁମୋଦନରେ ଅନେକ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା, ଯାହାକି ସରକାରୀ ନିୟମକୁ ଶୀତଳଭଣ୍ଡାରକୁ ଫୋପାଡି ଗୋଟିକ ପରେ ଗୋଟିଏ ଅନିୟମିତତା ହୋଇଥିବାର ଅଭିଯୋଗ ହୋଇ ଆସୁଛି। ଜିଲା ସ୍ୱାସ୍ଥ୍ୟ ସମିତି ଗଭର୍ଣ୍ଣିଂବଡି ବୈଠକ ଠିକ୍‌ରେ ହେଉ ନ ଥିବାରୁ ଜିଲା ପରିଷଦ ବୈଠକରେ ମଧ୍ୟ ଉଦ୍‌ବେଗ ପ୍ରକାଶ ପାଇଥିଲା। ସରକାରୀ ନିୟମକୁ ସ୍ୱାସ୍ଥ୍ୟ ବିଭାଗ ଦଳିଚକଟି ଚାଲିଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ କାହିଁକି ହେଉନି ବୋଲି ପ୍ରଶ୍ନ ଉଠିଥିଲା। ଜିଲା ସ୍ୱାସ୍ଥ୍ୟ ସମିତି ଗଭର୍ଣ୍ଣିଂବଡିର ଅନୁମତି ନ ଥାଇ ୨୦୦ କୋଟିରୁ ଊର୍ଦ୍ଧ୍ୱ ସରକାରୀ ଅନୁଦାନ କିପରି ଖର୍ଚ୍ଚ ହେଲା ବୋଲି ୨୦୨୩ ନଭେମ୍ବର ୨୮ରେ ଅନୁଷ୍ଠିତ ଜିଲା ସ୍ୱାସ୍ଥ୍ୟ ମିଶନର ବୈଠକରେ ପ୍ରଶ୍ନ ଉଠିଥିଲା। ମନଇଚ୍ଛା ଟଙ୍କା ଖର୍ଚ୍ଚ ନେଇ ସ୍ୱାସ୍ଥ୍ୟ ବିଭାଗର ଆକାଉଣ୍ଟାଣ୍ଟ ଓ ତତ୍କାଳୀନ ସିଡିଏମ୍‌ଓ ମଧ୍ୟ ତଥ୍ୟ ଦେଇ ପାରି ନ ଥିଲେ। ପୁଣି ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ଅନୁଦାନ ଖର୍ଚ୍ଚରେ ଅନିମୟିତତା ହୋଇଥିବା ଚର୍ଚ୍ଚା ହୋଇଥିଲା। ସେହିପରି ୨୦୧୬ରେ ଜିଲା ସ୍ୱାସ୍ଥ୍ୟ ସମିତିର ବୈଠକ ବସିଥିବା କୁହାଯାଇଥିଲା। ତେବେ ସେ ସମୟର ପ୍ରୋସିଡିଂ, ଏଜେଣ୍ଡାକୁ ବୈଠକରେ ଉପସ୍ଥାପନ କରାଯାଇ ପାରି ନ ଥିଲା। ଏଣୁ ସ୍ୱାସ୍ଥ୍ୟ ବିଭାଗର କାର୍ଯ୍ୟ ସନ୍ଦେହ ଘେରକୁ ଆସିଥିଲା।

ଏନେଇ ଜିଲା ପରିଷଦ ଚେୟାରମ୍ୟାନ ଦେବାଶିଷ ପଟ୍ଟନାୟକ କୁହନ୍ତି, ଜିଲା ସ୍ୱାସ୍ଥ୍ୟ ସମିତି ଗଭର୍ଣ୍ଣିଂବଡିର ବୈଠକ ପ୍ରାୟ ୭ ବର୍ଷ ହେଲା ହୋଇ ନ ଥିଲା। ବାରମ୍ବାର କହିବା ପରେ ୨୦୨୩ ନଭେମ୍ବର ୧୮ରେ ବୈଠକ ହୋଇଥିଲା। ଏହା ପରେ ପୁଣି ବୈଠକ କରାଯାଉନି। ତେବେ ଗତ ଜୁଲାଇ ୧ରେ ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଜିଲା ସ୍ୱାସ୍ଥ୍ୟ ସମିତିର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଛି। ଜିଲା ସ୍ୱାସ୍ଥ୍ୟ ସମିତିର କାର୍ଯ୍ୟକାରିଣୀ ବୈଠକ କରାଯାଉ କିଛି ଅସୁବିଧା ନାହିଁ। ଏହା କରାଯିବା ଦରକାର। କିନ୍ତୁ ଜିଲା ସ୍ୱାସ୍ଥ୍ୟ ସମିତି ଗଭର୍ଣ୍ଣିଂ ବଡି ବୈଠକ ନ ବସିଲେ ଟଙ୍କାଟିଏ ଖର୍ଚ୍ଚ କରାଯାଇ ପାରିବ ନାହିଁ। କିନ୍ତୁ ଜିଲା ସ୍ୱାସ୍ଥ୍ୟ ବିଭାଗ ଜିଲା ସ୍ୱାସ୍ଥ୍ୟ ସମିତରି ଗଭର୍ଣ୍ଣିଂବଡି ବୈଠକ କରିବାକୁ ଆଗ୍ରହ ପ୍ରକାଶ କରୁ ନ ଥିବା ଦେଖିବାକୁ ମିଳୁଛି। ଏନେଇ ଜିଲାପାଳଙ୍କ ସହ ଆଲୋଚନା କରିଥିବା କହିଛନ୍ତି। ସିଡିଏମ୍‌ଓ ସୁଶାନ୍ତ କୁମାର ଦାସ କୁହନ୍ତି, ଜିଲା ସ୍ୱାସ୍ଥ୍ୟ ସମିତି ଗଭର୍ଣ୍ଣିଂବଡି ବୈଠକ ବସି ନ ଥିବାର ମୁଁ ଜାଣିଛି। ମୁଁ ୨୦୨୪ ଶେଷ ସମୟରେ କାର୍ଯ୍ୟରେ ଯୋଗ ଦେଇଛି। ଅଗଷ୍ଟରେ ଜିଲା ସ୍ୱାସ୍ଥ୍ୟ ସମିତି ଗଭର୍ଣ୍ଣିଂବଡି ବୈଠକ କରାଯିବାକୁ ନିଷ୍ପତ୍ତି କରାଯାଇଛି ।

## ଦୂଷିତ ଜଳ ବ୍ୟବହାର କରୁଛନ୍ତି ଗ୍ରାମବାସୀ

ଖଣ୍ଡପଡ଼ା,୧୭।୭(ଅଜୟ କୁମାର ମହାରଣା)

### ପାଣିରେ ପୋକ ସାଲୁବାଲୁ

ଖଣ୍ଡପଡ଼ା ବ୍ଲକ ଅଧୀନ କୁମ୍ଭାରପଡ଼ା ପଞ୍ଚାୟତବାସୀଙ୍କୁ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ନିକଟସ୍ଥ କୁଆଁରିଆ ନଦୀରୁ ପାଇପ୍ ଲାଇନ ଯୋଗେ ଜଳ ଯୋଗାଇ ଦିଆଯାଇଛି। ତେବେ ଉକ୍ତ ଜଳକୁ ବିନା ବିଶୋଧନରେ ଅଞ୍ଚଳବସୀଙ୍କୁ ଯୋଗ ଯାଉଥିବା ଅଭିଯୋଗ ହେଉଛି। ଏବେ ବର୍ଷାଋତୁ ଚାଲିଛି । ହେଲେ ପାଣିରେ ବ୍ଲିଚିଂ ପାଉଡର ମିଶ୍ରଣ କରା ଯାଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସେଥିପାଇଁ ପାଇପ ଲାଇନରେ ଆସୁଥିବା ପାଣିରେ ପୋକ ସାଲୁବାଲୁ ହେଉଥିବା ଅଭିଯୋଗ ହୋଇଛି। ଏହି ପାଣି ବ୍ୟବହାର କଲେ ବିଭିନ୍ନ ରୋଗ ହେବାର ଆଶଙ୍କା ଥିବାରୁ ଲୋକେ ଚିନ୍ତାରେ ପଡ଼ିଛନ୍ତି। ଅନେକ ଦିନ ହେବ ପାଣିଟାଙ୍କି ସଫା ହେଉ ନ ଥିବା ବେଳେ ଟାଙ୍କିରେ ବ୍ଲିଚିଂ ପକାଯାଉନାହିଁ। ପ୍ରଶାସନ ଓ ବିଭାଗୀୟ କର୍ତ୍ତୃପକ୍ଷ ଏ ସଂକ୍ରାନ୍ତରେ ଦୃଷ୍ଟି ଦେବାପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ସରପଞ୍ଚ ଚିନ୍ମୟ କୁମାର ପଣ୍ଡାଙ୍କ ସହ ଯୋଗାଯୋଗ କରାଯାଇଥିଲା । ଏ ସମ୍ପର୍କରେ ସେ ଜାଣି ନ ଥିବା କହିଛନ୍ତି ।

## ଶିକ୍ଷକ ଅଭାବରୁ ପାଠପଢ଼ା ବାଧାପ୍ରାପ୍ତ



ନୀଳମାଧବ ନୋଡାଲ ହାଇସ୍କୁଲ।

ଖଣ୍ଡପଡ଼ା,୧୭।୭ (ଅଜୟ କୁମାର ମହାରଣା)

ଦୀର୍ଘ ବର୍ଷରୁ କଣ୍ଟିଲୋ ନୀଳମାଧବ ନୋଡାଲ ହାଇସ୍କୁଲରେ ଆବଶ୍ୟକ କଳା, ବିଜ୍ଞାନ ଓ ପ୍ରଧାନ ଶିକ୍ଷକ ପଦବୀ ଖାଲି ପଡିଛି। ଫଳରେ ପିଲାମାନଙ୍କ ପାଠପଢାରେ ଘୋର ସମସ୍ୟା ସୃଷ୍ଟି ହେଉଛି। ପ୍ରଧାନ ଶିକ୍ଷକ ପଦବୀ ଖାଲି ପଡିଥିବାରୁ ବିଦ୍ୟାଳୟ ପରିଚାଳନାରେ ବିଭିନ୍ନ ସମସ୍ୟା ସୃଷ୍ଟି ହେଉଛି। ଏହାକୁ ନେଇ ବିବାଦ ଦେଖା ଦେଇଛି ।

ସୂଚନା ଅନୁଯାୟୀ, ଖଣ୍ଡପଡ଼ା ବ୍ଲକ ଅଧୀନ ନୀଳମାଧବ ନୋଡାଲ ହାଇସ୍କୁଲରେ ଏବେ ୨୮୬ ଛାତ୍ର ଅଧ୍ୟୟନ କରୁଥିବା ବେଳେ ଗତ ୮ ବର୍ଷ ହେଲା ହିନ୍ଦି ଶିକ୍ଷକ, ୨୦୦୫ରୁ ଜଣେ ବିଜ୍ଞାନ(ପିସିଏମ) ଶିକ୍ଷକ, ଗତ ୨ବର୍ଷ ହେଲା ଜଣେ କଳା ଶିକ୍ଷକ ପଦବୀ ଖାଲି ପଡିଛି। ଏଥିଯୋଗୁ ଛାତ୍ରମାନେ ଶିକ୍ଷା ଗ୍ରହଣରୁ ବଞ୍ଚିତ ହେଉଛନ୍ତି । ରାଜ୍ୟ ସରକାର ପ୍ରତ୍ୟେକ ବିଦ୍ୟାଳୟରେ ଶିକ୍ଷାର ବିକାଶ ନିମନ୍ତେ ବହୁ ଯୋଜନା ପ୍ରସ୍ତୁତ କରିଛନ୍ତି । ଛାତ୍ରୀଛାତ୍ର ଯେପରି ଶିକ୍ଷାଦାନରୁ ବଞ୍ଚିତ ନ ହୁଅନ୍ତି ସେଥିପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି। ମାତ୍ର ୧୯୫୧ ମସିହାରେ ପ୍ରତିଷ୍ଠିତ ଏହି ବିଦ୍ୟାଳୟରେ କାହିଁକି ଆବଶ୍ୟକ ଶିକ୍ଷକଙ୍କ ପଦବୀ ପୂରଣ କରାଯାଉନାହିଁ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏହି ଶିକ୍ଷାନୁଷ୍ଠାନରେ ବିଜ୍ଞାନ, ହିନ୍ଦି ଓ କଳାଶିକ୍ଷକଙ୍କ ପଦବୀ ଖାଲି ପଡିଥିବାରୁ ଶିକ୍ଷାଦାନରେ ସମସ୍ୟା ସୃଷ୍ଟି ହୋଇଛି ବୋଲି ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ବାରିକ ପ୍ରକାଶ କରିଛନ୍ତି। ତୁରନ୍ତ ସେହି ପଦବୀକୁ ପୁରଣ କରିବାକୁ ମୋ ସ୍କୁଲ ଅଭିଯାନ ସଭାପତି ଡ. ଅର୍ଜୁନ ସାହୁ ଏବଂ ଅଭିଭାବକମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ନୟାଗଡ ଜିଲା ଶିକ୍ଷାଧିକାରୀ ଚିତ୍ତ ରଞ୍ଜନ ପାଣ୍ଡେଙ୍କ ସହ ଯୋଗାଯୋଗ କରିବାରେ ଶିକ୍ଷକ ପଦବୀ ପୂରଣ ପାଇଁ ଉଦ୍ୟମ ଜାରି ରହିଛି। ଖୁବ୍‌ଶୀଘ୍ର ସେଥପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## ଗରିବଙ୍କୁ ସହାୟତା ପ୍ରଦାନ



ନୟାଗଡ଼,୧୭।୭(ଲୋକନାଥ ମିଶ୍ର)

ଭାପୁର ବ୍ଲକର ବିଭିନ୍ନ ସ୍ଥାନରେ ଗୁରୁବାର ନବମ ବାର୍ଷିକ ସେବା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସେବା ଉତ୍ସବ ସମିତିର ଅଧ୍ୟକ୍ଷ ଶିବରାମ ମହାପାତ୍ର ଏବଂ ସମ୍ପାଦକ ତ୍ରିନାଥ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସେବା ଉତ୍ସବ ସମିତିର କାର୍ଯ୍ୟକର୍ତ୍ତା ଭାପୁର ସଦର ମହକୁମା ସମେତ ଶାଳବଣିଆ, ଫତେଗଡ଼, ବିଜିପୁର, ଟାଙ୍ଗୀସାହି, ଦୁର୍ଗାପୁରା, ସୁନାଖଳା ପରି ଅଞ୍ଚଳରେ ଗରିବ ଲୋକଙ୍କୁ ବସ୍ତ୍ର, ରାଶନ, ଚପଲ ଓ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ସେବା ଉତ୍ସବ ସମିତିର ସଦସ୍ୟ ଆଶୁତୋଷ ସାହୁ,ତପନ କୁମାର ସାହୁ, ରଶ୍ମି ରଞ୍ଜନ ନାୟକ, ଅଭିଲିପ୍ସା ସାହୁ, ଅନୁସୟା ପ୍ରଧାନ, ପରମେଶ୍ୱର ସାହୁ,ଗୁଲସନ କୁମାର, ସୌମ୍ୟା ସ୍ୱୟଂପ୍ରଭା, ସ୍ମୃତି ଶିଖା, ପ୍ରଶାନ୍ତ କୁମାର, ସତ୍ୟ ବେହେରା, ଯୁଧିଷ୍ଠିର ବେହେରା, ବର୍ଷା ପ୍ରିୟଦର୍ଶିନୀ, ସ୍ନେହା ପ୍ରିୟଦର୍ଶିନୀ, କରନ ବଡ଼ଟିଆ, ଆଶୁତୋଷ ସାହୁ, ଅଂଶୁମାନ ସେଠୀ , ଗାୟତ୍ରୀ ପ୍ରିୟଦର୍ଶିନୀ,ଦେବାଶିଷ ରାଉତ,ରାଜେଶ ବାରିକ,ସିଲୁ ବରା ପ୍ରମୁଖ ସାମିଲ ହୋଇଥିଲେ। ଆଗାମୀ ୩୦ ତାରିଖ ପର୍ଯ୍ୟନ୍ତ ଜିଲାର ବିଭିନ୍ନ ସ୍ଥାନରେ ସେବା ଉତ୍ସବ ମାଧ୍ୟମରେ ସେବା ପ୍ରଦାନ କରାଯିବ ବୋଲି ସମିତି ପକ୍ଷରୁ ସୂଚନା ମିଳିଛି।

## ପୁଣି ଜଣେ ଡକାୟତ ଜେଲ ଗଲେ

ନୟାଗଡ଼,୧୭।୭(ଲୋକନାଥ ମିଶ୍ର)

**ଇଣ୍ଡିଆନ ବ୍ୟାଙ୍କରୁ ୨୭ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଡକାୟତି ଘଟଣା**

**ଗିରଫ ସଂଖ୍ୟା ୫ ହେଲା**

ମାନ୍ଧତାପୁରସ୍ଥିତ ଇଣ୍ଡିଆନ ବ୍ୟାଙ୍କ ଲୁଟ୍ ଘଟଣାରେ ନୟାଗଡ଼ ସଦର ଥାନା ପୋଲିସ ଜଣେ ଡକାୟତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ଭରତପୁର ଥାନା ତପୋବନ ବସ୍ତିର ଶିବ ଡାକୁଆ(୨୧)ଙ୍କୁ ନୟାଗଡ଼ ଜିଲା ଜେଲକୁ ପଠାଇ ଦିଆଯାଇଛି। ଶିବଙ୍କ ନିଜ ଘର ଗଞ୍ଜାମରେ ହୋଇଥିବାବେଳେ ସେ ତପୋବନରେ ରହୁଥିଲେ। ସୂଚନା ଅନୁଯାୟୀ, ଗତ ୨ ତାରିଖ ଅପରାହ୍ନ ୫ଟା ୧୫ରେ ମାନ୍ଧତାପୁର ଇଣ୍ଡିଆନ ବ୍ୟାଙ୍କରୁ ଡକାୟତି ହୋଇଥିଲା। ୬ଜଣ ଡକାୟତ ମୁଣ୍ଡରେ ହେଲମେଟ ପିନ୍ଧି ଓ ରୁମାଲରେ ମୁହଁଢ଼ାଙ୍କି ବନ୍ଧୁକ ଦେଖାଇ ଭୟଭୀତ ଓ ମାରପିଟ୍ କରି ଡକାୟତି କରିଥିଲେ। ବ୍ୟାଙ୍କରୁ ପ୍ରକୃତରେ କେତେ ଟଙ୍କା ଲୁଟ୍ ହୋଇଥିଲା ସେନେଇ ଏଯାବତ ବ୍ୟାଙ୍କ ପକ୍ଷରୁ ଅପଡେଟ କରାଯାଇ ନ ଥିବାବେଳେ ପ୍ରାରମ୍ଭିକ ଭାବେ ୨୭ ଲକ୍ଷ ଚୋରି ହୋଇଥିବା ଅଭିଯୋଗ ହୋଇଥିଲା। ଶାଖା ପରିଚାଳକ ସୁନୀଲ କୁମାର ସାହୁଙ୍କ ରିପୋର୍ଟକୁ ଭିତ୍ତି କରି ନୟାଗଡ଼ ସଦର ଥାନାରେ ୩୧୦(୨), ୩୧୧, ବିଏନ୍‌ଏସ୍ ଆର/ଡବ୍ଲ୍ୟୁ ଧାରା ୨୫ /୨୭ ଆର୍ମସ୍ ଆକ୍ଟରେ ଏକ ମାମଲା(ନଂ.୧୭୮/୨୫)ରେ ରୁଜୁ ହୋଇଥିଲା। ୬ ଡକାୟତଙ୍କ ମଧ୍ୟରୁ ୨ଜଣ ଗିରଫ ହୋଇଥିବାବେଳେ ୨ଜଣ ଡକାୟତଙ୍କ ସହଯୋଗକୁ ଗିରଫ କରାଯାଇଥିଲା। ଏଭଳିସ୍ଥଳେ ଆଉ ଜଣେ ଗିରଫ ପରେ ଗିରଫଦାରି ସଂଖ୍ୟା ୫ରେ ପହଞ୍ଚିଛି। ପୋଲିସ ଆଉ ୩ ଡକାୟତଙ୍କୁ ଖୋଜୁଛି।

## ଦୁଇ ବାଇକ୍ ମଧ୍ୟରେ ଧକ୍କା

ନୟାଗଡ଼,୧୭।୭(ଲୋକନାଥ ମିଶ୍ର)

ନୟାଗଡ ଟାଉନ ଥାନାର ନୂଆ ବସଷ୍ଟାଣ୍ଡ ନିକଟରେ ଗୁରୁବାର ସନ୍ଧ୍ୟାରେ ଦୁଇ ବାଇକ ମଧ୍ୟରେ ଧକ୍କା ହୋଇ ୩ ଜଣ ଆହତ ହୋଇଛନ୍ତି। ବକଳବନ୍ଧ ଗାଁର ହରି ସ୍ୱାଇଁ(୫୦), ରାଜ କିଶୋର ସ୍ୱାଇଁ(୩୯) ଓ କନ୍‌ଷ୍ଟେବଳ ଆକାଶ ବେହେରା(୨୪) ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ବକଳବନ୍ଧ ଗାଁର ରାଜ କିଶୋର ବାଇକ୍ ଯୋଗେ ନୟାଗଡ଼ରୁ ଘରକୁ ଫେରୁଥିବାବେଳେ ଦଶପଲ୍ଲା ପାର୍ଶ୍ୱରୁ ଆକାଶ ବେହେରା ନାମକ ଜଣେ ପୋଲିସ କନ୍‌ଷ୍ଟେବଳ ନୟାଗଡ଼ ଆସୁଥିଲେ। ବାଇକ୍ ଦୁଇଟି ମଧ୍ୟରେ ଧକ୍କା ପରେ କନଷ୍ଟେବଳଙ୍କୁ ମାରପିଟ୍‌କୁ ନେଇ ଉତ୍ତେଜନା ଦେଖା ଦେଇଥିଲା। ଖବର ପାଇ ନୟାଗଡ଼ ଟାଉନ ଥାନା ପୋଲିସ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ଡାକ୍ତରଖାନାର ଭର୍ତ୍ତି କରିଥିଲେ।

### ଆହତ କନ୍‌ଷ୍ଟେବଳଙ୍କ ମାରପିଟ୍ ପରେ ଉତ୍ତେଜନା

## ବର୍ଷାରେ ଭୁଶୁଡ଼ିଲା ଡାକ୍ତରଖାନା ପାଚେରି

**ପ୍ରଶାସନର ଦୃଷ୍ଟି ଆଢୁଆଳରେ ନୂଆଗାଁ ଡାକ୍ତରଖାନା**

ନୂଆଗାଁ,୧୭।୭(ଧନେଶ୍ୱର ସାହୁ)


ଭୁଶୁଡି ପଡିଥିବା ପଛପାଖର ପାଚେରି।

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ନୂଆଗାଁ ସଦରରେ ଥିବା ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରର ପଛପାଖ ପାଚେରି ବୁଧବାର ଭୁଶୁଡି ପଡିଛି। ନୂଆଗାଁ ବ୍ଲକର ପ୍ରାୟ ୬ ପଞ୍ଚାୟତର ଲୋକମାନେ ନୂଆଗାଁଠାରେ ଥିବା ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରନ୍ତି । ତା'ସହିତ ଡାକ୍ତରଖାନାଟି ଖୋର୍ଦ୍ଧା- ବଲାଙ୍ଗୀର ୫୭ନଂ.ଜାତୀୟ ରାଜପଥ ପାର୍ଶ୍ୱରେ ଥିବାରୁ ଅନେକ ଦୁର୍ଘଟଣାଗ୍ରସ୍ତ ଆହତଙ୍କୁ ସେଠାରେ ଚିକିତ୍ସା କରାଯାଇଥାଏ। ଏପରି ଗୁରୁତ୍ୱ ବହନ କରୁଥିବା ଡାକ୍ତରଖାନାଟି ଆଜି ଅବହେଳିତ ହୋଇ ରହିଛି। ବିଭାଗୀୟ ଅଧିକାରୀ, କୌଣସି ପ୍ରଶାସନିକ ଅଧିକାରୀ କିମ୍ବା ନେତାଙ୍କ ଦୃଷ୍ଟି ଉକ୍ତ ଡାକ୍ତରଖାନା ଉପରେ ପଡୁନାହିଁ। ଅନେକ ଅବ୍ୟବସ୍ଥା ମଧ୍ୟରେ ଗତି କରୁଥିବା ଡାକ୍ତରଖାନାର ସୁରକ୍ଷା ପାଇଁ ଜାତୀୟ ରାଜପଥ ପାର୍ଶ୍ୱକୁ ଲାଗି ନିର୍ମାଣ କରାଯାଇଥିବା ଡାକ୍ତରଖାନାର ସମ୍ମୁଖ ଭାଗ ପାଚେରି ଦୀର୍ଘ ମାସ ହେଲା ଭୁଶୁଡି ପଡିଥିଲେ ମଧ୍ୟ ତା'ର ମରାମତି କରାଯାଉ ନାହିଁ। ଜାତୀୟ ରାଜପଥ ଦେଇ ପ୍ରତିଦିନ ଅନେକ ପ୍ରଶାସନିକ ଅଧିକାରୀଙ୍କଠାରୁ ଆରମ୍ଭ କରି ନେତା,ମନ୍ତ୍ରୀମାନେ ଯାତାୟତ କରୁଥିଲେ ମଧ୍ୟ କାହାରି ଦୃଷ୍ଟି ପଡୁ ନାହିଁ। ଡାକ୍ତରଖାନାର ଏଭଳି ପରିସ୍ଥିତିରେ ବୁଧବାର ବର୍ଷା ହେବା ଫଳରେ ଡାକ୍ତରଖାନାର ପଛପାଖ ପାଚେରି ଭୁଶୁଡି ପଡିଛି। ପୂର୍ବରୁ ଭୁଶୁଡି ଥିବା ସମ୍ମୁଖ ଭାଗ ପାଚେରି ନିର୍ମାଣ ହୋଇ ପାରୁ ନ ଥିବା ବେଳେ ପଛପାଖ ପାଚେରି ନିର୍ମାଣ ହେବ କି ନାହିଁ ତାହା ସନ୍ଦେହ ସୃଷ୍ଟି କରିଛି।

ଏ ବାବଦରେ ମହିପୁର ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡା. ଦେବୀ ପ୍ରସାଦ ପ୍ରଧାନଙ୍କୁ ପଚାରିବାରେ ପାଚେରି ନିର୍ମାଣ ଆମେ କରି ପାରିବୁନି। ଏ ସଂକ୍ରାନ୍ତରେ ଆମେ ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ଜଣାଇଛୁ। ସେମାନେ ନିର୍ମାଣକାରୀ ବିଭାଗକୁ ଜଣାଇଲେ ମରାମତି କରାଯିବ ବୋଲି କହିଛନ୍ତି ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଆଲୋକ


@ ଗୁଡୁ


@ ମନୋରଞ୍ଜନ


@ ରିଶିକା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ମହିଳାଙ୍କୁ ମିଳିଲା ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ଯୋଜନା ବୀମା ରାଶି

ଓଡଗାଁ,୧୭।୭
(ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓଡ଼ଗାଁ ଥାନା ବାହାଡ଼ାଖୋଲା ଫାଣ୍ଡି ନୂଆଗାଁ ବ୍ଲକ୍ ଗୁମୀ ପଞ୍ଚାୟତ କଲିଆ ନିକଟ ରାଣୀଗମା ଗାଁର ଅନୁସୂଚିତ ଜନଜାତି ବିଧବା ମହିଳା ନୟନୀ ପ୍ରଧାନଙ୍କୁ ଷ୍ଟେଟ ବ୍ୟାଙ୍କ ଓଡ଼ଗାଁ ଶାଖା ପରିଚାଳକ ଲକ୍ଷ୍ମୀଧର ସୁବୁଦ୍ଧି ୨ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଛନ୍ତି। ଏହି ଅର୍ଥ ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ଯୋଜନା ବୀମା ରାଶି(ପିଏମଜେଏସ୍‌ୱାଇ) ବାବଦରେ ପ୍ରଦାନ କରାଯାଇଛି। ତାଙ୍କ ସ୍ୱାମୀ ଲୋକନାଥ ପ୍ରଧାନଙ୍କ ପରଲୋକର ୨୦ ମାସ ପରେ ସ୍ୱାମୀଙ୍କ ଜମା ଖାତାରେ ଥିବା ଜମା ଅର୍ଥ ଉଠାଣ କରି ଖାତା ବନ୍ଦ କରିବାକୁ ଓଡ଼ଗାଁ ଷ୍ଟେଟ ବ୍ୟାଙ୍କ ଓଡ଼ଗାଁ ଶାଖାକୁ ଆସିଥିବା ମହିଳା ନୟନୀ ଏହି ବୀମା ରାଶି ପାଇଛନ୍ତି। ଶାଖା ପରିଚାଳକ ଜମା ଖାତା କ୍ଲୋଜ କରିବାକୁ ଆବେଦନ ପାଇ ଚେକ୍ କଲାବେଳେ ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନାରେ ୪ଶହ ୩୬ ଟଙ୍କା ପ୍ରିମିୟମ ଦାଖଲ ହୋଇଥିବା ଜଣାଯାଇଥିଲା। ଲୋକନାଥଙ୍କୁ ୫୫ବର୍ଷ ହେବା ପୂର୍ବରୁ ତାଙ୍କର ପରଲୋକ ଘଟିଥିଲା।

## ସୌମ୍ୟାଶ୍ରୀଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି

ଖଣ୍ଡପଡ଼ା,୧୭।୭
(ଅଜୟ କୁମାର ମହାରଣା)

ଉଚ୍ଚଶିକ୍ଷା ବିଭାଗ, ଓଡ଼ିଶାଙ୍କ ନିର୍ଦ୍ଦେଶ କ୍ରମେ ବୁଧବାର କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ଼ ବନ୍ଦିତା ବାରିକଙ୍କ ଅଧ୍ୟକ୍ଷତାରେ ସ୍ୱର୍ଗତା ସୌମ୍ୟାଶ୍ରୀ ବିଶିଙ୍କ ଅମର ଆତ୍ମାର ସଦଗତି ପାଇଁ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠାନର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ରାଜନୀତି ବିଭାଗ ମୁଖ୍ୟ ଡ଼ ଅଶୋକ କୁମାର ପାତ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହ ପଞ୍ଚଭୂତରେ ଲୀନ ହୋଇଥିବା ଏଫ୍‌ଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟର ଇଣ୍ଟିଗ୍ରେଟେଡେ ବିଏଡ ଛାତ୍ରୀ ସୌମ୍ୟାଶ୍ରୀଙ୍କ ମୃତ୍ୟୁକୁ ନେଇ ଦୁଃଖ ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ମହାବିଦ୍ୟାଳୟର ଯୁକ୍ତ ୨ ଓ ଯୁକ୍ତ ୩ ବିଭାଗର ଛାତ୍ରୀଛାତ୍ର, ଅଧାପିକା, ଅଧାପକ ଓ ଅଣଶିକ୍ଷକମାନେ ନୀରବ ପ୍ରାର୍ଥନା କରିଥିଲେ । ଶେଷରେ ଶାନ୍ତି ମନ୍ତ୍ର ପାଠ କରାଯାଇଥିଲା ।



କଂଗ୍ରେସର ବନ୍ଦ ପାଳନ ଯୋଗୁ ଗୁରୁବାର ଯାଜପୁର ସହରର ଦୋକାନ, ବଜାର ବନ୍ଦ ରହିଛି।




ଯାଜପୁର ବ୍ଲକ କଂଗ୍ରେସ ସଭାପତି ଗଦାଧର ଦାସଙ୍କ ନେତୃତ୍ୱରେ ସଦର ଅଞ୍ଚଳରେ ବନ୍ଦ ପାଳନ କରାଯାଉଛି।

# ଗଡ଼ିଲାନି ଗାଡ଼ି, ବନ୍ଦ ରହିଲା ବ୍ୟବସାୟିକ ପ୍ରତିଷ୍ଠାନ

**ଯାଜପୁର, ୧୭।୭ (ହର୍ଷବର୍ଦ୍ଧନ ବେହେରା):**

ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୁତି ଘଟଣାରେ ସରକାରୀ ଉଦାସୀନତା ପ୍ରତିବାଦରେ ଗୁରୁବାର କଂଗ୍ରେସ ପକ୍ଷରୁ ଓଡ଼ିଶା ବନ୍ଦ କରାଯାଇଛି। ଯାଜପୁର ଜିଲାରେ ବନ୍ଦ ପ୍ରତି ସ୍ୱତଃପ୍ରବୃତ୍ତ ସମର୍ଥନ ପରିଲକ୍ଷିତ ହୋଇଛି। ଫଳରେ ଜିଲାର ଯାଜପୁର ଟାଉନ, ପାଣିକୋଇଲି, ଯାଜପୁର ରୋଡ, କଳିଙ୍ଗନଗର ଶିଳ୍ପାଞ୍ଚଳ, ଧର୍ମଶାଳା, ଚଣ୍ଡିଖୋଲ ସମେତ ସମସ୍ତ ସହର ଓ ଗ୍ରାମାଞ୍ଚଳରେ ଜୀବନ ଯାତ୍ରା ବ୍ୟାହତ ହୋଇଛି। ସୂଚନା ନ ପାଇ ଗ୍ରାମାଞ୍ଚଳରୁ ସହରାଞ୍ଚଳକୁ ଆସିଥିବା ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। କାଁଭାଁ ଘଟଣା ବ୍ୟତୀତ ବନ୍ଦ ଶାନ୍ତିପୂର୍ଣ୍ଣ ହୋଇଛି। ମଧ୍ୟାହ୍ନ ପରେ ଜୀବନଯାତ୍ରା ସ୍ୱାଭାବିକ ହୋଇଛି। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ପୋଲିସ ପାଟ୍ରୋଲିଂ ଜାରି ରହିଥିଲା। ବନ୍ଦ ଯୋଗୁ ଚା’, ପାନ ଦୋକାନଠାରୁ ଆରମ୍ଭ କରି ସମସ୍ତ ବ୍ୟବସାୟୀ ପ୍ରତିଷ୍ଠାନ, ବ୍ୟାଙ୍କ ଓ ସରକାରୀ ବେସରକାରୀ ଅଫିସ, ସ୍କୁଲ ଆଦି ବନ୍ଦ ରହିଥିଲା।

**ଯାଜପୁରରୋଡ୍, (ପବିତ୍ର ରଞ୍ଜନ ମହାନ୍ତି):** ବ୍ୟାସନଗର ସହରର ଦଳାଛକ, ଚୋରଦା ବାଇପାସ, ଧବଳଗିରି, ଗୋପବନ୍ଧୁ ଛକ, ଷ୍ଟେସନ ବଜାର ଓ ଫାୟାର ଷ୍ଟେଶନ ଗୋଲେଇ ଛକରେ ଆନ୍ଦୋଳନକାରୀ ରାସ୍ତା ବନ୍ଦ କରିବା ସହ ସରକାର ବିରୋଧୀ ନାରାବାଜି କରିଛନ୍ତି।

ଅଣସଂଗଠିତ ଶ୍ରମିକ ଓ କର୍ମଚାରୀ କଂଗ୍ରେସ ପକ୍ଷରୁ ଫାୟାର ଷ୍ଟେଶନ ଛକ ୨୦ନମ୍ବର ଜାତୀୟ ରାଜପଥଠାରେ ରାଜ୍ୟ ସଭାପତି ବିଦ୍ୟାଧର ମହାନ୍ତିଙ୍କ ନେତୃତ୍ୱରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବାବା ସାହେବ ଆମ୍ବେଦକର ସ୍ମୃତି ସଂସଦର ସାଧାରଣ ସମ୍ପାଦକ ବାବୁଲାଲ ଗୁରୁ, ଶ୍ରମିକ ନେତା ନାରାୟଣ ଚନ୍ଦ୍ର ନାୟକ, ପ୍ରତାପ ଦାସ, ଜିଲା ଓବିସି ସେଲ ନେତା ପ୍ରଶାନ୍ତ ସାହୁ, ଯୁବ କଂଗ୍ରେସ ନେତା ଅମିତ ଜେନା ଓ ସେକ ବଦ୍ରି ପ୍ରମୁଖ ଯୋଗଦେଇଥିଲେ। ସେହିପରି ମହିଳା କଂଗ୍ରେସ ପୂର୍ବତନ ସଭାନେତ୍ରୀ ବନ୍ଦିତା ପରିଡ଼ାଙ୍କ ନେତୃତ୍ୱରେ ଚୋରଦା ବାଇପାସ ଛକଠାରେ ରାସ୍ତା ଅବରୋଧ କରାଯାଇ ପ୍ରତିବାଦ ସଭା କରାଯାଇଥିଲା। ଏଥିରେ ବ୍ୟାସନଗର କଂଗ୍ରେସ ସଭାପତି ଦିଲୀପ ମଲ୍ଲିକ, ହୁରଦାନ ସାମଲ, ମହିଳା କଂଗ୍ରେସ ସଭାନେତ୍ରୀ ଜ୍ୟୋତିସ୍ମିତା ରାଉତ ପ୍ରମୁଖ ଯୋଗଦେଇଥିଲେ।

ସେହିପରି ସିପିଆଇଏମ ଏବଂ ସିଆଇଟିୟୁ ପକ୍ଷରୁ ଏକ ଶୋଭାଯାତ୍ରା ପ୍ରଫୁଲ୍ଲ ନାୟକଙ୍କ ନେତୃତ୍ୱରେ ବାହାରି ରେଲୱେ ଷ୍ଟେଶନ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହାପରେ ଗୋପବନ୍ଧୁ ଛକଠାରେ ରାସ୍ତାରୋକୋ କରାଯାଇଥିଲା।

**ବିଞ୍ଝାରପୁର/ସିଂହପୁର, (ରାମକୃଷ୍ଣ ଦାସ/ଅନଙ୍ଗ ଉଦୟ ବେଉରିଆ):** ବିଞ୍ଝାରପୁର ବ୍ଲକ କଂଗ୍ରେସ ନେତା ପଦ୍ମାକର ଗୁରୁ, ରାଜ୍ୟ ସମ୍ପାଦିକା କନକଲତା ମଲ୍ଲିକଙ୍କ ନେତୃତ୍ୱରେ ବନ୍ଦ ପାଳନ କରାଯାଇଛି। ଏଥିରେ ପ୍ରବୋଧ ଦାସ, ପ୍ରତାପ ଦାସ, ସରୋଜ ନାୟକ, ପ୍ରକାଶ ଦାସ ଓ ବୁବୁ ଦାଶଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଯୋଗଦେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

**ବରୀ, (ମହେନ୍ଦ୍ର ସ୍ୱାଇଁ):** ବରୀ ବ୍ଲକ୍ କଂଗ୍ରେସ ପକ୍ଷରୁ ବରୀ ମାଉଣ୍ଡଠାରେ ରାସ୍ତାରୋକୋ କରାଯାଇଛି। ଏଥିଯୋଗୁ ଗାଡ଼ି ଚଳାଚଳ ବନ୍ଦ ରହିଥିଲା। ସଭାପତି ମନୋଜ ଦାସଙ୍କ ନେତୃତ୍ୱରେ ଦେବେନ୍ଦ୍ର ପ୍ରଧାନ, ମହିଳା କଂଗ୍ରେସ ସଭାନେତ୍ରୀ କଳ୍ପନା ପଣ୍ଡା, ମାନସ ପରିଡ଼ା, ନନ୍ଦକିଶୋର ସେନାପତି, ଛାତ୍ରନେତା ସଂଜୟ ବାରିକ, ବୈଷ୍ଣବ ଦାସ ଓ ଉପେନ୍ଦ୍ର ସାମଲ ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଥିଲେ।

**ଚଣ୍ଡିଖୋଲ/ବଡ଼ଚଣା/ବାଲିଚନ୍ଦ୍ରପୁର, (ପ୍ରଦୀପ୍ତ କୁମାର ପୃଷ୍ଟି/ଦିଲୀପ କୁମାର ମହାନ୍ତି/ଗିରିଜା ପ୍ରସାଦ ସାହୁ):** ବଡ଼ଚଣା କଂଗ୍ରେସ ପକ୍ଷରୁ ଚଣ୍ଡିଖୋଲ ଛକଠାରେ ବନ୍ଦ ପାଳନ କରାଯାଇଛି। କର୍ମୀମାନେ ଚଣ୍ଡିଖୋଲ ଛକରେ ୧୬ନଂ ଜାତୀୟ ରାଜପଥ ଅବରୋଧ କରିଥିଲେ। କଂଗ୍ରେସ ନେତା ଅଜୟ ସାମଲଙ୍କ ନେତୃତ୍ୱରେ ସୁରେଶ ଚନ୍ଦ୍ର ସାହାଣୀ, ଚର୍ଚ୍ଚିତ ମହଲା, ଜୟପ୍ରକାଶ ବିଶ୍ୱାଳ, କମ୍ୟୁନିଷ୍ଟ ପାର୍ଟି ଜିଲା ସମ୍ପାଦକ ଈଶ୍ୱର ଚନ୍ଦ୍ର ପରିଡ଼ା, ନରେଶ ଜେନା, ଦୁଷ୍ମନ୍ତ ସ୍ୱାଇଁ ଓ ଭାସ୍କର ସେଠୀ ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଥିଲେ। ସେହିପରି ବାଲିଚନ୍ଦ୍ରପୁରଠାରେ କର୍ମୀ ବାଲିଚନ୍ଦ୍ରପୁର ବଜାର ବନ୍ଦ କରିବା ସହିତ ୫୩ନଂ. ଜାତୀୟ ରାଜପଥ ଅବରୋଧ କରିଥିଲେ। ଏଥିରେ ବିଳାସ ଚନ୍ଦ୍ର ବାରିକ, ବିଶ୍ୱପ୍ରକାଶ ସାମଲ, ବିଶ୍ୱଜିତ ଜେନା, କମ୍ୟୁନିଷ୍ଟ ଦଳ ପକ୍ଷରୁ ଅଜୟ ବିଶ୍ୱାଳ, ରାଜେନ୍ଦ୍ର ଦାସ ଯୋଗଦେଇଥିଲେ।

**ଛତିଆ, (ସୌମ୍ୟ ରଞ୍ଜନ ସାହୁ):** ଛତିଆ କଂଗ୍ରେସ କର୍ମୀଙ୍କ ପକ୍ଷରୁ ବନ୍ଦ ପାଳନ କରାଯାଇଛି। କର୍ମୀମାନେ ଏକ ବାଇକ୍ ରାଲିକରି ବଜାର ପରିକ୍ରମା କରିବା ସହ ବିଭିନ୍ନ ସ୍ଥାନରେ ଦୋକାନ ବଜାର ବନ୍ଦ କରିବାକୁ ଲୋକଙ୍କୁ ଅନୁରୋଧ କରିଥିଲେ। ପରେ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଚିନ୍ମୟ ପ୍ରଧାନ ଓ ଶିଶିର ସାମଲଙ୍କ ନେତୃତ୍ୱରେ ମନୋରଞ୍ଜନ ନାଥ, ଶୁଭଜିତ ସ୍ୱାଇଁ, ତରୁଣ ଦଲେଇ, କାଳିଆ ଓଝା ଓ ଖଗେଶ୍ୱର ବିଶ୍ୱାଳଙ୍କ ସମେତ ଶତାଧିକ ବିକ୍ଷୋଭରେ ସାମିଲ ହୋଇଥିଲେ।

## ଦଶରଥପୁର ବ୍ଲକ୍ ଅଞ୍ଚଳରେ ବନ୍ଦ ପାଳନ ବେଳେ ଭଙ୍ଗାରୁଜା

**ଦଶରଥପୁର/ଝୁମ୍ପୁରୀ, ୧୭।୭ (ସରୋଜ ନାୟକ/ ସୁଶାନ୍ତ କୁମାର ବେହୁରିଆ):** ଦଶରଥପୁର ବ୍ଲକ୍ ଅଞ୍ଚଳରେ ବନ୍ଦ ପାଳନବେଳେ ଆଂଶିକ ଭଙ୍ଗାରୁଜା ହୋଇଥିବା ଦେଖିବାକୁ ମିଳିଛି। କଂଗ୍ରେସ କର୍ମୀ କୁଆଖିଆ-କଁୟାଗୋଲା ମୁଖ୍ୟ ରାସ୍ତା ବନ୍ଦ କରିବା ସହ ମଙ୍ଗଳପୁରଠାରେ ଟାୟାର ଜଳି ରାସ୍ତା ଅବରୋଧ କରିଥିଲେ। ବନ୍ଦବେଳେ ଦଶରଥପୁର ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଖୋଲା ରହିଥିଲା। କଂଗ୍ରେସ କର୍ମୀ ପହଞ୍ଚି ବନ୍ଦ କରିବାକୁ ଅନୁରୋଧ କରିଥିଲେ। ହେଲେ କେହି ଶୁଣି ନ ଥିଲେ। ଫଳରେ ଉତ୍ୟକ୍ତ କର୍ମୀ କାର୍ଯ୍ୟାଳୟ ଭିତରକୁ ଧସେଇ ପଶି ଚେୟାର, କାଚ ଡୋର ଆଦି ଭଙ୍ଗାରୁଜା କରିଥିଲେ। ସେହିପରି ମଲିକାପୁରସ୍ଥ ସରକାରୀ ମଦ ଦୋକାନ ଖୋଲା ରହିଥିବାରୁ କର୍ମୀମାନେ ମଦ ପେଟି ଟାଣିଆଣି ଭଙ୍ଗାରୁଜା କରିଥିଲେ। ବ୍ଲକସ୍ଥ ମଙ୍ଗଳପୁର, କାଟିଆ, ଝୁମ୍ପୁରୀ, ଅହିୟାସ, ରାମବାଗ ଆଦି ସ୍ଥାନରେ ଦେବେନ୍ଦ୍ର ପଣ୍ଡା, ଚନ୍ଦ୍ରଶେଖର ଦାସ, ଅନନ୍ତ ଦାସ, ସମ୍ବିତ ଶେଖର ଧଳ, ମଳୟ ପଣ୍ଡା, ପାଲଟପୁର ସରପଞ୍ଚ ଲିପିକା ମଲ୍ଲିକ ପ୍ରମୁଖ ରାସ୍ତା ଅବରୋଧ କରିଥିଲେ।

**ଧର୍ମଶାଳା/କାଏମା, (ବଟକୃଷ୍ଣ ପରିଡ଼ା/ଶିବପ୍ରସାଦ ମହାନ୍ତି):** ଧର୍ମଶାଳା କଂଗ୍ରେସ ନେତା କିଷାନ ପଣ୍ଡାଙ୍କ ନେତୃତ୍ୱରେ ୧୬ ନମ୍ବର ଜାତୀୟ ରାଜପଥର ଜାରକା ଛକଠାରେ ବନ୍ଦ ପାଳନ କରାଯାଇଛି। କର୍ମୀମାନେ ସେଠାରେ ରାସ୍ତା ଅବରୋଧ କରିଥିଲେ। ଫଳରେ ଫଳରେ ଶହଶହ ଗାଡ଼ି ଅଟକି ରହିଥିଲା। ରାସ୍ତା ଅବରୋଧରେ ଜିଲା କୃଷକ ସେଲ୍ ସଭାପତି ବସନ୍ତ ପରିଡ଼ା, ପ୍ରଫୁଲ୍ଲ ରାୟ, ଦୀପକ ବଳ, ପୂର୍ଣ୍ଣଚନ୍ଦ୍ର ତରାଇ, ମାନସ କର, ସଞ୍ଜୟ ରାଉତ, ଗଙ୍ଗାଧର ମଲିକ, ଉଗ୍ରେସନ ମହାନ୍ତି, କମୁ ଖାନ୍, ଏକବାଲ ଖାନ୍, ଅଜିତ୍ ମହାରଣା ପ୍ରମୁଖ କର୍ମୀ ସାମିଲ ହୋଇଥିଲେ। ସେହିପରି ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ଧର୍ମଶାଳା ଶାଖା ପକ୍ଷରୁ ମଧୁସ୍ମିତା ସାହୁଙ୍କ ନେତୃତ୍ୱରେ କର୍ମୀମାନେ ୧୬ ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ।

**ପାଣିକୋଇଲି, (ବିକାଶ ମଲ୍ଲିକ):** ପାଣିକୋଇଲିଠାରେ କଂଗ୍ରେସ ଓ ସିପିଆଇ (ଏମ) ସହିତ ଭାରତୀୟ ଛାତ୍ର ଫେଡେରେଶନ ପକ୍ଷରୁ ବନ୍ଦ ପାଳନ କରାଯାଇଛି। କଂଗ୍ରେସ ଓ ସିପିଆଇ(ଏମ) ପକ୍ଷରୁ ପାଣିକୋଇଲି ଓଭରବ୍ରିଜ ତଳେ ଆନ୍ଦୋଳନ କରାଯାଇଥିଲା। କୋରେଇ କଂଗ୍ରେସ ନେତ୍ରୀ ବନ୍ଦିତା ପରିଡ଼ାଙ୍କ ନେତୃତ୍ୱ ଓ କୋରେଇ ବ୍ଲକ କଂଗ୍ରେସ ସଭାପତି ଅକ୍ଷୟ ଜେନାଙ୍କ ସଭାପତିତ୍ୱ ଏବଂ ଯୁବନେତା ରାକେଶ ସାହୁଙ୍କ ସଂଯୋଜନାରେ କର୍ମୀ ବଟକୃଷ୍ଣ ମହାପାତ୍ର, ଘନଶ୍ୟାମ ପଣ୍ଡା, ନୀଳମଣୀ ମହାରଣା, ପ୍ରଫୁଲ୍ଲ ପାଢ଼ୀ, ମନୋଜ ମଙ୍ଗରାଜ ଓ ନରହରି କୁଅଁର ପ୍ରମୁଖ ଶତାଧିକ କର୍ମୀ ଆନ୍ଦୋଳନରେ ସାମିଲ ହୋଇଥିଲେ। ସେହିପରି ସିପିଆଇ(ଏମ) ଜିଲା ସମ୍ପାଦକ ନିର୍ମଳ ରଥଙ୍କ ନେତୃତ୍ୱରେ ଗଣେଶ ସାହୁ, ସୁରେଶ ସାହୁ, ମାଧବ କୁଣ୍ଡୁ, ହେମନ୍ତ ଦାସ, ପ୍ରତ୍ୟୁଷ ସାହୁ, ସୁବ୍ରତ ଯେନା ପ୍ରମୁଖ ଯୋଗ ଦେଇଥିଲେ।

**ଯାଜପୁର ସଦର, (ସମର ବିଜୟ ଶରଣ)** ଯାଜପୁର ବ୍ଲକ କଂଗ୍ରେସ ସଭାପତି ଗଦାଧର ଦାସଙ୍କ ନେତୃତ୍ୱରେ ବନ୍ଦ ପାଳନ କରାଯାଇଛି। ସଦର ଅଞ୍ଚଳର ମହେଶ୍ୱରପୁର, ଗଜିପାଢ଼ୀ ଛକ, ବରୁଆଁ ଛକ, ସୁଜନପୁର, ଶିବାଛକ, ବୁଢ଼ାଘାଟ, କଲେଜ ଛକର ସମସ୍ତ ସ୍କୁଲ, କଲେଜ, ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ, ପେଟ୍ରୋଲ ପମ୍ପ, ସରକାରୀ କାର୍ଯ୍ୟାଳୟ ଓ ବ୍ୟବସାୟୀକ ପ୍ରତିଷ୍ଠାନ ଆଦି ବନ୍ଦ ଥିବା ଦେଖିବାକୁ ମିଳିଥିଲା। ଯାଜପୁର ଜିଲା କଂଗ୍ରେସ କାର୍ଯ୍ୟକାରୀ କମିଟି ନେତା ରମେଶ ପତି ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଥିଲେ।

## ଖଣି ଅଞ୍ଚଳରେ ବନ୍ଦ ପ୍ରଭାବ ଶୂନ୍ୟ

**କାଳିଆପାଣି, (ଅସିତ ମହାନ୍ତ):** ଓଡ଼ିଶା ବନ୍ଦ ଡାକରା କାଳିଆପାଣି ଖଣି ଅଞ୍ଚଳରେ ପ୍ରଭାବ ଶୂନ୍ୟ ହୋଇଥିବା ଦେଖିବାକୁ ମିଳିଛି। କୌଣସି ସ୍ଥାନରେ କଂଗ୍ରେସ କର୍ମୀ ବନ୍ଦ କରିନାହାନ୍ତି। ସକାଳୁ କର୍ମଚାରୀମାନେ ସ୍ୱାଭାବିକ ଭାବେ ଖଣିକୁ କାମ କରିବାକୁ ଯାଇଥିଲେ। ଦୋକାନ ବଜାର, ସ୍କୁଲ, କଲେଜ, ବ୍ୟାଙ୍କ ଆଦି ଖୋଲାଥିଲା। ଖଣିଗୁଡ଼ିକ ଚାଲିଥିବାବେଳେ ଖଣିରୁ ପରିବହନ ବନ୍ଦ ରହିଥିଲା। ଯାତ୍ରୀବାହୀ ବସ ଚଳାଚଳ ବନ୍ଦ ରହିଥିଲା।

**ଯାଜପୁର ଟାଉନ, (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):** ଯାଜପୁର ଜିଲା ସଭାପତି ମନୋଜ ରାଉତଙ୍କ ପ୍ରତିନିଧିତ୍ୱରେ ଯାଜପୁର ସହରରେ ବନ୍ଦ ପାଳନ କରାଯାଇଛି। ନେତୃବୃନ୍ଦ ଓ କର୍ମୀ ଜିଲାପାଳଙ୍କ କାର୍ଯ୍ୟାଳୟ, ଯାଜପୁର ଜିଲା କୋର୍ଟ ଓ ଶିକ୍ଷାନୁଷ୍ଠାନର ପହଞ୍ଚି ବନ୍ଦକୁ ସଫଳ କରିବାକୁ ଅଧିକାରୀଙ୍କୁ ନିବେଦନ କରିଥିଲେ। ସମସ୍ତେ ବନ୍ଦକୁ ସମର୍ଥନ କରିଥିଲେ। ରାସ୍ତା ଘାଟ ଖାଁଖାଁ ହୋଇଥିଲା। ବିଷ୍ଣୁ ରାଉତ, ସନ୍ତୋଷ ନନ୍ଦ, ଗୋବିନ୍ଦ ସାହୁ, ଅନିଲ ମହାନ୍ତି, ବିଜୟ ମହାପାତ୍ର, ବିଦ୍ୟାଧର ବାରିକ, ଅମୂଲ୍ୟ ବିଶ୍ୱାଳ ପ୍ରମୁଖଙ୍କ ସହ ବହୁ କର୍ମୀ ଏଥିରେ ସାମିଲ ହୋଇଥିଲେ। ସେହିପରି ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ପକ୍ଷରୁ ଯାଜପୁରରେ ବନ୍ଦ ପାଳନ କରାଯାଛି। କର୍ମୀ ମେଡିକାଲ ଛକଠାରେ ଦୀର୍ଘ ସମୟ ଧରି ରାସ୍ତାରୋକ କରିଥିଲେ। ସେଠାରୁ ଏକ ପଦୁଆରରେ ସହର ପରିକ୍ରମା କରିଥିଲେ।



କଂଗ୍ରେସ ନେତା ଅଜୟ ସାମଲଙ୍କ ନେତୃତ୍ୱରେ କର୍ମୀମାନେ ଚଣ୍ଡିଖୋଲ ଛକରେ ୧୬ନଂ ଜାତୀୟ ରାଜପଥ ଅବରୋଧ କରିଛନ୍ତି।




ଏସ୍‌ୟୁସଆଇ(କମ୍ୟୁନିଷ୍ଟ) କର୍ମକର୍ତ୍ତା ଯାଜପୁର ସହର ପରିକ୍ରମା କରୁଛନ୍ତି।




ମହିଳା କଂଗ୍ରେସ ପୂର୍ବତନ ସଭାନେତ୍ରୀ ବନ୍ଦିତା ପରିଡ଼ାଙ୍କ ନେତୃତ୍ୱରେ ଚୋରଦା ବାଇପାସ ଛକଠାରେ ରାସ୍ତା ଅବରୋଧ କରାଯାଇଛି।




ବିଞ୍ଝାରପୁର ବ୍ଲକ କଂଗ୍ରେସ ପକ୍ଷରୁ ଆନ୍ଦୋଳନ କରାଯାଉଛି।



ଧର୍ମଶାଳା କଂଗ୍ରେସ ନେତା କିଷାନ ପଣ୍ଡାଙ୍କ ନେତୃତ୍ୱରେ ୧୬ ନମ୍ବର ଜାତୀୟ ରାଜପଥର ଜାରକା ଛକଠାରେ ରାସ୍ତା ଅବରୋଧ କରାଯାଇଛି।



ବରୀ ବ୍ଲକ୍ କଂଗ୍ରେସ ପକ୍ଷରୁ ବରୀ ମାଉଣ୍ଡଠାରେ ରାସ୍ତାରୋକୋ କରାଯାଇଛି।

# ସୌମ୍ୟାଶ୍ରୀଙ୍କ ପାଇଁ ଅଖଚକ ବନ୍ଦ

**କେନ୍ଦ୍ରାପଡ଼ା, ୧୭।୭ (ଜଗନ୍ନାଥ ଧଳ)**

ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ଓଡ଼ିଶା ବନ୍ଦ ଆହ୍ୱାନରେ କେନ୍ଦ୍ରାପଡ଼ାରେ ଯାତାୟାତ ସହ ସରକାରୀ କଳ ଠପ୍ ହୋଇଛି। କଂଗ୍ରେସ ସହ ବାମଦଳର ମୋଟ ୮ ରାଜନୈତିକ ଦଳ ମିଶି ମୃତ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ପାଇଁ ଚକଅଖ ବନ୍ଦ କରିଛନ୍ତି। ରାଜ୍ୟ ଶାସନ ବ୍ୟବସ୍ଥାର ସମାଲୋଚନା ସହ ଓଡ଼ିଶା ହାଇକୋର୍ଟର କାର୍ଯ୍ୟରତ ବିଚାରପତିଙ୍କ ଦ୍ୱାରା ତଦନ୍ତ, ପ୍ରକୃତ ଦୋଷୀଙ୍କୁ କଠୋର କାର୍ଯ୍ୟାନୁଷ୍ଠାନ, ତଦନ୍ତରେ ସ୍ୱଚ୍ଛତା ପାଇଁ ଶିକ୍ଷାମନ୍ତ୍ରୀ, ଏମ୍ପି, ବିଧାୟକଙ୍କ ଇସ୍ତଫା ଆଦି ଦାବି ରଖାଯାଇଛି। ଗୁରୁବାର ସକାଳ ୬ଟାରୁ ଓଡ଼ିଶା ବନ୍ଦ ପରିପ୍ରେକ୍ଷୀରେ ଜିଲା ବନ୍ଦର ପ୍ରଭାବ ଦେଖିବାକୁ ମିଳିଥିଲା। ସହର, ବଜାର ବନ୍ଦ ସହିତ ଗ୍ରାମାଞ୍ଚଳ ଛକ, ବଜାରରେ ସରକାରୀ ଓ ବେସରକାରୀ ଅନୁଷ୍ଠାନଗୁଡିକ ବନ୍ଦ ରହିଥିଲା। ସହରର ତିନିମୁହାଣୀଠାରେ ରାସ୍ତାରୋକୋ ଫଳରେ ଯାତାୟାତ ହୋଇ ପାରି ନ ଥିଲା। ଏ ସମ୍ପର୍କରେ ଜିଲା କଂଗ୍ରେସ ସଭାପତି ପ୍ରଫୁଲ୍ଲ ଦାସ, ସିପ୍ରା ମଲ୍ଲିକ, ସିପିଆଇଏମ୍ର ଗୟାଧର ଧଳ, ସିପିଆଇର ରମଣୀ ରଞ୍ଜନ ଜେନା ପ୍ରମୁଖ କହିଛନ୍ତି, ବାଲେଶ୍ୱରର ଏଫ୍ଏମ୍ କଲେଜର ଛାତ୍ରୀଙ୍କ ମୃତ୍ୟୁ ଶାସନ ବ୍ୟବସ୍ଥାର ମୁଖା ଖୋଲିଛି। ଛାତ୍ରୀ ବିଶି ଦୀର୍ଘ ୬ ମାସ ଧରି ବିଭିନ୍ନ ସମୟରେ ନିର୍ଯ୍ୟାତନାର ଶିକାର ହେଉଥିବା ଅଭିଯୋଗ କରୁଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ନାହିଁ। ଫଳରେ ଛାତ୍ରୀଙ୍କ ଅକାଳ ମୃତ୍ୟୁ ହୋଇଥିଲା। ମୃତ ଛାତ୍ରୀଙ୍କୁ ଉପଯୁକ୍ତ ନ୍ୟାୟ ନ ମିଳିବା ଯାଏ ଏହି ଆନ୍ଦୋଳନ ଜାରି ରହିବ ବୋଲି ସେମାନେ ମତ ରଖିଥିଲେ। ଏହି ଆନ୍ଦୋଳନରେ ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ହଳଧର ସେଠୀ, ସଞ୍ଜୀବ ମହାନ୍ତି, ଜଗତଜୀବନ ଦାସ, ଆଦିକନ୍ଦ ରାଉଳ ପ୍ରମୁଖ ନେତୃତ୍ୱ ନେଇଥିଲେ।


କେନ୍ଦ୍ରାପଡ଼ା ସହରର ତିନିମୁହାଣିଠାରେ କଂଗ୍ରେସ, ବାମଦଳ ପକ୍ଷରୁ ରାସ୍ତାରୋକୋ।


ରାଜକନିକା ଚନ୍ଦନ ପୋଖରୀ ଛକଠାରେ ବିଭିନ୍ନ ଦଳର ନେତା, କର୍ମୀମାନେ କଟକ-ଚାନ୍ଦବାଲି ରାଜପଥକୁ ଅବରୋଧ କରିଛନ୍ତି।



ଆଳିରେ କଂଗ୍ରେସ ପକ୍ଷରୁ ରାସ୍ତାରୋକୋ କରାଯାଇଛି।


କଂଗ୍ରେସ ଓ ଅନ୍ୟ ଦଳ ପକ୍ଷରୁ ମହାକାଳପଡ଼ା ବ୍ଲକ ମୁଖ୍ୟ କେନାଲ ରାସ୍ତା ଅବରୋଧ କରାଯାଇଛି।


୫୩ ନଂ. ଜାତୀୟ ରାଜପଥର ମାର୍ଶାଘାଇ ବ୍ଲକ ଶିଳିପୁର ଛକଠାରେ କଂଗ୍ରେସର ବିକ୍ଷୋଭ ପ୍ରଦର୍ଶନ।



କଂଗ୍ରେସ ପକ୍ଷରୁ ଡେରାବିଶଠାରେ ବିକ୍ଷୋଭ ପ୍ରଦର୍ଶନ।


ପଟାମୁଣ୍ଡାଇ ବିଜୁ ପଟ୍ଟନାୟକ ଛକ ନିକଟରେ କଂଗ୍ରେସ ଓ ବାମଦଳ ପକ୍ଷରୁ ରାସ୍ତାରୋକୋ କରାଯାଇଛି।

## କଂଗ୍ରେସ, ମିଳିତ ବିରୋଧୀ ଦଳ ପକ୍ଷରୁ ବନ୍ଦ

**ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଇଣ୍ଟିଗ୍ରେଟେଡ ବିଏଡ୍ ଦ୍ୱିତୀୟ ବର୍ଷ ଛାତ୍ରୀ ସୌମ୍ୟାଶ୍ରୀ ବିଶି କଲେଜ ଅଧ୍ୟାପକଙ୍କ ଦ୍ୱାରା ନିର୍ଯ୍ୟାତନାର ଶିକାର ହୋଇ ଆତ୍ମାହୁତି ଦେଇ ୧୪ ତାରିଖରେ ମୃତ୍ୟୁବରଣ କରିଛନ୍ତି। ଏହି ଘଟଣାର ନ୍ୟାୟିକ ତଦନ୍ତ, ଆତ୍ମହତ୍ୟାର ପର୍ଦ୍ଦାଫାଶ ଓ ଅଭିଯୁକ୍ତମାନଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ ପାଇଁ ଗୁରୁବାର କଂଗ୍ରେସ ଓ ବାମପନ୍ଥୀ ଦଳ ପକ୍ଷରୁ ଓଡ଼ିଶା ବନ୍ଦ ପାଳନ କରାଯାଇଛି। ଫଳରେ ସରକାରୀ ଓ ବେସରକାରୀ ଅନୁଷ୍ଠାନ, ଦୋକାନ ବଜାର ସବୁ ବନ୍ଦ ରହିଥିଲା। ଫଳରେ ଯାତ୍ରୀମାନେ ହନ୍ତସନ୍ତ ହୋଇଥିଲେ। ଏହାର ପ୍ରଭାବରେ କେନ୍ଦ୍ରାପଡ଼ା ଜିଲାର ପଟ୍ଟାମୁଣ୍ଡାଇ, ରାଜକନିକା, ଡେରାବିଶ, ଆଳି, ରାଜନଗର, ମାର୍ଶାଘାଇ, ମହାକାଳପଡ଼ା ବ୍ଲକ ଅଞ୍ଚଳରେ ଦେଖିବାକୁ ମିଳିଛି। ବନ୍ଦ ଡାକରା ଦେଇଥିବା ଦଳଗୁଡିକ ସରକାର ବିରୋଧୀ ନାରା ଦେଇଥିଲେ।**

**ପଟ୍ଟାମୁଣ୍ଡାଇ, ୧୭।୭ (କଳ୍ପତରୁ ନାୟକ)**

ପଟ୍ଟାମୁଣ୍ଡାଇ ବାଇପାସ୍ ମୁଖ୍ୟ ଛକରେ ବ୍ଲକ ଓ ନଗର କଂଗ୍ରେସ ସହ ୮ଟି ଦଳର ନେତା ଓ କର୍ମୀମାନେ ଓଡ଼ିଶା ବନ୍ଦ ପରିପ୍ରେକ୍ଷୀରେ ସକାଳୁ ବନ୍ଦ ପାଳନ କରାଯାଇଥିଲା। ୧୦ଟାରେ କର୍ମକର୍ତ୍ତାମାନେ ବଜାରରେ ପିକେଟିଂ କରି ଦୋକାନ, ବଜାର ବନ୍ଦ କରାଇବା ସହ ବିଜୁ ପଟ୍ଟନାୟକ ଛକ ନିକଟରେ ଆନ୍ଦୋଳନରେ ବସି ପ୍ରତିବାଦ ସଭା କରିଥିଲେ। କେନ୍ଦ୍ରାପଡ଼ା ଜିଲା ଯୁବ କଂଗ୍ରେସ ପୂର୍ବତନ ସଭାପତି ସତ୍ୟପ୍ରିୟ ସାମଲଙ୍କ ନେତୃତ୍ୱରେ ଆୟୋଜିତ ପ୍ରତିବାଦ ସଭାରେ ପୂର୍ବତନ ଜିଲା ଦଳିତ କଂଗ୍ରେସ ସଭାପତି ସର୍ବେଶ୍ୱର ସେଠୀ, ସ୍ନେହଲତା ଚୌଧୁରୀ, ସୁଚିତ୍ରା ବିଶ୍ୱାଳ, ଅଶ୍ୱିନୀ ପାତ୍ର, ଦେବେଶ ମଲ୍ଲିକ, ସିପିଆଇ ନେତା ବାବାଜୀ ଧଳ, ଅଭୟ ଦାସ, ସିପିଆଇଏମ୍ଏଲ୍ ନେତା ସଞ୍ଜୀବ ରାଉତ, ପ୍ରକାଶ ମଲ୍ଲିକ, ନବ ନିର୍ମାଣ କୃଷକ ସଙ୍ଗଠନର ଦାଶରଥି ସାହୁ ଓ ଅଶୋକ ନାଥ, ସମାଜବାଦୀ ପାର୍ଟିର ଅମରେଶ ପାତ୍ର, ନବ ଦିଗନ୍ତ ସଙ୍ଗଠନର ପ୍ରକାଶ ମହାନ୍ତି, ଶଶୀକଳା ରାଉତ, ସମାଜବାଦୀ ପାର୍ଟିର ନେତା ଅମରେଶ ପାତ୍ର ଭାଷଣ ଦେଇଥିଲେ। ଏହି ବନ୍ଦ ପାଳନ ପଟ୍ଟାମୁଣ୍ଡାଇରେ ଶାନ୍ତିପୂର୍ଣ୍ଣ ଭାବେ ଚାଲିଥିଲା।

**ରାଜକନିକା, (ସଞ୍ଜୟ କୁମାର ଦାଶ/ରବୀନ୍ଦ୍ର କୁମାର ଦାସ):** ରାଜକନିକା ବ୍ଲକର କଂଗ୍ରେସ ପକ୍ଷରୁ ପିସିସି ସମ୍ପାଦିକା ଦେବସ୍ମିତା ଶର୍ମାଙ୍କ ନେତୃତ୍ୱରେ କଟକ-ଚାନ୍ଦବାଲି ରାଜ୍ୟ ରାଜପଥ ରାସ୍ତାର ଚନ୍ଦନ ପୋଖରୀ ଛକଠାରେ ବିଭିନ୍ନ ଦଳର ନେତା, କର୍ମୀମାନେ ସରକାରଙ୍କ ବିରୋଧରେ ନାରାବାଜି ଦେଇଥିଲେ। ସେମାନେ ଶୋଭାଯାତ୍ରାରେ ବାହାରି କଣ୍ଟାପଡ଼ା ବଜାର, ଅଶୋକ ବଜାର, ଓଳାଭର ମାର୍କେଟ ଆଦି ପରିକ୍ରମା କରିବା ସହ ପିକେଟିଂ କରି ସବୁ ବନ୍ଦ ପାଳନରେ ସାମିଲ ହେବାକୁ କହିଥିଲେ। ଚନ୍ଦନ ପୋଖରୀ ଛକଠାରେ ବ୍ଲକ କଂଗ୍ରେସ ସଭାପତି ମଙ୍ଗୁଳି ଚରଣ ବେହେରାଙ୍କ ସଭାପତିତ୍ୱରେ ପ୍ରତିବାଦ ସଭା ହୋଇଥିଲା। ରାଜକନିକା ଅଞ୍ଚଳରେ ଏହି ବନ୍ଦର ପ୍ରଭାବ ଦେଖିବାକୁ ମିଳିଥିଲା। ଏଥିରେ ସିପିଆଇଏମ୍ଏଲ୍ ଜିଲା ସମ୍ପାଦକ ବିଧାନ ଦାସ, ସିପିଆଇଏମ୍ ନେତା କାଳୀପ୍ରସାଦ ନାୟକ, ବାବୁରାମ ଜେନା, ଦୁର୍ଯ୍ୟୋଧନ ମହାନ୍ତି, ପ୍ରଗତିଶୀଳ ମହିଳା ସମିତିର ରାଜ୍ୟ ସଭାନେତ୍ରୀ ସବିତା ବରଜ, ସୀତାରାଣୀ ଦାସ, ବାମ ନେତା ନବକିଶୋର ସୂତାର, କୃପାସିନ୍ଧୁ ପଣ୍ଡା, ସତ୍ୟବ୍ରତ ପରିଡା, ଶରତ ରାଉତ, ପ୍ରମୋଦ ପତି, ଅଞ୍ଜନା ସାହୁଙ୍କ ସମେତ ଅନ୍ୟ ନେତା ଓ କର୍ମୀ ସାମିଲ ଥିଲେ।

**ଡେରାବିଶ, (ବେବର୍ତ୍ତା ଅଜୟ ଦାସ):** ପାଟକୁରା ନିର୍ବାଚନ ମଣ୍ଡଳୀର କଂଗ୍ରେସ ନେତା ରତିକାନ୍ତ କାନୁନ୍‌ଗୋଙ୍କ ନେତୃତ୍ୱରେ ଡେରାବିଶରେ ବନ୍ଦ ପାଳନ ଯୋଗୁ ଚଣ୍ଡୀଖୋଲ-ପାରାଦୀପ ୫୩ ନଂ. ଜାତୀୟ ରାଜପଥ ଓ କଟକ-ଚାନ୍ଦବାଲି ରାଜ୍ୟ ରାଜପଥରେ ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ଏଥିସହ ବ୍ଲକ ଅଞ୍ଚଳର ସମସ୍ତ ମହାବିଦ୍ୟାଳୟ ଓ ବିଦ୍ୟାଳୟ ଛାତ୍ରୀଛାତ୍ର ସ୍ୱତଃପ୍ରବୃତ୍ତ ଭାବେ ଶିକ୍ଷାନୁଷ୍ଠାନକୁ ନ ଆସିବା ଯୋଗୁ ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ହୋଇଯାଇଥିଲା। ବ୍ଲକ, ତହସିଲ ଓ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସ କର୍ମୀ ପିକେଟିଂ କରିବା ଦ୍ୱାରା କୌଣସି କାର୍ଯ୍ୟ ହୋଇ ପାରି ନ ଥିଲା। ବ୍ୟାଙ୍କଗୁଡିକ କାର୍ଯ୍ୟ ପ୍ରଭାବିତ ହୋଇଥିଲା। ଏଥିସହ ବ୍ଲକ ଅଞ୍ଚଳରେ ଥିବା ପ୍ରମୁଖ ବଜାର ସହ ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ବ୍ଲକ କଂଗ୍ରେସର ବରିଷ୍ଠ ନେତା ଉମେଶ ତ୍ରିପାଠୀ, ଅନନ୍ତ ଚରଣ ପାତ୍ର, ସୁଖଦାନନ୍ଦ ପ୍ରଧାନ, ବିଧୁ ଭୂଷଣ ମହାପାତ୍ର, ଜୟଦେବ ପରିଡା, ରାଜୀବ ଲୋଚନ ମିଶ୍ର, ଅଶୋକ କୁମାର ଜେନା ପ୍ରମୁଖଙ୍କ ସମେତ ଶତାଧିକ ଦଳୀୟ କର୍ମୀ ଏହି ବନ୍ଦ ପାଳନରେ ସାମିଲ ହୋଇଥିଲେ।

**ଆଳି,(ବନମାଳୀ ସେନାପତି):** ଆଳି ବ୍ଲକରେ ଏହି ବନ୍ଦ ଡାକରାର ପ୍ରଭାବ ଦେଖିବାକୁ ମିଳିଛି। ଆଳି ନୂଆବଜାର ସମସ୍ତ ଦୋକାନ, ବଜାର ବନ୍ଦ ରହିବା ସହ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ସହ ବିଦ୍ୟାଳୟ, ବ୍ୟାଙ୍କ ଭଳି ଅନୁଷ୍ଠାନକୁ ବନ୍ଦ ରହିଥିଲା। ପ୍ରଦେଶ କଂଗ୍ରେସ ସମ୍ପାଦିକା ଦେବସ୍ମିତା ଶର୍ମା, ଆଳି ବ୍ଲକ କଂଗ୍ରେସ କମିଟି ସଭାପତି ରବିନାରାୟଣ ବେହେରା, ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ପର୍ଶୁରାମ ରାଉତରାୟ, ବାମପନ୍ଥୀ ନେତା ଧନେଶ୍ୱର ରାଉତ ଓ ନେତ୍ରୀ ସୁହାନା ବେଗମ, ଜୋନ୍ ସଭାପତି ନକୁଳ ପରିଡା, ମାନଗୋବିନ୍ଦ ଦାସ, ପ୍ରଭାକର ସାହୁ, ଯୁବ କଂଗ୍ରେସ ନେତା ରାଜମୋହନ ସ୍ୱାଇଁ, ସଂଗ୍ରାମ ସାମଲ, ଅରୁଣ ମଲ୍ଲିକ, ବିଜୟ ନାୟକ, ହରି ବିଶ୍ୱାଳ, ବୀରେନ୍ଦ୍ର ପଣ୍ଡା, ପ୍ରବାସ ରଞ୍ଜନ ବାରିକ, ସେକ ଅତିଫଓ ସେକ ତୟବଙ୍କ ସହ ବହୁ କର୍ମୀ ଉପସ୍ଥିତ ଥିଲେ।

**ରାଜନଗର, (ଭାସ୍କର ରାଉତରାୟ):** ରାଜନଗର ପ୍ରବେଶ ପଥ ହଂସୁଆ ସେତୁ ନିକଟରେ ଶତାଧିକ କଂଗ୍ରେସ କର୍ମୀ ଟାୟାର ଜାଳି ରାସ୍ତାରୋକୋ କରିବା ସହ ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ। ଯୁବ ନେତା ପ୍ରଶାନ୍ତ କୁମାର ରାଉତଙ୍କ ନେତୃତ୍ୱରେ ଅଖଚକ ବନ୍ଦ ସହ ସମସ୍ତ ସରକାରୀ, ବେସରକାରୀ କାର୍ଯ୍ୟାଳୟ, ସ୍କୁଲ, କଲେଜ, ଦୋକାନ, ବଜାର ବନ୍ଦ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ଦାମୋଦର ବିଶ୍ୱାସ, ବୈକୁଣ୍ଠ ବିହାରୀ ବିଶ୍ୱାଳ, ମାଗୁଣି ପଢ଼ିହାରୀ, ରମାକାନ୍ତ ଜେନା, ପ୍ରଭାତ ପ୍ରଧାନ, କ୍ଷୀରୋଦ ସ୍ୱାଇଁ, ସଞ୍ଜୟ ପତି, ସୁଶିଳ ପ୍ରଧାନ, ସୌରଭ ଜେନା ପ୍ରମୁଖ ସାମିଲ ହୋଇ ବନ୍ଦକୁ ସଫଳ କରିଥିଲେ। ଓଡ଼ିଶା ବନ୍ଦକୁ ସ୍ୱତଃପ୍ରବୃତ୍ତ ଭାବେ ସମର୍ଥନ ମିଳିଥିଲା। ବିନା ପିକେଟିଂରେ ରାଜନଗର ସମସ୍ତ ଦୋକାନ, ବଜାର ବନ୍ଦ ରହିଥିଲା। ସେହିପରି କଂଗ୍ରେସ ନେତା ଅଶୋକ କୁମାର ପ୍ରତିହାରୀଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀ ବିଜୟ କୁମାର ନାୟକ, ଅଲେଖ ସ୍ୱାଇଁ, ମନୋଜ ରାଉତରାୟ, ବିଦ୍ୟାଧର ଦାସ ପ୍ରମୁଖ ଯୋଗଦେଇ ସାନବଡ଼ ଗୋପାଳପୁରଠାରେ ଟାୟାର ଜାଳି ରାସ୍ତାରୋକୋ କରିଥିଲେ।


ରାଜନଗର ହଂସୁଆ ସେତୁ ନିକଟରେ କଂଗ୍ରେସ ପକ୍ଷରୁ ଟାୟାର ଜାଳି ରାସ୍ତାରୋକୋ।

**ମାର୍ଶାଘାଇ, (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ ):** ମାର୍ଶାଘାଇ ବ୍ଲକ କଂଗ୍ରେସ ପକ୍ଷରୁ ୫୩ ନଂ. ଜାତୀୟ ରାଜପଥର ଶିଳିପୁର ଛକଠାରେ କଂଗ୍ରେସ ନେତା, କର୍ମୀ ମିଳିତ ହୋଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଫଳରେ ଉଭୟପାର୍ଶ୍ୱରେ ଶତାଧିକ ଗାଡିମଟର ଅଟକି ରହିଥିଲା। ପରେ କର୍ମୀମାନେ ମାର୍ଶାଘାଇ ବଜାର ବନ୍ଦ କରାଇବା ସହ ସ୍କୁଲ, କଲେଜ, ବ୍ଲକ, ତହସିଲ, ସବ୍‌ରେଜିଷ୍ଟ୍ରି, ଟ୍ରେଜେରି କାର୍ଯ୍ୟାଳୟ ଆଦି ବନ୍ଦ କରାଇଥିଲେ। କଂଗ୍ରେସ ନେତା ବିଭ୍ରାଂଶୁ ଲେଙ୍କାଙ୍କ ନେତୃତ୍ୱରେ ବ୍ଲକ ଯୁବ କଂଗ୍ରେସ ସଭାପତି ରତିକାନ୍ତ ବେଉରା, ଉପେନ୍ଦ୍ର ବେହେରା, ବିଜୟ ପଣ୍ଡା, ଶିକ୍ଷାଂଶୁ ଲେଙ୍କା, ଭାରତୀ କାନୁନ୍‌ଗୋ, ଗୌରାଙ୍ଗ ଯେନା, ଯୁଗଳ ଦାସ, ସାଗର ବେଉରା, ନିରଞ୍ଜନ ଲେଙ୍କା, ଅରବିନ୍ଦ ମହାନ୍ତି, ଦୟାନିଧି ପଟ୍ଟନାୟକ, ପ୍ରଭାସ ଦାସ, ଅରକ୍ଷିତ ବିଶ୍ୱାଳଙ୍କ ସମେତ ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ।

**ମହାକାଳପଡ଼ା, (ପ୍ରତାପ ଚନ୍ଦ୍ର ସ୍ୱାଇଁ):** ମହାକାଳପଡ଼ା ବ୍ଲକ ମୁଖ୍ୟ କେନାଲ ରାସ୍ତାକୁ ଅବରୋଧ କରାଯାଇଥିଲା। ଫଳରେ ଯାତାୟାତ ପ୍ରଭାବିତ ହୋଇଛି। ସେହିପରି ବ୍ଲକ, ତହସିଲ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ ବନ୍ଦ ରହିଥିଲା। ଜାତୀୟ କଂଗ୍ରେସ ସହ ବାମ ଦଳ ନେତୃମଣ୍ଡଳୀ ଏହି ବନ୍ଦରେ ସାମିଲ ହୋଇଥିଲେ। ଏହି ବନ୍ଦ ପାଳନରେ କଂଗ୍ରେସ ଯୁବନେତା ବିଭ୍ରାଂସୁ ଲେଙ୍କା, ବ୍ଲକ କଂଗ୍ରେସ ସଭାପତି କବିନ୍ଦ୍ର ସାମଲ, ବସନ୍ତ ସେଠୀ, ରଘୁନାଥ ସେଠୀ, ଚିତ୍ତ ରଞ୍ଜନ ତରାଇ, ପ୍ରମୋଦ କୁମାର ସ୍ୱାଇଁ, ବୀରବର ବାରିକ, କମ୍ୟୁନିଷ୍ଟ ନେତା ନରୋତ୍ତମ ପାର୍ଥସାରଥୀ, ତ୍ରିଲୋଚନ ସ୍ୱାଇଁ, ଆମ୍ ଆଦମୀ ପାର୍ଟି ବାଦଲ ମଲ୍ଲ, ଜୟଭୀମ ଓ ଦଳିତ ନେତା ପ୍ରଭାତ ମଲ୍ଲିକ, ନିରାକାର ଜେନା, ନାରାୟଣ ପଣ୍ଡା, ରତିକାନ୍ତ ବେଉରାଙ୍କ ସମେତ ବହୁସଂଖ୍ୟାରେ ସବୁ ଦଳର ନେତା ଏଥିରେ ସାମିଲ ହୋଇଥିଲେ।

# ଜଗତ୍‌ସିଂହପୁରରେ ଓଡ଼ିଶା ବନ୍ଦ ଆପାତତଃ ଶାନ୍ତିପୂର୍ଣ୍ଣ

**ଜଗତ୍‌ସିଂହପୁର, ୧୭।୭ (ପ୍ରମୋଦ କୁମାର ନାୟକ)**

ବାଲେଶ୍ୱର ଏଫ୍ଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟ ବିଏଡ୍ ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମହତ୍ୟା ପ୍ରସଙ୍ଗକୁ ନେଇ ପ୍ରଦେଶ କଂଗ୍ରେସ କମିଟି (ପିସିସି) ଡାକରାରେ ଗୁରୁବାର ଓଡ଼ିଶା ବନ୍ଦ ଡାକରା ଦିଆଯାଇଥିଲା। ଏହାକୁ କେତେକ ସଙ୍ଗଠନ ସମର୍ଥନ କରିଥିଲେ। ଏହି ଅନୁଯାୟୀ ଜଗତ୍‌ସିଂହପୁର ଜିଲାରେ କଂଗ୍ରେସ ନେତା ଓ କର୍ମୀମାନେ ଜରୁରୀ ସେବାକୁ ବାଦଦେଇ ଦୋକାନବଜାର, ଗାଡିମୋଟର, ଶିକ୍ଷାନୁଷ୍ଠାନ, ସରକାରୀ ଓ ବେସରକାରୀ ଅନୁଷ୍ଠାନଗୁଡିକୁ ବନ୍ଦ ପାଇଁ ପିକେଟିଂ କରିଥିଲେ। କାଁ ଭାଁ କେତେକ ସ୍ଥାନରେ ଉତ୍ତେଜନାକୁ ବାଦ ଦେଲେ ଆପାତତଃ ବନ୍ଦ ଶାନ୍ତିପୂର୍ଣ୍ଣ ରହିଛି। ଜିଲା ମୁଖ୍ୟାଳୟର ବଙ୍ଗଳା ଛକରେ କଂଗ୍ରେସ ନେତା ଓ କର୍ମୀମାନେ ରାସ୍ତାରୋକୋ କରିଥିଲେ। ଏଥିସହ ଗାନ୍ଧୀ ଛକ, ଚର୍ଚ୍ଚିକା ବଜାର, ହାଟବଜାର, ଆଳିପିଙ୍ଗଳ, ଢିହସାହି ଆଦି କେତେକ ବଜାର ସମେତ ଜିଲା ମୁଖ୍ୟାଳୟର ବିଭିନ୍ନ ସରକାରୀ, ବେସରକାରୀ ଅନୁଷ୍ଠାନ ବନ୍ଦ ପାଇଁ କଂଗ୍ରେସ କର୍ମୀମାନେ ପିକେଟିଂ କରିଥିଲେ। ବଡ଼ କଥା ହେଲା ଲୋକେ ସ୍ୱତଃପ୍ରବୃତ୍ତ ଭାବେ ବନ୍ଦକୁ ସମର୍ଥନ କରିଥିବା ଦେଖାଯାଇଥିଲା। ଜିଲା କଂଗ୍ରେସ କମିଟି ସଭାପତି ନଟବର ବାରିକ ଏହାର ନେତୃତ୍ୱ ନେଇଥିଲେ। ଜଗତ୍‌ସିଂହପୁର ପୂର୍ବତନ ପୌରାଧକ୍ଷ ବିପ୍ଲବ ଚୌଧୁରୀ, ନଗର କଂଗ୍ରେସ ସଭାପତି ଅଭୟ କୁମାର ମହାନ୍ତି, ବ୍ଲକ କଂଗ୍ରେସ ସଭାପତି ମାନସ କୁମାର ରଥ, ସରପଞ୍ଚ ପ୍ରମୋଦ କୁମାର ସାହୁ, ଦିଲୀପ କୁମାର ମହାନ୍ତି, ପୂର୍ବତନ ସରପଞ୍ଚ ବିଶ୍ୱଜିତ ପୋଥାଳ, କାହ୍ନୁଚରଣ ରାଉତ, ଜିଲା ନିଖିଳ ଉତ୍କଳ ଗ୍ରାମୀଣ ଚାଷୀ ମୂଲିଆ ସଂଘ ସଭାପତି ଇଂ. ବେଦଦ୍ୟୁତି ପୃଷ୍ଟି ପ୍ରମୁଖ ସାମିଲ ହୋଇଥିଲେ।


ଜଗତ୍‌ସିଂହପୁର ସହରରେ ଦୋକାନ ବଜାର ବନ୍ଦ ରହିଛି।



ପାରାଦୀପରେ କଂଗ୍ରେସ ପକ୍ଷରୁ ଶାନ୍ତିପୂର୍ଣ୍ଣ ଭାବେ ବନ୍ଦ ପାଳନ କରାଯାଉଛି।


କୁଜଙ୍ଗଠାରେ କଂଗ୍ରେସ ପକ୍ଷରୁ ବନ୍ଦ ପାଳନ କରାଯାଉଛି।

# ରାସ୍ତା ଅବରୋଧ, ବିକ୍ଷୋଭ, ଧାରଣା

- ୧୨ଘଣ୍ଟା ବନ୍ଦ ରହିଲା ଦୋକାନ,ବଜାର
- ଯାନବାହନ ଚଳାଚଳ ବନ୍ଦ, ମିଳିଲା ଜନସମର୍ଥନ

**ନୟାଗଡ଼,୧୭।୭(ଲୋକନାଥ ମିଶ୍ର):** ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀ ଆତ୍ମାହୁତି ଘଟଣା ପ୍ରତିବାଦରେ କଂଗ୍ରେସ ଓ ତାର ସମର୍ଥିତ ଦଳ ପକ୍ଷରୁ ଗୁରୁବାର ଓଡ଼ିଶା ବନ୍ଦ ଡାକରା ଦିଆଯାଇଥିଲା । ଏହି ପରିପ୍ରେକ୍ଷୀରେ ନୟାଗଡ଼ ଜିଲା ସଦର ମହକୁମାରେ ଜାତୀୟ କଂଗ୍ରେସ ଓ ବାମପନ୍ଥୀ ଦଳର ନେତା ଏବଂ କର୍ମୀମାନେ ସକାଳୁ ରାଜରାସ୍ତାକୁ ଓହ୍ଲାଇଥିଲେ । ସବୁଠି ଦୋକାନ,ବଜାର ବନ୍ଦ ରହିବା ସହିତ ଯାନବାହାନ ଚଳାଚଳ ବି ହୋଇ ନ ଥିଲା । ଏହି ବନ୍ଦ ପାଳନକୁ ଜନ ସମର୍ଥନ ମିଳିଥିଲା। ଗୁରୁବାର ସକାଳ ପ୍ରାୟ ସାଢେ ଆଠଟାରେ ଦଳୀୟ କର୍ମୀମାନେ ନୟାଗଡ଼ ଗୋଲେଇ ଟ୍ରାଫିକ ଛକରେ ଧାରଣା ଦେବା ସହିତ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ସେମାନେ ରାଜ୍ୟ ସରକାରଙ୍କ ବିରୋଧରେ ସ୍ଲୋଗାନ ଦେବା ସହିତ ସେହି ଛକକୁ ଅବରୋଧ କରିଥିଲେ । ଦଳୀୟ କର୍ମୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟ, ବ୍ଲକ ଅଫିସ, ବୀମା କାର୍ଯ୍ୟାଳୟ, ବ୍ୟାଙ୍କ, ସ୍କୁଲ, କଲେଜ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ସରକାରୀ କାର୍ଯ୍ୟ ବନ୍ଦ କରାଇଥିଲେ । ଓକିଲ ସଂଘ ପକ୍ଷରୁ ଓଡ଼ିଶା ବନ୍ଦକୁ ସମର୍ଥନ କରାଯିବା ସହିତ ଜିଲା ଜଜକୋର୍ଟ ଠାରେ ଜିଲାମାଜିଷ୍ଟ୍ରେଟଙ୍କୁ କାମ ବନ୍ଦ କରିବାକୁ ଅନୁରୋଧ କରାଯାଇଥିଲା। ବିକ୍ଷୋଭକାରୀମାନେ ବରିଷ୍ଠ ବାମପନ୍ଥୀ ନେତା ବିଶ୍ୱନାଥ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଗୋଲେଇ ଛକରେ ଏକ ପ୍ରତିବାଦ ସଭାର ଆୟୋଜନ କରିଥିଲେ। ସୌମ୍ୟାଶ୍ରୀଙ୍କ ଅସ୍ୱାଭାବିକ ମୃତ୍ୟୁର ବିଚାର ବିଭାଗୀୟ ତଦନ୍ତ ଜଣେ କାର୍ଯ୍ୟରତ ହାଇକୋର୍ଟ ବିଚାରପତିଙ୍କ ଅଧ୍ୟକ୍ଷତାରେ କରି ଦୋଷୀଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡ ବିଧାନ କରିବା ପାଇଁ ଦାବି କରାଯାଇଥିଲା। ସେହିପରି ଉଚ୍ଚଶିକ୍ଷା ମନ୍ତ୍ରୀ, ବାଲେଶ୍ୱର ବିଧାୟକ ଓ ଏମପି ଇସ୍ତଫା ଦେବାକୁ ଦାବି କରାଯାଇଥିଲା। ଏହି ଘଟଣାରେ ଜିଲାପାଳ ଓ ଏସ୍‌ପିଙ୍କ ଭୂମିକାକୁ ତଦନ୍ତ ପରିସରଭୁକ୍ତ କରିବା ଉପରେ ବିକ୍ଷୋଭକାରୀମାନେ ଦାବି କରିଥିଲେ । ଜାତୀୟ କଂଗ୍ରେସର ଜିଲା ସଂଯୋଜକ ସତ୍ୟବ୍ରତ ନାୟକ, ପୂର୍ବତନ ଜିଲା କଂଗ୍ରେସ ସଭାପତି ରଣଜିତ ଦାଶ, ମନୋଜ କୁମାର ସାହୁ, କମଳ କୁମାର ସାହୁ, ହୁସେନ ଖାଁ, ସିପିଆଇ ନେତା ଅମୀୟ ପଟ୍ଟନାୟକ, ସିପିଏମ ନେତା ପବିତ୍ର ଇନ୍ଦ୍ରଜିତ, ସରୋଜ ନାୟକ, ବୁଦ୍ଧି ନାୟକ, କୁଳମଣି ପୃଷ୍ଟି, ସିପିଏମ୍‌ଏଲ ନେତା ଗୋପିନାଥ ଜେନା ପ୍ରମୁଖ ମୋହନ ସରକାରଙ୍କୁ କଟୁ ସମାଲୋଚନା କରିଥିଲେ। ପୋଲିସ ୨୦ଜଣ ଆନ୍ଦୋଳନକାରୀଙ୍କୁ ଗିରଫ କରି ବ୍ୟକ୍ତିଗତ ମୁଚାଲିକାରେ ଛାଡ଼ିଥିଲା । ତେବେ ଜିଲା ସଦର ମହକୁମାର କିଛି ସ୍କୁଲକୁ ଛାଡିଦେଲେ ନୟାଗଡ଼ ସହର ଓ ନୟାଗଡ଼ ବ୍ଲକର ସ୍କୁଲଗୁଡିକ ଖୋଲାଥିଲା। ଅନ୍ୟପକ୍ଷେ ବେସରକାରୀ ସ୍କୁଲଗୁଡିକ ନିଜ ଆଡୁ ଆଗୁଆ ସ୍କୁଲ ଛୁଟି ଘୋଷଣା କରିଥିଲେ।


ନୟାଗଡ଼ ଗୋଲେଇ ଟ୍ରାଫିକ ଛକରେ କଂଗ୍ରେସ ଓ ତା'ର ସମର୍ଥିତ ଦଳୀୟ ନେତାମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।


ନୟାଗଡ଼ରେ ଦୋକାନ,ବଜାର ବନ୍ଦ ରହିଛି ।


ଗଣିଆ


ଶରଣକୁଳ


ରଣପୁର


ଓଡ଼ଗାଁ


ଦଶପଲ୍ଲା


ନୂଆଗାଁ


କଣ୍ଟିଲୋ

## ବନ୍ଦ ସବୁଠି ଶାନ୍ତିପୂର୍ଣ୍ଣ


ଖଣ୍ଡପଡ଼ାରେ କଂଗ୍ରେସ କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

**ଗଣିଆ,୧୭।୭(ସନ୍ତୋଷ କୁମାର ପ୍ରଧାନ)**–ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀ ଆତ୍ମାହୃତି ଘଟଣା ପ୍ରତିବାଦରେ ଗୁରୁବାର କଂଗ୍ରେସ ପକ୍ଷରୁ ଓଡ଼ିଶା ବନ୍ଦ ଡାକରା ଦିଆଯାଇଥିଲା । ଏହି ବନ୍ଦ ପାଳନ ସବୁଠି ଶାନ୍ତିପୂର୍ଣ୍ଣ ଭାବେ ଶେଷ ହୋଇଛି । ଏହି ପରିପ୍ରେକ୍ଷୀରେ ଗଣିଆରେ ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନ, ସ୍କୁଲ, କଲେଜ, ସରକାରୀ ଓ ବେସରକାରୀ ଅଫିସ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା । କଂଗ୍ରେସ ଓ ତାଙ୍କ ସମର୍ଥିତ ଦଳର ନେତା ଓ କର୍ମୀମାନେ ପ୍ରତିବାଦ ସଭା କରିବା ସହିର ଶୋଭାଯାତ୍ରା ଓ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଗଣିଆ ବଜାରରେ ଟାୟାର ଜାଳି ଆନ୍ଦୋଳନକାମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ନୟାଗଡ଼ ଜିଲା ସଂଯୋଜକ ସୁକାନ୍ତ କୁମାର ଶତପଥୀ, ଅବଦୁଲ ହଲିମ ଖାଁ, ତ୍ରିନାଥ ବେହେରା, ପ୍ରଦୀପ୍ତ କୁମାର ମହାପାତ୍ର, ସୁନୀଲ ପରିଡା, ସନ୍ତୋଷ ରାଉତ, କୈଳାସ ମହାପାତ୍ର, ବିପିନ କୁମାର ମହାପାତ୍ର, ଲକ୍ଷ୍ମୀଧର ପଣ୍ଡାଙ୍କ ସହିତ ବହୁ ନେତା,କର୍ମୀ ଆନ୍ଦୋଳନରେ ସାମିଲ ହୋଇଥିଲେ ।

**ଖଣ୍ଡପଡ଼ା,(ଅଜୟ କୁମାର ମହାରଣା)**–ଖଣ୍ଡପଡ଼ାରେ ବରିଷ୍ଠ କଂଗ୍ରେସ ନେତ୍ରୀ ବିନୋଦିନୀ ମହାନ୍ତି ଓ ବୈଜୟନ୍ତୀମାଳା ମହାନ୍ତିଙ୍କ ନେତୃତ୍ୱରେ ଦଳୀୟ କର୍ମୀ ଓ ନେତାମାନେ ହାତରେ ପ୍ଲାକାର୍ଡ ଧରି ସହର ପରିକ୍ରମା କରିବା ସହ ବିଭିନ୍ନ ସରକାରୀ, ବେସରକାରୀ କାର୍ଯ୍ୟାଳୟ ଓ ଶିକ୍ଷାନୁଷ୍ଠାନ ବନ୍ଦ କରିଥିଲେ । ଖଣ୍ଡପଡ଼ା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସ ନେତ୍ରୀ ଓ ନେତାମାନେ ରାଜ୍ୟ ସରକାରଙ୍କୁ କଟୁ ସମାଲୋଚନା କରିବା ସହ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ । କଂଗ୍ରେସ ସଂଗଠକ ଦେବାଶିଷ ପରମଗୁରୁ ,ଖଣ୍ଡପଡ଼ା ନଗର କଂଗ୍ରେସ ସଭାପତି ସନ୍ତୋଷ କୁମାର ସାହୁଙ୍କ ସମେତ ଦଳୀୟ କର୍ମୀ ଓ ମହିଳାମାନେ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ । ହେଲେ କଣ୍ଟିଲୋ ଶ୍ରୀନୀଳମାଧବ କ୍ଷେତ୍ରରେ ଓଡ଼ିଶା ବନ୍ଦର କୌଣସି ପ୍ରଭାବ ପଡ଼ି ନ ଥିଲା । ସମସ୍ତ ଶିକ୍ଷାନୁଷ୍ଠାନ, ପୋଷ୍ଟ ଅଫିସ, କଣ୍ଟିଲୋ ବଜାର, ମେଡିକାଲ ଛକ ସବୁ ଖୋଲା ରହିବା ସହିତ ବ୍ୟାଙ୍କ ସେବା ସମ୍ପୂର୍ଣ୍ଣ ବନ୍ଦ ଥିଲା । କେବଳ ଭାରିଯାନ, କାର ଓ ବସ ଚଳାଚଳ ଉପରେ ବନ୍ଦର ପ୍ରଭାବ ପଡିଥିଲା ।

**ଓଡ଼ଗାଁ,(ଆଦର୍ଶ କୁମାର ପଟ୍ଟନାୟକ):**ଓଡ଼ଗାଁ ବ୍ଲକ ସଦର ମହକୁମାରେ ଦୋକାନ ବଜାର ବନ୍ଦ ଥିବାବେଳେ ଅଧିକାଂଶ ସ୍କୁଲ ଖୋଲା ରହିଥିବା ଦେଖିବାକୁ ମିଳିଥିଲା। ବ୍ଲକ କଂଗ୍ରେସ ସଭାପତି ପୂର୍ଣଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ପୂର୍ବତନ ଜିଲା ସଭାପତି ରଣଜିତ ଦାସ, ରାଜ୍ୟ ଯୁବ କଂଗ୍ରେସ ସମ୍ପାଦକ ପ୍ରତୀକ ମହାପାତ୍ର , ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଶିବ ରାମ ସାହୁ, ଜିଲା କଂଗ୍ରେସ ଉପସଭାପତି ବସନ୍ତ କର, ବ୍ଲକ କଂଗ୍ରେସ କମିଟି ଉପସଭାପତି ବିଭୁତି ରାଉତ, ଓଡ଼ଗାଁ ନଗର କଂଗ୍ରେସ କମିଟି କୋଷାଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, ନିରଞ୍ଜନ ରାଉତ, ନିରଞ୍ଜନ ଆଚାରୀ, ସୋମନାଥ ସାହୁ, ବସନ୍ତ ମାହାକୁଡ଼, ଦେବରାଜ ପାହାନ, ପ୍ରତାପ ବିଶୋଇ, ବିଜି ପ୍ରଧାନ,କରୁଣା କର ସେଠୀ, ପୂର୍ଣ୍ଣ ଚନ୍ଦ୍ର ଡାକୁଆ ପ୍ରମୁଖ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ।

**ନୂଆଗାଁ,(ଧନେଶ୍ୱର ସାହୁ)**–ନୟାଗଡ ଜିଲା ନୂଆଗାଁ ବ୍ଲକରେ ଓଡ଼ିଶା ବନ୍ଦ ଡାକରର ଆଂଶିକ ପ୍ରଭାବ ପଡିଥିଲା । ନୂଆଗାଁ ବ୍ଲକର ବିଭିନ୍ନ ସରକାରୀ କାର୍ଯ୍ୟାଳୟ,ଦୋକାନ ବଜାର ଖୋଲା ରହିଥିଲା। ନୂଆଗାଁ ବ୍ଲକ କଂଗ୍ରେସ ସଭାପତି ଅଶୋକ କୁମାର ନାୟକଙ୍କ ନେତୃତ୍ୱରେ କେତେଜଣ ହାତ ଗଣତି କଂଗ୍ରେସ କର୍ମୀ ଏକାଠି ହୋଇ ଦୋକାନ ବଜାର, ସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ ଆଦିକୁ ବନ୍ଦ କରିବା ପାଇଁ ଅନୁରୋଧ କରିଥିଲେ । ସେମାନଙ୍କ କଥାକୁ ସମ୍ମାନ ଜଣାଇ ତହସିଲ କାର୍ଯ୍ୟାଳୟ , ବ୍ଲକ କାର୍ଯ୍ୟାଳୟ କିଛି ସମୟ ପାଇଁ ବନ୍ଦ ରହିବା ପରେ ପୁଣିଥରେ ଖୋଲିଥିଲା । ଏହି ଆନ୍ଦୋଳନରେ କଂଗ୍ରେସର ପୁରୁଖା କର୍ମୀ ଲଡୁ କିଶୋର ଷଡଙ୍ଗୀ, ପୂର୍ଣ୍ଣଚନ୍ଦ୍ର ପରିଡା ପ୍ରମୁଖ ଯୋଗ ଦେଇଥିଲେ ।

**ରଣପୁର,(ସୁକାନ୍ତ କିଶୋର ଡାକୁଆ)**–ରଣପୁରରେ କଂଗ୍ରେସ ଓ କମ୍ୟୁନିଷ୍ଟ ଦଳ ପକ୍ଷରୁ ବିଭିନ୍ନ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହିତ ରାସ୍ତା ଅବରୋଧ କରାଯାଇଥିଲା। ବହୁ ଯାନବାହାନ ଅଟକି ରହିଥିଲା। ବିଭିନ୍ନ ସରକାରୀ ଓ ବେସରକାରୀ ସଂସ୍ଥା ସହିତ ସ୍କୁଲ,କଲେଜ, କୋର୍ଟ, ତହସିଲ, ବ୍ଲକ ଓ ଏନଏସି କୁ ଯାଇ କଂଗ୍ରେସ ନେତା ଓ କର୍ମୀମାନେ ବନ୍ଦ କରାଇଥିଲେ । ସେହିପରି ସହରର ଦୋକାନ, ବଜାର ବନ୍ଦ ରହିଥିଲା । ଚାନ୍ଦପୁର ଜାତୀୟ ରାଜପଥକୁ କଂଗ୍ରେସ ଓ କମ୍ୟୁନିଷ୍ଟ ନେତମାନେ ଅବରୋଧ କରିଥିଲେ। ଫଳରେ ବହୁ ଯାନବାହାନ ଜାତୀୟ ରାଜପଥରେ ଅଟକି ରହିଥିଲା।

**ଶରଣକୁଳ,(ଦୀପକ କର)**–ଶରଣକୁଳରେ ଓଡ଼ିଶା ବନ୍ଦର ପ୍ରଭାବ ପଡିଥିଲା। କଂଗ୍ରେସ ଓ ସିପିଆଇ(ଏମ)ନେତାମାନେ ସକାଳୁ ରାଜରାସ୍ତାକୁ ଓହ୍ଲାଇଥିଲେ । ସେମାନେ ରାଜ୍ୟ ସରକାରଙ୍କୁ ସମାଲୋଚନା କରିବା ସହିତ ମୃତା ଛାତ୍ରୀଙ୍କୁ ନ୍ୟାୟ ପ୍ରଦାନ ସହିତ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ । ଦଳୀୟ ନେତା ଗୋଲକ ମୁଦୁଲି, ରାଜ୍ୟ ଯୁବ ନେତା ସରୋଜ ନାୟକ, କଂଗ୍ରେସ ନେତା ବିଭୁପ୍ରସାଦ ମିଶ୍ର, ଆଲୋକ ପ୍ରଧାନ, ବୁଢ଼ା ମହାପାତ୍ର, ସିପିଆଇଏମ୍ ନେତ୍ରୀ ଜ୍ୟୋତିପ୍ରଭା ଜେନା, ନିରଞ୍ଜନ ସାହୁ, ଭାଗିରଥି ସ୍ୱାଇଁ ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଥିଲେ। ଆନ୍ଦୋଳନକାରୀମାନେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ସମସ୍ତ ବ୍ୟାଙ୍କ, ଶିକ୍ଷା ଅନୁଷ୍ଠାନ, ବ୍ୟବସାୟ ପ୍ରତିଷ୍ଠାନ ଓ ସରକାରୀ ଦପ୍ତର ବନ୍ଦ କରିଥିଲେ । ଏସ୍‌ୟୁସିଆଇ କର୍ମୀ କୃଷ୍ଣ ଚନ୍ଦ୍ର ମହାପାତ୍ରଙ୍କ ନେତୃତ୍ୱରେ ଛାତ୍ରମାନେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ସରକାରଙ୍କୁ ସମାଲୋଚନା କରିଥିଲେ।

**ଦଶପଲ୍ଲା,(ପ୍ରକାଶ କୁମାର ପାଣି)**–କଂଗ୍ରେସ ସମେତ ବାମଦଳ ପକ୍ଷରୁ ଦିଆଯାଇଥିବା ଓଡ଼ିଶା ବନ୍ଦ ଡାକରାର ପ୍ରଭାବ ଦଶପଲ୍ଲାରେ ପଡିଥିଲା। ଯାନବାହାନ ଚଳାଚଳ ବନ୍ଦ ରହିଥିଲା। ହେଲେ ଦୋକାନ ବଜାର ଖୋଲା ରହିଥିଲା। ବିଭିନ୍ନ ଦଳ ପକ୍ଷରୁ ତହସିଲ, ବ୍ଲକ ସମେତ ସରକାରୀ କାର୍ଯ୍ୟାଳୟ ,ବ୍ୟାଙ୍କକୁ ଦଳୀୟ କର୍ମୀମାନେ ବନ୍ଦ କରାଇଥିଲେ। ବ୍ଲକ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧାରଣା ଦିଆଯାଇଥିଲା। ଏଥିରେ ବିଭିନ୍ନ ଦଳର ନେତା ଓ କର୍ମୀମାନେ ସାମିଲ ହୋଇଥିଲେ। କଂଗ୍ରେସ ପକ୍ଷରୁ ସରୋଜ ପରିଡ଼ା, ନାରାୟଣ ସାହୁ, ରାଜୀବ ମିଶ୍ର ବେଣୁଧର ନାୟକଙ୍କ ସମେତ ବହୁ କଂଗ୍ରେସ କର୍ମୀ, ବିଶିଷ୍ଟ ବାମପନ୍ଥୀ ନେତା ଶରତ ବେହେରା ସମେତ ବାମଦଳ କର୍ମୀମାନେ ଆନ୍ଦୋଳନରେ ସାମିଲ ହୋଇଥିଲେ।

**ଭାପୁର,(ଲୋକନାଥ ମିଶ୍ର):**କଂଗ୍ରେସ ପକ୍ଷରୁ ଭାପୁର ବ୍ଲକ୍‌ରେ କରାଯାଇଥିବା ଓଡିଶା ବନ୍ଦ ସଫଳ ହୋଇଛି। ବରିଷ୍ଠ କଂଗ୍ରେସ ନେତ୍ରୀ ବୈଜୟନ୍ତୀ ମାଳା ମହାନ୍ତି ଓ ବିନୋଦିନୀ ମହାନ୍ତିଙ୍କ ନେତୃତ୍ୱରେ ଦଳୀୟ କର୍ମୀ , କର୍ମକର୍ତ୍ତା ହାତରେ ପ୍ଲାକାର୍ଡ ଧରି ଭାପୁର ବଜାର ପରିକ୍ରମା କରିବା ସହ ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ଓ ଦୋକାନ ବଜାର ଯାଇ ବନ୍ଦ କରିଥିଲେ। ଏହି ଘଟଣାରେ ରାଜ୍ୟ ସରକାରଙ୍କୁ କଟୁ ସମାଲୋଚନା କରିଥିଲେ। ଏହି ଆନ୍ଦୋଳନରେ ପୂର୍ବତନ ରାଜ୍ୟ ଛାତ୍ର କଂଗ୍ରେସ ସାଧାରଣ ସମ୍ପାଦକ ତଥା ମୁଖପାତ୍ର ପ୍ରଦୀପ ପ୍ରଧାନ, ଭାପୁର ବ୍ଲକ କଂଗ୍ରେସ ସଭାପତି ବାଙ୍କନିଧି ଧଳ, ସିପିଆଇଏମ୍‌ର ଚାପଧାରୀ ରାଉତ, ପ୍ରତାପ ବରାଡ, ଜିଲା ଉପସଭାପତି ଦେବାଶିଷ ପରମଗୁରୁ, ବାଳକୃଷ୍ଣ ଦାଶ, ବିରଞ୍ଚି ନାରାୟଣ ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ।


ଭାପୁର

## ସାପ କାମୁଡ଼ାରେ ମହିଳା ମୃତ

ଏରସମା, ( ଦୀପ୍ତି ଖୁଣ୍ଟିଆଳ ):ସାପ କାମୁଡ଼ାରେ ଏରସମା ଥାନା ଅନ୍ତର୍ଗତ ଗୋଡ଼ା ଗ୍ରାମର ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପୂଜାରାଣୀ ସାହୁ (୨୧)। ସେ ବୁଧବାର ରାତିରେ ଘରବାରିକି ଯିବା ସମୟରେ ଗୋଟିଏ ସାପ କାମୁଡି ଦେଇଥିଲା। ଫଳରେ ସେ ଅଚେତ ହୋଇଯାଇଥିଲେ। ପରିବାର ଲୋକେ ଚିକିତ୍ସା ପାଇଁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ପୂଜାରାଣୀଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ଥାନାରେ ଅପମୃତ୍ୟୁ ମାମଲା (ନଂ.୧୭/୨୫) ରୁଜୁ କରାଯାଇ ତଦନ୍ତ ଜାରି ରହିଛି ବୋଲି ଆଇଆଇସି ପ୍ରେମଜୀତ ଦାସ କହିଛନ୍ତି।

# ମାଛ ବ୍ୟବସାୟୀଙ୍କ କବଳରେ ସଂରକ୍ଷିତ ଜଙ୍ଗଲ

- କାଂସପାଳଠାରେ ଚାଲିଛି ମାଛ ରପ୍ତାନି
- ଆଭ୍ୟନ୍ତରୀଣ ଅଞ୍ଚଳରେ ପିରାନା, ଚିଙ୍ଗୁଡ଼ି ଚାଷ


ଭିତରକନିକା ଜାତୀୟ ଉଦ୍ୟାନ ଅନ୍ତର୍ଗତ ଜଗତ୍‌ଜୋରୀ ନଦୀରୁ ମତ୍ସ୍ୟଜୀବୀମାନେ ରୂପଚାନ୍ଦି ମାଛ ଧରୁଛନ୍ତି।

**କେନ୍ଦ୍ରାପଡ଼ା, ୧୭।୭ (ଜଗନ୍ନାଥ ଧଳ):** ଜୈବ ବିବିଧତାଭରା ଜାତୀୟ ଉଦ୍ୟାନ ଭିତରକନିକା ଏବେ ନିଜର ମାନ ହରାଉଛି। ତଟକ୍ଷୟ, ଜଙ୍ଗଲ ଜମି ସମସ୍ୟା ଥିବାବେଳେ ସାମୁଦ୍ରିକ ଓ ଆଭ୍ୟନ୍ତରୀଣ ଅଞ୍ଚଳ ଉପରେ ମାଛ ବ୍ୟବସାୟୀଙ୍କ ଲୋଲୁପ ଦୃଷ୍ଟି ପଡିଛି। କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ବଉଳକଣୀ ପଞ୍ଚାୟତ କାଂସପାଳ ନିକଟ ଗୋବରୀ ନଦୀ ଏବେ ମାଛ ରପ୍ତାନିର ମୁଖ୍ୟସ୍ଥଳ ହୋଇଛି। ସେହିପରି ଆଭ୍ୟନ୍ତରୀଣ ଅଞ୍ଚଳରେ ବେଆଇନ ଭାବେ ଚିଙ୍ଗୁଡ଼ି ଓ ପିରାନା ପ୍ରଜାତିର ଚାଷକୁ ରୋକାଯାଇ ପାରୁନାହିଁ। ସଂରକ୍ଷିତ ଜଙ୍ଗଲ ମଧ୍ୟରେ ମାଛ ବ୍ୟବସାୟୀଙ୍କ ନଜର ପଡ଼ିବାରୁ ସାମୁଦ୍ରିକ ଓ ବନ୍ୟପ୍ରାଣୀଙ୍କ ପ୍ରତି ବିପଦ ସୃଷ୍ଟି ହୋଇଛି।

ଏ ସମ୍ପର୍କରେ ଲକ୍ଷ୍ମୀଧର ସ୍ୱାଇଁ କହିଛନ୍ତି, କାଂସପାଳ ଫେରିଘାଟରୁ ପ୍ରତ୍ୟହ ଲକ୍ଷାଧିକ ଟଙ୍କାର ମାଛ କୋଲକାତା ଚାଲାଣ ହେଉଛି। କୋଲକାତା, ବାଲେଶ୍ୱର ଓ ଅନ୍ୟ ସ୍ଥାନର ଟ୍ରଲର ଏହି ମାଛ ରପ୍ତାନିରେ ବ୍ୟବହାର ହେଉଛି। ଏହି ଟ୍ରଲର ପାଇଁ ଗୋବରୀ ନଦୀ କୂଳ ଅତଡ଼ା ଖସୁଥିବାବେଳେ ଲୁଣା ଜଙ୍ଗଲ ଧ୍ୱଂସ ହେଉଛି। ଜମ୍ବୁ ବନାଞ୍ଚଳରୁ ମାତ୍ର ୫ କିଲୋମିଟର ଏହି ସ୍ଥାନ ହୋଇଥିବା ବେଳେ ଜମ୍ବୁ ସାମୁଦ୍ରିକ ଥାନାଠାରୁ ଦୂରତା ମାତ୍ର ୫.୫ କିଲୋମିଟର। ତନ୍ତିଆପାଳର ରମେଶ ସେଠୀ କହିଛନ୍ତି, ଜମ୍ବୁ ଲକ୍‌ଠାରେ ଏକ ଜେଟି ଅଛି। ଏଠାରେ ମଧ୍ୟ ଏହି ବ୍ୟବସାୟ ଚାଲିଛି। ତେବେ ବଡ଼ କଥା ହେଉଛି, ନିଷିଦ୍ଧାଞ୍ଚଳରେ ବଡ ଟ୍ରଲର ଚାଲୁଥିଲେ ମଧ୍ୟ ଏହାର ଗତିକୁ ଅତିକ୍ରମ ପାଇଁ ବନ ବିଭାଗ, ସାମୁଦ୍ରିକ ଥାନାର ଆବଶ୍ୟକ ସ୍ପିଡ ବୋଟ ନାହିଁ। ରାଜନଗରର ପ୍ରତ୍ୟୁଷ କୁମାର ନାୟକ କହିଛନ୍ତି, ଭିତରକନିକାର ପରିବେଶକୁ ବନ ବିଭାଗର କର୍ମଚାରୀ ବେଶି ପରିମାଣରେ କ୍ଷତି କରୁଛନ୍ତି। ତଟାଞ୍ଚଳରେ ଚିଙ୍ଗୁଡ଼ି ଘେରି ସହିତ ପିରାନା ପ୍ରଜାତିର ମାଛ ଚାଷକୁ ପ୍ରୋତ୍ସାହିତ କରୁଛନ୍ତି। ଏପରିକି ଏ ପ୍ରକାର ମାଛଚାଷୀ ଓ ବ୍ୟବସାୟୀଙ୍କ ଭାଗୀଦାରି ହୋଇଛନ୍ତି। ନିଷିଦ୍ଧାଞ୍ଚଳରେ ଆବଶ୍ୟକ ପଦକ୍ଷେପ ନିଆଯାଉ ନ ଥିବା ନେଇ ସେ କ୍ଷୋଭ ପ୍ରକାଶ କରିଛନ୍ତି। ଅଶୋକ କୁମାର ସାମଲ କହିଛନ୍ତି, ଭିତରକନିକାର ପରିବେଶ ସୁରକ୍ଷା ଏବେ ଅଣାୟତ୍ତ ହୋଇଛି। ଚିଙ୍ଗୁଡ଼ି ଘେରି ବଢ଼ି ଚାଲିଥିବାବେଳେ ୫ ବର୍ଷ ଧରି ରୂପଚାନ୍ଦି ମାଛ ଚାଷ ସଂରକ୍ଷିତ ଜଙ୍ଗଲ ଅଞ୍ଚଳରେ ହେଉଛି। ଜାତୀୟ ଉଦ୍ୟାନର ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଥିବା ନାଳ ଓ ପୋଖରୀରେ ମାଛ ଚାଷ ହେଉଥିବା ଯୋଗୁ ପରିବେଶ ସନ୍ତୁଳନ ହୋଇପାରୁନାହିଁ। ଜାତୀୟ ଉଦ୍ୟାନର ସୁଦୀର୍ଘ ଘଞ୍ଚ ଜଙ୍ଗଲ, ପଶୁପକ୍ଷୀ, ସାମୁଦ୍ରିକ ତଟାଞ୍ଚଳର ପରିବେଶ ଦେଶ ବିଦେଶର ପର୍ଯ୍ୟଟକଙ୍କୁ ଆକର୍ଷିତ କରେ। ଏଥିସହ ଅଲିଭ୍‌ରିଡ୍‌ଲେଙ୍କ ଅଣ୍ଡିଶାଳ, ବଉଳା କୁମ୍ଭୀର, ଡଲଫିନ ଆଦି ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇଛି। ଏପରିସ୍ଥଳେ ଚିଙ୍ଗୁଡ଼ି ଘେରି ଓ ପିରାନା ପ୍ରଜାତିର ମାଛ ଚାଷ ଫଳରେ ମାଛ ବ୍ୟବସାୟୀଙ୍କ କବଳକୁ ଜଙ୍ଗଲ ଚାଲି ଯାଉଛି। ସାମାଜିକ କର୍ମୀ ମହେଶ କୁମାର ପାଢ଼ୀ କହିଛନ୍ତି, ଭିତରକନିକାର ସୁରକ୍ଷା ପାଇଁ ଉଚ୍ଚ ନ୍ୟାୟାଳୟ ପକ୍ଷରୁ ବିଭିନ୍ନ ସମୟରେ ଜନସ୍ୱାର୍ଥ ମାମଲା ରୁଜୁ ହେଉଛି। ଏଥିପାଇଁ ଜାତୀୟ ଉଦ୍ୟାନ ଓ ଆଖପାଖ ଅଞ୍ଚଳରେ ଚିଙ୍ଗୁଡ଼ି ଘେରି ଉଚ୍ଛେଦ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ମାଛ ଚାଷ ଫଳରେ ଏହାର ବିଷାକ୍ତ ବର୍ଜ୍ୟବସ୍ତୁ ଜଙ୍ଗଲକୁ ଧ୍ୱଂସ କରୁଛି। ପରିବେଶବିତ୍ ପ୍ରଭୁପ୍ରସାଦ ମହାପାତ୍ର କହିଛନ୍ତି, ଜାତୀୟ ଉଦ୍ୟାନ ମଧ୍ୟରେ ଥିବା ଜଙ୍ଗଲ ଜମି ସ୍ଥାନୀୟ ରାଜନେତାଙ୍କ ଭୋଟ ବ୍ୟାଙ୍କ ସାଜିଛି। ଅନୁପ୍ରବେଶକାରୀ ଏହି ଜମିକୁ ଜବରଦଖଲ କରି ରହିବା ସହିତ ମାଛ ଚାଷ, ପ୍ରାଣୀ, ପକ୍ଷୀଙ୍କ ଶିକାର ସହିତ ଗଛ ନଷ୍ଟ କରୁଛନ୍ତି। ଅନୁପ୍ରବେଶକାରୀଙ୍କୁ ରୋକା ନ ଗଲେ ଭିତରକନିକା ଶ୍ରୀହୀନ ହୋଇଯିବ। ଏ ସମ୍ପର୍କରେ ଅତିରିକ୍ତ ଜିଲାପାଳ ରବୀନ୍ଦ୍ର କୁମାର ମଲ୍ଲିକଙ୍କୁ ପଚାରିବାରେ ଭିତରକନିକାର ସଂରକ୍ଷିତ ଜଙ୍ଗଲକୁ ଅବାଧ ପ୍ରବେଶ ନିଷେଧ ହୋଇଛି। ଏଠାରେ ପୂର୍ବରୁ ଥିବା ଚିଙ୍ଗୁଡ଼ି ଘେରିକୁ ଜିଲା ପ୍ରଶାସନ ସହାୟତାରେ ଭଙ୍ଗା ଯାଉଛି। ନିଷିଦ୍ଧାଞ୍ଚଳରେ ମାଛ ଚାଷ ପାଇଁ ଅନୁମତି ନ ଥିବା ସେ କହିଛନ୍ତି।

## ଭରା ନଦୀକୁ ଡେଇଁଲେ ଯୁବତୀ

**ଆଳି, ୧୭।୭ (ବନମାଳୀ ସେନାପତି)**

କେନ୍ଦ୍ରାପଡ଼ା ଜିଲା ଓ ଯାଜପୁର ଜିଲାକୁ ସଂଯୋଗ କରୁଥିବା ଆଳି ଗୋବିନ୍ଦପୁର ସେତୁରୁ ଭରା ଖରସ୍ରୋତା ନଦୀକୁ ଡେଇଁ ଜଣେ ଯୁବତୀ ନିଖୋଜ ହୋଇଛନ୍ତି। ନଦୀକୁ ଡେଇଁ ନିଖୋଜ ଥିବା ଯୁବତୀ ଜଣକ ହେଲେ ଗୋବିନ୍ଦପୁର ଗ୍ରାମର ସୁଧାଂଶୁ ଶେଖର ମିଶ୍ରଙ୍କ ଝିଅ ମଧୁସ୍ମିତା (୨୨)। ସୂଚନା ମୁତାବକ ମଧୁସ୍ମିତା ଗୁରୁବାର ସକାଳେ ସିଂହପୁର ବଜାରରେ ଥିବା କମ୍ପ୍ୟୁଟର କ୍ଲାସ ଯାଇଥିଲେ। କମ୍ପ୍ୟୁଟର କ୍ଲାସ୍‌ରୁ ଫେରିବା ବେଳେ ଗୋବିନ୍ଦପୁର ସେତୁ ଉପରେ ସାଇକେଲ ରଖି ନଦୀକୁ ଡେଇଁ ପଡ଼ିଥିଲେ। ଯୁବତୀ ଜଣକ ଡେଇଁବା ପୂର୍ବରୁ ତାଙ୍କ ଭାଇଙ୍କୁ ଫୋନ କରି ଡାକିଥିଲେ। ତାଙ୍କ ଭାଇ ସେତୁ ଉପରେ ପହଞ୍ଚିବା ବେଳକୁ ଯୁବତୀ ଜଣକ ସେତୁ ଉପରୁ ଖରସ୍ରୋତା ନଦୀକୁ ଡେଇଁ ପଡ଼ିଥିଲେ। ଖବରପାଇ ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ରୁଣ୍ଡ ହୋଇଯାଇଥିବା ବେଳେ ବିଞ୍ଝାରପୁର ଦମକଳ ବାହିନୀ ପହଞ୍ଚି ଖୋଜାଖୋଜି ଜାରି ରଖିଛି। ଖରସ୍ରୋତା ନଦୀରେ ଏବେ ପ୍ରବଳ ବନ୍ୟାଜଳ ଥିବାରୁ ଯୁବତୀ ଜଣକ ଭାସି ଯାଇଥିଲେ। ଯୁବତୀ ନଦୀକୁ ଡେଇଁବାର କାରଣ ଜଣାପଡି ନ ଥିବା ବେଳେ ଖବର ଲେଖା ହେବା ପର୍ଯ୍ୟନ୍ତ ଦମକଳ ବାହିନୀ ନଦୀରେ ଖୋଜାଖୋଜି ଜାରି ରଖିଛନ୍ତି। ଏ ନେଇ ପୋଲିସ ତଦନ୍ତ ଜାରି ରଖିଛି।

## ବିପ୍ଳବୀ ଆନନ୍ଦ ଚନ୍ଦ୍ର ଜେନାଙ୍କ ଜୟନ୍ତୀ


ବିପ୍ଳବୀ କବି ଆନନ୍ଦ ଚନ୍ଦ୍ର ଜେନାଙ୍କ ଜୟନ୍ତୀରେ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି।

**କେନ୍ଦ୍ରାପଡ଼ା, ୧୭।୭ (ଜଗନ୍ନାଥ ଧଳ)**

ସହରର ଖଡିଅଙ୍ଗସ୍ଥିତ ଟାଉନ ହାଇସ୍କୁଲ ଖେଳ ପଡିଆ ନିକଟରେ ବିପ୍ଳବୀ କବି ଆନନ୍ଦ ଚନ୍ଦ୍ର ଜେନାଙ୍କ ଜୟନ୍ତୀ ଉତ୍ସବ ଗୁରୁବାର ପାଳିତ ହୋଇଯାଇଛି। ବିପ୍ଳବୀ ଆନନ୍ଦ ଜେନା ସ୍ମୃତି କମିଟି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ସଭାପତି ଆଇନଜୀବୀ ବିଚିତ୍ରାନନ୍ଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଜିଲାର ବହୁ ଗଣ୍ୟମାନ୍ୟ ବ୍ୟକ୍ତି ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ। କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ଜିଲା ପରିଷଦ ସଭାପତି ଲିଳିତା ଦାସ, ଅତିରିକ୍ତ ଜିଲା ଜଜ୍ ବିଷ୍ଣୁଦେବ ଜେନା, ଅତିରିକ୍ତ ଜିଲା ଜଜ୍ ତ୍ରିବିକ୍ରମ କେଶରୀ ଚିନ୍ନରା, ଅତିରିକ୍ତ ଜିଲାପାଳ ରବୀନ୍ଦ୍ର କୁମାର ମଲ୍ଲିକ, ଅତିରିକ୍ତ ଜିଲାପାଳ ନବକୃଷ୍ଣ ଜେନା, ଏଏସ୍‌ପି ଦେବାଶିଷ ଧଳ, ପୌରାଧ୍ୟକ୍ଷା ସରିତା ସାହୁ, ଶିକ୍ଷାବିତ୍ ନନ୍ଦ କିଶୋର ପରିଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ସେମାନେ କହିଥିଲେ, କବି ଆନନ୍ଦ ଚନ୍ଦ୍ର ଜେନା ଦୁଃଖିନୀ କନିକା କବିତା ମାଧ୍ୟମରେ କନିକା ରାଜାଙ୍କ ୬୪ କର ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ। ଏଥିସହ ବଙ୍ଗଭଙ୍ଗ ସମୟରେ ସକ୍ରିୟ ଅଂଶଗ୍ରହଣ କରିବା, ସାବରମତୀ ଆଶ୍ରମରେ ପ୍ରଥମ ଓଡ଼ିଆ ଛାତ୍ର ଭାବେ ରହିବା ଆଦି ସହ ଦେଶ ସ୍ୱାଧୀନତାକୁ ମୂଳମନ୍ତ୍ର କରିଥିଲେ। କାର୍ଯ୍ୟକ୍ରମକୁ ଆଇନଜୀବୀ ସଞ୍ଜୟ କୁମାର ଜେନା, କରୁଣାକର ଦାସ, ଧୀରେନ୍ଦ୍ର କୁମାର ଦାଶ, ଶେଷଦେବ ଦାସ ପ୍ରମୁଖ ପରିଚାଳନା କରିଥିଲେ।

## ଆଦିବାସୀ ନୃତ୍ୟ, ସଙ୍ଗୀତ କେନ୍ଦ୍ର ଉଦ୍‌ଘାଟିତ


ଅତିଥି ଆଦିବାସୀ ନୃତ୍ୟ ଓ ସଙ୍ଗୀତ କେନ୍ଦ୍ର ଉଦ୍‌ଘାଟନ କରୁଛନ୍ତି।

**କଳିଙ୍ଗନଗର, ୧୭।୭ (ଶୁଭାଶିଷ ରାଉତ):** କଳିଙ୍ଗନଗରର ଟାଟା ଷ୍ଟିଲ ଫାଉଣ୍ଡେସନ (ଟିଏସ୍‌ଏଫ୍) ପକ୍ଷରୁ ଗୋବରଘାଟି ଫେଜ-୨ର ବାମିଆଘାଟ କମ୍ୟୁନିଟି ହଲରେ ବୁଧବାର ଆଦିବାସୀ ନୃତ୍ୟ ଓ ସଙ୍ଗୀତ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ଟାଟା ଷ୍ଟିଲ କଳିଙ୍ଗନଗରର ଲଜିଷ୍ଟିକ୍ସ ପରିଚାଳନା ମୁଖ୍ୟ ଶୁଭ୍ରାଂଶୁ ଶେଖର ରାଉତ ଓ ଟାଟା ଷ୍ଟିଲ କଳିଙ୍ଗନଗର କର୍ମଚାରୀ ସଂଘ ସଭାପତି ରବୀନ୍ଦ୍ର କୁମାର ଜାମୁଦା ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ଗୋଷ୍ଠୀର ସଦସ୍ୟ ଏବଂ ଗୋବରଘାଟି ଓ ନୂଆ ଚମ୍ପାକୋଇଲ ଅଞ୍ଚଳର ବିସ୍ଥାପିତ ପରିବାରବର୍ଗ ସାମିଲ ହୋଇଥିଲେ। ଆଦିବାସୀ ନୃତ୍ୟ ଓ ସଙ୍ଗୀତକୁ ନେଇ ଏକ ୪ ଦିନିଆ କର୍ମଶାଳା ଆୟୋଜନ କରାଯାଇଥିଲା। ଏଥିରେ ୬୦ରୁ ଅଧିକ ଜନସାଧାରଣ ଯୋଗ ଦେଇଥିଲେ। ସମାରୋହରେ ଆଦିବାସୀ ନୃତ୍ୟ, ସଙ୍ଗୀତ କେନ୍ଦ୍ରର ଲକ୍ଷ୍ୟ ଏବଂ ପାରମ୍ପରିକ କଳାକୃତିକୁ ସମୃଦ୍ଧ କରିବା ଓ ଆଦିବାସୀ ଗୋଷ୍ଠୀଙ୍କୁ ସଶକ୍ତ କରିବା ଉପରେ ଆଲୋକପାତ କରାଯାଇଥଲା।

## ବିଦ୍ୟାଳୟରେ ସାପ: ଛାତ୍ରୀଛାତ୍ର ଭୟଭୀତ

**ଜଗତ୍‌ସିଂହପୁର, ୧୭।୭ (ପ୍ରମୋଦ କୁମାର ନାୟକ):**


ଭଙ୍ଗା ଯାଇଥିବା ପୁରୁଣା ଘରର ଅଂଶବିଶେଷ ବିଦ୍ୟାଳୟ ପାଖରେ ଗଦା ହୋଇଛି।

ସରକାର ଛାତ୍ରୀଛାତ୍ରଙ୍କୁ ଉତ୍ତମ ପରିବେଶ ସହ ଶିକ୍ଷାଦାନ ଦେବା ଉପରେ ଗୁରୁତ୍ୱ ଦେଉଥିବା ଡିଣ୍ଡିମ ପିଟୁଛନ୍ତି। କିନ୍ତୁ ବାସ୍ତବ କ୍ଷେତ୍ରରେ ସେଥିରେ କେତେକ କ୍ଷେତ୍ରରେ ବ୍ୟତିକ୍ରମ ହେଉଥିବା ଅଭିଯୋଗ ହେଉଛି। ଏହାର ପ୍ରମାଣ ଜଗତ୍‌ସିଂହପୁର ବ୍ଲକ ପାଟେଣୀଗାଁସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଦେଖିବାକୁ ମିଳୁଛି। ଏହି ଶିକ୍ଷାନୁଷ୍ଠାନରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନଙ୍କୁ ଶିକ୍ଷାଦାନ ଦିଆଯାଉଛି। କିଛିଦିନ ପୂର୍ବରୁ ଭଙ୍ଗା ଯାଇଥିବା ପୁରୁଣା ଘରର ଅଂଶବିଶେଷ ସ୍ଥାନାନ୍ତର ନ ହେବା କାରଣରୁ ଏହି ପରିସରରେ ସାପ, ଗୋଧି ଆଦି ଅବାଧରେ ବିଚରଣ କରୁଛନ୍ତି, ଯେଉଁଥିପାଇଁ ବିଶେଷକରି ଛାତ୍ରୀଛାତ୍ର ମହଲରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଏ ସମ୍ପର୍କରେ କେତେଜଣ ଛାତ୍ରୀ କହିଛନ୍ତି, ବୁଧବାର ସେମାନେ ଶୌଚ ହେବାକୁ ଶୌଚାଳୟ ଯାଇଥିବାବେଳେ ସାପ ଓ ଗୋଧି ଦେଖିଥିଲେ। ଏହା ଦେଖି ସେମାନେ ଭୟଭୀତ ହୋଇ ବିଦ୍ୟାଳୟ ପ୍ରଧାନ ଶିକ୍ଷକଙ୍କୁ ଜଣାଇଥିଲେ। ପ୍ରଧାନ ଶିକ୍ଷକ ମଧ୍ୟ ସେଠାକୁ ଯାଇ ଏହା ଦେଖି ବିଚଳିତ ହୋଇ ପଡ଼ିଥିଲେ। କିନ୍ତୁ କୌଣସି ପ୍ରତିକାର ହେଉନାହିଁ। ଏ ପରିସ୍ଥିତିରେ ବିଦ୍ୟାଳୟ ଯିବାକୁ ଭୟ ଲାଗୁଥିବା ପିଲାମାନେ ଅଭିଯୋଗରେ କହିଛନ୍ତି। ଏ ସମ୍ପର୍କରେ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ରଶ୍ମିରଞ୍ଜନ ରାଉତଙ୍କୁ ପଚାରିବାରୁ ଜିଲାପାଳଙ୍କ ନିର୍ଦ୍ଦେଶମତେ ଜଗତ୍‌ସିଂହପୁର ମଣ୍ଡଳ ଶିକ୍ଷା ଅଧିକାରିଣୀ (ବିଇଓ) ତାଙ୍କୁ ଶିକ୍ଷାନୁଷ୍ଠାନର ପୁରୁଣା ଘର ଭାଙ୍ଗିବା ପାଇଁ କହିଥିଲେ। ଏହି ଅନୁଯାୟୀ ପୁରୁଣା ଘରଗୁଡ଼ିକ ଭଙ୍ଗା ଯାଇଥିଲା। ଭଗ୍ନାବଶେଷ ବାହାରକୁ ବାହାର କରିବାକୁ ଚେଷ୍ଟା ହେଲାବେଳେ ବିଇଓ ମନା କରିଥିଲେ। କହିଥିଲେ, ପରବର୍ତ୍ତୀ ନିର୍ଦ୍ଦେଶ ଆସିବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ହେବ। ପରେ ଭଗ୍ନାବଶେଷ କାଢ଼ିବା ସମ୍ପର୍କରେ ପୁନର୍ବାର ବିଇଓଙ୍କ ଅନୁମତି ମଗାଯାଇଥିଲା। କିନ୍ତୁ କିଛି ଉତ୍ତର ଆସିନାହିଁ। ଏବେ ଘରଗୁଡ଼ିକର ଭଗ୍ନାବଶେଷ ପଡି ରହିବାରୁ ସାପ, ଗୋଧି ଆଦି ଅବାଧରେ ବିଚରଣ କରୁଛନ୍ତି। ଫଳରେ ବିପଦ ବଢୁଛି। ପିଲାମାନେ ସାପ, ଗୋଧି ଦେଖି କହିବା ପରେ ସେ ବିଦ୍ୟାଳୟ ପରିଚାଳନା ସମିତି (ଏସ୍‌ଏମ୍‌ସି) ଓ ଗ୍ରାମବାସୀଙ୍କୁ ଡାକି ବୈଠକ କରିଥିଲେ। ଏହି ବୈଠକର ବିବରଣୀ ଲିଖିତ ଭାବେ ପୁନର୍ବାର ବିଇଓଙ୍କ ଅବଗତି ନିମନ୍ତେ ପ୍ରେରଣ କରାଯିବା ସହ ପ୍ରତିକାର ପାଇଁ ଅନୁରୋଧ କରାଯାଇଛି। ଏବେ ପରବର୍ତ୍ତୀ ନିର୍ଦ୍ଦେଶକୁ ଅପେକ୍ଷା କରିଥିବା ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ରାଉତ ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ଭାରପ୍ରାପ୍ତ ଜଗତ୍‌ସିଂହପୁର ବିଇଓ ମଧୁସ୍ମିତା ପତିଙ୍କ ସହ ତାଙ୍କ ମୋବାଇଲ ନମ୍ବର ଯୋଗେ ଯୋଗାଯୋଗ ପାଇଁ ଚେଷ୍ଟା କରାଯାଇଥିଲେ ସୁଦ୍ଧା ସେ ଉଠାଇ ନ ଥିଲେ।

## ବହୁମୁଖୀ ବୈଷୟିକ ପ୍ରତିଷ୍ଠାନରେ ନୂଆ ଅଧ୍ୟକ୍ଷଙ୍କ ଯୋଗଦାନ

**ରଗଡ଼ି, ୧୭।୭ (ଯତୀଶ କୁମାର ମଲ୍ଲିକ):**

କୋରେଇ ବ୍ଲକ ଅଧୀନ ରଗଡ଼ିରେ ଥିବା ଜିଲା ସରକାରୀ ବହୁମୁଖୀ ବୈଷୟିକ ପ୍ରତିଷ୍ଠାନରେ ନୂତନ ଅଧ୍ୟକ୍ଷ ଭାବେ ଅଭୟ ମଲ୍ଲିକ ଯୋଗଦେଇଛନ୍ତି। ଏଠାରେ ଅଧ୍ୟକ୍ଷ ଥିବା ଶୁଭଙ୍ଗ କିଶୋର ଦାସଙ୍କ ବଦଳି ହୋଇଛି। ମଲ୍ଲିକ ପୂର୍ବରୁ ରାଜ୍ୟର ବିଭିନ୍ନ ପଲିଟେକନିକରେ ଅଧ୍ୟକ୍ଷ ଦାୟିତ୍ୱ ତୁଲାଇଛନ୍ତି। ସେ କଟକ ବୋଷ ଇଞ୍ଜିନିୟରିଂ କଲେଜରୁ ଏଠାକୁ ବଦଳି ହୋଇ ଆସିଛନ୍ତି। ଛାତ୍ରୀଛାତ୍ରଙ୍କ ଶିକ୍ଷାଦାନ ଉପରେ ଅଧିକ ଗୁରୁତ୍ୱ ଦେବା ସହ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ, ଛାତ୍ରଛାତ୍ରୀ ଓ ଅଞ୍ଚଳବାସୀଙ୍କ ସହଯୋଗରେ ଅନୁଷ୍ଠାନର ଆଦର୍ଶକୁ ଆଗକୁ ନେବା ପାଇଁ ଉଦ୍ୟମ କରିବେ ବୋଲି ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

## ନଦୀରେ ଭାସୁଛି ମୃତଦେହ

**ଚଣ୍ଡିଖୋଲ, ୧୭।୭ (ପ୍ରଦୀପ୍ତ କୁମାର ପୃଷ୍ଟି):**

ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅଧୀନ ବିରୂପା ନଦୀର ବେଙ୍ଗପୁରଠାରେ ଏକ ମୃତଦେହ ଭାସୁଥିବା ଗୁରୁବାର ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଛନ୍ତି। ସନ୍ଧ୍ୟା ଆସନ୍ନ ହୋଇଯାଇଥିବାରୁ ପୋଲିସ ଘଟଣାସ୍ଥଳକୁ ଯାଇ ପାରିନାହିଁ। ମୃତ ଶରୀରର ଉପର ଅଂଶରେ ଏକ ବେଡସିଟ ଘୋରା ହୋଇଥିବା ଜଣାପଡିଛି। ନଦୀରେ ଗଭୀର ଜଳ ଥିବାବେଳେ ସ୍ରୋତ ମଧ୍ୟ ଅଧିକ ରହିଛି। ସେଥିପାଇଁ କେହି ସାହାସ କରି ସେଠାକୁ ଯାଉ ନାହାନ୍ତି। ପୋଲିସ ମୃତଦେହ ଜବତ କରିବା କରେ ସବୁକିଛି ଜଣାପଡ଼ିବ।

## ବନ୍ୟାପାଣିଘେରରେ ମଙ୍ଗଳପୁର ସେଠୀସାହିର ୨୦ରୁ ଊର୍ଦ୍ଧ୍ୱ ପରିବାର



**ଡେରାବିଶ, ୧୭।୭ (ବେବର୍ତ୍ତା ଅଜୟ ଦାସ)**

ଡେରାବିଶ ବ୍ଲକ ଅଞ୍ଚଳର ବିରୂପା ନଦୀରେ ହୋଇଥିବା ବନ୍ୟା ଜଳ ଆସିବା ଯୋଗୁ ୩ ପଞ୍ଚାୟତବାସୀ ଏବେବି ଭୟଭୀତ ଅବସ୍ଥାରେ ଅଛନ୍ତି। ଗୁରୁବାର ବନ୍ୟା ପାଣି ଘେରରେ ବ୍ଲକ ଅଧୀନ ମଙ୍ଗଳପୁର ଗ୍ରାମର ସେଠୀସାହିର ୨୦ରୁ ଊର୍ଦ୍ଧ୍ୱ ପରିବାର ଜଳବନ୍ଦୀ ଅବସ୍ଥାରେ ରହିଛନ୍ତି। ଏଥିସହ ବେଣିପୁର ପଞ୍ଚାୟତର ତଳିଆ ଅଞ୍ଚଳରେ ଥିବା ବେଣିପୁର ଗ୍ରାମର ବହୁ ଲୋକଙ୍କ ବାଡିପଟେ ପାଣିର ଲହରି ଖେଳୁଛି।

ମଙ୍ଗଳବାରଠାରୁ ବିରୂପାରେ ବନ୍ୟାଜଳ ବୃଦ୍ଧି ପାଉଥିବାରୁ ବେଣିପୁର, ମଙ୍ଗଳପୁର ଓ ଛୋଟି ପଞ୍ଚାୟତ ଅଞ୍ଚଳର ବହୁ ହେକ୍ଟର ପନିପରିବା ବନ୍ୟାପାଣିରେ ବୁଡି ରହିଛି। ଫଳରେ ବ୍ୟାପକ ପନିପରିବା ନଷ୍ଟ ହେଉଛି। ଯେଉଁଥି ପାଇଁ ସମ୍ପୃକ୍ତ ଅଞ୍ଚଳର ଚାଷୀମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ତେବେ ମଙ୍ଗଳବାରଠାରୁ ଲାଗି ରହିଥିବା ଏହି ବନ୍ୟା ପାଣି ମଙ୍ଗଳପୁରର ସେଠୀସାହିରେ ପଶି ରହିଥିବାରୁ ପାଣି ଘରରେ ରହିଥିବା ଉଷାରଣୀ ସେଠୀ, ସଂଯୁକ୍ତା ସେଠୀ, ବାସନ୍ତୀ ସେଠୀ, ଗଣେଶ୍ୱର ସେଠୀ ଓ ଜନାର୍ଦ୍ଦନ ସେଠୀ ପ୍ରଭୃତିଙ୍କ ପରିବାର ଅସୁବିଧାର ସମ୍ମୁଖିନ ହେଉଥିବା କହିଛନ୍ତି। ଗୁରୁବାର ବ୍ଲକ ଯୋଗାଣ ନିରୀକ୍ଷକ ସ୍ୱରୂପ ଦାସ ଗ୍ରାମକୁ ଯାଇ ବନ୍ୟା ବିପନ୍ନଙ୍କୁ ଭେଟି ସେମାନଙ୍କ ସମସ୍ୟା ବିଝିଛନ୍ତି। ବିରୂପାର ବନ୍ୟାଜଳ ବୃଦ୍ଧି ପାଉଥିବା ନେଇ ମଙ୍ଗଳବାରଠାରୁ କେନ୍ଦ୍ରାପଡ଼ା ଜଳ ସମ୍ପଦ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରମୋଦ କୁମାର ରାୟଙ୍କ ନେତୃତ୍ୱରେ ଗଠନ କରାଯାଇଥିବା ଟିମ ସେଠାରେ ଉପସ୍ଥିତ ରହି ପରିସ୍ଥିତି ଉପରେ ତିକ୍ଷ୍ଣ ନଜର ରଖିଛନ୍ତି। ଏଥିସହ ଜଳସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଉମେଶ ଚନ୍ଦ୍ର ସେଠୀ ବାରମ୍ବାର ନଦୀବନ୍ଧ ପରିଦର୍ଶନ କରୁଛନ୍ତି। ବନ୍ୟା ସତର୍କତା ପାଇଁ ଛୋଟି ସରପଞ୍ଚ ରଜନୀ ମଲିକ ଓ ବେଣିପୁର ସରପଞ୍ଚ ମୋହନ ଚରଣ ସାହୁ ନେତୃତ୍ୱରେ ବହୁ ସ୍ୱେଚ୍ଛାସେବୀ ପ୍ରସ୍ତୁତ ହୋଇଛନ୍ତି। ସୂଚନାଯୋଗ୍ୟ, ବିରୂପା ନଦୀର ଗୋପାଳପୁରଠାରେ ବିପଦ ସଙ୍କେତ ୧୦.୦୫ ମିଟର ରହିଥିବାବେଳେ ଅପରାହ୍ଣ ସୁଦ୍ଧା ଏଠାରେ ଜଳ ସ୍ତର ୧୦,୦୨ ମିଟର ରହିଛି। ସେହିପରି ଇନ୍ଦୁପୁରଠାରେ ବିପଦ ସଙ୍କେତ ୮.୨୩ ମିଟର ରହିଥିବା ବେଳେ ବୁଧବାର ରାତିରେ ଏଠାରେ ଜଳସ୍ତର ବିପଦ ସଙ୍କେତ ଉପରେ ପ୍ରବାହିତ ହୋଇଥିଲା। ମାତ୍ର ଗୁରୁବାର ଅପରାହ୍ଣ ସୁଦ୍ଧା ଏହି ଜଳସ୍ତର ୮.୨୫ ରହିଥିବା ବିଭାଗୀୟ ସୂଚନା ଜଣାଯାଇଛି।

# ଜଗତ୍‌ସିଂହପୁର ଜିଲାରେ ଜଳ ନିଷ୍କାସନ ସମସ୍ୟା ବଢୁଛି

- ମାଷ୍ଟର ପ୍ଲାନ୍ ପ୍ରସଙ୍ଗକୁ ନେଇ ଚର୍ଚ୍ଚା
- ଚାଷୀ ମହଲରେ ତୀବ୍ର ଅସନ୍ତୋଷ

**ଜଗତ୍‌ସିଂହପୁର, ୧୭।୭ (ପ୍ରମୋଦ କୁମାର ନାୟକ)**

ରାଜ୍ୟ ବିକାଶରେ କୃଷି ଓ କୃଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ରାଜ୍ୟ ସରକାର ଏ କ୍ଷେତ୍ରରେ ଆନ୍ତରିକତା ପ୍ରକାଶ କରୁନାହାନ୍ତି। ପ୍ରଶାସନର ତ୍ରୁଟିପୂର୍ଣ୍ଣ କୃଷିନୀତି ସାଙ୍ଗକୁ କ୍ରମାଗତ ଅବହେଳା ଚାଷୀଙ୍କୁ ନିରାଶ କରୁଛି। କୃଷି ଉତ୍ପାଦନ ପ୍ରଭାବିତ ହେବା ସହ କୃଷିଭିତ୍ତିକ ଶିଳ୍ପ ରୁଗ୍‌ଣ ଓ ଅଚଳ ହେବାରେ ଲାଗିଛି। ବଡ଼ କଥା ହେଲା ପ୍ରତିବର୍ଷ ବର୍ଷାଦିନେ ଜଳ ନିଷ୍କାସନ ସମସ୍ୟା ଲାଗି ରହୁଥିଲେ ସୁଦ୍ଧା ଏହାର ସ୍ଥାୟୀ ପ୍ରତିକାର କରାଯାଉନାହିଁ। ଏହାଦ୍ୱାରା ଚାଷ କ୍ଷତିଗ୍ରସ୍ତ ହେବା ସାଙ୍ଗକୁ ଚାଷୀ ନିରାଶ ହେଉଛନ୍ତି। ଏହି ସମସ୍ୟାକୁ ନେଇ ଜିଲାରେ ଅନେକ ଚାଷୀ, ନେତା ଓ ବୁଦ୍ଧିଜୀବୀ ଚିନ୍ତାପ୍ରକଟ କରିଛନ୍ତି। ପ୍ରତିବର୍ଷ ବର୍ଷାଋତୁ ଆସିଲେ ଜିଲା ପ୍ରଶାସନ ଔପଚାରିକତା ପାଇଁ ବୈଠକ କରି ଜଳ ନିଷ୍କାସନ ସମସ୍ୟା ଓ ଏହାର ପ୍ରତିକାର ଉପରେ ଆଲୋଚନା କରୁଛନ୍ତି। କିନ୍ତୁ ବାସ୍ତବ କ୍ଷେତ୍ରରେ ଏହାର ସ୍ଥାୟୀ ସମାଧାନ ହେଉନାହିଁ। ଆଗାମୀଦିନରେ ସରକାର ଏ ବାବଦରେ ଗମ୍ଭୀରତାର ସହ ଚିନ୍ତା କରି ଡ୍ରେନେଜ୍ ମାଷ୍ଟର ପ୍ଲାନ କାର୍ଯ୍ୟକାରୀ ନ କଲେ ଚାଷୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ନବ ନିର୍ମାଣ କୃଷକ ସଙ୍ଗଠନ ସମେତ କେତେକ ସଙ୍ଗଠନ ନେତା ଚେତାବନୀ ଦେଇଛନ୍ତି। ସେମାନଙ୍କ କହିବା କଥା ହେଲା, ଜିଲାରେ ପ୍ରବାହିତ ତାଳଦଣ୍ଡା ଓ ମାଛଗାଁ ମୁଖ୍ୟ କେନାଲ ସମେତ ଏହାର ମୁଖ୍ୟ ଶାଖା କେନାଲଗୁଡ଼ିକୁ ପକ୍କା ସହ ସୁଦୃଢ଼ୀକରଣ କରାଯିବା ଆବଶ୍ୟକ। ସମସ୍ତ ଚାଷଜମିକୁ ଯେପରି ଜଳସେଚନ ସମ୍ଭବ ହେବ, ତାହା ସୁନିଶ୍ଚିତ କରାଯାଉ। ହଂସୁଆ, ଅଳକା ସମେତ ଜିଲାର ସମସ୍ତ ଜଳ ନିଷ୍କାସନ ମାଧ୍ୟମ ଉପରେ ମାଷ୍ଟର ପ୍ଲାନ କାର୍ଯ୍ୟକାରୀ କରାଯାଉ। କେତେକ ସ୍ଥାନରେ ଥିବା ପୋଲ (ପାଇଲିଂ ଖୁଣ୍ଟଯୁକ୍ତ) ଓ ଅଙ୍କାବଙ୍କା ସ୍ଥାନରେ ଦଳ ଲାଗି ରହୁଥିବାରୁ ବର୍ଷାଦିନରେ ଏଗୁଡିକୁ ସଫା କରାଯାଉ। ଅନ୍ୟପକ୍ଷେ ଏହି ଦଳକୁ କମ୍ପୋଷ୍ଟ ବା ଜୈବିକ ଖତରେ ପରିଣତ କରି ଚାଷୀଙ୍କ ଉପକାର ପାଇଁ ବ୍ୟବହାର କରାଯାଉ। ଆଗାମୀ ବିଧାନସଭା ଅଧିବେଶନରେ ଏ ବାବଦ ଚୂଡ଼ାନ୍ତ ନିଷ୍ପତ୍ତି ସହ ବଜେଟ ଅଟକଳ କରାଗଲେ ଜିଲାବାସୀ ଉପକୃତ ହେବେ।

ଏ ସମ୍ପର୍କରେ ନବ ନିର୍ମାଣ କୃଷକ ସଙ୍ଗଠନ ରାଜ୍ୟ ଉପସଭାପତି ରଶ୍ମିରଞ୍ଜନ ସ୍ୱାଇଁଙ୍କ ସମେତ କେତେଜଣ ଚାଷୀ ନେତା କହିଛନ୍ତି, ମହାନଦୀ ଆମର ଜୀବନରେଖା। ଏହାକୁ ଆଧାର କରି ମହାନଦୀ ଅବବାହିକାର କଟକ ସଦର ସମେତ ସମଗ୍ର ଜଗତ୍‌ସିଂହପୁର ଜିଲାରେ କୃଷି, କୃଷକ ଓ ବାଣିଜ୍ୟ ନିର୍ଭରଶୀଳ। ଜିଲାର ଜଳସେଚନକୁ ସ୍ୱାଭାବିକ କରିବାକୁ ତାଳଦଣ୍ଡା ଓ ମାଛଗାଁ କେନାଲ ବ୍ରିଟିଶ୍ ସମୟରୁ ଖୋଳାଯାଇଥିଲା। ଏହି କେନାଲଦ୍ୱୟ ଜିଲାର ପ୍ରାୟ ୭୦-୮୦ ଭାଗ ଚାଷଜମିକୁ ଜଳସେଚନ କରିବା ପାଇଁ ଆୟକଟ୍ କ୍ଷେତ୍ର ଚିହ୍ନଟ କରାଯାଇଥିଲା। ସ୍ୱାଧୀନତା ପରେ ଏହି କେନାଲ ଚାଷୀଙ୍କୁ ସ୍ୱାବଲମ୍ବୀ କରିବା ସହ ବଳକା ଦ୍ରବ୍ୟକୁ ବିପଣନ ପାଇଁ ସୁଯୋଗ ସୃଷ୍ଟି କରିପାରୁଥିଲା। କିନ୍ତୁ ୨୦୦୦ ମସିହାରୁ ବ୍ୟତିକ୍ରମ ଲକ୍ଷ୍ୟ କରାଯାଉଛି। ଅର୍ଥାତ୍ କେନାଲ ଆୟକଟ୍ କ୍ଷେତ୍ରକୁ ପାଣି ଯୋଗାଣରେ ଅନିଶ୍ଚିତତା ଲାଗିରହିଛି। ୨୦୧୦-୧୧ ପରଠାରୁ ରବିଋତୁରେ ପାଣି ଯୋଗାଣ ଅଦ୍ୟାବଧି ବନ୍ଦ ରହିଛି। ପ୍ରତିବର୍ଷ ଜମି ପ୍ରସ୍ତୁତି, ତଳି ପକାଇବା ଆଦି କାର୍ଯ୍ୟ ଜୁନ ଶେଷ ସପ୍ତାହ ମଧ୍ୟରେ ହୁଏ। ତେଣୁ ଏହା ପୂର୍ବରୁ କେନାଲ ପାଣି ଛଡ଼ାଯିବା ବ୍ୟବସ୍ଥା ଥିଲେ ସୁଦ୍ଧା ତାହା କରାଯାଉନାହିଁ। ଅନ୍ୟପକ୍ଷେ ଅଧିକ ବର୍ଷା, ବନ୍ୟା ଆସିଲେ ଜିଲାର ବହୁ ହେକ୍ଟର ଜମିରେ ଜଳ ନିଷ୍କାସନ ସମସ୍ୟା ସୃଷ୍ଟି ହୁଏ। ବିଶେଷକରି ହଂସୁଆ, ଅଳକା, ସୁନ୍ଦରକଣୀ ଓ ଗୋବରୀ ଆଦିର ପାର୍ଶ୍ୱବର୍ତ୍ତୀ ଇଲାକାରେ ଜଳ ନିଷ୍କାସନ ସମସ୍ୟା ଦେଖାଯାଏ। ଚଳିତବର୍ଷ ମଧ୍ୟ ଅନୁରୂପ ଆଶଙ୍କା କରାଯାଉଛି। ତେଣୁ ସମ୍ଭାବ୍ୟ ପରିସ୍ଥିତିକୁ ଏଡ଼ାଇବା ପାଇଁ ସରକାର ମାଷ୍ଟର ପ୍ଲାନ ନ କଲେ ଆଗାମୀଦିନରେ କୃଷି, କୃଷକ, କୃଷି ଶ୍ରମିକ, ବେକାର ଓ ଜନସାଧାରଣ ଦାଦନ ଖଟିବାକୁ ବାହାରକୁ ଯିବାକୁ ଏକପ୍ରକାର ବାଧ୍ୟ ହେବେ। ଏ ସମ୍ପର୍କରେ ଜଳ ସମ୍ପଦ ବିଭାଗ ଜଗତ୍‌ସିଂହପୁର ବିଭାଜନ ଅଧୀକ୍ଷଣ ଯନ୍ତ୍ରୀ କାମଦେବ ଦାସଙ୍କୁ ପଚାରିବାରେ ଆଉ ୨ରୁ୩ ଦିନ ଭିତରେ କେନାଲରେ ପାଣି ଆସିବ। ତା' ପୂର୍ବରୁ କେନାଲଗୁଡ଼ିକରୁ ଘାସ ସଫା କାମ ଚାଲିଛି। ପାଣି ଆସିଲେ ଯେଉଁଠି ଦଳ ଆଦି ଲାଗିବ ସେଗୁଡ଼ିକୁ ସଫା କରାଯିବାକୁ ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି। ଡ୍ରେନେଜ୍ ଜଗତ୍‌ସିଂହପୁର ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ବିପ୍ଳବ କେଶରୀ ସାହୁଙ୍କୁ ପଚାରିବାରେ ୨୦୧୯ରେ ଡ୍ରେନେଜ୍ ମାଷ୍ଟର ପ୍ଲାନ ହେଲାଭଳି ମନେପଡୁଛି, କିନ୍ତୁ ଏହା ଏ ପର୍ଯ୍ୟନ୍ତ ଚୂଡ଼ାନ୍ତ ହୋଇପାରିନି। ତଥାପି ଜଳ ନିଷ୍କାସନ ସମସ୍ୟାର ସମାଧାନ ପାଇଁ ସମସ୍ତ ପ୍ରକାର ଉଦ୍ୟମ କରାଯାଉଛି। ହେଲେ ଡ୍ରେନେଜ୍ ମାଷ୍ଟର ପ୍ଲାନ ହେବା ସମ୍ପର୍କରେ ଏ ପର୍ଯ୍ୟନ୍ତ ସ୍ପଷ୍ଟ ଚିତ୍ର ଆସିପାରୁ ନ ଥିବାରୁ ସନ୍ଦେହ ଘନୀଭୂତ ହୋଇଛି ବୋଲି ସେ କହିଛନ୍ତି।


କୋର୍ଟ ଛକ ନିକଟ ସରସ୍ୱତୀ ଶିଶୁ ମନ୍ଦିର ପାର୍ଶ୍ୱ ମାଛଗାଁ କେନାଲରେ ଏ ପର୍ଯ୍ୟନ୍ତ ପାଣି ଆସିନାହିଁ।

# କଂଗ୍ରେସ କର୍ମୀଙ୍କ ଦେଖା ମିଳିଲାନି

## ବନ୍ଦକୁ ସମର୍ଥନ କଲେ ଲୋକେ

ପୋଲସରା,୧୭।୭(ସୁବ୍ରତ ବେହେରା)

ବାଲେଶ୍ୱର ଫକୀର ମୋହନ କଲେଜରେ ଛାତ୍ରୀ ସୋମ୍ୟାଶ୍ରୀ ବିଶିଙ୍କ ଆତ୍ମାହୁତି ଘଟଣାକୁ ନେଇ ଗୁରୁବାର କଂଗ୍ରେସ ରାଜ୍ୟବ୍ୟାପୀ ଓଡ଼ିଶା ବନ୍ଦ ଡାକରା ଦେଇଥିଲା। ପିସିସି ସଭାପତି ଓଡିଶା ବନ୍ଦ ଡାକରା ଦେଇଥିଲେ। ଏହାକୁ ବହୁ ବାମ ଦଳ ସମର୍ଥନ ଜଣାଇଥିଲେ। ମାତ୍ର ଗଞ୍ଜାମ ଜିଲା ପୋଲସରା ସହରରେ ବନ୍ଦ ପାଳନ ଲାଗି କୌଣସି ନେତା ଓ କର୍ମୀଙ୍କ ଦେଖା ମିଳି ନ ଥିଲା। ତେବେ ଏହି ବନ୍ଦକୁ ଲୋକେ ସ୍ୱତଃପ୍ରବୃତ୍ତ ଭାବେ ସମର୍ଥନ ଦେଇଥିଲେ। ସହରର ଦୋକାନବଜାର ଓ ବିଭିନ୍ନ କାର୍ଯ୍ୟାଳୟ ସହ ଶିକ୍ଷାନୁଷ୍ଠାନଗୁଡ଼ିକ ବନ୍ଦ ରହିଥିବା ଦେଖିବାକୁ ମିଳିଥିଲା। ତେବେ ପୋଲସରା କଂଗ୍ରେସ ପକ୍ଷରୁ ନେତା ଓ କର୍ମୀମାନେ କାହିଁକି ମାନିଲେନି ସେ ନେଇ ସହରରେ ଚର୍ଚ୍ଚାର ବିଷୟ ହୋଇଛି।

# ଜିଲ୍ଲାପାଳଙ୍କ ଅଫିସ, ଏଡିଏମ୍‌ଙ୍କ ପ୍ରକୋଷ୍ଠକୁ ଧସେଇ ପଶିଲେ

## କଂଗ୍ରେସ, ସିପିଆଇ ନେତାଙ୍କୁ ଉଠାଇନେଲା ପୋଲିସ

ଛତ୍ରପୁର,୧୭।୭(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ):

ବାଲେଶ୍ୱର ଫକୀର ମୋହନ କଲେଜ ଛାତ୍ରୀଙ୍କ ଆତ୍ମାହୁତି ଘଟଣାକୁ ନେଇ ଗୁରୁବାର ଓଡିଶା ବନ୍ଦ ପାଳନ ହୋଇଥିଲା। ଛତ୍ରପୁରରେ ବନ୍ଦରେ କଂଗ୍ରେସ, ସିପିଆଇ ଦଳ ଓ ଅନ୍ୟ ସଂଗଠନ ସାମିଲ ହୋଇଥିଲା। ଆନ୍ଦୋଳନକାରୀମାନେ ଜିଲାପାଳଙ୍କ ଅଫିସ ସହ ସେଠାରେ ଥିବା ଅତିରିକ୍ତ ଜିଲାପାଳଙ୍କ ପ୍ରକୋଷ୍ଠରେ କଂଗ୍ରେସ, ସିପିଆଇର ନେତା ଓ କର୍ମୀମାନେ ଧସେଇ ପଶିଥିଲେ। ପୋଲିସ ସୁରକ୍ଷା ବଳୟ ମଧ୍ୟରେ ଜିଲାପାଳ ଓ ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ଏବଂ ସେଠାରେ ଥିବା ବିଭିନ୍ନ ବିଭାଗର କାର୍ଯ୍ୟାଳୟଗୁଡିକରେ ଅଧିକାରୀ ଓ କର୍ମଚାରୀମାନେ କାମ ଚାଲିଥିଲା। କଂଗ୍ରେସ, ସିପିଆଇର ନେତା ଓ କର୍ମୀମାନେ ପହଞ୍ଚି ପୋଲିସ ସହ ଧସ୍ତାଧସ୍ତି ହୋଇ ପ୍ରଥମେ ଜିଲାପାଳଙ୍କ କାର୍ଯ୍ୟାଳୟର ପ୍ରଥମ ଗେଟ ଖୋଲି ଭିତରକୁ ପଶିଥିଲେ। ପରେ ପୁଣି ଦ୍ୱିତୀୟ ଗେଟ ଖୋଲି ଅତିରିକ୍ତ ଜିଲାପାଳଙ୍କ ପ୍ରକୋଷ୍ଠକୁ ପଶିଯିବା ସହ ବିଭିନ୍ନ ବିଭାଗ କାର୍ଯ୍ୟାଳୟର କର୍ମଚାରୀମାନଙ୍କୁ ବାହାରକୁ ଚାଲିଯିବାକୁ କହିଥିଲେ। ପୋଲିସକୁ ନାକେଦମ ହେବାକୁ ପଡିଥିଲା। ଆନ୍ଦୋଳନକାରୀମାନେ ଡିଆରଡିଏ ଅଫିସ ନିକଟ ୧୬ ନଂ. ଜାତୀୟ ରାଜପଥକୁ ଅବରୋଧ କରିଥିଲେ। କେତେକ କଂଗ୍ରେସ ଓ ସିପିଆଇ ନେତାଙ୍କୁ ପୋଲିସ ଉଠାଇ ନେଇଥିଲା। ବିଭିନ୍ନ ଅଫିସ, ବ୍ୟାଙ୍କ ଓ ସ୍କୁଲ କଲେଜ ବନ୍ଦ ରହିଥିଲା। କଂଗ୍ରେସ ନେତା ଭାଗିରଥି ବେହେରା, ଜିଲା କଂଗ୍ରେସ କମିଟି ସଦସ୍ୟ ଗଣପତି ବରିକ, ଛାତ୍ର କଂଗ୍ରେସ ରାଜ୍ୟ ସାଧାରଣ ସମ୍ପାଦକ ମନୋଜ କୁମାର ଗୌଡ଼, ପୂର୍ବତନ ସରପଞ୍ଚ ଡି. ରାମ ସ୍ୱାମୀ ରେଡ୍ଡୀ, ପୂର୍ବତନ ସରପଞ୍ଚ ତ୍ରିଲୋଚନ ରେଡ୍ଡୀ, ଶ୍ରମିକ ନେତା ଇଲ୍ଲୁ ଅମିନ ଖାନ, କଳିଆ ରାଉଳ, ଭବାନୀ ବେହେରା, ଛାତ୍ର କଂଗ୍ରେସ ରାଜ୍ୟ ସାଧାରଣ ସମ୍ପାଦକ ଚକ୍ରପାଣି ପଲେଇ, ହୃଷିକେଶ ବେହେରା, ମୁନା ଦାସ, ଛୋଟୁ ରେଡ୍ଡୀ, ସିପିଆଇ ନେତା ତଥା ପୂର୍ବତନ ବିଧାୟକ ଏନ. ନାରାୟଣ ରେଡ୍ଡୀ, ସିପିଆଇ ଜିଲ୍ଲା ସହସମ୍ପାଦକ ନୀଳକଣ୍ଠ ଦାଶ ପ୍ରମୁଖ ଆନ୍ଦୋଳନରେ ସାମିଲ ଥିଲେ।



ଏଡିଏମ ପ୍ରକୋଷ୍ଠକୁ ଆନ୍ଦୋଳନକାରୀ ଧସେଇ ପଶୁଛନ୍ତି।

# କରାଯାଉନି ସଫେଇ ପାଇଁ ଟେଣ୍ଡର

ନୟାଗଡ଼,୧୭।୭ (ଲୋକନାଥ ମିଶ୍ର)

**୬ମାସକୁ ଥରେ ବଢୁଛି ଟେଣ୍ଡର ଅବଧି**

ନୟାଗଡ଼ ମୁନିସିପାଲିଟିରେ ନୟାଗଡ଼ ସହରର ସଫେଇ ପାଇଁ ଟେଣ୍ଡର କରାଯାଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି। ପ୍ରାୟ ୧ ବର୍ଷ ଟେଣ୍ଡର କରି ପରବର୍ତ୍ତୀ ପର୍ଯ୍ୟାୟରେ ୪ ବର୍ଷ ଧରି ୬ ମାସରେ ଥରେ କେବଳ ଟେଣ୍ଡର ଅବଧି ବଢ଼ା ଚାଲିଛି। ସହରର ସଫେଇ ଠିକରେ ହେଉ ନ ଥିବା ଅଭିଯୋଗ ହୋଇ ଆସୁଥିବାବେଳେ ସବୁ କିଛି ଠିକ୍ ଦର୍ଶାଇ କେବଳ ଅବଧି ବଢ଼ା ଚାଲିଛି ବୋଲି ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ୨୦୨୦ରେ ଟେଣ୍ଡର ହୋଇଥିଲା। ଗ୍ରୀନ ସର୍କଲ ଭୁବନେଶ୍ୱର ଟେଣ୍ଡର ପାଇଥିଲା ଏହା ପରଠାରୁ ଆଉ ଟେଣ୍ଡର କରାଯାଉ ନାହିଁ ବୋଲି ଅଭିଯୋଗ ହୋଇଛି।

# ସେବା ପରିଷଦ ପକ୍ଷରୁ ଚାରାରୋପଣ



ସେବା ପରିଷଦର ସଦସ୍ୟମାନେ ଚାରାରୋପଣ କରୁଛନ୍ତି।

ନୟାଗଡ଼,୧୭।୭(ଲୋକାନଥ ମିଶ୍ର)

ଦେବଦୂତ ସେବା ପରିଷଦ ନୟାଗଡ ପକ୍ଷରୁ ଦୁର୍ଗାପ୍ରସାଦ, ନୂଆ ଘଡୁଆଳ , ନୟାଗଡ଼ ପରି ଅନେକ ଖାଲି ସ୍ଥାନ, ମଶାଣି ଏବଂ ରାସ୍ତାପାର୍ଶ୍ୱରେ ଚାରା ରୋପଣ ଆରମ୍ଭ ହୋଇଛି । ୧୦୦ରୁ ଊର୍ଦ୍ଧ୍ୱ ଚାରା ରୋପଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଦୁର୍ଗାପ୍ରସାଦ ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ପରୀକ୍ଷିତ ପ୍ରଧାନ, ନୂଆଘଡୁଆଳ ଗ୍ରାମର ସେନା ବାହିନୀରେ କାର୍ଯ୍ୟରତ ସୁରେଶ କୁମାର ପାଳ ଓ ଯୁବ ବ୍ୟବସାୟୀ ମୁନା ପ୍ରଧାନ ଯୋଗ ଦେଇ ଚାରା ରୋପଣ ପାଇଁ ସଚେତନତା ସୃଷ୍ଟି କରିଥିଲେ। ସେବା ପରିଷଦ ମୁଖ୍ୟ ଉମାକାନ୍ତ ମହାପାତ୍ରଙ୍କ ନେତୃତ୍ୱରେ ସେବା ପରିଷଦ ସଦସ୍ୟ ପ୍ରଭୁଦତ୍ତ ପ୍ରଧାନ, ପ୍ରଶାନ୍ତ କୁମାର ସାହୁ, ରଶ୍ମି ରଞ୍ଜନ ମହାପାତ୍ର, ରାଜେଶ ବାରିକ, ନିବାଶିଷ ସ୍ୱାଇଁ, ସତ୍ୟ ରଞ୍ଜନ ସାହୁ, ଜ୍ଞାନ ରଞ୍ଜନ ବିଶ୍ୱାଳ, ସିଲୁ ବରା ଆଦିତ୍ୟ ପାଲ, ଓମ୍ ପ୍ରକାଶ ସାହୁ ସାମିଲ ହୋଇଥିଲେ।

# ନିଖିଳ ଉତ୍କଳ ବାରିକ ସମାଜର ସାଧାରଣ ସଭା

ଦଶପଲ୍ଲା,୧୭।୭ (ପ୍ରକାଶ କୁମାର ପାଣି)

ବୁଧବାର ଦଶପଲ୍ଲା ଏନ୍‌ଏସିର ସାତ ପାଟଣାସ୍ଥିତ ଶ୍ରୀଚୈତନ୍ୟ ଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ନିଖିଳ ଉତ୍କଳ ବାରିକ ସମାଜର ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ବାରିକ ସମାଜର ରାଜ୍ୟ ସଭାପତି ହେମନ୍ତ କୁମାର ବାରିକ ଏବଂ ନୟାଗଡ଼ ଜିଲା ବାରିକ ସମାଜର ସଭାପତି ଦଣ୍ଡପାଣି ବାରିକ ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ। ଏଥିସହ ଦଶପଲ୍ଲା ବ୍ଲକର ବିଭିନ୍ନ ଅଞ୍ଚଳର କାର୍ଯ୍ୟକର୍ତ୍ତାମାନେ ମଞ୍ଚାସୀନ ହୋଇଥିଲେ। ସଭାରେ ବାରିକମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହେବା ସହ ନିଖିଳ ଉତ୍କଳ ବାରିକ ସମାଜ ଦଶପଲ୍ଲା ବ୍ଲକର ସମସ୍ତ ଗ୍ରାମ ସମାଜର କାର୍ଯ୍ୟକର୍ତ୍ତା ଏବଂ ନୟାଗଡ଼ ଜିଲାର ୮ ବ୍ଲକର ସଭାପତି ଓ ସମ୍ପାଦକ ତଥା କାର୍ଯ୍ୟକର୍ତ୍ତାମାନଙ୍କୁ ନେଇ ବାରିକ ସମାଜକୁ ଏକାଠି କରି ସମାଜକୁ ଆଗକୁ ନେବାପାଇଁ ସମସ୍ତଙ୍କୁ ଆହ୍ୱାନ କରାଯାଇଥିଲା।



ବାରିକ ସମାଜ ସଭାରେ ଯୋଗଦେଇଥିବା କର୍ମକର୍ତ୍ତା।

# କଂଗ୍ରେସ ଓ ସିପିଏମ୍ ପକ୍ଷରୁ ପିକେଟିଂ, ବାଇକ୍ ଶୋଭାଯାତ୍ରା



ବ୍ରହ୍ମପୁର,୧୭।୭(ସ୍ମୃତି ରଞ୍ଜନ ମହାଲିକ)

ଫକୀର ମୋହନ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଛାତ୍ରୀ ସୋମ୍ୟାଶ୍ରୀ ବିଶିଙ୍କ ଆତ୍ମାହୁତି ଘଟଣାରେ ସରକାରୀ ଉଦାସୀନତାକୁ ବିରୋଧ କରି କଂଗ୍ରେସ ଦଳ ନେତୃତ୍ୱରେ ବିଭିନ୍ନ ବିରୋଧୀ ଦଳ ଗୁରୁବାର ଓଡ଼ଶା ବନ୍ଦ କରିଛନ୍ତି। କଂଗ୍ରେସ ପକ୍ଷରୁ ବାପୁଜୀ ଆଶ୍ରମଠାରୁ ଏକ ବାଇକ ଶୋଭାଯାତ୍ରା ବାହାରି ସହର ମଧ୍ୟରେ ପିକେଟିଂ କରାଯାଇଥିଲା। ବ୍ୟାଙ୍କ, ବସ୍ ଷ୍ଟାଣ୍ଡ ଓ ରେଲୱେ ଷ୍ଟେସନ ଏବଂ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନରେ କଂଗ୍ରେସ କର୍ମୀ ପିକେଟିଂ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏଥିସହ ଜାତୀୟ ରାଜପଥରେ ମଧ୍ୟ ବିକ୍ଷୋଭ କରିଥିଲେ। ବନ୍ଦ ପ୍ରଭାବରେ ସହରରେ ପେଟ୍ରୋଲ ପମ୍ପ ଓ ସିଟି ବସ ଷ୍ଟାଣ୍ଡ ତଥା ନୂଆ ବସ ଷ୍ଟାଣ୍ଡରୁ ବିଭିନ୍ନ ଅଂଚଳକୁ ବସ୍ ଚଳାଚଳ ବନ୍ଦ ଥିଲା। ଫଳରେ ବହୁ ଦୂରଦୁରାନ୍ତରୁ ଆସିଥିବା ଯାତ୍ରୀ ବସ୍ ଷ୍ଟାଣ୍ଡରେ ଅପେକ୍ଷାରତ ଥିଲେ। ଅନ୍ୟପଟେ ସହରରେ ସରକାରୀ ଓ ବେସରକାରୀ ସ୍କୁଲ କଲେଜ ମଧ୍ୟ ବନ୍ଦ ଥିଲା। ସହରର କେତୋଟି ଅଂଚଳରେ ଦୋକାନ ବଜାର ଖୋଲା ଥିବା ବେଳେ ଅନ୍ନପୂର୍ଣ୍ଣା ମାର୍କେଟ, ଗିରି ମାର୍କେଟ, ବଡ ବଜାର ଓ ସାନ ବଜାର ଅଂଚଳରେ ଦୋକାନ ବଜାର ବନ୍ଦ ଥିଲା। କଂଗ୍ରେସ ପକ୍ଷରୁ ଏମପି ପ୍ରାର୍ଥୀ ରଶ୍ମି ରଞ୍ଜନ ପଟ୍ଟନାୟକ, ଜିଲା ଯୁବ କଂଗ୍ରେସ ସଭାପତି ବିକାଶ ନାୟକ ଓ ପୂର୍ବତନ ବିଧାୟକ ଡ. ତ୍ରିନାଥ ବେହେରାଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ। ସେହିପରି ସିପିଏମ ପକ୍ଷରୁ ସହରର ବିଭିନ୍ନ କାର୍ଯ୍ୟାଳୟ ଗୁଡିକରେ ପିକେଟିଂ କରାଯାଇଥିଲା। ଛାତ୍ରୀ ଆତ୍ମାହୁତି ଘଟଣାର ବିଚାର ବିଭାଗୀୟ ତଦନ୍ତ, ଉଚ୍ଚ ଶିକ୍ଷା ମନ୍ତ୍ରୀ, ଏମପି ଓ ସ୍ଥାନୀୟ ବିଧାୟକ ଇସ୍ତଫା ଦେବା ପାଇଁ ଦଳ ପକ୍ଷରୁ ଦାବି ହୋଇଥିଲା। ଏଥିରେ ଦଳର ବରିଷ୍ଠ ନେତା ଅଳି କିଶୋର ପଟ୍ଟନାୟକ, ଜିଲା ସଂପାଦକ ଯୁଧିଷ୍ଠିର ବେହେରା, ସହ ସଂପାଦକ ପ୍ରଦୀପ ସେଠୀ, ଯୁବ ସଂଘର ରାଜ୍ୟ ସଂପାଦକ କାମଦେବ ନାହାକ, ରାଜ୍ୟ ନେତା ରମେଶ ପାଢିଙ୍କ ସମେତ ବାବୁଲା ନାୟକ, ଗୋକୁଳ ତ୍ରିପାଠୀ, ଟିଟି ବାବୁ, ରାଜା ରାଓ ଏବଂ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

# କଂଗ୍ରେସର ବନ୍ଦ ପାଳନ ବେଳେ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ

ଦାରିଙ୍ଗବାଡି, ୧୭।୭ (ଅରୁଣ ସାହୁ)

ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଜଣେ ଛାତ୍ରୀଙ୍କୁ ନ୍ୟାୟ ନ ମିଳିବା ଓ ସେ ନ୍ୟାୟ ନ ପାଇ ନିରାଶ ହୋଇ ମହାବିଦ୍ୟାଳୟ ପରିସର ଆତ୍ମାହୁତି ଦେଇଥିଲେ। ଏହାର ପ୍ରତିବାଦରେ ଗୁରୁବାର କଂଗ୍ରେସ ରାଜ୍ୟରେ ବନ୍ଦ ଡାକରା ଦେଇଥିଲା। ଏହାର ପ୍ରଭାବରେ କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକ ଅଞ୍ଚଳରେ ମଧ୍ୟ ବ୍ଲକ କଂଗ୍ରେସ କମିଟି ପକ୍ଷରୁ ବନ୍ଦ ପାଳନ କରାଯାଇଥିଲା। ଫଳରେ ଗାଡି ଚଳାଚଳ ବନ୍ଦ ରହିଥିଲା। ଖୋଲାଥିବା କାର୍ଯ୍ୟାଳୟଗୁଡିକୁ କଂଗ୍ରେସ କର୍ମୀ ପିକେଟିଂ ବନ୍ଦ କରିଥିଲା। ତେବେ ଦାରିଙ୍ଗବାଡିର ଚାରିଛକଠାରେ କର୍ମକର୍ତ୍ତାମାନେ ରାସ୍ତାରୋକୋ କରିଥିଲେ। ସ୍ଥାନୀୟ ଜି. ଉଦୟଗିରି ବିଧାୟକ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନଙ୍କ ଫଟୋକୁ ବ୍ୟାନରରୁ ହଟାଯାଇଥିବାରୁ ବିରୋଧ କରାଯାଇଥିଲା। କିଛି ସମୟ ପରେ ଜି. ଉଦୟଗିରି ବିଧାୟକ ପ୍ରଧାନ ଦାରିଙ୍ଗବାଡିରେ ପହଞ୍ଚିଥିଲେ। ସେହି ସମୟରେ ଦଳର ବରିଷ୍ଠ କର୍ମୀ ସୁରେନ୍ଦ୍ର ସାହୁ ବିଧାୟକଙ୍କୁ ଗୋ ବ୍ୟାକ କହି ଏଠାରୁ ଚାଲିଯିବାକୁ କହିଥିଲେ। ଆଉ କେତେ ଜଣ କଂଗ୍ରେସ କର୍ମୀ ବିଧାୟକ ପ୍ରଧାନଙ୍କ ସପକ୍ଷରେ ଯୁକ୍ତି ବଢିଥିଲେ।

# ସିଏସସିର ପ୍ରତିଷ୍ଠା ଦିବସରେ ଚାରାରୋପଣ

ଗଣିଆ,୧୭।୭ (ସନ୍ତୋଷ କୁମାର ପ୍ରଧାନ)

ଗଣିଆ ବ୍ଲକ୍ ଛାମୁଣ୍ଡିଆ ପଞ୍ଚାୟତର ଗୁପ୍ତେଶ୍ୱର ବିଦ୍ୟାପୀଠ ପରିସରରେ ସିଏସ୍‌ସିର ୧୬ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ବ୍ଲକ ସଭାପତି ସୁରେଶ କୁମାର ସାହୁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯକ୍ରମରେ ମୁଖ୍ୟଅତିଥିଭାବେ ଛାମୁଣ୍ଡିଆ ପଞ୍ଚାୟତର ସରପଞ୍ଚ ଦିପ୍ତିରେଖା ସେନାପତି, ସମ୍ମାନିତ ଅତିଥିଭାବେ ଛାମୁଣ୍ଡିଆ ବନାଞ୍ଚଳ ଅଧିକାରୀ ଲକ୍ଷ୍ମୀନାରାୟଣ ପଣ୍ଡା, ବିଦ୍ୟାଳୟର ପ୍ରଧାନଶିକ୍ଷକ ରଜତ କୁମାର ପ୍ରଧାନ ଓ ସ୍ୱତନ୍ତ୍ର ଅତିଥିଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ପରିବେଶବିତ୍ ଅନ୍ତର୍ଯ୍ୟାମୀ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ଚାରା ରୋପଣ କରାଯିବା ସହ ଗଛ ଲଗାଇବା ଓ ଗଛର ଉପକାରିତା ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ ଅବଗତ କରିଥିଲେ । ଇ ସେବା ଯୋଜନାରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ଉପରେ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସିଏସସିର କର୍ମକର୍ତ୍ତା ଶୁଭେନ୍ଦୁ ରାଉତ, ଜ୍ୟୋତିରଞ୍ଜନ ସାହୁ, ଉଲାସ ବେହେରା, ଅରୁଣା ଧଳ, ଶୁଭଶ୍ରୀ ସାମଲ, ତୁଷାର ମଲିକ ପ୍ରମୁଖ ଉପସ୍ଥିତ ଥିଲେ।

# କନ୍ଧମାଳ ଜିଲାରେ ପଡ଼ିଲା ପ୍ରଭାବ

**ଫୁଲବାଣୀ,୧୭।୭(ରାକେଶ ରାଉତ):** କନ୍ଧମାଳରେ ଜିଲାରେ ବନ୍ଦ ପ୍ରଭାବ ଦେଖିବାକୁ ମିଳିଛି । କଂଗ୍ରେସ ନେତା କର୍ମୀ ମାଦିକୁନ୍ଦା ଛକରେ ଏକତ୍ରିତ ହୋଇ ପ୍ରତିବାଦ କରିବା ପରେ ସହରକୁ ଯାଇ ପିକେଟିଂ କରିଥିଲେ। ଜିଲା କଂଗ୍ରେସ ସଂଯୋଜକ ଚନ୍ଦ୍ର ଶେଖର ପରିଡାଙ୍କ ନେତୃତ୍ୱରେ ବିଜୟ ମହାନ୍ତି, ଘନ ଶବର, ବସନ୍ତ ପାଢ଼ୀ, ନନ୍ଦକିଶୋର ଦାସ, ରଜତ ମହାନ୍ତିଙ୍କ ସମେତ ବହୁ ଦଳୀୟ କର୍ମୀ ସାମିଲ ଥିଲେ। ଫିରିଙ୍ଗିଆ ବ୍ଲକରେ ମଧ୍ୟ ବନ୍ଦର ପ୍ରଭାବ ଦେଖିବାକୁ ମିଳିଛି। କଂଗ୍ରେସ ନେତା ଅନାମ ନାୟକଙ୍କ ନେତୃତ୍ୱରେ ଏହି ବନ୍ଦ ପାଳନ କରା ଯାଇଥିଲା। **ରାଇକିଆ,(ପ୍ରଦୀପ ବେହେରା):** ରାଇକିଆ ବ୍ଲକ ଅଞ୍ଚଳରେ ଓଡ଼ିଶା ବନ୍ଦର ପ୍ରଭାବ ଦେଖିବାକୁ ମିଳିଛି। କଂଗ୍ରେସ କର୍ମୀ ଓ ସମର୍ଥକ ମାନେ ଶୋଭାଯାତ୍ରାରେ ବାହାରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏଥିରେ ସିପିଆଇ ନେତା ବିପିନବିହାରୀ ପଟ୍ଟନାୟକ, ପ୍ରକାଶ ବେହେରା,ସିପିଆଇଏମ ନେତା ବିନୋଦ ଗୌଡ, କଂଗ୍ରେସ ନେତା ଜଗନ୍ନାଥ ବେହେରା, ମନୋରଞ୍ଜନ ଦାଶ ସାମିଲ ଥିଲେ।




**ବାଲିଗୁଡ଼ା, (ସଞ୍ଜୟ ପାଣିଗ୍ରାହୀ):** ବାଲିଗୁଡାରେ ବନ୍ଦ ପାଳନ ଯୋଗୁ ବାଲିଗୁଡା ସମେତ ଆଖପାଖ ଅଞ୍ଚଳର ସମସ୍ତ ଦୋକାନ ବଜାର, ଗାଡ଼ି ଚଳାଚଳ ବନ୍ଦ ଥିଲା। ଡ଼.ବିଚିତ୍ରା ନନ୍ଦ ଆଚାର୍ଯ୍ୟଙ୍କ ନେତୃତ୍ୱରେ ବଳରାମ ଦୋରା, ମନୋଜ ଆଚାର୍ଯ୍ୟ ସ୍ୱପ୍ନେଶ୍ୱର ସାହୁ, ବିଜେଶ୍ୱର ମଲିକ, ଓ ଅନ୍ୟମାନେ ସାମିଲ ହୋଇଥିଲେ।

**ଜି.ଉଦୟଗିରି,(ଶିଶିର ପଟ୍ଟନାୟକ/ଚିନ୍ମୟ କୁମାର ସେଠୀ):** ଜି.ଉଦୟଗିରିରେ ଓଡ଼ିଶା ବନ୍ଦର ପ୍ରଭାବ ଦେଖିବାକୁ ମିଳିଛି। ବିଧାୟକ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଏନ୍‌ଏସି ବିଧାୟକ ପ୍ରତିନିଧି ମଧୁଲିନା ଦିଗାଲ, ବିଧାୟକଙ୍କ ବ୍ଲକ ପ୍ରତିନିଧି ପାଉଲ ପ୍ରଧାନ, କାଉନସିଲର ଯାକେସ ପ୍ରଧାନ, ପୂର୍ବତନ ନଗର ସଭାପତି ଗଗନ ପ୍ରଧାନ, ସମିତି ସଭ୍ୟ ଉମେଶ ପ୍ରଧାନଙ୍କ ସହ କର୍ମୀମାନେ ଉପସ୍ଥିତ ଥିଲେ।

**କ.ନୂଆଗାଁ,୧୭।୭ (କାଳିପ୍ରସାଦ ତ୍ରିପାଠୀ)–** ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ମୃତ୍ୟୁ ଘଟଣାରେ କଂଗ୍ରେସ ପକ୍ଷରୁ ବନ୍ଦ ପାଳନ ଗୁରୁବାର କ.ନୂଆଗାଁରେ ପାଳିତ ହୋଇଛି। ସମସ୍ତ ସରକାରୀ କାର୍ଯ୍ୟାଳୟ, ସ୍କୁଲ କଲେଜ, ଦୋକାନ ବଜାର ଓ ଗାଡି ଚଳାଚଳ ବନ୍ଦ ରହିଥିଲା। ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡା, ଉପେନ୍ଦ୍ର ପ୍ରଧାନ, ପିସିସି ସଭ୍ୟ ପ୍ରଫୁଲ୍ଲ ଚନ୍ଦ୍ର ଦାସ, ବ୍ଲକ କାର୍ଯ୍ୟକାରୀ ସଭାପତି ଶୁକଦେବ ଦିଗାଲ, ପୂର୍ବତନ ସଭାପତି ଜିତେନ୍ଦ୍ର ଦିଗାଲ ସାମିଲ ଥିଲେ।

**ଖଜୁରୀପଡ଼ା (ବିଦୁର ବେହେରା)** ଖଜୁରୀପଡ଼ା ସଦରମହକୁମା ସମେତ ବଲସକୁମ୍ପା, ବିଭିନ୍ନ ପଞ୍ଚାୟତରରେ ଦୋକାନ ବଜାର, ସ୍କୁଲ, କଲେଜ, ଅଫିସ ସବୁ ବନ୍ଦ ରହିଥିଲା। ବ୍ଲକ କଂଗ୍ରେସ ସଭାପତି ସ୍ୱାଧୀନ ବେହେରାଙ୍କ ନେତୃତ୍ୱରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ପୀତାମ୍ବର ସାହୁ, ବଳଭଦ୍ର ଦିଗାଲ, ପୂର୍ବତନ ସମିତିସଭ୍ୟ ଗୌର ଚରଣ ବେହେରା, ସୁଶାନ୍ତ ବେହେରା ସାମିଲ ଥିଲେ ।

**ତୁମୁଡିବନ୍ଧ,(ଦୀପକ ପରାସେଠ)–** ତୁମୁଡିବନ୍ଧ ବ୍ଲକ କଂଗ୍ରେସ କମିଟି କର୍ମୀମାନେ ଆମ୍ବେଡକର ଛକଠାରେ ରାସ୍ତା ଅବରୋଧ କରି ବନ୍ଦ ପାଳନ କରିଥିଲେ। ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନଗୁଡ଼ିକୁ ପିକେଟିଂ କରି ବନ୍ଦ କରିଥିଲେ। ପିସିସି ସଦସ୍ୟ ରାମକୃଷ୍ଣ ପାଢ଼ୀ, ତୁମୁଡିବନ୍ଧ ବ୍ଲକ କଂଗ୍ରେସ ସଭାପତି ଗିରିଶ ଚନ୍ଦ୍ର ପରାସେଠ, ପ୍ରଦେଶ କଂଗ୍ରେସ ଏସ୍‌ସି ମୋର୍ଚ୍ଚା ଅଧ୍ୟକ୍ଷ ହୀରସିଂ ମଣ୍ଡଳ, ପିସିସି ସଦସ୍ୟ ରାମକୃଷ୍ଣ ପାଢ଼ୀ, ଜିଲା ଉପ ସଭାପତି ଶ୍ୟାମସୁନ୍ଦର ବଡ଼ସେଠ, ଓ କର୍ମୀ ଉପସ୍ଥିତ ଥିଲେ।

# ଗଞ୍ଜାମରେ ଖୋଲିଲାନି ଦୋକାନ ବଜାର, ଗାଡ଼ି ଚଳାଚଳ ଠପ୍

**ଆସିକା,୧୭।୭ (ସୁରେନ୍ଦ୍ର ନାଥ ସାହୁ)**

ଆସିକାରେ କଂଗ୍ରେସର ଓଡିଶା ବନ୍ଦ ଶାନ୍ତିପୂର୍ଣ୍ଣ ହୋଇଛି ଯାନବାହାନ ଚଳାଚଳ ବନ୍ଦ ଯୋଗୁ ବସଷ୍ଟାଣ୍ଡ ଓ ବଜାର ଶୁନଶାନ ରହିଥିଲା । ବିଭିନ୍ନ ସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ, ସ୍କୁଲ କଲେଜ ଓ ଦୋକାନ ବଜାର ବନ୍ଦ ରହିଥିଲା। ବିଚାର ବିଭାଗୀୟ ଅଦାଲତ ଖୋଲା ରହିଥିଲେ ମଧ୍ୟ ମହକିଲ ଓ ବହୁ ଓକିଲଙ୍କ ଅନୁପସ୍ଥିତି ଯୋଗୁ ଅଦାଲତର ସ୍ୱାଭାବିକ କାର୍ଯ୍ୟଧାରା ବ୍ୟାହତ ହୋଇଥିଲା। ଆନ୍ଦୋଳନକାରୀଙ୍କ ପକ୍ଷରୁ ବିଭିନ୍ନ ସ୍ଥାନରେ ପିକେଟିଂ ଓ ବାଇକ୍ ଶୋଭାଯାତ୍ରା କରାଯାଇଥିଲା । ଗଞ୍ଜାମ ଜିଲା କଂଗ୍ରେସ (ପଶ୍ଚିମ) ସଭାପତି ରବିନ୍ଦ୍ରନାଥ ଶର୍ମାଙ୍କ ତତ୍ତ୍ୱାବଧାନ ଓ ଯୁବନେତା ଦେବକାନ୍ତ ଶର୍ମାଙ୍କ ନେତୃତ୍ୱରେ ଯୁବ କଂଗ୍ରେସ ନେତା ମାନସ ପୂର୍ଣ୍ଣ ଆଚାର୍ଯ୍ୟ, ସୁଦିପ୍ତା ଦାଶ, ପ୍ରିୟାଂଶୁ ପରିଡା, ଅଜିତ ମୁନି, କମ୍ୟୁନିଷ୍ଟ ନେତା ବିଦେଶୀ ନାହାକ, ଦେବହରି ମହାନ୍ତି, ରାଜେନ୍ଦ୍ର ଦାଶ, ସନ୍ୟାସୀ ନାହାକଙ୍କ ସମେତ ବହୁ କର୍ମୀ ସାମିଲ ହୋଇଥିଲେ ।

**ଦିଗପହଣ୍ଡି,(ଅଶେଷ ନାଥ ମିଶ୍ର)–** ଦିଗପହଣ୍ଡିରେ କଂଗ୍ରେସ ଓ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ଶାନ୍ତିପୂର୍ଣ୍ଣ ବନ୍ଦ ପାଳନ ହୋଇଛି। ପୁରୁଣା ବସଷ୍ଟାଣ୍ଡଠାରେ ଦିଗପହଣ୍ଡି ଏନ୍‌ଏସି ଅଧ୍ୟକ୍ଷ ପ୍ରଫୁଲ ପଣ୍ଡା, ନଗର କଂଗ୍ରେସ କମିଟି ସଭାପତି ତଥା କାଉନସିଲର ଦୀପକ ମିଶ୍ର, ସୁନୀଲ ପଣ୍ଡା, ଡମ୍ବରୁଧର ବେହେରା, ବାଲ୍ମୀକି ବେହେରା, ଏଆଇଟିୟୁସି ଗଞ୍ଜାମ ଜିଲା ସମ୍ପାଦକ ଅଳକ ନାଥ ମିଶ୍ର, ସିପିଆଇ ଶାଖା ସମ୍ପାଦକ ତପନ ମିଶ୍ର, ଆଇନଜୀବୀ ହରପ୍ରସାଦ ରଥ, ଆର.ଦୀନବନ୍ଧୁ, ହରିକୃଷ୍ଣ ଗୌଡ଼, ସିପିଆଇ(ଏମ) ପକ୍ଷରୁ କୈଳାସ ମହାରଣା ଓ କର୍ମୀ ବ୍ରହ୍ମପୁର–ଦିଗପହଣ୍ଡି ରାସ୍ତାକୁ ଅବରୋଧ କରିଥିଲେ।

**ଖଲ୍ଲିକୋଟ,(ପ୍ରଶାନ୍ତ କୁମାର ମିଶ୍ର)–** ଖଲ୍ଲିକୋଟ ଅଞ୍ଚଳରେ ଶତାଧିକ ଜନସାଧାରଣ, କଂଗ୍ରେସ୍ ଓ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ବନ୍ଦ ପାଳନ କରି ଓଡ଼ିଶା ବନ୍ଦକୁ ସଫଳ କରିଥିଲେ। ନିର୍ମଳଝରରେ ଛକଠାରେ ରାସ୍ତା ରୋକୋ କରିବା ସହ ସମସ୍ତ ଅଫିସ୍ ଆଗରେ ପିକେଟିଂ କରିଥିଲେ। ଏକ ବାଇକ୍ ଶୋଭାଯାତ୍ରାରେ ଖଲ୍ଲିକୋଟ ବଜାର ପରିକ୍ରମା କରି କେଶପୁର ଛକଠାରେ ୧୬ ନଂ. ଜାତୀୟ ରାଜପଥକୁ ଅବରୋଧ କରିଥିଲେ। କଂଗ୍ରେସ୍ ପକ୍ଷରୁ ଚିତ୍ତରଞ୍ଜନ ବେହେରା, ବିଶ୍ୱଜିତ୍ ତରାଇ, ମେଘନାଦ ଦଲାଇ, ଅଜୟ ପଣ୍ଡା, ବିଜୟ ସାହୁ, ପ୍ରଭାତ ସାମନ୍ତରାୟ, ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ରାଜ୍ୟ ନେତା ସାଥୀ ଶ୍ରୀହର୍ଷ ରଥ, ଅଞ୍ଚଳ ପାର୍ଟି ସମ୍ପାଦକ ସୀମାଞ୍ଚଳ ବେହେରା, ସହ ସମ୍ପାଦକ ମନୋଜ ଗୌଡ଼, ବିଦ୍ୟାଧର ବେହେରା, ଜୟରାମ ଦାସ, ଦୁର୍ଗା ଚରଣ ପାତ୍ର ଓ ଅନ୍ୟମାନେ ସାମିଲ ହୋଇଥିଲେ।

**ଶେରଗଡ଼,(ସୂର୍ଯ୍ୟ ନାରାୟଣ ଦାଶ)** ଶେରଗଡ଼ରେ କଂଗ୍ରେସ ଓ ସିପିଆଇ ପକ୍ଷରୁ ବନ୍ଦ ପାଳନ କରାଯାଇଛି। କଂଗ୍ରେସ ବ୍ଲକ ସଭାପତି କୁନା ବିଷୋୟୀଙ୍କ ନେତୃତ୍ୱରେ ବହୁ ନେତା, କର୍ମୀ ଓ ସିପିଆଇର ବରିଷ୍ଠ ନେତା ହର ପ୍ରସାଦ ଆଚାରୀଙ୍କ ସହ ଅନ୍ୟମାନେ ଶେରଗଡ ଚାରି ଛକରେ ପହଞ୍ଚି ବନ୍ଦ ପାଳନ କରିଥିଲେ। ରଜେଇ ବିଷୋୟୀ, ରବି ପାଣିଗ୍ରାହୀ, ବଳରାମ ପାଢୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

**ଗଞ୍ଜାମ,(ବିଦ୍ୟାଧର ସାହୁ):** ଓଡ଼ିଶା ଗଞ୍ଜାମ ବ୍ଲକ୍ କଂଗ୍ରେସ ଯୁବ ନେତା କୁନା ରେଡିଙ୍କ ନେତୃତ୍ୱରେ ଏକ ବାଇକ ରାଲି ବଡ଼ ବଜାର ପରିକ୍ରମା କରିଥିଲା। ଗଞ୍ଜାମ ଥାନା ଆଇଆଇସି ସୁମିତ୍ରା ପାତ୍ର ଆଇନ ଶୃଙ୍ଖଳା ନିମନ୍ତେ ତୀକ୍ଷ୍ଣ ନଜର ରଖିଥିଲେ।

**ଧରାକୋଟ, (ବିଷ୍ଣୁ କେଶରୀ ଆଚାର୍ଯ୍ୟ):** ଧରାକୋଟ, ମୁଣ୍ଡମରାଇ, ଦଶମାଇଲି, ମାଣିକପୁର, ଢ଼ଉଗାଁ ଠାରେ ବନ୍ଦର ପ୍ରଭାବ ପଡ଼ିଛି। କଂଗ୍ରେସ, ସିପିଆଇ, ସିପିଆଇଏମ୍‌ଏଲ ଭଳି ଦଳର କର୍ମୀମାନେ ବନ୍ଦରେ ସାମିଲ ହୋଇଥିଲେ। ଧରାକୋଟ ବ୍ଲକ କଂଗ୍ରେସ କମିଟିର ପୂର୍ବତନ ସଭାପତି ସୁନିଲ ଚୌଧୁରୀ, କଂଗ୍ରେସ କମିଟିର ବରିଷ୍ଠ ସଭ୍ୟ ସୋମନାଥ ମହାନ୍ତି, ସୁଧାକର ସ୍ୱାଇଁ, କୁନା ସ୍ୱାଇଁ, ରାଜା ସେଠୀ ପ୍ରମୁଖ ଶୋଭାଯାତ୍ରାରେ ବାହାରି ଦୋକାନ, ବଜାର ସବୁ ବନ୍ଦ କରିଥିଲେ।

**ହିଞ୍ଜିଳିକାଟୁ,(ଦ୍ୱିତୀକୃଷ୍ଣ ପଣ୍ଡା):** ହିଞ୍ଜିଳିକାଟୁ ପ୍ରାକ୍ତନ ବ୍ଲକ୍ ସଭାପତି ଶିରାମ ପ୍ରଧାନଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ କର୍ମୀ ସ୍ଥାନୀୟ ପୌରାଞ୍ଚଳ ଆରଏମସି ଛକ ଓ ଘୋଡାହାଡ ନଦୀ ଛକ ନିକଟରେ ରାସ୍ତା ଅବରୋଧ କରିଥିଲେ। ଛାତ୍ର କଂଗ୍ରେସ ସଭାପତି ସଞ୍ଜୟ ସ୍ୱାଇଁ, ଜଗନ୍ନାଥ ଗୌଡ, ରାମନାରାୟଣ ବିଶ୍ୱାସରାୟ, ପ୍ରଦୀପ ମହାରଣା,ଆକାଶ ସେଠୀ, ବିରେନ୍ଦ୍ର ରାଉତ,ରାମ ପାଣିଗ୍ରାହୀ,ରାଜା ସାଇଁ,ରାଜା ବେହେରା, ପ୍ରତାପ ପାଠୀ, ମିଥୁନ ନାୟକ, ପ୍ରମୁଖ କଂଗ୍ରେସ କର୍ମୀ ସାମିଲ ଥିଲେ।

**କବିସୂର୍ଯ୍ୟନଗର, (କୃପାସିନ୍ଧୁ ସ୍ୱାଇଁ):** କବିସୂର୍ଯ୍ୟନଗରର ବରିଷ୍ଠ କଂଗ୍ରେସ ନେତା ଚିରଞ୍ଜିବି ବିଷୋୟୀଙ୍କ ନେତୃତ୍ୱରେ ନିଜ ନିଜର କର୍ମୀଙ୍କ ସହିତ ବୁଲି ବୁଲି ଶାନ୍ତିପୂର୍ଣ୍ଣ ଭାବରେ ସମଗ୍ର କବିସୂର୍ଯ୍ୟନଗର ନିର୍ବାଚନମଣ୍ଡଳୀରେ ବନ୍ଦ ଡାକରା ଦେଇ ଜୁଡ଼ିସିଆରି ମାଜିଷ୍ଟ୍ରେଟ ପାଇଁ ଦାବି ରଖିଛନ୍ତି। ଯାହାକି ଏହି ବନ୍ଦ ଡାକରାକୁ ସମର୍ଥନ ଦେଇ କବିସୂର୍ଯ୍ୟନଗର ଅଞ୍ଚଳରେ ବହୁ ଦୋକାନ ବଜାର ସ୍କୁଲ କଲେଜ ତହସିଲ ବନ୍ଦ ହୋଇଥିବା ଦେଖିବାକୁ ମିଳିଛି। ଶ୍ରୀନିବାସ ପ୍ରଧାନ, ଶରତ ଚନ୍ଦ୍ର ଦାସ, ରବୀନ୍ଦ୍ର ବିଷୋୟୀ, ଦୀପକ ପାତ୍ର ଆଦି ଶତାଧିକ ଆନ୍ଦୋଳନରେ ସାମିଲ ହୋଇଥିଲେ।

**ପୁରୁଷୋତ୍ତମପୁର,(ସିମାଞ୍ଚଳ ମିଶ୍ର):** ପୁରୁଷୋତ୍ତମପୁରରେ କଂଗ୍ରେସ ଓ ସିପିଆଇ, ସିପିଏମ୍‌କର୍ମୀମାନେ ମିଳିତ ଭାବରେ ଆସିକା–ହୁମ୍ମା–ବ୍ରହ୍ମପୁରକୁ ସଂଯୋଗକରୁଥିବା ମୁଖ୍ୟରାସ୍ତାର କାଳୀମନ୍ଦିରଛକ ଠାରେ ଅବରୋଧକରି ପିକେଟିଙ୍ଗମାନ କରିଥିଲେ। ଶୋଭାଯାତ୍ରାରେ ଯାଇ ବ୍ଲକ୍, ତହସିଲ,ସ୍କୁଲ, କଲେଜ, ବ୍ୟାଙ୍କ ସହ ସମସ୍ତ ଦୋକାନବଜାର ବନ୍ଦ କରିଥିଲେ।

**ସୋରଡ଼ା,(ରଜନୀ ମହାପାତ୍ର):** ସୋରଡାରେ ବନ୍ଦର ପ୍ରଭାବ ପଡ଼ିଛି। ସକାଳୁ ସୋରଡା ଏନଏସିର ବରିଷ୍ଠ କଂଗ୍ରେସ ନେତା ସତ୍ୟ ପାତ୍ର ନିଜ ଦଳୀୟ କର୍ମୀଙ୍କ ସହ ସୋରଡା ଓ ଜରାଡ ଜାତୀୟ ରାଜପଥ ଅବରୋଧ କରିବା ସହ କଂଗ୍ରେସର ଏହି ବନ୍ଦ ଡାକରାକୁ ସଫଳ କରିବା ପାଇଁ ନିବେଦନ କରିଥିଲେ। ସୋରଡ଼ା ବ୍ଲକ୍ କଂଗ୍ରେସ ସଭାପତି ତଥା କଂଗ୍ରେସର ଗତ ନିର୍ବାଚନ ବିଧାୟକ ପ୍ରାର୍ଥୀ ହରିକୃଷ୍ଣ ରଥ ନିଜ ଦଳୀୟ କର୍ମୀଙ୍କ ସହ ଏକ ବାଇକ ରାଲିରେ ଆସି ବନ୍ଦକୁ ସଫଳ କରିଥିଲେ।

**ରମ୍ଭା,(ବନବାସୀ ସେଠୀ):** ରମ୍ଭାରେ ବନ୍ଦ ସମ୍ପୂର୍ଣ୍ଣ ସଫଳ ହୋଇଛି। କଂଗ୍ରେସ, ବାମ ଓ ଗଣତାନ୍ତ୍ରିକ ଦଳର ମିଳିତ ଡାକରାରେ ସମବେତ ହୋଇ ବଜାର, ଅନୁଷ୍ଠାନ, ପ୍ରତିଷ୍ଠାନ ବନ୍ଦ କରିବା ପାଇଁ ଦ୍ୱାର ଦ୍ୱାର ବୁଲି ଆହ୍ୱାନ ଦେଇଥିଲେ। ଏଥିରେ ପି. ହରେକୃଷ୍ଣ ରେଡ୍ଡୀ, ନାରାୟଣ ନାୟକ, ବିପ୍ର ଚରଣ ପ୍ରଧାନ, ଯୋଗେଶ ଚନ୍ଦ୍ର ସାହୁ, କେ. ଭାସ୍କର ପାତ୍ର, କ୍ଷେତ୍ର ମୋହନ ବେହେରା, ଜେ. ଲୋକନାଥ ପାତ୍ର, ରଘୁନାଥ ବେହେରାଙ୍କ ସମେତ ଅନେକ ଯୁବଗୋଷ୍ଠୀ ସାମିଲ ହୋଇ ଥିଲେ।

**ବୁଗୁଡା,(କାଳିଚରଣ ଦାଶ):** ବୁଗୁଡ଼ା ସହରରେ ଯାତ୍ରୀବାହୀ ବସ୍ ଚଳାଚଳ ବନ୍ଦ ସାଙ୍ଗକୁ ବିଭିନ୍ନ ଶିକ୍ଷାନୁଷ୍ଠାନ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ଏବଂ ଦୋକାନ ବଜାର ବନ୍ଦ ରହିଥିଲା। ବୁଗୁଡ଼ା ସହର ମଧ୍ୟରେ କାଁ ଭାଁ ଦୋକାନ ଖୋଲା ରହିଥିବା ବେଳେ କଂଗ୍ରେସ ଦଳର ଜାନକୀ ବଲ୍ଲଭ ରାଉତ, ସିମାଞ୍ଚଳ ଖଟେଇ, ସୁଜିତ କୁମାର ସ୍ୱାଇଁ, ଅଗସ୍ତି ବରଡ଼, ମାନସ ରଞ୍ଜନ ଦାଶ, ଶଙ୍କର ବେହେରା, ସୁବ୍ରତ କୁମାର ପଟ୍ଟନାୟକ, ଦିଲ୍ଲୀପ ଦାଶ ପ୍ରମୁଖ ପିକେଟିଂ କରିଥିଲା।

**ବେଲଗୁଣ୍ଠା,(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ):** ବେଲଗୁଣ୍ଠାରେ ଏନ୍‌ଏସି କାର୍ଯ୍ୟାଳୟ, ବ୍ଲକ୍ କାର୍ଯ୍ୟାଳୟ ଶାନ୍ତିପୂର୍ଣ୍ଣ ଭାବେ ବନ୍ଦକୁ ସମର୍ଥନ କରାଯାଇଛି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସମିତିସଭ୍ୟ ତଥ ନାଟଙ୍ଗା ସରପଞ୍ଚ ପ୍ରତିନିଧି ଦେବେନ୍ଦ୍ର କୁମାର ଗୌଡ଼, ସମିତିସଭ୍ୟ ରାଜୀବ୍ ଲୋଚନ ନାଇକ, ଯୁବନେତା ଅକ୍ଷୟ ଗୌଡ଼, ଅନୀଲ ମଲ୍ଲିକ, ପୂର୍ବତନ ସାଂସଦ ପ୍ରତିନିଧି ନିକୁଞ୍ଜ ଖଣ୍ଡୁଆଳଙ୍କ ସମେତ ବେଲଗୁଣ୍ଠା ବ୍ଲକ୍ ଏବଂ ଏନ୍‌ଏସିର ଶତାଧିକ କର୍ମୀ ଏଥିରେ ଯୋଗ ଦେଇଥିଲେ।

# ଶିଳ୍ପରେ ବାର୍ଷିକ ୧୩.୨ ଲକ୍ଷ କୋଟି କ୍ଷତି

**ଭୁବନେଶ୍ୱର,୧୭।୭**

ଭାରତର ଶିଳ୍ପ ଅଭିବୃଦ୍ଧି ଦିଗରେ କୋରୋସନ/କ୍ଷୟ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ଏବଂ ଚ୍ୟାଲେଞ୍ଜ ହୋଇ ରହିଛି। ଏହା ଫଳରେ ଭାରତ ବାର୍ଷିକ ଆଧାରରେ ୧୩.୨ ଲକ୍ଷ କୋଟି ଟଙ୍କାର କ୍ଷତି ହୋଇଥାଏ। ଏପରିକି ଦେଶର ଯଥେଷ୍ଟ ଅର୍ଥନୈତିକ କ୍ଷତି ହେଉଛି ଏବଂ ଜନସାଧାରଣଙ୍କ ସୁରକ୍ଷା ମଧ୍ୟ ହ୍ରାସ ପାଉଛି ବୋଲି ସିଆଇଆଇର କ୍ଷୟ ପରିଚାଳନା ଡିଭିଜନ (ସିଏମ୍‌ଡି)ର ସହ-ଅଧ୍ୟକ୍ଷ ତଥା ଜିନ୍ଦଲ ଷ୍ଟେନ୍‌ଲେସ୍‌ର ଏମ୍‌ଡି ଅଭ୍ୟୁଦୟ ଜିନ୍ଦଲ କୋର୍ଟେମ୍-୨୦୨୫ର ଉଦ୍‌ଯାପନୀ ଅଧିବେଶନରେ ଯୋଗଦେଇ ଏଭଳି କହିଛନ୍ତି।

ଉଲ୍ଲେଖଯୋଗ୍ୟ, ଭାରତୀୟ ଶିଳ୍ପ ସଂଘ (ସିଆଇଆଇ) ପକ୍ଷରୁ କୋରୋସନ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜମେଣ୍ଟ ବର କୋର୍ଟେମ୍-୨୦୨୫ ଉପରେ ଆୟୋଜିତ ଅନ୍ତର୍ଜାତୀୟ ଅଧିବେଶନର ୨ୟ ସଂସ୍କରଣ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଧିବେଶନରେ ଜିନ୍ଦଲ ଷ୍ଟେନ୍‌ଲେସ୍

## କୋର୍ଟେମ୍-୨୦୨୫ ଅଧିବେଶନ ଉଦ୍‌ଯାପିତ

ଲିମିଟେଡ୍ ଏକ ପ୍ରମୁଖ ଭୂମିକା ନିର୍ବାହ କରିଛି। ଏହି ଅଧିବେଶନରେ ଭାରତର ଆଧାରଭୂତ ଢାଞ୍ଚା ଓ ଶିଳ୍ପ ଉନ୍ନତି ସହ ସମ୍ପୃକ୍ତ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରଗୁଡ଼ିକରେ କ୍ଷୟ ପ୍ରତିରୋଧ ନେଇ ଚର୍ଚ୍ଚା ପାଇଁ ଶିଳ୍ପ ବିଶେଷଜ୍ଞ, ବୁଦ୍ଧିଜୀବୀ ଏବଂ ନୀତି ନିର୍ଦ୍ଧାରକମାନେ ଏକତ୍ରିତ ହୋଇଥିଲେ।

ଅପରପକ୍ଷରେ ଏକ ଅଧ୍ୟୟନରୁ ଜଣାପଡ଼ିଛି, କ୍ଷୟ ଯୋଗୁ ଆମ ଅର୍ଥନୀତିକୁ ବାର୍ଷିକ ଜିଡିପିର ପ୍ରାୟ ୪% କ୍ଷତି ହୋଇଥାଏ ଏବଂ ଭାରତ କ୍ଷେତ୍ରରେ ପ୍ରତି ବର୍ଷ ବା ବାର୍ଷିକ ଆଧାରରେ ୧୩.୨ ଲକ୍ଷ କୋଟି ଟଙ୍କା କ୍ଷତି ହୋଇଥାଏ। ଜିନ୍ଦଲ ଷ୍ଟେନ୍‌ଲେସ୍‌ରେ ଆମେ ଉଦ୍ଭାବନକୁ ପ୍ରୋତ୍ସାହିତ କରିବା ଓ ସଚେତନତା ବୃଦ୍ଧି କରିବା ଏବଂ ଏକ କ୍ଷୟମୁକ୍ତ ରାଷ୍ଟ୍ର ଗଠନ ପାଇଁ ସ୍ଥାୟୀ କ୍ଷୟ ପରିଚାଳନା ଅଭ୍ୟାସକୁ ପ୍ରୋତ୍ସାହିତ କରିବା ଦିଗରେ ପ୍ରତିବଦ୍ଧ


ଅଭ୍ୟୁଦୟ ଜିନ୍ଦଲ

ରହିଛୁ ବୋଲି ଅଭ୍ୟୁଦୟ ବିସ୍ତୃତ ଭାବେ ମତପ୍ରକାଶ କରିଥିଲେ। ସେହିଭଳି କ୍ଷୟ ନିୟନ୍ତ୍ରଣ ଏବଂ ଭିତ୍ତିଭୂମି ରକ୍ଷଣାବେକ୍ଷଣ ପାଇଁ ଏକ ଦୀର୍ଘମିଆଦୀ ରଣନୀତି ବିକଶିତ କରିବା ସହ ଶିଳ୍ପ ନେତୃତ୍ୱ, ଏକାଡେମିଆ ଏବଂ ନୀତି ନିର୍ଦ୍ଧାରକଙ୍କ ସହ ମିଳିତ ଭାବେ ଆମେ କାର୍ଯ୍ୟ କରୁଛୁ। ଏପରିକି ବିଭିନ୍ନ ଆପ୍ଲିକେସନଗୁଡ଼ିକରେ କ୍ଷୟ-ପ୍ରତିରୋଧୀ ଷ୍ଟେନ୍‌ଲେସ୍ ଷ୍ଟିଲ୍ ସମାଧାନ ପ୍ରଦାନ କରିବା ଉପରେ ଆମେ ଗୁରୁତ୍ୱ ଦେଉଛୁ।

ସେହିପରି ନିକଟରେ ସିଆଇଆଇ ଦ୍ୱାରା ଆରମ୍ଭ ହୋଇଥିବା କ୍ଷୟ ପ୍ରତିରୋଧ ସମ୍ପର୍କିତ ଜାତୀୟ ଅଭିଯାନର ଏକ ଅଂଶ ହେଉଛି କୋର୍ଟେମ୍। ଏହି ଅଧିବେଶନରେ ସିଆଇଆଇ ସିଏମ୍‌ଡିର ଅଧ୍ୟକ୍ଷ ତଥା ହୋମି ଭାବା ନ୍ୟାଶନାଲ ଇନଷ୍ଟିଚ୍ୟୁଟ୍‌ର କୁଳପତି ଡ. ୟୁ. କାମାଚି ମୁଦାଲି; ଡ. ଅମୀର ଏଲିଜର (ପୂର୍ବତନ ଅଧ୍ୟକ୍ଷ, ଏଏମ୍‌ପିପି, ଆମେରିକା), ରିୟର ଆଡମିରାଲ ଜି କେ ହରିଶ (ଏଭିଏସ୍‌ଏମ୍ ଭିଏସ୍‌ଏମ୍,ଅବସରପ୍ରାପ୍ତ ଜାହାଜ ନିର୍ମାଣ ବ୍ୟବସାୟ ମୁଖ୍ୟ ଲାର୍ସେନ ଆଣ୍ଡ ଟୁବ୍ରୋ)ଙ୍କ ସମେତ ଜିନ୍ଦଲ ଷ୍ଟେନ୍‌ଲେସର ନିର୍ଦ୍ଦେଶକ ବିଜୟ ଶର୍ମା ଏବଂ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍‌ର ଉପାଧ୍ୟକ୍ଷ ଅମିଶ ବି ଜାନି ପ୍ରମୁଖ ବକ୍ତା ଭାବେ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ କ୍ଷୟ ନିୟନ୍ତ୍ରଣ ପାଇଁ ଜାତୀୟ ଏବଂ ଅନ୍ତର୍ଜାତୀୟ ନିୟମାବଳୀରେ ସାମ୍ପ୍ରତିକ ଅଗ୍ରଗତି ଏବଂ ନୀତି; ଅକ୍ଷୟ ଶକ୍ତି ଏବଂ ହାଇଡ୍ରୋଜେନ କ୍ଷେତ୍ରରେ କ୍ଷୟ ପରିଚାଳନାର ଗୁରୁତ୍ୱପୂର୍ଣ୍ଣ ଭୂମିକା; କ୍ଷୟ ନିରୀକ୍ଷଣ ଏବଂ ପରିଚାଳନାରେ ବୈପ୍ଳବିକ ପରିବର୍ତ୍ତନ ଆଣିବାରେ ଆଉଟି, ଏଆଇ ପୂର୍ବାନୁମାନ ପରି ଉଦୀୟମାନ ଜ୍ଞାନକୌଶଳର ପ୍ରଭାବ ଆଦି ବିଭିନ୍ନ ବିଷୟ ଉପରେ ଆଲୋଚନା ହୋଇଥିଲା। ଅଧ୍ୟୟନ ଅନୁଯାୟୀ, କ୍ଷୟ ଯୋଗୁ ପ୍ରତି ବର୍ଷ ଅର୍ଥନୀତିର ପ୍ରାୟ ୪% କ୍ଷତି ହୋଇଥାଏ। ଏହା ବିଶ୍ୱସ୍ତରରେ ୪ଟ୍ରିଲିୟନ ଡଲାରରୁ ଅଧିକ ବୋଲି ଆକଳନ କରାଯାଇଛି। ସେହିଭଳି ଭାରତରେ ବାର୍ଷିକ ୧୩.୨ଲକ୍ଷ କୋଟି ଟଙ୍କାର କ୍ଷତି ହେଉଥିବାବେଳେ ଏହାର ଅର୍ଥନୈତିକ ପ୍ରଭାବ ମଧ୍ୟ ସେତିକି ଉଦ୍‌ବେଗଜନକ ରହିଛି। ଏହି କ୍ଷତି ମୁଖ୍ୟତଃ କ୍ଷୟ ଜନିତ ଦୁର୍ବଳ ଭିତ୍ତିଭୂମି, ରକ୍ଷଣାବେକ୍ଷଣ ଖର୍ଚ୍ଚ ବୃଦ୍ଧି ଏବଂ ଜନସାଧାରଣଙ୍କ ସୁରକ୍ଷା ପ୍ରତି ବିପଦ କାରଣରୁ ସୃଷ୍ଟି ହୋଇଥାଏ। ଏହା ପରିବହନ, ୟୁଟିଲିଟି ଏବଂ ଉତ୍ପାଦନ ଭଳି କ୍ଷେତ୍ରକୁ ପ୍ରଭାବିତ କରିଥାଏ। ଏହି ଭିତ୍ତିଭୂମି ଏବଂ ଅନ୍ୟାନ୍ୟ ଅର୍ଥନୈତିକ କ୍ଷେତ୍ରରେ କ୍ଷୟର ମୁକାବିଲା ପାଇଁ ଜିନ୍ଦଲ ଷ୍ଟେନ୍‌ଲେସ୍ ସକ୍ରିୟ ରହିଆସିଛି। ଏହାର ମୁକାବିଲା ପାଇଁ ୨୦୨୩ ରେ ସିଆଇଆଇ ସହ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର କରି କମ୍ପାନୀ ନିଜର ପ୍ରତିବଦ୍ଧତାକୁ ଦୋହରାଇଛି।

# ଡିଜିଟାଲ ପେମେଣ୍ଟ ଅଭିଯାନର ଶୁଭାରମ୍ଭ



**ଭୁବନେଶ୍ୱର,୧୭।୭ (ଅଭୟ ଦାଶ)**

ଟି ପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ୍ ଲିମିଟେଡ୍ (ଟିପିସିଓଡିଏଲ୍) ର ବହୁପ୍ରତୀକ୍ଷିତ ଅଭିଯାନ ତଥା ଡିଜିଟାଲ ପେମେଣ୍ଟ ପ୍ଲାଟ୍‌ଫର୍ମର ଶୁଭାରମ୍ଭ କରାଯାଇଛି। ଏପରିକି ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ) ଏବଂ ରେଜରପେ ସହଯୋଗରେ କମ୍ପାନୀ 'ଡିଜିଟାଲ ପେମେଣ୍ଟ ଅଭିଯାନ'ର ଶୁଭାରମ୍ଭ ହୋଇଯାଇଛି। ବିଶେଷକରି ଡିଜିଟାଲ ପ୍ଲାଟ୍‌ଫର୍ମ ସହ ଭଲ ଭାବେ ଅଭ୍ୟସ୍ତ ନ ଥିବା ଉପଭୋକ୍ତାମାନଙ୍କ ସମେତ ସବୁ ଉପଭୋକ୍ତା ଯେଭଳି ଏହାକୁ ସହଜରେ ବ୍ୟବହାର କରିପାରିବେ, ତାହାକୁ ଦୃଷ୍ଟିରେ ରଖି ଏହି ପ୍ଲାଟ୍‌ଫର୍ମ ପ୍ରସ୍ତୁତ କରାଯାଇଛି।

ଏହି ପରିପ୍ରେକ୍ଷୀରେ କମ୍ପାନୀ ପକ୍ଷରୁ ଗୁରୁବାର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଭୁବନେଶ୍ୱରସ୍ଥିତ ଟିପିସିଓଡିଏଲ୍‌ର କର୍ପୋରେଟ କାର୍ଯ୍ୟାଳୟଠାରେ ଆୟୋଜିତ ହୋଇଯାଇଛି। ଏହି ଅବସରରେ ଟିପିସିଓଡିଏଲ୍‌ର ସିଇଓ ଅରବିନ୍ଦ୍ ସିଂହଙ୍କ ସମେତ ଏସ୍‌ବିଆଇର ଉପ ମହାପ୍ରବନ୍ଧକ (ଡିଜିଟାଲ ଆଣ୍ଡ ଟ୍ରାଞ୍ଜାକ୍ସନ ବ୍ୟାଙ୍କିଙ୍ଗ୍) ସୁଶାନ୍ତ କୁମାର ଦାସ ପ୍ରମୁଖ ଉପସ୍ଥିତ ରହି ଏହି ଅଭିଯାନକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ (ଉନ୍ମୋଚନ) କରିଛନ୍ତି। ଏ ସମ୍ପର୍କରେ ଟିପିସିଓଡିଏଲ୍‌ର ସିଇଓ ଅରବିନ୍ଦ୍ ସିଂହ କହିଛନ୍ତି, ଆମର ଲକ୍ଷ୍ୟ ହେଉଛି ଗ୍ରାମାଞ୍ଚଳ ଓ ଅର୍ଦ୍ଧସହରାଞ୍ଚଳ ସମେତ ସମସ୍ତଙ୍କ ପାଖରେ ଡିଜିଟାଲ ପେମେଣ୍ଟ ସୁବିଧାକୁ ପହଞ୍ଚାଇବା।

# ରୟାଲ ଷ୍ଟାଗ୍ ବୁମ୍‌ବକ୍ସର ନୂଆ ମ୍ୟୁଜିକ୍ ଭିଡିଓ

**ଭୁବନେଶ୍ୱର,୧୭।୭**

ୟୁନିଭର୍ସାଲ ମ୍ୟୁଜିକ୍ ଗ୍ରୁପ୍ ସହ ସହଭାଗିତାରେ ରୟାଲ ଷ୍ଟାଗ୍ ବୁମ୍‌ବକ୍ସର ଫ୍ଲାଗ୍‌ଶିପ ମ୍ୟୁଜିକ୍ ଆଇପି 'ରୟାଲ ଷ୍ଟାଗ୍ ବୁମ୍‌ବକ୍ସ ଓରିଜିନାଲ୍ସ ଅଧୀନରେ ଏକ ନୂଆ ଶୃଙ୍ଖଳାର ଶୁଭାରମ୍ଭ ହୋଇଛି। ରୟାଲ ଷ୍ଟାଗ୍ ବୁମ୍‌ବକ୍ସ ପକ୍ଷରୁ ଚଳିତ ସିଜନର ଏହାର ପ୍ରଥମ ମ୍ୟୁଜିକ ଭିଡିଓ 'ସାଏ'ର ଉନ୍ମୋଚନ ନିକଟରେ ହୋଇଯାଇଛି। ଯେଉଁଥିରେ ନିକିତା ଗାନ୍ଧୀ ଓ ଡିନୋ ଜେମ୍‌ସଙ୍କ ଏକ ଶକ୍ତିଶାଳୀ ଯୋଡି ଦେଖିବାକୁ ମିଳିବ। ଗତ ୩ ବର୍ଷରେ ଦେଶର ଅନେକ ୟୁଥ୍ ହବ୍‌ରେ ଦର୍ଶକଙ୍କ ମନ ଜିତିବା ପରେ ରୟାଲ ଷ୍ଟାଗ୍ ବୁମ୍‌ବକ୍ସ ଏବେ ନିଜର ୨ୟ ସିଜନ ବୁମ୍‌ବକ୍ସ ଓରିଜିନାଲ୍ସ ସହ ପୁଣି ଥରେ ଫେରିଛି। ୨ୟ ସିଜନରେ ଏଭଳି ସାଉଣ୍ଡଟ୍ରାକ୍ ରହିଛି, ଯାହା ବ୍ରାଣ୍ଡର 'ଲିଭିଂ ଇଟ୍ ଲାର୍ଜ'ର ଉତ୍ସାହକୁ ପାଳନ କରୁଛି। ଏହି ନୂଆ ମ୍ୟୁଜିକ୍ ଭିଡିଓ ବର୍ତ୍ତମାନ ୟୁଟ୍ୟୁବ, ସୋସିଆଲ ମିଡିଆ ଓ ସମସ୍ତ ପ୍ରମୁଖ ଅଡିଓ ପ୍ଲାଟ୍‌ଫର୍ମଗୁଡ଼ିକରେ ଲାଇଭ ରହିଛି। ପର୍‌ନଡ ରିକାର୍ଡ ଇଣ୍ଡିଆର ଗ୍ଲୋବାଲ ବିଜ୍‌ନେସ୍ ଡେଭ୍‌ଲପମେଣ୍ଟର ମୁଖ୍ୟ ବାଣିଜ୍ୟିକ ଅଧିକାରୀ ଓ ମୁଖ୍ୟ କାର୍ତ୍ତିକ ମହିନ୍ଦ୍ରା କହିଛନ୍ତି, ରୟାଲ ଷ୍ଟାଗ୍ ବୁମ୍‌ବକ୍ସ ଓରିଜିନାଲ୍ସ ସହିତ ଆମେ ଉତ୍ସାହଜନକ ନୂଆ ସଙ୍ଗୀତ କ୍ଷେତ୍ର ସହ ଏହି ଅନୁଭୂତିକୁ ନୂଆ ଉଚ୍ଚତାକୁ ନେବା ପାଇଁ ପ୍ରସ୍ତୁତ ରହିଛୁ, ଯାହା ବଲିଉଡ୍‌ର ମେଲୋଡି ସହ ହିପ୍‌ହପର ରୋମାଞ୍ଚକର ବିଟ୍‌କୁ ମିଶ୍ରଣ କରୁଛି।

# ବଜାରରେ ମହିନ୍ଦ୍ରାର ଏକ୍ସୟୁଭି ୩ଏକ୍ସଓ

## ଆର୍‌ଇଭିଏକ୍ସ ସିରିଜର ଅନାବରଣ

**ଭୁବନେଶ୍ୱର,୧୭।୭**




ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଲିମିଟେଡ୍ (ମହିନ୍ଦ୍ରା)ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଅଲ୍ ନ୍ୟୁ ଏକ୍ସୟୁଭି ୩ଏକ୍ସଓ ଆର୍‌ଇଭିଏକ୍ସ ସିରିଜର ଅନାବରଣ ସର୍ବଭାରତୀୟ ସ୍ତରରେ ହୋଇଯାଇଛି। ଏହି ସିରିଜରେ ସମସ୍ତ ପ୍ରକାର ସୁରକ୍ଷା ବ୍ୟବସ୍ଥା ଓ ଅତ୍ୟାଧୁନିକ ଫିଚର ସାମିଲ ରହିଛି। ଏପରିକି ଏହାର ପ୍ରାରମ୍ଭିକ ବଜାର ମୂଲ୍ୟ ୮.୯୪ ଲକ୍ଷ ଟଙ୍କା ରହିଛି। ସେହିଭଳି ଆର୍‌ଇଭିଏକ୍ସ ସିରିଜ୍‌ର ୩ଟି ବା ସମସ୍ତ ଭାରିଆଣ୍ଟ ଗାଲାକ୍ସି ଗ୍ରେ, ଟାଙ୍ଗୋ ରେଡ୍, ନେବୁଲା ବ୍ଲୁ, ଏଭରେଷ୍ଟ ହ୍ୱାଇଟ୍ ଓ ଷ୍ଟିଲ୍‌ଥ୍ ବ୍ଲାକ୍ ଭଳି ୫ପ୍ରକାରର କଲରରେ ଉପଲବ୍ଧ ହେଉଛି। ସେହିପରି ଏହି ସିରିଜରେ ୩ଟି ଭାରିଆଣ୍ଟ/ଭର୍ସନ ଅନ୍ତର୍ଭୁକ୍ତ ରହିଛି। ଆର୍‌ଇଭିଏକ୍ସ ଏମ୍‌ର ଏକ୍ସ ଶୋ'ରୁମ୍ ଦାମ୍ ୮.୯୪ ଲକ୍ଷ ଟଙ୍କା, ଆର୍‌ଇଭିଏକ୍ସ ଏମ୍ (ଓ) ର ଏକ୍ସ ଶୋ'ରୁମ୍ ମୂଲ୍ୟ ୯.୪୪ ଲକ୍ଷ ଟଙ୍କା ଏବଂ ଆର୍‌ଇଭିଏକ୍ସ ଏ'ର ଏକ୍ସ ଶୋ'ରୁମ୍ ମୂଲ୍ୟ ୧୧.୭୯ ଲକ୍ଷ ଟଙ୍କା ରହିଛି।

# ପର୍‌ପ୍ଲେକ୍ସିଟି ସହ ବିଏର ବୁଝାମଣା

**ଭୁବନେଶ୍ୱର,୧୭।୭**

ପର୍‌ପ୍ଲେକ୍ସିଟି ଏବଂ ଭାରତୀ ଏୟାରଟେଲ (ବିଏ) ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ଏହି ବୁଝାମଣା ଅନୁଯାୟୀ ବିଏର ସମସ୍ତ ୩୬୦ନିୟୁତ ଗ୍ରାହକଙ୍କୁ ୧୨ ମାସିଆ ପର୍‌ପ୍ଲେକ୍ସିଟି ପ୍ରୋ ସବ୍‌ସ୍କ୍ରିପସନ୍ ମାଗଣାରେ ପ୍ରଦାନ କରାଯିବ। ଏହି ପ୍ରୋ ସବ୍‌ସ୍କ୍ରିପସନର ମୂଲ୍ୟ ୧୭,୦୦୦ ଟଙ୍କା ଥିବାବେଳେ ବର୍ତ୍ତମାନ ସମସ୍ତ ଏୟାରଟେଲ ଗ୍ରାହକଙ୍କ (ମୋବାଇଲ୍, ୱାଇ-ଫାଇ ଏବଂ ଡିଟିଏଚ୍) ପାଇଁ ୧ ବର୍ଷ ମାଗଣାରେ ଉପଲବ୍ଧ ହେବ।

ଏ ସମ୍ପର୍କରେ ଭାରତୀ ଏୟାରଟେଲର ଉପାଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ଗୋପାଳ ବିଟ୍ଟଲ୍ କହିଛନ୍ତି, ଆମେ ପର୍‌ପ୍ଲେକ୍ସିଟି ସହିତ ଏକ ଗୁରୁତ୍ୱପୂର୍ଣ୍ଣ ବୁଝାମଣା (ସହଭାଗିତା) କରି ବେଶ୍ ଉତ୍ସାହିତ ଅଛୁ। ଏହା ଏୟାରଟେଲ ଗ୍ରାହକଙ୍କ ପାଇଁ ସେମାନଙ୍କର ଅତ୍ୟାଧୁନିକ ଏଆଇ କ୍ଷମତା ସ୍ୱତନ୍ତ୍ର ଭାବେ ଉପଲବ୍ଧ କରାଇବ। ଏହି ସହଭାଗିତା ଲକ୍ଷାଧିକ ଗ୍ରାହକଙ୍କ ପାଇଁ ଏକ ଶକ୍ତିଶାଳୀ ଏବଂ ବାସ୍ତବ ସମୟର ଜ୍ଞାନକୁ ସେମାନଙ୍କ ଆଙ୍ଗୁଳିର ଟିପରେ କୌଣସି ଅତିରିକ୍ତ ମୂଲ୍ୟ ବିନା ପହଞ୍ଚାଇବ। ଭାରତରେ ଏହି ପ୍ରଥମ ଧରଣର ଜେନେରେଟିଭ ଏଆଇ ସହଯୋଗିତା ଆମର ଗ୍ରାହକଙ୍କୁ ଡିଜିଟାଲ ଦୁନିଆରେ ଉଦୀୟମାନ ଧାରାକୁ ଆତ୍ମବିଶ୍ୱାସ ଏବଂ ସହଜରେ ଅତିକ୍ରମ କରିବାରେ ସାହାଯ୍ୟ କରିବା ଉପରେ କେନ୍ଦ୍ରୀଭୂତ ରହିଛି।

# ଶେୟାର ବଜାରରେ ହ୍ରାସ

ମୁମ୍ବାଇ,୧୭।୭: କ୍ରମାଗତ ଭାବେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟୁଛି। ଚଳିତ ସପ୍ତାହର ଚତୁର୍ଥ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ହ୍ରାସ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ଗୁରୁବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୩୭୫ (୩୭୫.୨୪) ପଏଣ୍ଟ ହ୍ରାସ ଘଟି ୮୨,୨୫୯ (୮୨,୨୫୯.୨୪) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ ରେ ମଧ୍ୟ ୧୦୧ (୧୦୦.୬୦) ପଏଣ୍ଟ କମି ୨୫,୧୧୧ (୨୫,୧୧୧.୪୫) ଅଙ୍କରେ କାରବାର ଶେଷ ହୋଇଥିଲା।

# ବଜାରରେ ଆରୋମା ମ୍ୟାଜିକ୍‌ର ନୂତନ ରେଞ୍ଜ

**ଭୁବନେଶ୍ୱର,୧୭।୭**

ଦେଶର ପ୍ରମୁଖ ଘରୋଇ ଷ୍ଟାର୍ଟଅପ୍ ତଥା ଆରୋମାଥେରାପି କମ୍ପାନୀ 'ବ୍ଲୋସମ କୋଚର ଆରୋମା ମ୍ୟାଜିକ୍'ର ନୂତନ ରେଞ୍ଜ ଏବଂ ଆଇକନିକ୍ ଏସେନ୍ସିଆଲ ଅଏଲର ପୁନଃ ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ୧୫ଟି ତେଲ ବର୍ତ୍ତମାନ ୧୦ମିଲିଲିଟର ନୂଆ ପ୍ୟାକେଜିଂରେ ରହିଛି ଏବଂ ଏଥିରେ ଲାଭେଣ୍ଡର, ତୁଳସୀ, ଚନ୍ଦନ, ଗୋଲାପ, ନେରୋଲି, ଲେମନଗ୍ରାସ୍, ଚା' ଗଛ, ୟେଲାଙ୍ଗ ୟେଲାଙ୍ଗ ଆଦି ଅନ୍ତର୍ଭୁକ୍ତ ରହିଛି। ସେହିଭଳି ଅତ୍ୟାବଶ୍ୟକ ତେଲକୁ ଗଛର ଆତ୍ମା ବୋଲି କୁହାଯାଏ ଏବଂ ପତ୍ର, ଫଳ, ଫୁଲ ଏବଂ ମଞ୍ଜି ଭଳି ଗଛର ବିଭିନ୍ନ ଅଂଶରୁ ଉତ୍ତୋଳନ କରାଯାଉଥିବା ଅତ୍ୟଧିକ କେନ୍ଦ୍ରୀଭୂତ ଅଣୁ କୁହାଯାଏ। ଏପରିକି ଆମର ଅତ୍ୟାବଶ୍ୟକ ତେଲ କେବଳ ସୌନ୍ଦର୍ଯ୍ୟ କିମ୍ବା ସୁସ୍ଥତା ଉତ୍ପାଦ ନୁହେଁ ବୋଲି ବ୍ଲୋସମ କୋଚର ଗ୍ରୁପ୍ ଅଫ୍ କମ୍ପାନୀର ଅଧ୍ୟକ୍ଷ ତଥା ଭାରତରେ ଆରୋମାଥେରାପିର ଅଗ୍ରଣୀ ଡ. ବ୍ଲୋସମ କୋଚର କହିଛନ୍ତି।

# ୧.୧୭ କୋଟି ଆଧାର ନିଷ୍କ୍ରିୟକଲା ୟୁଆଇଡିଏଆଇ

**ଭୁବନେଶ୍ୱର, ୧୭।୭(ଅନୁରାଧା ମହାରଣା)**

ଭାରତୀୟ ବିଶିଷ୍ଟ ପରିଚୟ ପ୍ରାଧିକରଣ(ୟୁଆଇଡିଏଆଇ) ୧.୧୭ କୋଟିରୁ ଅଧିକ ୧୨ ଅଙ୍କ ବିଶିଷ୍ଟ ଆଧାର ନମ୍ବରକୁ ନିଷ୍କ୍ରିୟ କରିଛି। ମୃତ ବ୍ୟକ୍ତିଙ୍କ ଆଧାର ନମ୍ବରର ଅପବ୍ୟବହାର ରୋକିବା ପାଇଁ ଏହି ପଦକ୍ଷେପ ନିଆଯାଇଛି। ଏହି ଉଦ୍ଦେଶ୍ୟରେ ୟୁଆଇଡିଏଆଇ ମାଇଁ ଆଧାର ପୋର୍ଟାଲରେ ଏକ ନୂଆ ସେବା 'ରିପୋର୍ଟିଂ ଅଫ୍ ଡେଥ୍ ଅଫ୍ ଏ ଫ୍ୟାମିଲି ମେମ୍ବର' ଆରମ୍ଭ କରିଛି। ଏହା ୨୪ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଉପଲବ୍ଧ। ଏହି ସେବା ମାଧ୍ୟମରେ ପରିବାରର କୌଣସି ସଦସ୍ୟଙ୍କ ମୃତ୍ୟୁ ହେଲେ ତାଙ୍କ ଆଧାର ନମ୍ବର ନିଷ୍କ୍ରିୟ କରିବା ପାଇଁ ପୋର୍ଟାଲରେ ସୂଚନା ଦିଆଯାଇ ପାରିବ। ୟୁଆଇଡିଏଆଇ ପକ୍ଷରୁ ଜାରି ଏକ ବିବୃତି ଅନୁସାରେ, ଆଧାର ଡେଟାବେସ୍‌ର ସଠିକତା ବଜାୟ ରଖିବା ପାଇଁ ବିଭିନ୍ନ ସ୍ରୋତରୁ ମୃତ୍ୟୁ ରେକର୍ଡ ସଂଗ୍ରହ କରାଯାଉଛି ଏବଂ ଯଥାର୍ଥ ଯାଞ୍ଚ ପରେ ଆଧାର ନମ୍ବରକୁ ନିଷ୍କ୍ରିୟ କରାଯାଉଛି। ୟୁଆଇଡିଏଆଇ ରେଜିଷ୍ଟ୍ରାର ଜେନେରାଲ ଅଫ୍ ଇଣ୍ଡିଆ (ଆର୍‌ଜିଆଇ)ଙ୍କୁ ଆଧାର ନମ୍ବର ସହ ଜଡ଼ିତ ମୃତ୍ୟୁ ରେକର୍ଡ ଅଂଶୀଦାର କରିବାକୁ ଅନୁରୋଧ କରିଛି। ସିଭିଲ ରେଜିଷ୍ଟ୍ରେଶନ ସିଷ୍ଟମ (ସିଆର୍‌ଏସ୍) ମାଧ୍ୟମରେ ୨୪ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ପ୍ରାୟ ୧.୫୫ କୋଟି ମୃତ୍ୟୁ ରେକର୍ଡ ପ୍ରାପ୍ତ ହୋଇଛି, ଯେଉଁଥିରୁ ୧.୧୭ କୋଟି ଆଧାର ନମ୍ବର ଯାଞ୍ଚ ପରେ ନିଷ୍କ୍ରିୟ କରାଯାଇଛି। ଏବେ ମଧ୍ୟ ପ୍ରାୟ ୬.୭ ଲକ୍ଷ ମୃତ୍ୟୁ ରେକର୍ଡ ଆଧାରରେ ଆଧାର ନମ୍ବର ନିଷ୍କ୍ରିୟକରଣ ପ୍ରକ୍ରିୟା ଜାରି ରହିଛି। 'ରିପୋର୍ଟିଂ ଅଫ୍ ଡେଥ୍ ଅଫ୍ ଏ ଫ୍ୟାମିଲି ମେମ୍ବର' ସେବା ଅନୁଯାୟୀ, ପରିବାରର ଜଣେ ସଦସ୍ୟଙ୍କ ମୃତ୍ୟୁ ହେଲେ ତାଙ୍କ ପରିବାରର ଅନ୍ୟ ସଦସ୍ୟଙ୍କୁ ମୃତକଙ୍କ ସହ ସମ୍ପର୍କର ପ୍ରମାଣ ଦାଖଲ କରିବାକୁ ପଡ଼ିବ। ପୋର୍ଟାଲରେ ମୃତକଙ୍କ ଆଧାର ନମ୍ବର, ମୃତ୍ୟୁ ପଞ୍ଜୀକରଣ ନମ୍ବର ଏବଂ ଅନ୍ୟାନ୍ୟ ବିବରଣୀ ପ୍ରଦାନ କରାଯିବ।


**GOVERNMENT OF ODISHA** No.B-308:
**OFFICE OF THE SUPERINTENDING ENGINEER**
**MALKANGIRI (R&B) DIVISION, MALKANGIRI**
**E-Procurement Notice**
Bid Identification No. S.E. (R&B)-MLK-07/2025-26
No.3963 Date:14.07.2025

1. Name of the Work : Building Work
2. Total No. of Works : 02 Nos.
3. Estimated Cost : From Rs.80.84 Lakhs to 85.88 Lakhs
4. Period of Completion : 04 (Four) Months
5. Date & Time of availability of bid document in the portal : From 11.00 hrs. of 21.07.2025 To 16.00 hrs. of 01.08.2025
6. Last date/time for receipt of bids in the portal : 16.00 hours of 01.08.2025
7. Date of Opening of Tender : 11.00 hours of 02.08.2025
8. Name and address of the Officer Inviting Bid : Superintending Engineer Malkangiri (R&B) Division

**Further details can be seen from the e-procurement portal https://tendersorissa.gov.in.**

Sd./- Superintending Engineer
Malkangiri (R&B) Division
OIPR-34063/11/0015/2526



**OFFICE OF THE DIRECTOR, TEXT BOOK PRODUCTION & MARKETING, BHUBANESWAR-I**
E-mail: directortbpmodisha@gmail.com, Tel-0674-2380871
No.n-106 **E-PROCUREMENT NOTICE**
No.5338/TBPM Date:17.07.2025

| | | |
|---|---|---|
| 1 | Description of Tenders | i. 70 GSM Maplitho virgin pulp with Water Mark Reel Paper<br>ii. 170 GSM Glossy Art Cover Paper |
| 2 | Date & Time of availability of bid documents in portal:- | |
| | Start Date for applying Bids online | Dt.18.07.2025 |
| | Last date for applying Bids online | Dt.07.08.2025 (05.00 P.M.) |
| | Opening of the technical Bids | Dt.08.08.2025 |
| 3. | Name & address of the O.I.T. | O/o the Director, Text Book Production & Marketing, Bhubaneswar-753001 |

Further details regarding downloading of Bid documents, on-line participation can be seen from the e-procurement portal http://tendersodisha.gov.in.

Sd./- Director
Text Book Production & Marketing,
Bhubaneswar
OIPR-27002/11/0003/2526



**ODISHA STATE CIVIL SUPPLIES CORPORATION LTD.**
(A Govt. of Odisha Undertaking)
REGISTERED OFFICE : C/2, NAYAPALLI, BHUBANESWAR-751012
CIN : U51211OR1980SGC000894
Tel. No. : 0674-239539, Fax No. : 0674-2395291, Website : www.oscsc.in
Tender No. 9695/P-II/25/2025/PDS Dt.17.07.2025

**No.CAD-1159** : Manging Director, Odisha State Civil Supplies Corporation Ltd. invites tenders in Double Cover System through ONLINE MODE ONLY for the works below :

| | | |
|---|---|---|
| 1 | Name of the work | Selection and appointment of transport contractor for inter-district transportation of Custom Milled Rice (CMR) from source districts to recipient districts in the State of Odisha |
| 2 | Availability of bid document in the portal | From 19.07.2025 |
| 3 | Last Date / Time for receipt of bids in the portal | Dt.08.08.2025 up to 5.00 P.M. |
| 4 | Date/Time of Opening of Technical Bid | Dt.11.08.2025 at 11.00 A.M. |
| 5 | Name and address of the Officer Inviting Tender | Managing Director, OSCSC Ltd. C/2, Nayapalli, Bhubaneswar |

Tender Documents & other details can be seen from the e-procurement portal www.oscsc.in, www.foododisha.in & www.tendersodisha.gov.in. Amendments / corrigendum/cancellation/ retenders etc. if any shall be published only in above websites.

By Order of Managing Director
Sd./- General Manager (PDS)
OIPR-07002/11/0039/2526



**OFFICE OF THE SUPERINTENDING ENGINEER RWS&S DIVISION, BHUBANESWAR**
E-Mail : eebbsrrwss@gmail.com
**QUOTATION CALL NOTICE NO. 15 OF 2025-26**

**No.O-449** : Superintending Engineer, RWS&S Division, Bhubaneswar on behalf of the Governor of Odisha invites sealed quotations from interested reputed Travel Agencies / Tour Operators / individuals for providing One No. of vehicle (TUV300/Bolero/Sumo gold/Ertiga)/Equivalent Mileage etc. having seating capacity 6 Nos. including Driver which shall confirm to the Terms and Conditions (Appendix-A) for official use in O/o Engineer-in-Chief, RWS&S (O), Bhubaneswar on monthly rent basis **as per the following details**.

| Sl. No. | Nature of work | Hiring of vehicle for Office use of the Engineer-in-Chief, RWS&S (O), Bhubaneswar |
|---|---|---|
| 1 | No. of works | 01 (One) |
| 2 | Time for deployment | Three Years |
| 3 | Cost of bidding document | Rs.1000/- |
| 4 | Class of contractors eligible | Reputed Travel Agencies / Tour Operators / Private individuals |
| 5 | Availability of bids in the Office of Superintending Engineer, RWS&S Division, Bhubaneswar | From **dt.21.07.2025 (11.00 A.M.) to dt.30.07.2025 (11.00 A.M.)** |
| 6 | Last date and time for submission of Quotation papers in the Quotation box kept in the Office of the Superintending Engineer, RWS&S Division, Bhubaneswar | **Dt.30.07.2025 (4.00 P.M.)** |
| 7 | Date & Time of opening of bids | On **dt.31.07.2025 (11.00 A.M.)** in the Office of the Superintending Engineer, RWS&S Division, BBSR |

Subsequent corrigendum if any shall display in the Office Notice Board.

Executive Engineer,
RWS&S Division, Bhubaneswar
OIPR-25011/11/0028/2526



**ODISHA PUBLIC SERVICE COMMISSION CUTTACK**
**NOTICE**
**No. 5093 / P.S.C., Dt. 17.07.2025**
**(1E-11-2024-25) (DR-II)**
**Recruitment to the Post of Assistant Microbiologist**
**(Advt. No. 07 of 2023-24)**

**No.D-** : In continuation to this Office Notice No.4699/PSC, dtd.05.07.2025, it is for information of all concerned that, the **Document Verification and Skill Test in Computer Knowledge (Practical)** in respect of **10 provisionally qualified candidates** for recruitment to the post of **Assistant Microbiologist** in pursuant to Advertisement No. 07 of 2023-24 will be held on 23.07.2025 (Wednesday) at **Cuttack zone** as per the following programme:

**PROGRAMME FOR DOCUMENT VERIFICATION**

| Date & Time | Venue | Roll Nos. of Candidates |
|---|---|---|
| 23.07.2025 (Wednesday) 9.30 A.M. to 10.30 A.M. | KMBB Science Higher Secondary School Campus-II, Naranpur, Belagachia, Trisulia, CUTTACK-754005 | 100007, 100048, 100057, 100088, 100109, 100129, 100195, 100196, 100257 & 100280 = **10 Candidates** |

**N.B.-** The candidates are required to report **30 minutes before** the commencement of Document Verification.

**PROGRAMME OF SKILL TEST IN COMPUTER KNOWLEDGE (PRACTICAL)**

| Date | Venue | Time | Generation of printout of Answer Sheets |
|---|---|---|---|
| 23.07.2025 (Wednesday) | KMBB Science Higher Secondary School Campus-II, Naranpur, Belagachia, Trisulia, CUTTACK-754005 | 11.00 A.M. to 12.00 Noon | 12.00 Noon Onwards |

The candidates are required to download the **"Admission Certificate" & "Instructions to Candidates"** from website of the Commission **www.opsc.gov.in from 18.07.2025** onwards.

It is also made clear that the candidature of the candidates for the recruitment is **purely provisional**. The candidature is liable to rejection in the event of inadequacy /deficiency found at any stage before or after the verification of original certificate /documents and is subject to fulfilment of terms and conditions laid down in the Advertisement.

**THE CANDIDATES ARE REQUIRED TO SUBMIT THE FOLLOWING ORIGINAL CERTIFICATES ALONG WITH A SET OF SELF ATTESTED PHOTOCOPY OF THE FOLLOWING DOCUMENTS AT THE TIME OF VERIFICATION:-**

1. Hard copy of online Application Form mentioning Roll No. at the Top Right-Hand Corner. Application Forms are available in the website of the Commission.
The candidates are required to download the same using their respective **e-mail ID/Phone Number** and **password/ OTP** etc through OPSC e-Chayan Portal via www.opscechayan.in.
2. **Four (04) passport size photographs tagged** with the Application Form.
3. **H.S.C. or equivalent certificate** in support of declaration of age issued by the concerned Board/Council;
4. Bachelor's Degree Certificate issued by the recognized University/Institution.
5. Master's Degree in Microbiology Certificate from a University established in India by law or any other equivalent qualification recognized and notified by the Central Government for such purposes, wherever applicable.
6. Mark-lists in support of all the aforesaid Examination **i.e. (H.S.C to Master's Degree in Microbiology)** passed including fail marks, if any, issued by the Concerned Board/ University/ Institution.
7. **Conversion Certificate/ Conversion Formula** in case of award of "grade marks" from the concerned University indicating the actual equivalent percentage of marks and the conversion formula, wherever applicable.
8. Required **Odia Test pass certificate** issued within **12.06.2023**.
9. Caste Certificate by birth in support of claim as S.T, wherever applicable (please see & refer Note- 2 of the Advertisement). Concession meant for S.T is admissible to Scheduled Tribes of Odisha only;
10. **No Objection Certificate** issued by the competent authority, if applicable;
11. **Any proof of identity;**
12. **Attestation Form** duly filled-in by the candidate and signed by a Gazetted Officer (to be downloaded from the website of the Commission)
13. Any other documents as per Para-10 of the Advertisement.

The candidates are required to mention **"Submitted by me and Certified as genuine and has not been cancelled"** and put their **full signature and date on the same**.

OIPR-12002/11/0274/2526 Sd./- Secretary



**THE ODISHA AGRO INDUSTRIES CORPORATION LTD.**
(A Govt. of Odisha Undertaking)
95-Satya Nagar, Bhubaneswar-7
https://odishaagro.nic.in/
**Invitation for Bids**
**Bid Identification No. M.D. / OAIC - 56 (E & I)/2025-26**

**No.CAD-1149** : The Managing Director, Odisha Agro Industries Corporation Ltd., Bhubaneswar, on behalf of Governor of Odisha, invites percentage rate bids in double cover system in ONLINE MODE only, for the following works.

| Sl. No. | Name of the Work | Value of work (Excluding GST) | Bid Security (In ₹) | Cost of document | Period of completion | Class of Bidder |
|---|---|---|---|---|---|---|
| 1 | Construction of MPAG-cum-DTC building at CDAO Campus, Madhapur, Keonjhar | Rs.66,38,650/- | 1% i.e. Rs.66,400/- | ₹ 12,390/- | 6 (Six) Calendar Months | 'A' Class |

1. Bid documents such as DTCN / BOQ etc. can be seen / downloaded from the Govt. Website i.e. www.tendersorissa.gov.in, during the period **dt.17.07.2025 to 17.00 Hours of dt.05.08.2025**.
2. Online bids shall be received till **17.00 Hours of dt.05.08.2025**.
3. Bid Security amount & cost of bid document are to be remitted online through a process as mentioned in DTCN.
4. The technical bids will be opened at **11.30 Hours of dt.06.08.2025** in the office of the Managing Director, The Odisha Agro Industries Corporation Ltd., 95-Satyanagar, Bhubaneswar.
5. The bidder must possess compatible **Digital Signature Certificate (DSC)** of Class – II or Class – III.
6. The authority reserves the right to reject any or all bids without assigning any reason thereof.

Sd./- Managing Director
OAIC Ltd., Bhubaneswar
OIPR-01047/11/0054/2526

**ଏଫ୍‌ଏମ୍ ଛାତ୍ରୀ ମୃତ୍ୟୁ ଘଟଣା: ଆଇସିସି ସଦସ୍ୟଙ୍କୁ ହାଜର ନିର୍ଦ୍ଦେଶ**

ଭୁବନେଶ୍ୱର,୧୭।୭ (ସୁଚିସ୍ମିତା ସାହୁ): ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀ ମୃତ୍ୟୁ ଘଟଣାରେ ଇଣ୍ଟରନାଲ କମ୍ପ୍ଲେନ କମିଟି (ଆଇସିସି)ର ସମସ୍ତ ସଦସ୍ୟଙ୍କୁ ହାଜର ହେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସଦସ୍ୟମାନେ ୧୮ ତାରିଖ ପୂର୍ବାହ୍ନ ୧୧ଟା ୩୦ ଏବଂ ୧୯ ତାରିଖ ପୂର୍ବାହ୍ନ ୧୦ଟାରେ ବ୍ୟକ୍ତିଗତ ଭାବେ ଏଫ୍‌ଏମ୍ କଲେଜରେ ହାଜର ହେବାକୁ ଭାରପ୍ରାପ୍ତ ଅଧ୍ୟକ୍ଷଙ୍କୁ ବାଲେଶ୍ୱର ଶିକ୍ଷା ନିର୍ଦ୍ଦେଶାଳୟ ନିର୍ଦ୍ଦେଶ ଦେଇଛି। ଆହତ ସଦସ୍ୟ ଜ୍ୟୋତିପ୍ରକାଶ ବିଶ୍ୱାଳଙ୍କୁ ଛାଡ଼ି କମିଟି ସଭାପତି ଡ. ଜୟଶ୍ରୀ ମିଶ୍ରଙ୍କ ସମେତ ଅନ୍ୟ ୯ ଜଣଙ୍କୁ ହାଜର ହେବାକୁ ନିର୍ଦ୍ଦେଶ ରହିଛି। ସୂଚନାଯୋଗ୍ୟ, ଏହି କମିଟି ଉଚ୍ଚଶିକ୍ଷା ନିର୍ଦ୍ଦେଶକଙ୍କ ଅଧ୍ୟକ୍ଷତାରେ ଗଠିତ ହୋଇଛି।



# ଆଜି ପ୍ରକାଶ ପାଇବ +୨ ଇନ୍‌ଷ୍ଟାଣ୍ଟ ପରୀକ୍ଷାଫଳ

**ଭୁବନେଶ୍ୱର,୧୭।୭(ସୁଚିସ୍ମିତା ସାହୁ)**

ଯୁକ୍ତ ୨ ଇନ୍‌ଷ୍ଟାଣ୍ଟ ପରୀକ୍ଷାଫଳ ଶୁକ୍ରବାର ଅପରାହ୍ନ ୪ଟା ୩୦ରେ ପ୍ରକାଶ ପାଇବ ବୋଲି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ପକ୍ଷରୁ ସୂଚନା ଦିଆଯାଇଛି। ଛାତ୍ରୀଛାତ୍ରମାନେ ଅପରାହ୍ନ ୫ଟାରୁ https://results.odisha.gov.in/ ୱେବସାଇଟ୍‌ରେ ପରୀକ୍ଷାଫଳ ଦେଖିପାରିବେ। ଚଳିତବର୍ଷ ସମୁଦାୟ ୧୦୦୯ ପିଲା ପରୀକ୍ଷା ଦେବାକୁ ପଞ୍ଜୀକରଣ କରିଥିଲେ। ତନ୍ମଧ୍ୟରେ କଳାରେ ସର୍ବାଧିକ ୪୯୫ ଛାତ୍ରୀଛାତ୍ର ରହିଥିବାବେଳେ ବିଜ୍ଞାନରେ ୩୪୯, ବାଣିଜ୍ୟରେ ୧୩୩ ଓ ଧନ୍ଦାମୂଳକ ଶିକ୍ଷାରେ ୩୨ ଜଣ ଅଛନ୍ତି। ଜଣେ ପିଲା ପରୀକ୍ଷା ଦେଇ ନ ଥିବାବେଳେ ଅବଶିଷ୍ଟ ୧୦୦୮ ଜଣ ପରୀକ୍ଷା ଦେଇଥିବା ପରୀକ୍ଷା ନିୟନ୍ତ୍ରକ ଡ. ପ୍ରଶାନ୍ତ କୁମାର ପରିଡ଼ା ଗୁରୁବାର ସୂଚନା ଦେଇଛନ୍ତି।

# ଟ୍ରଲିକୁ ଧକ୍କା ଦେଲା ମାଲବାହୀ ଟ୍ରେନ୍: ଶ୍ରମିକ ମୃତ, ୨ ଆହତ

**ରାୟଗଡ଼ା,୧୭।୭ (ଆଶିଷ ରଞ୍ଜନ ପଣ୍ଡା)**

ରାୟଗଡା ରେଳ ଷ୍ଟେଶନ ୪ ନମ୍ବର ପ୍ଲାଟଫର୍ମରେ ଗୁରୁବାର ସକାଳେ ପାସେଞ୍ଜର ଟ୍ରେନ ଏକ ଲାଇଟ ମଟର ଟ୍ରଲିକୁ ଧକ୍କା ଦେବା ଫଳରେ ଜଣେ ଠିକା ଶ୍ରମିକଙ୍କ ମୃତ୍ୟୁ ଘଟିଛି। ଏହି ଦୁର୍ଘଟଣାରେ ୨ ଜଣ ଶ୍ରମିକ ଆହତ ହୋଇଛନ୍ତି। ମୃତ ଶ୍ରମିକ ହେଲେ ସୁନ୍ଦରଗଡ଼ ଜିଲାର ଦେବର୍ଷି କିସାନ (୨୦)। ଆହତ ଦ୍ୱୟ ହେଲେ ସୁଶାନ୍ତ ଦାସ ଓ ବାବୁଲା ଶାହା। ଉଭୟ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହୋଇ ଫେରିଥିବା ରେଳ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ତେବେ କେଉଁଠି ତ୍ରୁଟି ଯୋଗୁ ଏହି ଦୁର୍ଘଟଣା ଘଟିଲା ତାହାର ତଦନ୍ତ ଆରମ୍ଭ ହୋଇଛି। ଡିଆରଏମ୍ ଅମିତାଭ ସିଂଘଲଙ୍କ ସମେତ ବରିଷ୍ଠ ଅଧିକାରୀ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

# ଧାରଣାରୁ ଖସି ଓଲଟିଲା ମାଲବାହୀ ଟ୍ରେନ୍ ବଗି

**ଅଟକିଲା ବନ୍ଦେ ଭାରତ ଏକ୍ସପ୍ରେସ୍**

**ଯୋଡ଼ା,୧୭।୭(ମାନସ ମହାନ୍ତି)**

ଦକ୍ଷିଣ-ପୂର୍ବ ରେଳପଥର କେନ୍ଦୁଝର ଜିଲା ଦେଓଝର ଷ୍ଟେଶନ ନିକଟସ୍ଥ ରେଳ ଧାରଣାରେ ଗୁରୁବାର ଅପରାହ୍ନ ୩ଟାରେ ଏକ ମାଲବାହୀ ଟ୍ରେନ୍ ଧାରଣାରୁ ଖସିପଡ଼ିଛି। ଫଳରେ ୨ ବଗି ଓଲଟି ରେଳ ଧାରଣରେ ପଡ଼ିଛି। ବାଂଶପାଣି, ଦେଓଝର ରେଳ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଟ୍ରାକ୍ କ୍ଲିୟର କରିବା ପାଇଁ ଉଦ୍ୟମ ଚଳାଇଛନ୍ତି। ଡେପୁଟି ଟ୍ରାଫିକ୍ ଇନ୍ସପେକ୍ଟର ଏସ୍.ପି. ସିଂ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ଭାରି ମେଶିନ ସହାୟତାରେ ଟ୍ରାକ୍‌ରୁ ମାଲବାହୀ ଟ୍ରେନ୍‌କୁ ଉଠାଇବାକୁ ଚେଷ୍ଟା ଜାରି ରହିଛି। ଫଳରେ ଏହି ଲାଇନ ଦେଇ ଯାଉଥିବା ବନ୍ଦେ ଭାରତ ଟ୍ରେନ୍ ଡାଙ୍ଗୁଆପଶି-ଦେଓଝର ଷ୍ଟେଶନ ମଧ୍ୟରେ ଅଟକି ରହିଛି। ଡେପୁଟି ଟ୍ରାଫିକ୍ ଇନ୍ସପେକ୍ଟର ସିଂ କହିଛନ୍ତି, ଟ୍ରେନ୍‌ରେ ଖଣିଜ ବୋଝେଇ ହୋଇଥିଲା। ଟ୍ରେନ୍ ଅଖ ଓ ଚକ ଟ୍ରାକ୍‌ରୁ ବାହାରିଯାଇଥିବା ବେଳେ ଏହାର କାରଣ ଜଣାପଡ଼ିନାହିଁ। ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ୍‌ର ଲାଇନ କ୍ଲିଅର କରାଯାଇ ସନ୍ଧ୍ୟାରେ ଛଡ଼ା ଯାଇଥିବା ସେ କହିଥିଲେ।



ଓଲଟି ପଡ଼ିଥିବା ମାଲବାହୀ ଟ୍ରେନ୍ ବଗି।

# ଘରୋଇ ବିଶ୍ୱବିଦ୍ୟାଳୟ ହଷ୍ଟେଲରୁ ଛାତ୍ରଙ୍କ ମୃତଦେହ ଜବତ

**ଗୁଣପୁର,୧୭।୭ (ପ୍ରଦୀପ କୁମାର ପାଢ଼ୀ)**

ରାୟଗଡ଼ା ଜିଲା ଗୁଣପୁରସ୍ଥିତ ଏକ ଘରୋଇ ବିଶ୍ୱବିଦ୍ୟାଳୟରେ ଥିବା ହଷ୍ଟେଲରେ ଫ୍ୟାନରେ ଝୁଲୁଥିବା ଜଣେ ଛାତ୍ରଙ୍କ ମୃତଦେହକୁ ଗୁରୁବାର ମଧ୍ୟାହ୍ନରେ ପୋଲିସ ଜବତ କରିଛି। ମୃତ ଛାତ୍ର ହେଲେ ବାୟୋଟେକ୍‌ନିକ ବିଭାଗର ଦ୍ୱିତୀୟ ବର୍ଷର ଛାତ୍ର ହିମାଂଶୁ ହୋତା। ତାଙ୍କ ଘର ବାଲେଶ୍ୱର ଜିଲା ସୋର ଅଞ୍ଚଳରେ ବୋଲି ଜଣାପଡ଼ିଛି। ଗୁଣପୁର ପୋଲିସ ଏ ନେଇ ଏକ ମାମଲା ରୁଜୁ କରି ସାଇଣ୍ଟିଫିକ୍ ଟିମ୍ ସହାୟତାରେ ଘଟଣାର ତଦନ୍ତ କରୁଛି। ପୋଲିସ ପ୍ରାଥମିକ ତଦନ୍ତରୁ ଏହା ପ୍ରେମଜନିତ ଆତ୍ମହତ୍ୟା ନେଇ ସନ୍ଦେହ କରୁଛି।



ହିମାଂଶୁ ହୋତା

# ବିଏମ୍‌ସି ଘଟଣା ସମୟର ସ୍ୱର ଆଉ ଅପରାଜିତାଙ୍କର ନାହିଁ: ବିଜେଡି

**ଭୁବନେଶ୍ୱର,୧୭।୭(ସୁନିତ୍ ମିଶ୍ର)**

ଭାଜପା ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ସୌମ୍ୟାଶ୍ରୀଙ୍କ ଆତ୍ମାହୁତି ଘଟଣାରେ ଯେଉଁ ମନ୍ତବ୍ୟ ରଖିଛନ୍ତି ତାହା ଦୁର୍ଭାଗ୍ୟଜନକ ବୋଲି ବିଜେଡି ନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ କହିଛନ୍ତି। ଶଙ୍ଖ ଭବନଠାରେ ଗୁରୁବାର ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, ଅପରାଜିତା ଜଣେ ଭଉଣୀର ମୃତ୍ୟୁ ଉପରେ ଶସ୍ତା ରାଜନୀତି କରୁଛନ୍ତି। ତାଙ୍କର ମନ୍ତବ୍ୟ କେବଳ ସରକାରଙ୍କ ପିଠି ଥାପୁଡ଼େଇବା ପାଇଁ ଉଦ୍ଦିଷ୍ଟ। ଯେତେବେଳେ ସମଗ୍ର ରାଜ୍ୟର ଜନସାଧାରଣ ସୌମ୍ୟାଶ୍ରୀଙ୍କ ଦୁଃଖଦ ମୃତ୍ୟୁ ପାଇଁ ଦୁଃଖରେ ମ୍ରିୟମାଣ ହୋଇଛନ୍ତି ଅପରାଜିତା ନିଜ ଦଳର ସରକାରଙ୍କ ପ୍ରଶଂସାରେ ଶତମୁଖ ହୋଇଛନ୍ତି। ବିଏମ୍‌ସିରେ ଯେତେବେଳେ ତାଙ୍କ ଦଳର ଗୁଣ୍ଡାମାନେ ଅତିରିକ୍ତ କମିଶନରଙ୍କ ଉପରେ ଅମାନବୀୟ ଆକ୍ରମଣ କରିଥିଲେ ତାଙ୍କ ମନ୍ତବ୍ୟ ଗୋଟିଏ ପ୍ରକାରର ଥିଲା, ଏବେ ବାଲେଶ୍ୱର ଛାତ୍ରୀ ଆତ୍ମାହୁତି ଘଟଣାରେ ସ୍ୱର କାହିଁକି ଦବିଯାଉଛି ବୋଲି ବିଜେଡି ନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ ପ୍ରଶ୍ନ କରିଛନ୍ତି। ସ୍ନେହାଙ୍ଗିନୀ କହିଛନ୍ତି, ଅନ୍ୟ ଦଳର ଲୋକ ସୌମ୍ୟାଶ୍ରୀଙ୍କୁ ବିରୋଧକରି ଟାହିଟାପରା କରୁଥିଲେ, ଯାହା ତାଙ୍କୁ ଏପରି ଚରମ ପଦକ୍ଷେପ ନେବାକୁ ବାଧ୍ୟକଲା ବୋଲି ଭାଜପା କହୁଛି। ଏହି ମନ୍ତବ୍ୟ କେବଳ ରାଜନୀତି ପାଇଁ ଉଦ୍ଦିଷ୍ଟ। ରାଜ୍ୟରେ ଆପଣଙ୍କ ସରକାର ଅଛି, ଯିଏ ବି ଦୋଷୀ ତାଙ୍କୁ ଦଣ୍ଡ ଦିଅନ୍ତୁ। ଅନ୍ୟ ଉପରେ ଦୋଷ ଲଦି ମନ୍ତବ୍ୟ ଦେଇ ଘଟଣାକୁ ବିଭ୍ରାନ୍ତ କରନ୍ତୁ ନାହିଁ। ପୀଡ଼ିତାଙ୍କ ଏତଲା ଗ୍ରହଣକରି କ'ଣ ପାଇଁ ପୋଲିସ ମାମଲା ରୁଜୁକଲା ନାହିଁ ଓ ସେତେବେଳେ ଶାସକ ଦଳର କେଉଁ ନେତା ପୋଲିସ ଉପରେ ଚାପ ପକାଇଥିଲେ ତାହା ମଧ୍ୟ ତଦନ୍ତ ହେବାର ଆବଶ୍ୟକତା ରହିଛି ବୋଲି ସ୍ନେହାଙ୍ଗିନୀ କହିଛନ୍ତି। ଛାତ୍ରୀଙ୍କ ମୃତ୍ୟୁ ପରେ ଆପଣ ଶୂନ୍ୟ ସହନଶୀଳତା କଥା କହୁଛନ୍ତି, କିନ୍ତୁ ଯେତେବେଳେ ସେ ନ୍ୟାୟ ପାଇଁ ଦୁଆର ଦୁଆର ବୁଲୁଥିଲେ, ସେତେବେଳେ ସରକାର କ'ଣ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଥିଲେ। ପୀଡ଼ିତା ଛାତ୍ରୀ କଲେଜ ଅଧ୍ୟକ୍ଷଙ୍କୁ ଅଭିଯୋଗ କରିବା ବ୍ୟତୀତ ସାଂସଦ, ବିଧାୟକ, ଉଚ୍ଚଶିକ୍ଷା ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଥିଲେ। ନ୍ୟାୟ ନ ମିଳିଲେ ଆତ୍ମହତ୍ୟା କରିବେ ବୋଲି ସିଧାସଳଖ ଜଣାଇଥିଲେ ମଧ୍ୟ କେହି ତାଙ୍କ ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ନେଇ ନ ଥିଲେ। ନିଜ ସରକାରଙ୍କ ଅପାରଗତାକୁ ଲୁଚାଇବାକୁ ଯାଇ ବିଜେଡି ସରକାର ଓ ନବୀନ ପଟ୍ଟନାୟକଙ୍କୁ ଦୋଷ ଦିଆଯାଉଛି। କେବଳ ଏକ ଫୁଟ୍ ଓଭରବ୍ରିଜ୍ ବ୍ୟତୀତ ଏମ୍‌ପି ଭାବେ ଆଉ ବିଶେଷ କିଛି ବିଶେଷ ଉପଲବ୍ଧି ତାଙ୍କର ନାହିଁ। ତେଣୁ ସାଂସଦ ଆକ୍ଷେପ କରିବା ଛାଡ଼ି, ପୀଡ଼ିତା ଛାତ୍ରୀ କିପରି ନ୍ୟାୟ ପାଇବେ ସେ ଦିଗରେ ଧ୍ୟାନ ଦିଅନ୍ତୁ ବୋଲି ସ୍ନେହାଙ୍ଗିନୀ କହିଛନ୍ତି। ଏହି ଅବସରରେ ବିଜେଡିର ପୂର୍ବତନ ଏମ୍‌ପି ରାଜଶ୍ରୀ ମଲ୍ଲିକ ଉପସ୍ଥିତ ଥିଲେ।

# ବନ୍ୟାପାଣି ଦେଖିବାକୁ ଯାଇ ଭାସିଗଲେ ଛାତ୍ର

**ଢେଙ୍କିକୋଟ,୧୭।୭ (ନୀଳମଣି ମଣ୍ଡଳ)**

କେନ୍ଦୁଝର ଜିଲା ଢେଙ୍କିକୋଟ୍ ପୋଲିସ ବିଟ୍ ହାଉସ ଅନ୍ତର୍ଗତ ଭୋଳବେଡ଼ା ପଞ୍ଚାୟତ ରାଇକୁଦୁରରେ ବନ୍ୟାପାଣି ଦେଖିବାକୁ ଯାଇଥିବା ଜଣେ ଛାତ୍ର ଭାସିଯାଇ ମୃତ୍ୟୁବରଣ କରିଛନ୍ତି। ମୃତ ଛାତ୍ର ଜଣକ ହେଲେ କାଶୀସାହି ଚତୁରା ନାୟକଙ୍କ ପୁଅ ସଞ୍ଜୀବ କୁମାର ନାୟକ (୧୪)। ସେ ମନହରପୁର ପଞ୍ଚାୟତ ଡାଙ୍ଗୁଆ ଆଶ୍ରମ ସ୍କୁଲରେ ୮ମ ଶ୍ରେଣୀରେ ପଢୁଥିଲେ।

ପ୍ରକାଶ ଯେ, ସଞ୍ଜୀବ ଗୁରୁବାର ଘର ନିକଟ ଦେଇ ବୋହିଯାଇଥିବା କାଶିଆ ନାଳକୁ ବଢ଼ିପାଣି ଦେଖିବାକୁ ଯାଇଥିଲେ। ପୋଲ ଉପରେ ସାଇକେଲରେ ଯାଉଥିବା ସମୟରେ ଭାରସାମ୍ୟ ହରାଇ ନାଳକୁ ସାଇକେଲ ସହ ଖସି ପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାରକରି ପ୍ରଥମେ ଢେଙ୍କିକୋଟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ କୌଣସି ସୁବିଧା ନ ଥିବାରୁ ତାଙ୍କୁ ଘଟଗାଁ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ଖବର ପାଇ ଘଟଗାଁ ଥାନା ଆଇଆଇସି ପ୍ରଶାନ୍ତ ସାମଲଙ୍କ ନିର୍ଦ୍ଦେଶକ୍ରମେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମୃତଦେହ ପାଟଣା ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇ ତଦନ୍ତ ଜାରି ରହିଛି।

# ଆଶ୍ରମ ବିଦ୍ୟାଳୟରେ ଅଣଆଦିବାସୀ ଛାତ୍ରଙ୍କ ଆତ୍ମହତ୍ୟା

**ନୂଆପଡ଼ା,୧୭।୭ (ମକାରୁ ବେମାଲ)**

**ଭୟରେ ପିଲାଙ୍କୁ ନେଇଯାଉଛନ୍ତି ଅଭିଭାବକ**

ନୂଆପଡ଼ା ଜିଲା କୋମନା ବ୍ଲକ ଜଟଗଡ ପଞ୍ଚାୟତ ସାହାଜଟ ଆଶ୍ରମ ବିଦ୍ୟାଳୟରେ ଗୁରୁବାର ଅଷ୍ଟମ ଶ୍ରେଣୀରେ ପଢୁଥିବା ଜଣେ ଅଣ ଆଦିବାସୀ ଛାତ୍ର ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ଖଡିଆଳ ବ୍ଲକ ବଡମହେଶ୍ୱର ଗାଁର ଅଶ୍ୱିନୀ ବାଗ (୧୪)। ଏହି ଘଟଣାକୁ ନେଇ ଭୟଭୀତ ହୋଇପଡିଥିବା କେତେଜଣ ଅଭିଭାବକ ସେମାନଙ୍କ ପିଲାଙ୍କୁ ଘରକୁ ନେଇଯାଉଥିବା ଦେଖିବାକୁ ମିଳିଛି।

ସୂଚନା ମୁତାବକ ବୁଧବାର ରାତିରେ ଆଶ୍ରମର ସବୁ ଛାତ୍ରୀଛାତ୍ର ଖାଇ ହଷ୍ଟେଲରେ ଶୋଇଥିଲେ। ରାତି ପ୍ରାୟ ୧୦ଟା ସମୟରେ ଅଶ୍ୱିନୀ ବିଦ୍ୟାଳୟ ସମ୍ମୁଖରେ ଥିବା ଏକ ମହୁଲ ଗଛରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ହଷ୍ଟେଲର ଡମ୍ବରୁ ମାଝି ଏହା ଦେଖି ବିଦ୍ୟାଳୟର ସମସ୍ତ ଛାତ୍ର ଓ ଶିକ୍ଷକଙ୍କୁ ଜଣାଇଥିଲେ। ଖବର ପାଇ ଶିକ୍ଷକ ଓ ଛାତ୍ରମାନେ ଅଶ୍ୱିନୀଙ୍କୁ ଗଛରୁ ଉଦ୍ଧାର କରି ତରବୋଡ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତରବୋଡ ଫାଣ୍ଡି ଅଧିକାରୀ ଗୌରୀଶଙ୍କର ଦାସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କୋମନା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ରାଜ୍ୟ ସରକାରଙ୍କ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଦ୍ୱାରା ପରିଚାଳିତ ବିଦ୍ୟାଳୟରେ କିଭଳି ଜଣେ ଅଣ ଆଦିବାସୀ ଛାତ୍ର ଆଡ୍‌ମିଶନ ହୋଇ ହଷ୍ଟେଲରେ ରହି ପାଠ ପଢୁଥିଲେ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଛାତ୍ର ଆତ୍ମହତ୍ୟାର କାରଣ ଅସ୍ପଷ୍ଟ ରହିଛି। ଘଟଣା ପରେ ଅଭିଭାବକମାନେ ଭୟରେ ନିଜ ପିଲାଙ୍କୁ ଘରକୁ ନେଇ ଆସୁଛନ୍ତି। ଏହି ବିଦ୍ୟାଳୟରେ ୩୮୧ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ବେଳେ ଖବର ଲେଖାହେବା ସୁଦ୍ଧା ୨ ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଘରକୁ ଯାଇଥିବା ଜଣାପଡିଛି। ଏତେସବୁ ଘଟଣା ପରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କିମ୍ବା ବିଭାଗୀୟ ଅଧିକାରୀ ସ୍କୁଲରେ ଉପସ୍ଥିତ ନାହାନ୍ତି। ଶୁକ୍ରବାର ପୂର୍ବାହ୍ନ ୧୦ଟା ସମୟରେ ବିଦ୍ୟାଳୟ ପରିଚାଳନା କମିଟି, ଅଭିଭାବକ, ଶିକ୍ଷକ ଓ ବିଭାଗୀୟ ଅଧିକାରୀଙ୍କ ମଧ୍ୟରେ ଏ ନେଇ ଆଲୋଚନା ହେବ। ଆଲୋଚନାର ନିଷ୍କର୍ଷ ଅନୁଯାୟୀ ଅଭିଭାବକମାନେ ପିଲାଙ୍କୁ ବିଦ୍ୟାଳୟରେ ଛାଡିବେ କିମ୍ବା ଘରକୁ ନେଇଯିବେ ତାହା ଜଣାପଡିବ। ଏ ସଂକ୍ରାନ୍ତରେ ଜିଲା ମଙ୍ଗଳ ଅଧିକାରୀ ଦୀପ୍ତିମନ୍ତ ଭୋଇଙ୍କୁ ପଚାରିବାରୁ କୌଣସି ଉତ୍ତର ଦେଇ ନ ଥିଲେ।

# ୫ ନୂଆ ମହିଳା ଏନ୍‌ସିସି ବାଟାଲିୟନ ଖୋଲିବ

**ଭୁବନେଶ୍ୱର,୧୭।୭(ସୁଚିସ୍ମିତା ସାହୁ)**

ଓଡ଼ିଶାରେ ୫ଟି ନୂଆ ମହିଳା ନ୍ୟାଶନାଲ କ୍ୟାଡେଟ କରପ୍ସ (ଏନ୍‌ସିସି) ବାଟାଲିୟନ ଖୋଲିବା ପାଇଁ ଯୋଜନା କରାଯାଉଛି। ଏନେଇ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏନ୍‌ସିସି ନିର୍ଦ୍ଦେଶକ କର୍ଣ୍ଣେଲ ସତ୍ୟବ୍ରତ ସ୍ୱାଇଁଙ୍କୁ ଚିଠି ମାଧ୍ୟମରେ ପ୍ରସ୍ତାବ ଦେଇଛନ୍ତି। ଏଥିପାଇଁ ଆବଶ୍ୟକ ଭିତ୍ତିଭୂମି, ମାନବସମ୍ବଳ ଏବଂ ଏହାକୁ କାର୍ଯ୍ୟକାରୀ କରିବା ଲାଗି ରହିଥିବା ସମୟସୀମା ସମ୍ବନ୍ଧରେ ତଥ୍ୟ ପ୍ରଦାନ କରିବା ସକାଶେ ଓଡ଼ିଶା ଏନସିସି ନିର୍ଦ୍ଦେଶକଙ୍କୁ ଚିଠି ଲେଖାଯାଇଛି। ବିଶେଷକରି ଛାତ୍ରୀଙ୍କୁ ଅଧିକ ପ୍ରାଧାନ୍ୟ ଦିଆଯାଉଛି, ଯେପରି ସେମାନେ ଅଧିକ ସଂଖ୍ୟାରେ ଅଂଶଗ୍ରହଣ କରି ଆତ୍ମସୁରକ୍ଷା କରିବାକୁ ସକ୍ଷମ ହେବେ। ପୂର୍ବରୁ ଏନ୍‌ସିସି ଡିଜିଙ୍କ ସୂଚନା ଅନୁସାରେ ବର୍ତ୍ତମାନ ରାଜ୍ୟରେ ୬୩ ହଜାର ଏନ୍‌ସିସି କ୍ୟାଡେଟ ରହିଛନ୍ତି। ଏହି ସଂଖ୍ୟାକୁ ୯୦ ହଜାରରେ ପହଞ୍ଚାଇବା ପାଇଁ ଉଚ୍ଚଶିକ୍ଷା ବିଭାଗ ଲକ୍ଷ୍ୟ ରଖିଛି। ରାଜ୍ୟରେ ଏନ୍‌ସିସିର ବ୍ୟାପକ ସମ୍ପ୍ରସାରଣ ପାଇଁ ୫ଟି ନୂଆ ବାଟାଲିୟନ ଖୋଲିବାକୁ ପ୍ରସ୍ତାବ ଦିଆଯାଇଛି। ଏହି ପ୍ରସ୍ତାବକୁ କେନ୍ଦ୍ର ସରକାର ମଞ୍ଜୁରୀ ଦେଲେ ଯୁବପିଢ଼ିଙ୍କୁ ଶୃଙ୍ଖଳା, ନେତୃତ୍ୱ ଏବଂ ରାଷ୍ଟ୍ର ନିର୍ମାଣ ପାଇଁ ପ୍ରସ୍ତୁତ କରାଯାଇପାରିବ। ଏନ୍‌ସିସିରେ ଯୋଗଦେବାକୁ ଆଗ୍ରହୀ ଥିବା ଛାତ୍ରୀମାନେ ଏଥିରେ ସାମିଲ ହୋଇପାରିବେ। ଏଥିସହ ସହିତ କ୍ୟାଡେଟଙ୍କ ଦକ୍ଷତା ବିକାଶ ଓ ପ୍ରଶିକ୍ଷଣ ଉପରେ ଧ୍ୟାନ ଦିଆଯିବ। ରାଷ୍ଟ୍ର ନିର୍ମାଣ ପାଇଁ ଯୁବ ନେତୃତ୍ୱର ବିକାଶ ଏବଂ ଯୁବବର୍ଗଙ୍କ ଯୋଗଦାନ ଉପରେ ଗୁରୁତ୍ୱାରୋପ କରାଯିବ ବୋଲି ଚିଠିରେ ଉଲ୍ଲେଖ ରହିଛି।



ବ୍ରିଟେନ୍‌ର ବର୍କସାୟାରସ୍ଥିତ ୱିଣ୍ଡସୋର୍ କ୍ୟାଶେଲ୍‌ରେ ଅଫିସ୍ ଅଫ୍ ଦି ବ୍ରିଟିଶ୍ ଏମ୍ପାୟାର(ଓବିଇ) ଏବଂ ଅର୍ଡର ଅଫ୍ ଦି ବ୍ରିଟିଶ୍ ଏମ୍ପାୟାର(ଏମ୍‌ବିଇ) ମେଡାଲ ଗ୍ରହଣ କରିବା ପରେ ପ୍ରଦର୍ଶନ କରୁଛନ୍ତି ଗାୟିକା ଲିଓନା ଲିୱିଶ୍ ଓ ମିଲିନେ କ୍ଲାସ୍।

# ହାଇକୋର୍ଟଙ୍କ ଆଦେଶ ପାଳନ ନ ହେବାରୁ ଅଦାଲତ ଅବମାନନା

**କଟକ,୧୭।୭ (କାର୍ତ୍ତିକ ସାହୁ)**

**ରାଜ୍ୟର ୪୫ ରକ୍ତଭଣ୍ଡାରରେ ନାଟ୍ ପିସିଆର ପରୀକ୍ଷା ପ୍ରସଙ୍ଗ**

**୨ ସପ୍ତାହ ମଧ୍ୟରେ ସତ୍ୟପାଠ ଦାଖଲ କରିବେ ସ୍ୱାସ୍ଥ୍ୟ ସଚିବ**

ରକ୍ତଭଣ୍ଡାରଗୁଡ଼ିକରେ ନାଟ୍ ପିସିଆର ପରୀକ୍ଷା ସୁବିଧା କରାଇବା ନିମନ୍ତେ ହାଇକୋର୍ଟଙ୍କ ଆଦେଶ କାର୍ଯ୍ୟକାରୀ ନ ହେବାରୁ ଅଦାଲତ ଅବମାନନା ରୁଜୁ କରିଛନ୍ତି ଆଇନଜୀବୀ ପ୍ରବୀର କୁମାର ଦାସ। ହାଇକୋର୍ଟ ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଓ ବିଚାରପତି ମୁରାହରି ଶ୍ରୀରମଣଙ୍କ ଖଣ୍ଡପୀଠ ଗୁରୁବାର ମାମଲାର ପ୍ରାଥମିକ ଶୁଣାଣି କରିଛନ୍ତି। ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବ ଆସନ୍ତା ୨ସପ୍ତାହ ମଧ୍ୟରେ ଏହି ପ୍ରସଙ୍ଗରେ ସତ୍ୟପାଠ ଦାଖଲ କରିବାକୁ ଖଣ୍ଡପୀଠ ଆଦେଶ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ନିମନ୍ତେ ଅଗଷ୍ଟ ୪ ତାରିଖକୁ ଧାର୍ଯ୍ୟ ହୋଇଛି। ମାମଲାର ବିବରଣୀ ଅନୁଯାୟୀ, ରାଜ୍ୟ ସରକାର ୨୦୨୩ ମେ' ୧ରେ ହାଇକୋର୍ଟରେ ଦାଖଲ କରିଥିବା ସତ୍ୟପାଠରେ ଦର୍ଶାଇଥିଲେ ଯେ, ରାଜ୍ୟରେ ଥିବା ୫୬ଟି ସରକାରୀ ରକ୍ତଭଣ୍ଡାର ମଧ୍ୟରୁ ୧୧ଟିରେ ନ୍ୟୁକ୍ଲିକ୍ ଏସିଡ୍ ଟେଷ୍ଟ (ନାଟ୍ ପିସିଆର୍) ବ୍ୟବସ୍ଥା କାର୍ଯ୍ୟକାରୀ ହେଉଛି। ରାଜ୍ୟର ଅବଶିଷ୍ଟ ୪୫ଟି ବ୍ଲଡ୍ ବ୍ୟାଙ୍କରେ ଏହି ପରୀକ୍ଷା ବ୍ୟବସ୍ଥା ଉପଲବ୍ଧ କରାଇବା ପାଇଁ ୨୦୦ କୋଟି ଟଙ୍କା ଖର୍ଚ୍ଚ ହେବ ଓ ଏଥିପାଇଁ ଅର୍ଥ ମଞ୍ଜୁରୀ ପ୍ରକ୍ରିୟା ଚାଲୁ ରହିଛି। ହାଇକୋର୍ଟର ତତ୍କାଳୀନ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଡ. ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଓ ବିଚାରପତି ମୁରାହରି ଶ୍ରୀରମଣଙ୍କ ଖଣ୍ଡପୀଠ ୨୦୨୩ ନଭେମ୍ବର ୩୦ରେ ମାମଲାର ଶୁଣାଣି କରି ମାର୍ଚ୍ଚ ୨୦୨୫ ସୁଦ୍ଧା ନାଟ୍ ପିସିଆର୍ ପରୀକ୍ଷା ସୁବିଧା ନିଶ୍ଚିତ କରାଇବାକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଅଦ୍ୟାବଧି ଏହି ବ୍ୟବସ୍ଥା ହୋଇ ନ ଥିବାରୁ ପୁନଶ୍ଚ ଆଇନଜୀବୀ ପ୍ରବୀର କୁମାର ଦାସ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି।



ଆଇସ୍‌ଲାଣ୍ଡର ରେକ୍ ଜନେସ୍‌ସ୍ଥିତ ଏକ ଆଗ୍ନେୟଗିରିରୁ ଗୁରୁବାର ଲାଭା ଉଦ୍‌ଗିରଣ ବେଳର ଦୃଶ୍ୟ।

# ସତର୍କ କରାଇଲା ରାଜ୍ୟ ପରିବହନ ପ୍ରାଧିକରଣ

**କଟକ,୧୭।୭(କାର୍ତ୍ତିକ ସାହୁ)**

**ଆର୍‌ଟିଓ ଚାକିରି ପାଇଁ ମିଥ୍ୟା ବିଜ୍ଞାପନ**

ଆର୍‌ଟିଓ ଚାକିରି ସମ୍ପର୍କରେ କୌଣସି ମିଥ୍ୟା ବିଜ୍ଞାପନକୁ ବିଶ୍ୱାସ ନ କରିବା ପାଇଁ ଓଡ଼ିଶା ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ) ପକ୍ଷରୁ ଗୁରୁବାର ସତର୍କ କରାଇ ଦିଆଯାଇଛି। ପ୍ରାଧିକରଣ ପକ୍ଷରୁ ପ୍ରାପ୍ତ ସୂଚନା ଅନୁସାରେ, କେତେକ ସାମାଜିକ ଗଣମାଧ୍ୟମ ଏବଂ ୱେବ୍‌ସାଇଟ୍‌ରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ବିଭିନ୍ନ ପଦବୀରେ ଚାକିରି ସଂକ୍ରାନ୍ତରେ ମିଥ୍ୟା ବିଜ୍ଞାପନ ପ୍ରଚାର କରାଯାଉଥିବା ଦୃଷ୍ଟିକୁ ଆସୁଛି। ଏଭଳି ବିଜ୍ଞାପନଗୁଡ଼ିକ ମିଥ୍ୟା। ତେଣୁ ଜନସାଧାରଣ ଏଭଳି ୱେବ୍‌ସାଇଟ୍‌ଗୁଡ଼ିକରେ ଆସୁଥିବା ବିଜ୍ଞାପନରେ ବିଶ୍ୱାସ କରି ଠକାମିର ଶିକାର ହୁଅନ୍ତୁ ନାହିଁ। ଜନସାଧାରଣଙ୍କ ସଚେତନତା ନିମନ୍ତେ ପ୍ରେସ ବାର୍ତ୍ତା ମାଧ୍ୟମରେ ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ ଏଭଳି ସ୍ପଷ୍ଟତା ରଖାଯାଉଛି। ଅନେକ ନିରୀହ ଚାକିରି ଆଶାୟୀଙ୍କୁ ୱେବ୍‌ସାଇଟ୍‌ରେ ମିଥ୍ୟା ବିଜ୍ଞାପନ ଦେଇ ଠକେଇ ହେଉଛି। ଅନେକ ଲୋକ ଏହି ଠକାମିର ଶିକାର ହେଉଥିବା ଅଭିଯୋଗ ଆସୁଛି। ତେଣୁ ଏହାକୁ ଦୃଷ୍ଟିରେ ରଖି ଗଣମାଧ୍ୟମ ଜରିଆରେ ନିବେଦନ କରାଯାଉଛି, ଏଭଳି କୌଣସି ବିଜ୍ଞାପନକୁ ସତ ଭାବନ୍ତୁ ନାହିଁ। କେବଳ ସରକାରଙ୍କ ଦ୍ୱାରା ଆନୁଷ୍ଠାନିକ ପ୍ରକ୍ରିୟା ମାଧ୍ୟମରେ ହିଁ ଚାକିରି ସମ୍ପର୍କରେ କୌଣସି ବିଜ୍ଞାପନ ପ୍ରକାଶିତ ହୋଇଥାଏ। ଏଥିପାଇଁ ସରକାରଙ୍କ ଏକ ବିଶେଷ ପ୍ରକ୍ରିୟା ରହିଛି। ହ୍ୱାଟ୍ସଆପ୍‌କୁ ବିଭିନ୍ନ ୱେବ୍‌ସାଇଟ୍‌ର ମିଥ୍ୟା ବିଜ୍ଞାପନ ଲିଙ୍କ ଆସିଲେ ଏହାର ସତ୍ୟତା ଯାଞ୍ଚ କରନ୍ତୁ। ଏଭଳି ମିଥ୍ୟା ୱେବ୍‌ସାଇଟ୍ ବିଜ୍ଞାପନ ମାଧ୍ୟମରେ ଚାକିରି ମିଳେ ନାହିଁ ବୋଲି ଏସ୍‌ଟିଏ ସ୍ପଷ୍ଟ କରୁଛି।

# ବାଲେଶ୍ୱର ଅତିରିକ୍ତ ଏସ୍‌ପିଙ୍କ ପୈତୃକ ଗ୍ରାମରେ ବିକ୍ଷୋଭ



ଢେଙ୍କାନାଳ ଜିଲ୍ଲା ଅଉଖମା ଗ୍ରାମରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ଢେଙ୍କାନାଳ,୧୭।୭ (ରତନ ନାୟକ)

**ଏଫ୍‌ଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ଆତ୍ମାହୁତି ଘଟଣା**

ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶି ଯୌନ ନିର୍ଯାତନା ଅଭିଯୋଗ ସମ୍ପର୍କରେ ବାଲେଶ୍ୱର ଅତିରିକ୍ତ ଏସ୍‌ପି ନିରଞ୍ଜନ ବେହେରାଙ୍କୁ ଅବଗତ କରିଥିଲେ ମଧ୍ୟ ତାହାକୁ ଅତିରିକ୍ତ ଏସ୍‌ପି ଚପାଇଦେବା ଏବଂ କାର୍ଯ୍ୟାନୁଷ୍ଠାନ ନେଇ ନ ଥିବା ଅଭିଯୋଗ କରିଛନ୍ତି ଅତିରିକ୍ତ ଏସ୍‌ପିଙ୍କ ପୈତୃକ ଗ୍ରାମର ବହୁ ବ୍ୟକ୍ତି। ଅତିରିକ୍ତ ଏସ୍‌ପି ବେହେରାଙ୍କ ନିଜ ଗ୍ରାମ ଢେଙ୍କାନାଳ ଜିଲ୍ଲା ସଦର ବ୍ଲକ ଭାପୁର ଫାଣ୍ଡି ଅଉଖମାରେ ଗୁରୁବାର ଏ ନେଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏପରି କି ଗ୍ରାମର ବହୁ ବ୍ୟକ୍ତି ଅତିରିକ୍ତ ଏସ୍‌ପି ବେହେରାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରି ବାଜା ବଜାଇ ବିକ୍ଷୋଭ ଶୋଭାଯାତ୍ରା କରିଥିଲେ। ସେହିପରି ଅଭିଯୁକ୍ତ ଅଧ୍ୟାପକ ସମୀର ସାହୁ ଓ ଅନ୍ୟତମ ପୋଲିସ ଅଧିକାରୀ ଅଜୟ ପୁର୍ଦ୍ଧୁଙ୍କ ବିରୋଧରେ ମଧ୍ୟ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଥିଲେ। ଏହି ଅବସରରେ ଅତିରିକ୍ତ ଏସ୍‌ପି ବେହେରାଙ୍କ କୁଶ ପୁତ୍ତଳିକା ଦାହ କରିବା ସହିତ କର୍ତ୍ତବ୍ୟରେ ଅବହେଳା ଯୋଗୁ ତାଙ୍କୁ ଚାକିରିରୁ ବହିଷ୍କାର ଓ ଗିରଫ କରିବା ପାଇଁ ଦାବି କରାଯାଇଥିଲା। ଗ୍ରାମ ସଭାପତି ସରୋଜ ମହାପାତ୍ର, ସମ୍ପାଦକ ନିରାକାର ସାହୁଙ୍କ ସମେତ ଗ୍ରାମର କେତେଜଣ ମହିଳା ଓ ପୁରୁଷ ଏହି ବିକ୍ଷୋଭରେ ସାମିଲ ହୋଇଥିଲେ। ପରବର୍ତ୍ତୀ ସମୟରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯିବ ବୋଲି ବିକ୍ଷୋଭ କରିଥିବା ସମ୍ପୃକ୍ତ ବ୍ୟକ୍ତିମାନେ ସୂଚନା ଦେଇଛନ୍ତି।

# ଓଡ଼ିଶା ବନ୍ଦ ବେଳେ ଉତ୍ତେଜନା

ଜଗତ୍‌ସିଂହପୁର, ୧୭।୭ (ପ୍ରମୋଦ କୁମାର ନାୟକ)

**ଜଗତ୍‌ସିଂହପୁର ବଙ୍ଗଳା ଛକରେ ହାତାହାତି**

ଏଫ୍‌ଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟର ବିଏଡ୍ ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମହତ୍ୟା ଘଟଣାକୁ ନେଇ ପ୍ରଦେଶ କଂଗ୍ରେସ କମିଟି (ପିସିସି) ପକ୍ଷରୁ ଗୁରୁବାର ଓଡ଼ିଶା ବନ୍ଦ ଡାକରା ଦିଆଯାଇଥିଲା। ଜଗତ୍‌ସିଂହପୁର ସହର ସମେତ ସମଗ୍ର ଜିଲାରେ ଏହାର ପ୍ରଭାବ ଦେଖିବାକୁ ମିଳିଛି। ବନ୍ଦ ପାଳନବେଳେ ସାମାନ୍ୟ ଉତ୍ତେଜନା ପ୍ରକାଶ ପାଇଛି। ସକାଳ ପ୍ରାୟ ୬ଟା ବେଳେ ଜଗତ୍‌ସିଂହପୁର ସହରରେ କଂଗ୍ରେସ ନେତା ଓ କର୍ମୀମାନେ ସ୍ଥାନୀୟ ବଙ୍ଗଳା ଛକରେ ରାସ୍ତାରୋକୋ କରୁଥିଲେ। ଏହି ସମୟରେ ଏକ ବାଇକ୍‌ରେ ୨ ଜଣ ଯୁବକ ଜଇପୁର ପଟୁ ଆସି ଏହାକୁ ବିରୋଧ କରିଥିଲେ। କେବଳ ଏତିକି ନୁହେଁ, ରାସ୍ତା ଛାଡ଼ିଲେ ସେମାନେ ଯିବେ ବୋଲି ଜିଦ୍ ଧରିଥିଲେ। ଏନେଇ ଜଣେ କଂଗ୍ରେସ କର୍ମୀ ସେମାନଙ୍କୁ ଅନ୍ୟ ରାସ୍ତାରେ ଯିବା ପାଇଁ ପରାମର୍ଶ ଦେଇଥିଲେ ସୁଦ୍ଧା ସେମାନେ ଶୁଣି ନ ଥିଲେ। ଏପରି କି ଗାଳିଗୁଲଜ କରିଥିବା କେତେଜଣ କଂଗ୍ରେସ କର୍ମୀ ସୂଚନା ଦେଇଛନ୍ତି। ଏହି ପ୍ରସଙ୍ଗକୁ ନେଇ ବାଇକ୍‌ରେ ଆସିଥିବା ଯୁବକଙ୍କ ମଧ୍ୟରୁ ଜଣେ ହେଲମେଟ୍‌ରେ ଆକ୍ରମଣ କରିଥିଲେ। ଏନେଇ କେତେଜଣ କଂଗ୍ରେସ କର୍ମୀ ସେମାନଙ୍କୁ ଦଳୀୟ ପତାକାରେ ମାଡ଼ ମାରିଥିଲେ। ସେଠାରେ ଉପସ୍ଥିତ ପୋଲିସ କର୍ମଚାରୀ ହସ୍ତକ୍ଷେପ କରିବା ପରେ ପରିସ୍ଥିତି ନିୟନ୍ତ୍ରଣକୁ ଆସିଥିଲା। ଏହାପରେ ଆନ୍ଦୋଳନ ଶାନ୍ତିପୂର୍ଣ୍ଣ ରହିଛି। ଏହି ପ୍ରସଙ୍ଗକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି।



ଜଣେ ଯୁବକ କଂଗ୍ରେସ କର୍ମୀଙ୍କୁ ହେଲମେଟ୍‌ରେ ଆକ୍ରମଣ କରୁଛନ୍ତି।


## ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା

(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠ ନଗର, ୟୁନିଟ୍ – ୮, ଭୁବନେଶ୍ୱର – ୭୫୧୦୧୨

ସଂଖ୍ୟା: ୧୩୩୨୦/IND-II-PH-୧୨୬୭ ତାରିଖ: ୧୬।୦୭।୨୦୨୫

**ବିଜ୍ଞାପନ**

No. CAD-1146: ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଶ୍ରୀମତୀ ପ୍ରଣତି ମିଶ୍ର, ଓଡ଼ିଶାର କଳାହାଣ୍ଡି ଜିଲ୍ଲା, କୋକସରା ତହସିଲ ଅନ୍ତର୍ଗତ ବଡିଗୁଡ଼ା ଗ୍ରାମରେ ୭.୬୮ ହେକ୍ଟର ପରିମିତ ଖଣି ଲିଜ ଅଞ୍ଚଳରେ ସ୍ଥିତ ମେସର୍ସ ପ୍ରଣତି ଏଣ୍ଟରପ୍ରାଇଜେସର ବଡିଗୁଡ଼ା କ୍ୱାର୍ଟଜାଇଟ ଖଣି ବ୍ଲକ ପାଇଁ ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ପାଇଁ ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ କର୍ତ୍ତୃପକ୍ଷ (State Environment Impact Assessment Authority (SEIAA)), ଓଡ଼ିଶା ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଆବେଦନ କରିଛନ୍ତି।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩(ଇ), ତା୧୪।୦୯।୨୦୦୬ରିଖ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି। ଏଥିନିମନ୍ତେ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁଁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁଁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁଁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତି ପତ୍ର ଆହ୍ୱାନ କରୁଛନ୍ତି। ଏଥିନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେକୌଣସି ବ୍ୟକ୍ତି।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତିବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା/ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣପଞ୍ଜୀକୃତ) ଯେକୌଣସି ବ୍ୟକ୍ତି ସମୂହଙ୍କ ସଂଘ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେକୌଣସି ସ୍ଥାନୀୟ କର୍ତ୍ତୃପକ୍ଷ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକଯୋଗେ ଜଣାଇପାରିବେ। ଏହାଛଡ଼ା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ ତା୧୯।୦୮।୨୦୨୫ରିଖ ଦିବା ୧୧.୦୦ ଘଟିକା ସମୟରେ କଳାହାଣ୍ଡି ଜିଲ୍ଲା, କୋକସରା ତହସିଲ ଅନ୍ତଗତ ବଡିଗୁଡ଼ା ଗ୍ରାମରେ ଖାତା ନଂ. ୨୩୮ (ରଖିତ), ପ୍ଲଟ ନଂ. ୩୮୧, କିସମ ଗୋଚରଠାରେ ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ୍ୟ ଉପସ୍ଥାପନ କରିପାରିବେ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ।

୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କଳାହାଣ୍ଡି।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, କଳାହାଣ୍ଡି।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟାଳୟ,କଳାହାଣ୍ଡି।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର – ୭୫୧୦୧୨।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ରାୟଗଡ଼ା।
୬. ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର।

ଏତଦ୍ ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍‌ସାଇଟ୍ **https://ospcboard.odisha.gov.in**ରୁ ମଧ୍ୟ ମିଳିପାରିବ।

ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, ରାୟଗଡ଼ା ସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।

ସଦସ୍ୟ ସଚିବଙ୍କ ଆଦେଶ ଅନୁଯାୟୀ
OIPR-08012/11/0306/2526 ସ୍ୱା./– ମୁଖ୍ୟ ପରିବେଶ ଯନ୍ତ୍ରୀ

## ODISHA TOURISM DEVELOPMENT CORPORATION LIMITED

(A Govt. of Odisha Undertaking)
PANTHANIVAS (OLD BLOCK) : LEWIS ROAD : BHUBANESWAR-14
INVITATIONS FOR BIDS (IFB)

Letter No.1517 Date : 15.07.2025

NOTICE INVITATION FOR BIDS (NIFB)

No.CAD-1125 E-Procurement Notice No. BP-I/14/2025-26 dt.15.07.2025

1. Nature of Work : Supply, Installation and Commissioning of HDPE floating jetty and other necessary infrastructure for enhancement of water sports at different places of Odisha.
2. Total No. of Works : 01 No.
3. Value of Works : Rs.289.36 lakhs
4. Bid Security : As per NIT
5. Class of Contractor : As per NIT
6. Period of Completion : 12 (Twelve) months
7. Other details as follows :

| Procurement Officer | Bid Identification No. | Availability of Bid online | | Date, Time & Place of Opening of Tender |
|---|---|---|---|---|
| Supt. Engineer, OTDC Ltd | BP-I/14/2025-26 dt.15.07.2025 | From 21.07.2025 | To 04.08.2025 | The technical bids will be opened in the office of the Superintending Engineer, OTDC Ltd, Bhubaneswar at 11.30 Hours of dt.05.08.2025 (As detailed in NIT) |

Further details can be seen from the Govt. Website www.etendersodisha.gov.in

Sd./- Supt. Engineer
O.T.D.C. Ltd., BBSR
OIPR-37002/11/0089/2526

## OFFICE OF THE SUPERINTENDING ENGINEER ADDITIONAL SPILLWAY DIVISION, BURLA-768017

Phone No. : 0663-2430080
'e' mail ID : (eeasdhirakud@gmail.com / seadditionalspillway@gmail.com)

No. 756 /Dated : 11.07.2025

**SHORT TENDER CALL NOTICE No.ASD-01/2025-26**

**No.A-** : The Superintending Engineer, Additional Spillway Division, Burla invites off-line bid in sealed single cover system in the prescribed form, on behalf of the Governor of Odisha from registered, reputed, financially sound and experienced manpower service provider for providing Outsourcing Personnel in the office of the Superintending Engineer, Additional Spillway Division, Burla. The details of the bidding process are as follows:

| Sl. No. | Name of the work | Amount Put to Tender (Rs. In Lakh) | Cost of bid document (in Rs.) | EMD (in Rs.) | Manpower | Nos. |
|---|---|---|---|---|---|---|
| 01 | Engagement of one (1) no. of Night Watchman-cum-Sweeper (Un-skilled) through outsourcing basis for office of the Superintending Engineer, Additional Spillway Division, Burla from 01.08.2025 to 31.03.2026 | 1,31,949/- | 600/- | 2000/- | Un-skilled | 01 |

| Sale of Bid Document | | Receipt of Bid | Opening of Bid |
|---|---|---|---|
| From | To | | |
| 15.07.2025 (11.00 A.M.) | 23.07.2025 (05.00 P.M.) | 24.07.2025 up to 05.00 P.M. | 25.07.2025 AT 11.30 A.M. |

1. The details are available in office of the Superintending Engineer, Additional Spillway Division, Burla during office hours and also in the websites https://dowr.odisha.gov.in and https://sambalpur.nic.in.
2. The Bid Document may be purchased by hand from office of the **Superintending Engineer, Additional Spillway Division, Burla** on any working day during office hours (except Govt. Holidays) on deposit of cost of tender document as indicated in the above table in shape of cash/ account payee Demand Draft (Non- refundable) from any Nationalized Bank drawn in favour of **Superintending Engineer, Additional Spillway Division, Burla**.
3. The Bid will be received and opened in the office of the **Superintending Engineer, Additional Spillway Division, Burla** as per the date and time indicated in the above table in the presence of the Bidders or their authorized representatives, if so they desire. If the last date of purchase of the Bid document/ date of receipt of Bid and date of opening of Bid happens to be a holiday, then the date will be deferred to the next working day, however, the time and venue shall remain unaltered.
4. Bids through Post/Courier/Fax/Telex/Telegram/e-mail will not be accepted.
5. Bids must be delivered in the tender box having identification No. **ASD-01/2025-26** at Additional Spillway Division, Burla.
6. An affidavit should be furnished by the bidders that the information and documents provided by him/ her are correct and genuine.
7. The Bids received in incomplete shape or after the schedule date and time fixed shall be summarily rejected.
8. The tender must be accompanied with Security Deposit/EMD of **Rs. 2000/-** in shape of NSC/ Post office time deposit account / Post office saving bank account / KVP/ unconditional and Irrevocable Bank Guarantee (BG) pledged in favour of Superintending Engineer, Additional Spillway Division, Burla in the standard format on any Nationalized/ Schedule Commercial Bank located anywhere in the country with Branches at Bhubaneswar with facility of authentication & encashment Burla / Sambalpur branch.
9. GST to be deducted as per prevailing rates or time to time as applicable.
10. The Bid Calling Authority reserves the absolute right to accept or reject any or all Bids without assigning any reason thereof.

Sd./- Superintending Engineer
Additional Spillway Division, Burla
OIPR-32414/11/0009/2526

## NOTICE INVITING TENDER

### Office of District Manager Odisha State Civil Supplies Corporation Ltd. (OSCSC), KALAHANDI

TENDER No. **1984, 1985, 1986, 1987, 1988, 1989, 1990, 1991, 1992, 1993, 1994, 1995, 1996, 1997** **Dated: 14.07.2025**
Cost of Tender Document:- Rs.5900/- Inclusive of GST for each RRC to Unit (Block/ULB) combination of the district.

**No.CAD-1130** : Online Tenders are invited from eligible bidders for selection and appointment of level-II contractor for transportation of Custom Milled Rice (CMR) from Rice Receiving Centre (RRC) to Retail Centre (FPS).

| | | |
|---|---|---|
| 1 | Availability of tender documents | From Date 16.07.2025 Downloadable from website : www.oscsc.in, www.foododisha.in & www.tendersodisha.gov.in |
| 2 | Date, time and venue for pre-bid conference | On dt 18.07.2025 at. 11.00 AM, in the office of th CCSO-cum-District Manager, OSCSC Ltd., Kalahandi, Bhawanipatna |
| 3 | Last date and time for online submission of completed Tender Documents with enclosures | Through e-Procurement Portal : www.tendersodisha.gov.in Up to 05.00 PM of dt.30.07.2025 |
| 4 | Date, time and venue for opening of Technical Bid by the Tender Committee | On dt 31.07.2025 at 11.00 AM, in the office of th CCSO-cum-District Manager, OSCSC Ltd., Kalahandi, Bhawanipatna |
| 5 | Date, time and venue of submission of original documents in support of scanned copies uploaded in the portal for verification | On dt 31.07.2025 at 11.00 AM, in the office of the CCSO-cum-District Manager, OSCSC Ltd., Kalahandi, Bhawanipatna |
| 6 | Date & time of Financial Bid opening by the Tender Committee (Only of Technically Qualified Bidders) | To be announced after technical bid evaluation. |
| 7 | Venue of the opening of Technical & Financial Bids | Office of the CCSO-cum-District Manager, OSCSC Ltd., Kalahandi, Bhawanipatna. |
| 8 | Validity Period | Tenders are to remain open for acceptance for 180 days inclusive of date of opening of tender. |
| 9 | Language of the Tender | The tender should be prepared by the bidder in English language only. |
| 10 | Help Desk telephone no | (i) OSCSC Ltd. :- District Manager :-9438200045 Accounts Head:- 9853772700 (ii) State Procurement Cell:- 0674-2530998 18003456765 |

**N.B:**
1. If the office happens to be closed on the date of opening of tenders, tenders will be opened on the next working day in the same time.
2. District Tender Committee reserves the right to cancel any/ all of the tenders at any time without assigning any reason thereof:
3. Further details can be obtained in the website www.tendersodisha.gov.in.
4. The bidder must deposit Tender Document Fee and EMD at the time of submission of tender through online payment gate way service.
5. Any amendment/ cancellation/ re-tender/ corrigendum please refer to the website www.tendersodisha.gov.in, www.oscsc.in &www.foododisha.in.

Sd./- District Manager
OSCSC Ltd., Kalahandi
OIPR-07068/11/0006/2526

## ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

ସଚିବାଳୟ ମାର୍ଗ, ଭୁବନେଶ୍ୱର–୭୫୧୦୦୧, ଫୋନ୍– (୦୬୭୪) ୨୩୯୩୫୨୪
ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ:(୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ www.oshb.org

ପତ୍ରସଂଖ୍ୟା ୧୧୬ ତା.୦୮.୦୭.୨୦୨୫

**ବିଜ୍ଞାପନ**

**No.CAD-1126**:ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଘର ନଂ.ଏମ୍‌ଆଇଜି–୧–୨୨, (MIG–I–22), କମ୍ପୋଜିଟ୍ ହାଉସିଂ ସ୍କିମ୍, ମୁକୁନ୍ଦ ପ୍ରସାଦ, ଖୋର୍ଦ୍ଧା ଗୃହ ନିର୍ମାଣ ପ୍ରକଳ୍ପରେ ଶ୍ରୀ ଅଜୟ କୁମାର ପଟ୍ଟନାୟକ, ପିତା–ସ୍ୱ ଉଦୟନାଥ ପଟ୍ଟନାୟକ, ସା–ଅରିଶଲ, ପୋ–କମାଗୁରୁ, ଥାନା–ଜଙ୍କିଆ, ଜିଲ୍ଲା–ଖୋର୍ଦ୍ଧାଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନଗ୍ରହୀତା ଶ୍ରୀ ଅଜୟ କୁମାର ପଟ୍ଟନାୟକ ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ସନ୍ଧ୍ୟାରାଣୀ ମହାନ୍ତି, ପିତା–ସ୍ୱ ଜୟକ୍ରିଷ୍ଣ ମହାନ୍ତି, ସା–ବାସେଲିସାହି, ଖୋର୍ଦ୍ଧା, ପୋ/ଥାନା–ଖୋର୍ଦ୍ଧା, ଜିଲ୍ଲା–ଖୋର୍ଦ୍ଧାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

ସ୍ୱା./– ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0744/2526

## ODISHA PUBLIC SERVICE COMMISSION CUTTACK

**NOTICE**

No. 5072/PSC., Dt. 16.07.2025
(1R-02-24/25)(DR-V)

**Assistant Professor (Stage-I) in Chemistry (Advertisement No.27 of 2023-24)**

**No.D-** : The candidates bearing following PPSAN whose date of Document Verification for the post of Assistant Professor (Stage-I), "Chemistry" were scheduled earlier to be held on **17.07.2025** has now been rescheduled due to proposed **"Odisha bandh"** on 17.07.2025 as per the Programme mentioned below :

**PROGRAMME OF DOCUMENT VERIFICATION**

| Date | Time of Verification | PPSAN |
|---|---|---|
| 18.07.2025 | 10.30 A.M. | P230183751, P230187205 & P240307795 = **03 Candidates** |
| | 2.30 P.M. | P230184887, P230185385 & P240302452 = **03 Candidates** |
| 19.07.2025 | 10.30 A.M. | P240306459, P240307971 & P230176824 = **03 Candidates** |
| | 2.30 P.M. | P230181139, P230183558 & P240282872 = **03 Candidates** |
| 21.07.2025 | 10.30 A.M. | P240309444, P240310076 & P220051297 = **03 Candidates** |
| | 2.30 P.M. | P220079765, P240298467 & P240299374 = **03 Candidates** |
| 22.07.2025 | 10.30 A.M. | P240304910, P240306087 & P240306632 = **03 Candidates** |
| | 2.30 P.M. | P240308559 & P230183028 = **02 Candidates** |

All other terms & conditions of the previous Notice No.4765/PSC, Dt.08.07.2025 remain unchanged

OIPR-12002/11/0273/2526 Sd./- Secretary

## Bhubaneswar Smart City Limited

5th Floor, BMC-ICOMC Tower, Bhoi Nagar, Unit-IX, Bhubaneswar-751022
E-mail Id: bbsr.bscl@gov.in, CIN:U74990OR2016PLC020016
Telephone-0674-2548428, 0674-2540811

No.893 BSCL/ 2025 Date:15.07.2025

**TENDER CALL NOTICE**

**No.C-676:**Bhubaneswar Smart City Limited (BSCL), Bhubaneswar invites sealed proposals for Selection of Agency for Parking Management Services at Multi-Level Car Parking, at Rajmahal & Saheed Nagar, Bhubaneswar Smart City Ltd., Bhubaneswar, Odisha.

| Sl. No. | Name of the Work | Bid Identification No. | Availability of Tender Document | |
|---|---|---|---|---|
| | | | From | To |
| 1 | Selection of Agency for Parking Management Services at Multi-level Car Parking, at Saheed Nagar, Bhubaneswar Smart City Ltd. | 886/ BSCL/2025 Dated 15.07.2025 | 17.07.2025 11.30 hr. | 05.08.2025 17.30 hr. |
| 2 | Selection of Agency for Parking Management Services at Multi-level Car Parking, at Rajmahal, Bhubaneswar Smart City Ltd. | 889/ BSCL/2025 Dated 15.07.2025 | 17.07.2025 11.30 hr. | 05.08.2025 17.30 hr. |

Further details can be seen from website https:/tendersodisha.gov.in. Any Corrigendum or Addendum, if any will not be published in newspaper and can only be seen in the above-mentioned website.

By Order Managing Director
Sd./- General Manager
Bhubaneswar Smart City Limited
OIPR-13070/11/0008/2526

## DISTRICT PROJECT OFFICE SAMAGRA SHIKSHA, KANDHAMAL

"MAIN ROAD PHULBANI-762001"
E-Mail : dpcssakandhamal@gmail.com, Ph. 06842-255480

**TENDER CALL NOTICE FOR SUPPLY OF TLM & EQUIPMENT**

(Physiotherapy, Auditory training, Speech Therapy, Mobility & Braille training, ADL & Behavioral Modification Training, Equipment & Furniture for Cluster Resource Centre, 10 No of PM SHRI Schools) of Kandhamal District

**No.2518/IE/Dated 15/07/2025**

**No.n-105** : Sealed tenders are invited in prescribed format from the intending registered Firms having valid PAN, GST registration certificate, experience &Valid Trade License certificate for supply of TLM & Equipment of (Physiotherapy, Auditory training, Speech Therapy, Mobility & Braille training, ADL & Behavioral Modification Training, Equipment & Furniture for Cluster Resource Centre, 10 No of PM SHRI Schools) of Kandhamal district, on payment of Rs.2000/- (Rupees two thousand) only as tender application cost. The tender paper/ bid document containing details specification with terms and conditions in two- part bidding system (application of technical bid in Part-A & application of financial bid in Part-B) which can be downloaded in website https://kandhamal.odisha.gov.in/ www.osepa.odisha.gov.in/.The tender document should reach to the office of the undersigned through registered post or speed post or physically in the office of DPC, SS, Kandhamal, only on or before Dt 11.08.2025 by 1 PM and the same will be opened on Dt 12.08.2025 at 11 AM in the office chamber of DPC, SS, Kandhamal in presence of all bidders or their authorized representatives.

By order of
Collector & DM Kandhamal
Sd./- DEO-cum-DPC
SS, Kandhamal
OIPR-27136/11/0011/2526

## DIRECTORATE OF PUBLIC HEALTH DEPARTMENT OF HEALTH & FAMILY WELFARE GOVERNMENT OF ODISHA

No. 4107/PH-MISC-35/2025 Dt. 14.07.2025

**TENDER NOTICE**

**No.E-235** : Sealed tenders are invited from the interested reputed Registered Travel Agencies / Tour Operators for providing 1 No. (one) of Swift Dezire Petrol Vehicle (New version) having registered in his/her name/Agency name, on monthly hiring basis in conformity to the terms & conditions of the tender for the purpose of official use in the Directorate of Public Health,Odisha Health & Family Welfare Department Odisha.The details of term & conditions of tender, general information, quoted price & documents will be made available in the office of the Directorate of Public Health,Odisha between 11 AM to 5 PM in any working day or can be downloaded from the web site of Govt. in Health & Family Welfare Department www.odisha.gov.in/health portal.

- Date of sale of Tender paper- 17.07.2025
- Last date receipt of Tender- 24.07.2025
- Date of Opening of Tender- 29.07.2025
- Address for Correspondence-

Directorate of Public Health, Odisha
Heads of Department Building,
Unit-V,Bhubaneswar, Pin-751001

The tender will be opened on scheduled date & time in the office chamber of the undersigned in the presence of supplier of their authorized reperesentives, In the event of the date being declared as holiday for Govt. of Odisha, the due date of submission of bids & opening of bids will be next working day. Any tender received after the due date & time will be rejected & returned to the sender unopened. The tender will be received through Regd. Post/Couriers Service / Speed Post only. The Authority reserves the right to reject any or all the tenders received without assigning any reason thereof.

Sd./- Director of Public Health, Odisha
OIPR-10001/11/0074/2526

## ODISHA PUBLIC SERVICE COMMISSION CUTTACK

**NOTICE**

No. 5066/PSC., Dt. 16.07.2025
(1R-12-24/25)(DR-V)

**Assistant Professor (Stage-I) in Home Science (Advertisement No.27 of 2023-24)**

**No.D-** : The candidates bearing following PPSAN whose date of Document Verification for the post of Assistant Professor (Stage-I), **"Home Science"** were scheduled earlier to be held on **17.07.2025** has now been rescheduled due to proposed **"Odisha bandh"** on 17.07.2025 as per the Programme mentioned below :

**PROGRAMME OF DOCUMENT VERIFICATION**

| Date | Time of Verification | PPSAN |
|---|---|---|
| 18.07.2025 | 10.30 A.M. | P240313026, P240304593, P240303619, P240297133 & P240297316 = **05 Candidates** |
| | 2.30 P.M. | P240304388, P240297801 & P240302777 = **03 Candidates** |
| 19.07.2025 | 10.30 A.M. | P240274088, P240309966, P240287919 & P240296650 = **04 Candidates** |
| | 2.30 P.M. | P240282956, P240304151 & P240302294 = **03 Candidates** |
| 21.07.2025 | 10.30 A.M. | P240307371, P240272485, P240255519 & P240285580 = **04 Candidates** |
| | 2.30 P.M. | P240310807, P240298411 & P240306610 = **03 Candidates** |

All other terms & conditions of the previous Notice No.4735/PSC, Dt.07.07.2025 remain unchanged

OIPR-12002/11/0271/2526 Sd./- Secretary

# ଟେନିସ୍ ଛାଡ଼ିବେ ଜେନି ବୋଚାର୍ଡ

**ମଣ୍ଟ୍ରିଲ, ୧୭।୭ (ଏପି):** କାନାଡାର ମହିଳା ଟେନିସ୍ ଖେଳାଳି ଜେନି ବୋଚାର୍ଡ ଟେନିସ୍‌ରୁ ଅବସର ନେବେ। ଚଳିତମାସରେ ମଣ୍ଟ୍ରିଲରେ ଅନୁଷ୍ଠିତ ହେବାକୁଥିବା ନ୍ୟାଶନାଲ ବ୍ୟାଙ୍କ୍ ଓପନ ଖେଳିବା ପରେ ତାଙ୍କ କ୍ୟାରିୟରର ଅନ୍ତ ଘଟିବ। ୩୧ ବର୍ଷୀୟ ଏହି ଖେଳାଳିଙ୍କୁ ଟୁର୍ନାମେଣ୍ଟ ପାଇଁ ୱାଇଲ୍ଡ କାର୍ଡ ମିଳିଛି। ଟେନିସ କାନାଡା ପକ୍ଷରୁ ଏହି ସୂଚନା ଦିଆଯାଇଛି। ବୋଚାର୍ଡ ତାଙ୍କ କ୍ୟାରିୟରରେ ଥରେ ୱିମ୍ବଲଡନ ଫାଇନାଲରେ ପ୍ରବେଶ କରିଥିବା ବେଳେ ୨୦୧୪ରେ ସେ ଅନ୍ୟ ଦୁଇଟି ଗ୍ରାଣ୍ଡସ୍ଲାମର ସେମିଫାଇନାଲ ପର୍ଯ୍ୟନ୍ତ ଉନ୍ନୀତ ହୋଇ ପାରିଛନ୍ତି। ବୋଚାର୍ଡ ଡବ୍ଲ୍ୟୁଟିଏ ର୍‍ୟାଙ୍କିଂରେ ୫ ନମ୍ବର ସ୍ଥାନ ପର୍ଯ୍ୟନ୍ତ ଯାଇ ପାରିଛନ୍ତି। ୨୦୧୪ରେ ସେ ତାଙ୍କର ଏକ ମାତ୍ର ଟାଇଟଲ ହାସଲ କରିପାରିଛନ୍ତି। ସେହିବର୍ଷ ସେ ଅଷ୍ଟ୍ରେଲିଆନ ଓପନ ଓ ଫ୍ରେଞ୍ଚ ଓପନ ସେମିଫାଇନାଲରେ ପ୍ରବେଶ କରିବା ସହ ୱିମ୍ବଲଡନ ଫାଇନାଲରେ ପେଟ୍ରା କ୍ୱିଟୋଭାଙ୍କଠାରୁ ହାରିଯାଇଥିଲେ। ୨୦୧୫ରେ ସେ ଅଷ୍ଟ୍ରେଲିଆନ ଓପନ କ୍ୱାର୍ଟରଫାଇନାଲିଷ୍ଟ ଥିଲେ। ମାତ୍ର ସେହିବର୍ଷ ୟୁ.ଏସ୍. ଓପନରେ ଓଦା ଲକର ରୁମ୍‌ରେ ଗୋଡ଼ ଖସିଯିବାରୁ ତାଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିଥିଲା। ସେ ପ୍ରତିଯୋଗିତାର ୪ର୍ଥ ରାଉଣ୍ଡ ମ୍ୟାଚ୍‌ରୁ ଓହରିଯିବା ଲାଗି ବାଧ ହୋଇଥିଲେ। ଏହି ଘଟଣାକୁ ନେଇ ସେ ୟୁଏସ ଟେନିସ ଆସୋସିଏଶନ ନିକଟରେ ଏକ ଅଭିଯୋଗ କରିଥିଲେ। ବିଚାରକ ମଣ୍ଡଳୀ ଆୟୋଜକଙ୍କୁ ୭୫% ଏବଂ ବୋଚାର୍ଡଙ୍କୁ ୨୫ପ୍ରତିଶତ ଦାୟୀ କରିଥିଲା।



# ୟାମାଲ ବାର୍ସେଲୋନାର ନଂ.-୧୦ ଜର୍ସି ପିନ୍ଧିବେ

**ବାର୍ସେଲୋନା, ୧୭।୭ (ଏପି):** ଲାମିନ ୟାମାଲ ଆଗାମୀ ସିଜନରୁ ବାର୍ସେଲୋନାର ନଂ-୧୦ ଜର୍ସି ପିନ୍ଧିବେ। ଡିଏଗୋ ମାରାଡୋନା, ରୋନାଲ୍ଡିନୋ ଓ ଲିଓନେଲ ମେସିଙ୍କ ଭଳି ମହାନ୍ ଖେଳାଳି ଦୀର୍ଘ ବର୍ଷ ଧରି ଏହି ଆଇକନିକ୍ ଜର୍ସି ପିନ୍ଧି ଖେଳିଥିଲେ।

ମୁଁ ମୋ ପଥ ନିଜେ ତିଆରି କରିବାକୁ ଚେଷ୍ଟା କରିବି। କିନ୍ତୁ ସବୁ ଛୁଆମାନେ ସେମାନଙ୍କ ଭଳି ହେବାକୁ ଚାହାନ୍ତି। ସେମାନେ ସମସ୍ତେ ଚମତ୍କାର ଖେଳାଳି ଥିଲେ। ସେମାନେ କିମ୍ବଦନ୍ତୀ ଏବଂ ମୁଁ ସେମାନଙ୍କ ପଦଚିହ୍ନରେ ଚାଲିବାକୁ ଚେଷ୍ଟା କରିବି। ଜିତିବା ଜାରି ରଖିବା ଓ ଜଣେ ଖେଳାଳି ଭାବେ କ୍ୟାରିୟରରେ ଆଗକୁ ବଢ଼ିବା ମୋର ଲକ୍ଷ୍ୟ। ଏହା ମୋ ଘର। ୭ ବର୍ଷ ବୟସରୁ ମୁଁ ଏଠାରେ ଅଛି ବୋଲି ୟାମାଲ କହିଛନ୍ତି। ଗତ ସପ୍ତାହରେ ୧୮ ବର୍ଷରେ ପାଦ ଦେଇଥିବା ୟାମାଲ ୨୦୩୧ ପର୍ଯ୍ୟନ୍ତ ବାର୍ସେଲୋନା ପାଇଁ ଖେଳିବେ। ୟାମାଲଙ୍କୁ କ୍ଲବ ସଭାପତି ଜୋଆନ ଲାପୋର୍ଟା ନଂ-୧୦ ଜର୍ସି ପ୍ରଦାନ କରିଛନ୍ତି। ସେ ପୂର୍ବରୁ ନଂ-୧୯ ଜର୍ସି ପିନ୍ଧୁଥିଲେ।




# Classified Everyday

0674-2580101, 9692975378



## REAL ESTATE

**SALE**

ଭୁବନେଶ୍ୱର ହଂସପାଳ ଭିଙ୍ଗାରପୁର ପାଖରେ **1300sqft. 5,80,000/- ପ୍ଲଟ୍ ବିକ୍ରିହେବ। 9114705579.** D-76288

Stitiban plot sale near IIT Argul, Khurdha, Bhubaneswar immediate Registration possession sqft.- 350/-, SC plot 250/-. 8328868883. D-76284

ଗୃହୋପଯୋଗି **Single** ପ୍ଲଟ୍ ପାଚେରି ସହିତ ହଂସପାଳ ମୁଖ୍ୟ କେନାଲ୍ ପାଖରେ **2100sqft. area** ବିକ୍ରିହେବ। **6370469894.** D-76292

କଟକ ମହାନଦୀବିହାରରେ **2/3 BHK flat** ଗୋପାଳପୁର, ଫୁଲନଖରା ଛକ, ତ୍ରିନାଥବଜାରରେ **3BHK duplex readymade** ଅଛି। **8327785834.** D-76286




5800sqft. Godown space available at Rasulgarh, beside Esplanade Mall, Bhubaneswar. 9040019183. D-1278




Newly open Jyoti SPA positively health benefits (expert therapist). 8458067955. D-76927

Positively health benefits SPA expert female therapist homely atmosphere. 9114559860. D-1310

**Full body massage experience, good looking therapist @999 (Bhubaneswar). 9078484455.** D-1325

Newly open health benefits SPA by expert therapist. Contact- 8280961126. D-76928

## AFFIDAVIT

By virtue of an affidavit sworn before the Notary Public, Bhubaneswar, dated- 21.06.2024, I, Tapas Pradhan, At/ P.O.- Kakharuni, P.S.- Pattamundai Rural (Sansarphal), Dist.- Kendrapara, Odisha, PIN- 754217 declare that I have changed my son's name from Pradhan Ayush to Ayush Pradhan. Henceforth, he shall be known as Ayush Pradhan for all purposes.
Tapas Pradhan
D-1335

By virtue of an affidavit sworn before the Executive Magistrate, Titilagarh, No.-472, date- 16.07.2025, I Elisha D Majhi, W/o- Late Jishaya Majhi, R/o. At- Limgaon, P.O.- Turlakhaman, P.S.- Kesinga, Dist.- Kalahandi, Odisha-766012 declare that I have changed my name from Elisheba Majhi to Elisha D Majhi. Henceforth, I shall be known as Elisha D Majhi for all purposes.
Elisha D Majhi
D-1334

I, Patitapaban Sahoo, S/o- Late Nilamani Sahoo, residing At- Bidyadharpur, Kamar Danda, P.O.- Nayabazar, P.S.- CRRI, Bidyadharpur, Dist.- Cuttack- 753004, Odisha, declare by this affidavit No.- 1572, dtd.- 15.07.2025, that now onwards I shall be known as Patitapabana Sahoo for all future purposes.
D-1333

By virtue of an affidavit sworn before Executive Magistrate, Bhubaneswar, dated- 16.07.2025, I, PRAGYAN UPADHYAY (New Name), Address: At- 6/61/A, Bijoygarh, Jadavpur University, Kolkata, west Bengal, PIN- 700032 (Full Address), declare that I have changed my name from Prajna Upadhyay (Old name) to PRAGYAN UPADHYAY (New name). Henceforth, I shall be known as PRAGYAN UPADHYAY (new name) for all purposes.
Pragyan Upadhyay
D-1328

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

I, Dhaneswar Nayak, S/o- Dinabandhu Nayak At/ P.O.- Sundarpur (Dohorapatna), P.S.- Dhusuri, Dist.- Bhadrak & I have sworn an affidavit before the Executive Magistrate, Bhadrak on 18.06.2025, declare that my grand son & my son's name is wrongly written in birth certificate as Adityapratap Nayakuttaray, S/o- Sitansu Sekhar Nayak but their correct name is Aditya Kumar Nayak, S/o- Sitansu Nayak. D-1326

By virtue of an affidavit sworn before Executive Magistrate, Keonjhar dated- 15.07.2025, I, Pharestar Juanga, S/o- Murali Juanga, Vill.- Sanaraduan, P.O.- Talachampei, P.S.- Town, Dist.- Keonjhar, PIN- 758018, State- Odisha, declare that I have changed my name from Pharestar Mahakud to Pharestar Juanga. Henceforth, I shall be known as Pharestar Juanga for all purposes.
Pharestar Juanga
D-1329

I, Sangram Dalai, S/o- Sidheswar Dalai, At- Kaliakan, P.O.- Nagar, P.S.- Astaranga, Dist.- Puri, Odisha- 752109, have changed name of my minor son SHIVAM DALAI aged 9 years to SAI SHIVAM DALAI, dtd- 06.05.2025 before Executive Magistrate, Dhenkanal. D-1332

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

**ମନେ ପଡ଼ନ୍ତି**

**ଅଷ୍ଟାଦଶ ଶ୍ରାଦ୍ଧବାର୍ଷିକୀ**



**୰କୃଷ୍ଣ ଚନ୍ଦ୍ର ସାହୁ**
ଗୌଡ଼ବାଡ଼ ସାହି, ପୁରୀ
ଆବିର୍ଭାବ: ୦୫।୦୬।୧୯୭୪
ତିରୋଧାନ: ୧୮।୦୭।୨୦୦୭
ବାବା, ତୁମର ଅନୁପସ୍ଥିତି ଆମେ ସବୁବେଳେ ଅନୁଭବ କରୁଛୁ। ତୁମେ ଯେଉଁଠି ଥାଅ, ଭଲରେ ଥାଅ, ତୁମର ପ୍ରେରଣା, ଭଲପାଇବା, ଆଶୀର୍ବାଦ, ସଦିଚ୍ଛା ସଦାସର୍ବଦା ଆମ ଜୀବନର ପଥ ପ୍ରଦର୍ଶକ ହେଉ।
**ଶୋକସନ୍ତପ୍ତ:** ଗୁଡ୍‌ଲି, ଲାଡ୍‌ଲି, ଧର୍ମପତ୍ନୀ- ସଞ୍ଜୁକ୍ତା
ଧ-୧୩୩୧

## LEGAL NOTICE

IR No.- 1174
Date- 09.07.2025

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର- ୨ (ଶ୍ରୀ ପ୍ରଦୀପ କୁମାର ନାୟକ, IAS) ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା ସର୍ଭେ ଓ ସେଟେଲମେଣ୍ଟ ୧୯୫୮ ଆଇନ୍‌ର ଧାରା ୧୫(ଖ) ଅନୁଯାୟୀ ଓ.ଏସ୍.ଏସ୍. କେସ୍ ନଂ.- ୩୯୧/୨୦୨୪

ଦିଲ୍ଲୀପ କୁମାର ମହାନ୍ତି ପିତା ସ୍ୱର୍ଗତ ଅନାଦି ଚରଣ ମହାନ୍ତି .....ବାଦୀ

ବନାମ

ଧରମୁ ବେହେରା ଏବଂ ଅନ୍ୟମାନେ .....ପ୍ରତିବାଦୀ

ନୋଟିସ ସି.ପି.ସି. ଅର୍ଡର- ୫ ରୁଲ୍- ୨୦ ମୁତାବକ

୧। ଧରମୁ ବେହେରା, ପିତା ସ୍ୱର୍ଗତ ଉଚ୍ଛବ ବେହେରା, ବାସସ୍ଥାନ, ସା- ରଙ୍ଗମାଟିଆ ସାମିଲି ଗାଡ଼କନ, ପୋଷ୍ଟ/ଥାନା- ମଞ୍ଚେଶ୍ୱର, ଜିଲ୍ଲା- ଖୋର୍ଦ୍ଧା

ଏତଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ ଉପରୋକ୍ତ ମୋକଦ୍ଦମାର ବାଦୀ ନିମ୍ନୋକ୍ତ ଜମିର ହାଲ୍ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ଼ ରିଭିଜନ୍ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର- ୨ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜିକୃତ ଡାକ ଦ୍ୱାରା ନୋଟିସ୍ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ୍ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର- ୨, ଚତୁର୍ଥ ମହଲା ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜିଲାସରେ ଆସନ୍ତା ତା- ୧୨।୦୮।୨୦୨୫ ରିଖ ପୂର୍ବାହ୍ନ ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବ ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ

ମୌଜା- ଗାଡ଼କନ, ଥାନା- ମଞ୍ଚେଶ୍ୱର, ତହସଲ୍- ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା

ସାବକ- ଖାତା ନଂ- ୧୧୧, ପ୍ଲଟ୍ ନଂ- ୨୭୪୩, ସବ୍-ପ୍ଲଟ୍ ନଂ- ୧୪, କିସମ- ଶାରଦ- ୧, ରକବା- ଏ.୦.୨୧୦ଡି.ସ୍ୱଧରୁ ଏ.୦.୦୪୫.୯୧ଡି, ସ୍ୱତ୍ୱ- ସ୍ଥିତିବାନ୍

ହାଲ୍- ଖାତା ନଂ- ୪୬୦୮, ପ୍ଲଟ୍ ନଂ- ୪୮୫୭, କିସମ- ଶାରଦ ଅଣଜଳସେଚିତ- ୧, ରକବା- ଏ.୦.୦୩୯ଡି. ସ୍ୱଧରୁ ଏ.୦.୦୦୬ଡି., ସ୍ୱତ୍ୱ- ସ୍ଥିତିବାନ୍

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ତା-
ଭୁବନେଶ୍ୱର
ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା./- କୋର୍ଟ ଅଫିସର
ଧ-୧୩୨୪

IR No.- 1173
Date- 09.07.2025

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର- ୨ (ଶ୍ରୀ ପ୍ରଦୀପ କୁମାର ନାୟକ, IAS) ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା ସର୍ଭେ ଓ ସେଟେଲମେଣ୍ଟ ୧୯୫୮ ଆଇନ୍‌ର ଧାରା ୧୫(ଖ) ଅନୁଯାୟୀ ଓ.ଏସ୍.ଏସ୍. କେସ୍ ନଂ- ୩୯୦/୨୦୨୪

ଦିଲ୍ଲୀପ କୁମାର ମହାନ୍ତି ପିତା ସ୍ୱର୍ଗତ ଅନାଦି ଚରଣ ମହାନ୍ତି ....ବାଦୀ

ବନାମ

ଧରମୁ ବେହେରା ଏବଂ ଅନ୍ୟମାନେ .......ପ୍ରତିବାଦୀ

ନୋଟିସ୍ ସି.ପି.ସି. ଅର୍ଡର- ୫ ରୁଲ୍- ୨୦ ମୁତାବକ

୧। ଧରମୁ ବେହେରା, ପିତା ସ୍ୱର୍ଗତ ଉଚ୍ଛବ ବେହେରା, ୫। ଜଇ ବେହେରା ପିତା ସ୍ୱର୍ଗତ କରୁଣା ବେହେରା, ଉଭୟ ପ୍ରତିବାଦୀମାନଙ୍କର ବାସସ୍ଥାନ, ସା- ରଙ୍ଗମାଟିଆ ସାମିଲି ଗାଡ଼କନ, ପୋଷ୍ଟ/ଥାନା- ମଞ୍ଚେଶ୍ୱର, ଜିଲ୍ଲା- ଖୋର୍ଦ୍ଧା

ଏତଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ ଉପରୋକ୍ତ ମୋକଦ୍ଦମାର ବାଦୀ ନିମ୍ନୋକ୍ତ ଜମିର ହାଲ୍ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ଼ ରିଭିଜନ୍ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର- ୨ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜିକୃତ ଡାକ ଦ୍ୱାରା ନୋଟିସ୍ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ୍ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର- ୨, ଚତୁର୍ଥ ମହଲା ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜିଲାସରେ ଆସନ୍ତା ତା- ୧୨।୦୮।୨୦୨୫ ରିଖ ପୂର୍ବାହ୍ନ ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବ ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ

ମୌଜା- ଗାଡ଼କନ, ଥାନା- ମଞ୍ଚେଶ୍ୱର, ତହସିଲ- ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା

ସାବକ- ଖାତା ନଂ- ୧୧୧, ପ୍ଲଟ୍ ନଂ- ୨୭୪୩, ସବ୍-ପ୍ଲଟ୍ ନଂ- ୧୪, କିସମ- ଶାରଦ- ୧, ରକବା- ଏ.୦.୨୧୦ଡି.ସ୍ୱଧରୁ ଏ.୦.୦୪୫.୯୧ଡି, ସ୍ୱତ୍ୱ- ସ୍ଥିତିବାନ୍

ହାଲ୍- ଖାତା ନଂ- ୧୫୧୨, ପ୍ଲଟ୍ ନଂ- ୪୮୫୯, କିସମ- ଶାରଦ ଅଣ ଜଳସେଚିତ- ୧, ରକବା- ଏ.୦.୦୮୦ଡି. ସ୍ୱଧରୁ ଏ.୦.୦୪୦ଡି., ସ୍ୱତ୍ୱ- ସ୍ଥିତିବାନ୍

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ତା-
ଭୁବନେଶ୍ୱର
ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା./- କୋର୍ଟ ଅଫିସର
ଧ-୧୩୨୭

IR No.- 1172
Date- 09.07.2025

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର- ୨ (ଶ୍ରୀ ପ୍ରଦୀପ କୁମାର ନାୟକ, IAS) ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା ସର୍ଭେ ଓ ସେଟେଲମେଣ୍ଟ ୧୯୫୮ ଆଇନ୍‌ର ଧାରା ୧୫(ଖ) ଅନୁଯାୟୀ ଓ.ଏସ୍.ଏସ୍. କେସ୍ ନଂ- ୩୮୯/୨୦୨୪

ପ୍ରଦୀପ କୁମାର ମହାନ୍ତି ପିତା ସ୍ୱର୍ଗତ ଅନାଦି ଚରଣ ମହାନ୍ତି ....ବାଦୀ

ବନାମ

ଧରମୁ ବେହେରା ଏବଂ ଅନ୍ୟମାନେ .......ପ୍ରତିବାଦୀ

ନୋଟିସ୍ ସି.ପି.ସି. ଅର୍ଡର- ୫ ରୁଲ୍- ୨୦ ମୁତାବକ

୧। ଧରମୁ ବେହେରା, ପିତା ସ୍ୱର୍ଗତ ଉଚ୍ଛବ ବେହେରା, ବାସସ୍ଥାନ, ସା- ରଙ୍ଗମାଟିଆ ସାମିଲି ଗାଡ଼କନ, ପୋଷ୍ଟ/ଥାନା- ମଞ୍ଚେଶ୍ୱର, ଜିଲ୍ଲା- ଖୋର୍ଦ୍ଧା

ଏତଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ ଉପରୋକ୍ତ ମୋକଦ୍ଦମାର ବାଦୀ ନିମ୍ନୋକ୍ତ ଜମିର ହାଲ୍ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ଼ ରିଭିଜନ୍ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର- ୨ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜିକୃତ ଡାକ ଦ୍ୱାରା ନୋଟିସ୍ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ୍ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର- ୨, ଚତୁର୍ଥ ମହଲା ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜିଲାସରେ ଆସନ୍ତା ତା- ୧୨।୦୮।୨୦୨୫ ରିଖ ପୂର୍ବାହ୍ନ ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବ ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ

ମୌଜା- ଗାଡ଼କନ, ଥାନା- ମଞ୍ଚେଶ୍ୱର, ତହସିଲ- ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା

ସାବକ- ଖାତା ନଂ- ୧୧୧, ପ୍ଲଟ୍ ନଂ- ୨୭୪୩, ସବ୍-ପ୍ଲଟ୍ ନଂ- ୧୨, କିସମ- ଶାରଦ- ୧, ରକବା- ଏ.୦.୨୧୦ଡି.ସ୍ୱଧରୁ ଏ.୦.୦୪୫.୯୧ଡି, ସ୍ୱତ୍ୱ- ସ୍ଥିତିବାନ୍

ହାଲ୍- ଖାତା ନଂ- ୪୬୦୮, ପ୍ଲଟ୍ ନଂ- ୪୮୫୭, କିସମ- ଶାରଦ ଅଣଜଳସେଚିତ- ୧, ରକବା- ଏ.୦.୦୩୯ଡି. ସ୍ୱଧରୁ ଏ.୦.୦୦୬ଡି., ସ୍ୱତ୍ୱ- ସ୍ଥିତିବାନ୍

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ତା-
ଭୁବନେଶ୍ୱର
ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା./- କୋର୍ଟ ଅଫିସର
ଧ-୧୩୩୦

IR No.- 1171
Date- 09.07.2025

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର- ୨ (ଶ୍ରୀ ପ୍ରଦୀପ କୁମାର ନାୟକ, IAS) ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା ସର୍ଭେ ଓ ସେଟେଲମେଣ୍ଟ ୧୯୫୮ ଆଇନ୍‌ର ଧାରା ୧୫(ଖ) ଅନୁଯାୟୀ ଓ.ଏସ୍.ଏସ୍. କେସ୍ ନଂ- ୩୮୮/୨୦୨୪

ପ୍ରଦୀପ କୁମାର ମହାନ୍ତି ପିତା ସ୍ୱର୍ଗତ ଅନାଦି ଚରଣ ମହାନ୍ତି .......ବାଦୀ

ବନାମ

ଧରମୁ ବେହେରା ଏବଂ ଅନ୍ୟମାନେ .......ପ୍ରତିବାଦୀ

ନୋଟିସ୍ ସି.ପି.ସି. ଅର୍ଡର- ୫ ରୁଲ୍- ୨୦ ମୁତାବକ

୧। ଧରମୁ ବେହେରା, ପିତା ସ୍ୱର୍ଗତ ଉଚ୍ଛବ ବେହେରା, ୫। ଜଇ ବେହେରା ପିତା ସ୍ୱର୍ଗତ କରୁଣା ବେହେରା, ଉଭୟ ପ୍ରତିବାଦୀମାନଙ୍କର ବାସସ୍ଥାନ, ସା- ରଙ୍ଗମାଟିଆ ସାମିଲି ଗାଡ଼କନ, ପୋଷ୍ଟ/ଥାନା- ମଞ୍ଚେଶ୍ୱର, ଜିଲ୍ଲା- ଖୋର୍ଦ୍ଧା

ଏତଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ ଉପରୋକ୍ତ ମୋକଦ୍ଦମାର ବାଦୀ ନିମ୍ନୋକ୍ତ ଜମିର ହାଲ୍ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ଼ ରିଭିଜନ୍ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର- ୨ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜିକୃତ ଡାକ ଦ୍ୱାରା ନୋଟିସ୍ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ୍ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର- ୨, ଚତୁର୍ଥ ମହଲା ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜିଲାସରେ ଆସନ୍ତା ତା- ୧୨।୦୮।୨୦୨୫ ରିଖ ପୂର୍ବାହ୍ନ ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବ ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ

ମୌଜା- ଗାଡ଼କନ, ଥାନା- ମଞ୍ଚେଶ୍ୱର, ତହସଲ- ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା

ସାବକ- ଖାତା ନଂ- ୧୧୧, ପ୍ଲଟ୍ ନଂ- ୨୭୪୩, ସବ୍-ପ୍ଲଟ୍ ନଂ- ୧୨, କିସମ- ଶାରଦ- ୧, ରକବା- ଏ.୦.୨୧୦ଡି.ସ୍ୱଧରୁ ଏ.୦.୦୪୫.୯୧ଡି, ସ୍ୱତ୍ୱ- ସ୍ଥିତିବାନ୍

ହାଲ୍- ଖାତା ନଂ- ୧୫୧୨, ପ୍ଲଟ୍ ନଂ- ୪୮୫୯, କିସମ- ଶାରଦ ଅଣଜଳସେଚିତ- ୧, ରକବା- ଏ.୦.୦୮୦ଡି. ସ୍ୱଧରୁ ଏ.୦.୦୪୦ଡି., ସ୍ୱତ୍ୱ- ସ୍ଥିତିବାନ୍

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ତା-
ଭୁବନେଶ୍ୱର
ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା./- କୋର୍ଟ ଅଫିସର
ଧ-୧୩୨୩

# ପ୍ରତ୍ୟେକ ମୁଭ୍ ଗୁରୁତ୍ୱପୂର୍ଣ୍ଣ

## ଜୁଲାଇ ୨୦ ଅନ୍ତର୍ଜାତୀୟ ଚେସ୍ ଦିବସ ଉପଲକ୍ଷେ



ସତ୍ୟରଞ୍ଜନ ପଟ୍ଟନାୟକ

**ଫ୍ରାନ୍ସ ରାଜଧାନୀ ପ୍ୟାରିସ୍‌ରେ ୧୯୨୪ରେ ଅନୁଷ୍ଠିତ ଗ୍ରୀଷ୍ମକାଳୀନ ଅଲିମ୍ପିକ୍ସ ଚାଲିଥିବା ସମୟରେ ଜୁଲାଇ ୨୦ରେ ଚେସ୍‌ର ସର୍ବୋଚ୍ଚ ପରିଚାଳନା ସଂସ୍ଥା ଫିଡେ ସ୍ଥାପିତ ହୋଇଥିଲା। ଏହି ଦିବସକୁ ୧୯୬୬ ମସିହାରୁ ପ୍ରତିବର୍ଷ ଅନ୍ତର୍ଜାତୀୟ ଚେସ୍ ଦିବସ ଭାବେ ପାଳନ କରାଯାଇ ଆସୁଛି। ଚଳିତ ବର୍ଷ ବିଶ୍ୱ ଚେସ୍ ଦିବସର ମୋଟୋ ରହିଛି 'ପ୍ରତ୍ୟେକ ମୁଭ୍ ଗୁରୁତ୍ୱପୂର୍ଣ୍ଣ'। ଚେସ୍ ବୋର୍ଡରେ ହେଉ କି ଜୀବନରେ ପ୍ରତ୍ୟେକ ନିଷ୍ପତ୍ତି ବେଶ୍ ଗୁରୁତ୍ୱପୂର୍ଣ୍ଣ ବୋଲି ଏହା ଆମକୁ ମନେପକାଇ ଦିଏ...**

ବିଚକ୍ଷଣ ବୁଦ୍ଧି ଓ ବୌଦ୍ଧିକତାର ଖେଳ ଚେସ୍ ହେଉଛି ଏକ ମଧୁର, ସୁନ୍ଦର, ଶାନ୍ତ, ଚତୁର ଓ ଚମତ୍କାର ଖେଳ। ସର୍ବଜନ ଆଦୃତ ତଥା ବୟସ ଓ ସ୍ଥାନର କୌଣସି ପ୍ରତିବନ୍ଧକ ନ ଥିବାରୁ ଏହା ସବୁ ବର୍ଗରେ ସବୁ ସ୍ଥାନରେ ଗ୍ରହଣୀୟ ଖେଳ। ଛୋଟ ପିଲାଙ୍କଠାରୁ ଆରମ୍ଭ କରି ବୃଦ୍ଧ ବନିତା ଏବଂ ଲିଙ୍ଗଗତ ପ୍ରଭେଦବିହୀନ ଭାବେ ଏହା ଖେଳିହୁଏ। ଚତୁର୍ଥରୁ ଷଷ୍ଠ ଶତାବ୍ଦୀ ମଧ୍ୟରେ ଭାରତରେ ଏହି ଖେଳର ସୃଷ୍ଟି ହୋଇଥିଲା। ପାର୍ସି ଓ ଦକ୍ଷିଣ ୟୁରୋପକୁ ବ୍ୟାପିବା ପରେ ସମଗ୍ର ୟୁରୋପରେ ଏହି ଖେଳର ଆଧୁନିକ ରୂପ ବିକଶିତ ହୋଇଥିଲା। ଫ୍ରାନ୍ସର ରାଜଧାନୀ ପ୍ୟାରିସ୍‌ରେ ୧୯୨୪ରେ ଅନୁଷ୍ଠିତ ଗ୍ରୀଷ୍ମକାଳୀନ ଅଲିମ୍ପିକ୍ସ ସମୟରେ ଜୁଲାଇ ୨୦ରେ ଚେସ୍‌ର ସର୍ବୋଚ୍ଚ ପରିଚାଳନା ସଂସ୍ଥା ଫିଡେ ସ୍ଥାପିତ ହୋଇଥିଲା। ଏହି ଦିବସକୁ ୧୯୬୬ ମସିହାରୁ ପ୍ରତିବର୍ଷ ଅନ୍ତର୍ଜାତୀୟ ଚେସ୍ ଦିବସ ଭାବେ ପାଳନ କରାଯାଇ ଆସୁଛି। ୨୦୧୯ ଡିସେମ୍ବର ୧୨ରେ ଜାତିସଂଘ ମହାସଭା ଦ୍ୱାରା ଏହି ଦିବସକୁ ସ୍ୱୀକୃତି ମିଳିଛି। ବିଶ୍ୱର ପ୍ରାୟ ୧୯୦ ଦେଶରେ ଅନ୍ୟୁନ ସାଢ଼େ ୬ କୋଟି ସ୍ୱୀକୃତିପ୍ରାପ୍ତ ଚେସ୍ ଖେଳାଳି ରହିଛନ୍ତି। ଚଳିତ ବର୍ଷ ଅନ୍ତର୍ଜାତୀୟ ଚେସ୍ ଦିବସର ମୋଟୋ ରହିଛି 'ପ୍ରତ୍ୟେକ ମୁଭ୍ ଗୁରୁତ୍ୱପୂର୍ଣ୍ଣ'। ଅର୍ଥାତ୍ ଏହା ଆମକୁ ମନେ ପକାଇ ଦିଏ ଯେ ବୋର୍ଡରେ ଓ ଜୀବନରେ ପ୍ରତ୍ୟେକ ଆଗାମୀ ନିଷ୍ପତ୍ତି ଆମ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ। ଚଳିତ ବର୍ଷଠାରୁ ଫିଡେ(ଏଫ୍‌ଆଇଡିଇ) ଏହାକୁ ଏକ ସାମାଜିକ ଚେସ୍ ବର୍ଷ ଭାବେ ଆରମ୍ଭ କରିଛି। ଫଳରେ ଶିକ୍ଷା, ସଶକ୍ତୀକରଣ ଓ ମାନସିକ ସୁସ୍ଥତା ପାଇଁ ଏହା ଏକ ଉପକରଣ ଭାବେ ବ୍ୟବହାର କରାଯାଇପାରିବ। ଅନ୍ତର୍ଜାତୀୟ ଚେସ୍ ଦିବସ ଅବସରରେ ତ୍ରିଶୁଳିଆରେ ଏସ୍‌ଆର ଚେସ୍ ସେଣ୍ଟର, ଏସ୍‌ପ୍ଲାନେଡ୍‌ରେ ଚେକ୍‌ମେଟ୍ ଏବଂ ପ୍ରଚେଷ୍ଟାରେ ରାଜ୍ୟ ସରକାରଙ୍କ ପକ୍ଷରୁ କାର୍ଯ୍ୟକ୍ରମ ମାନ ଆୟୋଜନ ହେବ।

ଚେସ୍ ଅନ୍ୟ ଖେଳଠାରୁ ସମ୍ପୂର୍ଣ୍ଣ



ଭିନ୍ନ। ଏଥିରେ ତାଳି ନ ଥାଏ କି ଜୟ ପରାଜୟରେ କୌଣସି ଶବ୍ଦ ବା ଚିତ୍କାର ବି ନ ଥାଏ। ଫଳରେ ବ୍ୟକ୍ତିର ଚରିତ୍ର ଓ ଆଦ୍ୟ ଜୀବନକୁ ଶୃଙ୍ଖଳିତ କରିବାରେ ଅନେକାଂଶରେ ସାହାଯ୍ୟ କରିଥାଏ। ମାନସିକ ଓ ବୌଦ୍ଧିକ ବିକାଶର ଏହା ଅନ୍ୟତମ ଉପଯୁକ୍ତ ମାଧ୍ୟମ ଥିବାରୁ ଚେସ୍ ଖେଳାଳି ସମାଜରେ ସ୍ୱତନ୍ତ୍ର ସମ୍ମାନ ପାଇଥାନ୍ତି। ଏଥି ସହିତ ଚେସ୍ ଅନେକ ମାନବୀୟ ଗୁଣ ସବୁକୁ ଶିକ୍ଷା ଦେଇଥାଏ। ସ୍ମରଣଶକ୍ତି, ମାନସିକ ଦକ୍ଷତା, ଗଣନା କ୍ଷମତା, ଭାବନା ଶକ୍ତି, ସୃଜନଶୀଳତା ଓ ଏକାଗ୍ରତା ବୃଦ୍ଧିର ଏହା ମଧ୍ୟ ଅନ୍ୟତମ ଉପଯୁକ୍ତ ଶ୍ରେଷ୍ଠ ମାଧ୍ୟମ।

ବର୍ତ୍ତମାନ ଭାରତ ବିଶ୍ୱ ଚେସ୍ ମାନଚିତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଅନ୍ୟତମ ସୁପର୍ ପାୱାର ଭାବେ ବର୍ତ୍ତମାନ ରୁଷିଆ ପରେ ଭାରତ ବିଶ୍ୱରେ ଦ୍ୱିତୀୟ ସ୍ଥାନରେ ରହିଛି। ଭାରତରେ ଏବେ ୫୬,୪୪୬ ଅନ୍ତର୍ଜାତୀୟ ୟେଲୋ ରେଟେଡ୍ ଖେଳାଳି, ୮୭ ଗ୍ରାଣ୍ଡମାଷ୍ଟର୍, ୧୩୦ ଅନ୍ତର୍ଜାତୀୟ ମାଷ୍ଟର୍, ୨୫ ମହିଳା ଗ୍ରାଣ୍ଡ ମାଷ୍ଟର୍, ୪୫ ମହିଳା ଅନ୍ତର୍ଜାତୀୟ ମାଷ୍ଟର୍ ଅଛନ୍ତି। ବିଶ୍ୱନାଥନ ଆନନ୍ଦ, କୋନେରୁ ହମ୍ପିଙ୍କ ପରବର୍ତ୍ତୀ ପିଢ଼ିରେ ବର୍ତ୍ତମାନ ଉଚ୍ଚ ଶକ୍ତିଶାଳୀ ରେଟିଂପ୍ରାପ୍ତ ଆର୍. ପ୍ରଜ୍ଞାନନ୍ଦ, ଡି. ଗୁକେଶ, ଅର୍ଜୁନ ଏରିଗାସି, ବିଦିତ ଗୁଜରାଟୀ, ନିହାଲ ସାରିନ୍, ପି.ହରିକ୍ରିଷ୍ଣା, ଅଭିଜିତ ଗୁପ୍ତା ଓ ଅରବିନ୍ଦ ଚିଦାମ୍ବରମ୍‌ଙ୍କ ଭଳି ଯୁବ ସୁପର ଗ୍ରାଣ୍ଡମାଷ୍ଟର୍ ସାରା ବିଶ୍ୱ ଚେସ୍‌ରେ ଚହଳ ପକାଇଛନ୍ତି। ମହିଳା ବିଭାଗରେ ମଧ୍ୟ ଡି. ହାରିକା, ଆର୍. ବୈଶାଲି, ଦିବ୍ୟା ଦେଶମୁଖ, ତାନିଆ ସଚଦେବ, ପଦ୍ମିନୀ ରାଉତ ଓ ଭାନ୍ତିକା ଅଗ୍ରୱାଲ ପ୍ରଭୃତି ଖେଳାଳି ବିଶ୍ୱ ମହିଳା ଚେସ୍‌ରେ ନିଜର ସ୍ୱତନ୍ତ୍ର ଦବଦବା ଦେଖାଉଛନ୍ତି।

ମାନ୍ୟତାର ଶୀର୍ଷ ୧୦ ଜଣଙ୍କ ମଧ୍ୟରେ ବିଶ୍ୱରେ ରୁଷ ପରେ ପୁରୁଷରେ ଭାରତ ଦ୍ୱିତୀୟ (୨୬୭୦) ଏବଂ ମହିଳାରେ ତୃତୀୟ (୨୪୦୫) ସ୍ଥାନରେ ରହିଛି।

ବିଶେଷକରି ନିକଟରେ ମର୍ଯ୍ୟାଦାଜନକ ୧୮ତମ ବିଶ୍ୱ ଚେସ୍ ଚାମ୍ପିୟନ ହୋଇ ବିଶ୍ୱର ସର୍ବକନିଷ୍ଠ ଖେଳାଳି ହେବାର ଗୌରବ ଅର୍ଜନ କରିଥିବା ୧୮ବର୍ଷୀୟ ଡି . ଗୁକେଶ ନୂଆ ଇତିହାସ ରଚିଛନ୍ତି।

ଓଡ଼ିଶା ମଧ୍ୟ ଅଦ୍ୟାବଧି ୨ ଜଣ ଗ୍ରାଣ୍ଡମାଷ୍ଟର୍ (ଦେବାଶିଷ ଦାସ, ସ୍ୱୟମ୍ଭ ମିଶ୍ର) ଏବଂ ୭ ଜଣ ଅନ୍ତର୍ଜାତୀୟ ମାଷ୍ଟର (ଶେଖର ଚନ୍ଦ୍ର ସାହୁ, ସ୍ୱୟଂଶୁ ସତ୍ୟପ୍ରଜ୍ଞ, ଅନ୍ୱେଷ ଉପାଧ୍ୟାୟ, ପଦ୍ମିନୀ ରାଉତ, ସିଦ୍ଧାନ୍ତ ମହାପାତ୍ର, ରାକେଶ ଜେନା, ସମ୍ବିତ ପଣ୍ଡା) ସୃଷ୍ଟି କରି ଭଲ ସ୍ଥିତିରେ ରହିଛି। ଏକମାତ୍ର ମହିଳା ଗ୍ରାଣ୍ଡ ମାଷ୍ଟର କିରଣ ମନୀଷା ମହାନ୍ତି ଓ ଅନ୍ତର୍ଜାତୀୟ ମହିଳା ମାଷ୍ଟର ସାଇନା ସାଲୋନିକା ସେମାନଙ୍କ ଜୟଯାତ୍ରା ବଜାୟ ରଖିଥିବାବେଳେ ଅପରାଜିତା ଗୋଚ୍ଛିକାର, ସ୍ମାରକୀ ମହାନ୍ତି, ୟାସିତା ରାଉତ, ପ୍ରତ୍ୟାଶା ଜେନା, ଜ୍ୟୋତିକା ସାହୁ ଓ ଶ୍ରଦ୍ଧା ସ୍ମରଣିକା ନନ୍ଦ ପ୍ରଭୃତି ପ୍ରତିଭାବାନ ଖେଳାଳି ନିଜର ଭଲ ପ୍ରଦର୍ଶନ ମାଧ୍ୟମରେ ରାଜ୍ୟର ଗୌରବ ବଢ଼ାଇଛନ୍ତି। ଦକ୍ଷ ଓ ପ୍ରତିଭାସମ୍ପନ୍ନ ମହିତୋଷ ଦେ, ରାଜେଶ ନାୟକ, ନିଲସୁ ପଟ୍ଟନାୟକ, ଯୁଗଳ ଭାଇ ଶ୍ରୀୟାଂଶ ଦାସ, ପ୍ରିୟାଂଶ ଦାସ, ଉତ୍କଳ ରଞ୍ଜନ ସାହୁ, ହର୍ଷିତ ରଞ୍ଜନ ସାହୁ ଓ ଶିଶୁ ପ୍ରତିଭା ସାତ୍ତ୍ୱିକ ସ୍ୱାଇଁ ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ଆର୍ଥିକ ପ୍ରୋତ୍ସାହନ ବଳରେ ଆଗାମୀ ଦିନରେ ଅନ୍ତର୍ଜାତୀୟ ମାଷ୍ଟର (IM) ହେବାର ସମସ୍ତ ସମ୍ଭାବନା ଉଜ୍ଜ୍ୱଳ ରଖିଛନ୍ତି। ଅନ୍ତର୍ଜାତୀୟ ପାରା ଚେସ୍ ଖେଳାଳି ନୂଆପଡ଼ାର ସୌନ୍ଦର୍ଯ୍ୟ ପ୍ରଧାନ ଓ ପ୍ରାତୁର୍ଯ୍ୟ ପ୍ରଧାନ, ଯୁବ ଖେଳାଳି ସୌମ୍ୟ ରଞ୍ଜନ ମିଶ୍ର, ଅଂଶୁମାନ ସାମଲ, କୌସ୍ତୁଭ ଦାଶ, ବଡ଼ମୁଣ୍ଡି ତପନ, ଜ୍ୟୋତ୍ସ୍ନବ ତାଲୁକଦାର, ଲଳିତ ରଞ୍ଜନ ସାହୁ ଓ ମନୀଷ ମିଶ୍ର, ବିଶ୍ୱପ୍ରିତ୍ ରାୟ ପ୍ରଭୃତି ପରିଶ୍ରମୀ ଖେଳାଳି ଆଗାମୀ ଦିନରେ ଓଡ଼ିଶାର ସୁନାମ ରଖିବାକୁ ଚେଷ୍ଟା କରୁଛନ୍ତି। ଗତବର୍ଷ ୪୬ତମ ଚେସ୍ ଅଲିମ୍ପିଆଡ୍‌ରେ ଭାରତ ପ୍ରଥମକରି ଉଭୟ ପୁରୁଷ ଓ ମହିଳା ବର୍ଗରେ ଐତିହାସିକ ସଫଳତା ସହ ଚାମ୍ପିୟନ ହୋଇ ଯୁଗଳ ସ୍ୱର୍ଣ୍ଣ ପଦକ ଜିତି ଇତିହାସ ରଚିଥିଲା। ବିଶ୍ୱନାଥନ୍ ଆନନ୍ଦ ୫ ଥର ବିଶ୍ୱ ବିଜେତା ହେବା ସହିତ ବର୍ତ୍ତମାନ ଫିଡେର ଡେପୁଟି ପ୍ରେସିଡେଣ୍ଟ ଦାୟିତ୍ୱରେ ରହିବା ଏବଂ ଦକ୍ଷ ପ୍ରଶାସକ ଭରତ ସିଂ ଚୌହାନ ଏସୀୟ ଚେସ୍ ମହାସଂଘର ଅଧ୍ୟକ୍ଷ ନିଯୁକ୍ତ ହେବା ଓ ପୂର୍ବତନ ଏଆଇସିଏଫ୍ ସଭାପତି ସଞ୍ଜୀବ କପୁର୍ ଏସୀୟ ଚେସ୍‌ରେ ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହିବା ମଧ୍ୟ ବିଶ୍ୱ ଚେସ୍‌ରେ ଭାରତର ସାଙ୍ଗଠନିକ ପ୍ରାଧାନ୍ୟକୁ ପ୍ରମାଣିତ କରିଛି।

ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଅନ୍ୟ ଖେଳ ଭଳି ଚେସ୍ ପାଇଁ ମଧ୍ୟ ଏକ ଉଚ୍ଚ ଗୁଣବତ୍ତା ପ୍ରଦର୍ଶନ କେନ୍ଦ୍ର (ଏଚ୍‌ପିସି) 'ପ୍ରଚେଷ୍ଟା' ଚେସ୍ ପ୍ରଶିକ୍ଷଣ କେନ୍ଦ୍ର ଖୋଲିଛନ୍ତି। ରାଜ୍ୟରେ ଅନେକ ଅନ୍ତର୍ଜାତୀୟ ଚେସ୍ ଖେଳାଳି ସୃଷ୍ଟି କରିଥିବା ଅନ୍ୟତମ ଅଗ୍ରଣୀ ଚେସ୍ ପ୍ରଶିକ୍ଷଣ କେନ୍ଦ୍ର ଏସଆର ଚେସ୍ ସେଣ୍ଟର ନୂଆ ପ୍ରତିଭାବାନ ଖେଳାଳି ସୃଷ୍ଟି କରିବା ପ୍ରୟାସ ଜାରିରଖିଛି।

ରାଜ୍ୟ ଚେସ୍ ସଂଘ ମଧ୍ୟ ଏଥିରେ ତାଳଦେଇ ଚଳିତ ବର୍ଷ ଜାତୀୟ ଶିଶୁ ଚେସ୍ ଓ ରେକର୍ଡ ସଂଖ୍ୟକ ଫିଡେ ରେଟିଂ ପ୍ରତିଯୋଗିତା ଆୟୋଜନ କରିବା ସହ ତୃଣମୂଳ ସ୍ତରରେ ଚେସ୍‌ର ପ୍ରଚାର ପାଇଁ ଅଣ୍ଟା ଭିଡ଼ିଛି। ଖୋର୍ଦ୍ଧା ଜିଲା ଚେସ୍ ସଂଘ ରାଜ୍ୟରେ ପ୍ରଥମ ଥର ପାଇଁ ନିଜ ଜିଲାରେ ସମସ୍ତ ବୟସଗତ ଓ ସିନିୟର ମନୋନୟନ ଚେସ୍ ପ୍ରତିଯୋଗିତା ଆୟୋଜନ କରି ଅନ୍ୟ ଜିଲା ପାଇଁ ଉଦାହରଣ ସାଜିବା ସହ ସମସ୍ତଙ୍କ ପ୍ରଶଂସାଭାଜନ ହୋଇଛି। କିଟ୍ ଓ କିସ୍ ବିଶ୍ୱବିଦ୍ୟାଳୟ, ସୋଆ ବିଶ୍ୱବିଦ୍ୟାଳୟ ଅନ୍ତର୍ଜାତୀୟ ଗ୍ରାଣ୍ଡ ମାଷ୍ଟର ପ୍ରତିଯୋଗିତା ଆୟୋଜନ କରି ଓଡ଼ିଶା ଚେସ୍‌ର ଗୌରବ ବିଶ୍ୱ ଚେସ୍ ଦରବାରରେ ବଢ଼ାଇଥିବାବେଳେ କେଟି ଗ୍ଲୋବାଲ ସ୍କୁଲ, ଟ୍ରିପଲ 'ସି' ଚେସ୍ କ୍ଲବ, କିଙ୍ଗ୍ ଚେସ୍ ସେଣ୍ଟର, ଆଇଏସ୍ ଚେସ୍ ସେଣ୍ଟର, ସିଏସ୍ ଚେସ୍ ସେଣ୍ଟର, ମାଷ୍ଟର ଚେସ୍ ଫାଉଣ୍ଡେଶନ, ଆର୍‌ବି ଚେସ୍ ସେଣ୍ଟର, ଆଦର୍ଶ ଚେସ୍, ଜିନିୟସ ଓ ଚେକ୍ ମେଟ୍ ଚେସ୍, ରୁକ୍‌ମେଟ ଏକାଡେମୀ ପ୍ରଭୃତି ରାଜ୍ୟର ଆହୁରି ଅନେକ ଅଗ୍ରଣୀ ଚେସ୍ ଅନୁଷ୍ଠାନ ପିଲାଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ସହ ରାଜ୍ୟରେ ଚେସ୍‌ର ପ୍ରଚାର ପ୍ରସାରରେ ବେଶ୍ ଯତ୍ନବାନ। ଅନେକ ବରିଷ୍ଠ ତଥା ପ୍ରତିଷ୍ଠିତ ଟାଇଟଲଧାରୀ ଖେଳାଳି ମଧ୍ୟ ବର୍ତ୍ତମାନ ପ୍ରତିଭାବାନ ଖେଳାଳିମାନଙ୍କୁ ଅନ୍‌ଲାଇନ ଓ ଅଫ୍ ଲାଇନରେ ଉଚ୍ଚତର ପ୍ରଶିକ୍ଷଣ ଦେବା ଆମ ରାଜ୍ୟ ପାଇଁ ଶୁଭ ସୂଚନା। ସର୍ବଭାରତୀୟ ଚେସ୍ ମହାସଂଘ(ଏଆଇସିଏଫ୍) ତରଫରୁ ଗତବର୍ଷ ଜାତୀୟ ଚେସ୍‌ରେ ବିଭିନ୍ନ ବିଭାଗରେ ପ୍ରଥମ ତିନି ଜଣ କୃତି ଖେଳାଳିଙ୍କୁ ପ୍ରାୟ ୫୦ ଲକ୍ଷ ଟଙ୍କାର କ୍ରୀଡ଼ା ମେଧା ବୃତ୍ତି ପ୍ରଦାନ କରାଯାଇ ଏକ ନୂଆ ପ୍ରଶଂସନୀୟ ପରମ୍ପରା ଆରମ୍ଭ କରାଯାଇଛି। ନିକଟରେ ଭାରତରେ ଖୁବ୍ ଶୀଘ୍ର ଇଣ୍ଡିଆନ୍ ଚେସ୍ ଲିଗ୍ (ଆଇସିଏଲ୍) ସହିତ ବୈପ୍ଳବିକ ପରିବର୍ତ୍ତନ ଘଟିବାକୁ ଯାଉଥିବା ବେଳେ ଓଡ଼ିଶାରେ ମଧ୍ୟ ନୂଆ ରାଜ୍ୟ ଚେସ୍ ସଂଘ ନେତୃତ୍ୱରେ ରାଜ୍ୟ ସରକାର ଓ ସର୍ବଭାରତୀୟ ଚେସ୍ ସଂଘ ସହଯୋଗରେ ସ୍ୱତନ୍ତ୍ର ରଣନୀତି ସହ ପ୍ରତ୍ୟେକ ଜିଲାରେ ଚେସ୍‌ର ବିକାଶ ପାଇଁ ଯୋଜନାବଦ୍ଧ ଭାବେ ପ୍ରସ୍ତୁତିପର୍ବ ଆରମ୍ଭ ହୋଇଯାଇଛି।

*(ବିଜୁ ପଟ୍ଟନାୟକ ପୁରସ୍କାରପ୍ରାପ୍ତ ଚେସ୍ ପ୍ରଶିକ୍ଷକ)*



କୋନେରୁ ହମ୍ପି

ସାତ୍ୱିକ ସ୍ୱାଇଁ

ଚେସ୍ ଅଲିମ୍ପିଆଡ଼ରେ ସ୍ୱର୍ଣ୍ଣ ବିଜୟୀ ଭାରତୀୟ ମହିଳା ଓ ପୁରୁଷ ଦଳ

# କ୍ରିକେଟରେ ନୂଆ ନିୟମ



ନିର୍ମଳ କୁମାର ମିଶ୍ର

**ଇତିମଧ୍ୟରେ କ୍ରିକେଟ ନିୟମରେ ଅନେକ ପରିବର୍ତ୍ତନ କରିଛି ଆଇସିସି। କ୍ରିକେଟର ୩ଟି ଫର୍ମାଟକୁ ତ୍ରୁଟିଶୂନ୍ୟ ଓ ଶୃଙ୍ଖଳିତ କରିବା ପାଇଁ ଏହି ନିୟମଗୁଡ଼ିକର ଆବଶ୍ୟକତା ଥିଲା ବୋଲି ପ୍ରକାଶ କରାଯାଇଛି। ପ୍ଲେଇଂ କଣ୍ଡିଶନରୁ ଆରମ୍ଭ କରି ଷ୍ଟପ୍ ୱାଚ୍ ପର୍ଯ୍ୟନ୍ତ ଅନେକ ନିୟମ ପରିବର୍ତ୍ତନ ହୋଇଛି। ଜୁଲାଇ ୨ରୁ ଏହି ନୂଆ ନିୟମ ଲାଗୁ ହୋଇଛି...**

କ୍ରିକେଟ ନିୟମରେ ବଡ ପରିବର୍ତ୍ତନ କରିଛି ଅନ୍ତର୍ଜାତୀୟ କ୍ରିକେଟ କାଉନ୍‌ସିଲ (ଆଇସିସି)। ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍‌ର ଚତୁର୍ଥ ସଂସ୍କରଣ ଆରମ୍ଭ ହୋଇଛି। ୨୦୨୫ ଜୁନ୍ ୧୭ରୁ ଜୁନ୍ ୨୦୨୭ ପର୍ଯ୍ୟନ୍ତ ଏହି ଟେଷ୍ଟ ଚକ୍ର ଖେଳାଯିବ। ୯ଟି ଟେଷ୍ଟ ଖେଳୁଥିବା ଦେଶ ମଧ୍ୟରେ ମୋଟ ୭୧ଟି ଟେଷ୍ଟ ଅନୁଷ୍ଠିତ ହେବ। ଶ୍ରୀଲଙ୍କା-ବାଂଲାଦେଶ ମଧ୍ୟରେ ଅନୁଷ୍ଠିତ ୨ଟି ଟେଷ୍ଟରୁ ଏହି ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ ଆରମ୍ଭ ହୋଇଛି। ଅଷ୍ଟ୍ରେଲିଆ, ବାଂଲାଦେଶ, ଇଂଲଣ୍ଡ, ଭାରତ, ନ୍ୟୁଜିଲାଣ୍ଡ, ପାକିସ୍ତାନ, ଦକ୍ଷିଣ ଆଫ୍ରିକା, ଶ୍ରୀଲଙ୍କା ଓ ୱେଷ୍ଟଇଣ୍ଡିଜକୁ ନେଇ ଏହି ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଅନୁଷ୍ଠିତ ହେଉଛି। ପ୍ରଥମ ସଂସ୍କରଣରେ ଭାରତକୁ ହରାଇ ନ୍ୟୁଜିଲାଣ୍ଡ ପ୍ରଥମ ଆଇସିସି ଟ୍ରଫି ଜିତିଥିବା ବେଳେ ୨ୟ ଚାମ୍ପିୟନଶିପ୍‌ରେ ଭାରତକୁ ହରାଇ ଅଷ୍ଟ୍ରେଲିଆ ଚାମ୍ପିୟନ ହୋଇଥିଲା। ଗତ ସଂସ୍କରଣରେ ଅଷ୍ଟ୍ରେଲିଆ ହାତରୁ ଦକ୍ଷିଣ ଆଫ୍ରିକା ଟେଷ୍ଟ ମେସ୍ (ଟ୍ରଫି) ଛଡାଇ ନେଇଥିଲା। ଏବେ ଚତୁର୍ଥ ପର୍ଯ୍ୟାୟ ଆରମ୍ଭରେ ଶ୍ରୀଲଙ୍କା-ବାଂଲାଦେଶ ଓ ଅଷ୍ଟ୍ରେଲିଆ-ୱେଷ୍ଟଇଣ୍ଡିଜ ସିରିଜ ଶେଷ ହୋଇଥିବାବେଳେ ଭାରତ-ଇଂଲଣ୍ଡ ସିରିଜ ଚାଲିଛି ମୋଟ ୨୭ଟି ସିରିଜ ଖେଳାଯିବାକୁ ଥିବା ବେଳେ ଦୁଇ ଶ୍ରେଷ୍ଠ ଦଳ ଟାଇଟଲ ପାଇଁ ଲର୍ଡ୍ସରେ ଲଢେଇ କରିବେ। ପ୍ରତ୍ୟେକ ଦଳ ୬ଟି ସିରିଜ ଖେଳିବାକୁ ଥିବାବେଳେ ୩ଟି ଘରୋଇ ପରିବେଶ ଓ ୩ଟି ବିଦେଶ ମାଟିରେ ଖେଳିବେ।

ଚାମ୍ପିୟନଶିପ୍ ଚକ୍ରର ଆରମ୍ଭରେ ଭାରତ ଏହାର ପ୍ରଥମ ମ୍ୟାଚ ଇଂଲଣ୍ଡଠାରୁ ହେଡିଙ୍ଗଲେଠାରେ ହାରିଛି। ମାତ୍ର ବର୍ମିଂହାମରେ ଅନୁଷ୍ଠିତ ୨ୟ ଟେଷ୍ଟରେ ବିଜୟ ସହ ସଫଳ ପ୍ରତ୍ୟାବର୍ତ୍ତନ କରିଛି। ତେବେ ଲର୍ଡ୍ସରେ ତୃତୀୟ ଟେଷ୍ଟ ଜିତି ଇଂଲଣ୍ଡ ଅଗ୍ରଣୀଲାଭ କରିଛି। ଇତିମଧ୍ୟରେ ଆଇସିସି କ୍ରିକେଟ ନିୟମରେ ଅନେକ ପରିବର୍ତ୍ତନ କରିଛି। କ୍ରିକେଟର ୩ଟି ଫର୍ମାଟକୁ ଅଧିକ ତ୍ରୁଟିଶୂନ୍ୟ ଓ ଶୃଙ୍ଖଳିତ କରିବା ପାଇଁ ଏହି ନିୟମଗୁଡ଼ିକର ଆବଶ୍ୟକତା ଥିଲା ବୋଲି ଆଇସିସି ପ୍ରକାଶ କରିଛି। ପ୍ଲେଇଂ ଏକାଦଶଠାରୁ ଆରମ୍ଭ କରି ମ୍ୟାଚ ଓଭରରେ ଖେଳାଯାଉଥିବା ବଲ ପର୍ଯ୍ୟନ୍ତ ନିୟମଗୁଡିକ ଏଥିରେ ରହିଛି। ଜୁଲାଇ ୨ରୁ ନୂଆ ନିୟମ ଲାଗୁ ହୋଇଛି। ଗତ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍‌ର ଫାଇନାଲ ପରେ ଏହାକୁ ଲାଗୁ କରିବାକୁ ନିଷ୍ପତ୍ତି ନେଇଥିଲା।

ଏଥିପାଇଁ ଏମ୍‌ସିସି ପ୍ଲେଇଂ କଣ୍ଡିଶନ ନିୟମରେ ବ୍ୟାପକ ପରିବର୍ତ୍ତନ କରିଛି ଆଇସିସି। ଅନେକ ସମୟରେ ନିୟମର ଖୋଲାଖୋଲି ଉଲ୍ଲଂଘନ ହେଉଥିବା ଦେଖିବାକୁ ମିଳୁଥିବାରୁ ଏବଂ ଟେକ୍ନୋଲୋଜିର ବ୍ୟାପକ ବ୍ୟବହାର ସତ୍ତ୍ୱେ ବିବାଦୀୟ ପରିସ୍ଥିତି ପାଇଁ ଏବଂ ଖେଳରେ ସ୍ୱଚ୍ଛତା ଆଣିବା ଲାଗି ଏହି ପରିବର୍ତ୍ତନ କରାଯାଇଛି। ଏହା ସତ୍ତ୍ୱେ ଟେଷ୍ଟ ଚାମ୍ପିୟନଶିପ୍‌ର ଅଷ୍ଟ୍ରେଲିଆ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ଖେଳାଯାଇଥିବା ପ୍ରଥମ ଟେଷ୍ଟରେ କେତେଗୁଡିଏ ବିବାଦୀୟ ନିଷ୍ପତ୍ତି ସୋସିଆଲ ମିଡିଆରେ ବେଶ୍ ଚର୍ଚ୍ଚାର ବିଷୟ ରହିଛି। ବିବାଦୀୟ ନିଷ୍ପତ୍ତି ଦ୍ୱାରା ୱେଷ୍ଟଇଣ୍ଡିଜକୁ ଅମ୍ପାୟର୍ସମାନେ ହରାଇଛନ୍ତି ବୋଲି ମତପ୍ରକାଶ ପାଇଛି। ଟେଷ୍ଟ କ୍ରିକେଟ ସହିତ ଜୁଲାଇରୁ ଏକଦିବସୀୟ କ୍ରିକେଟରେ ମଧ୍ୟ ଏହି ନିୟମଗୁଡିକ ପାଳନ କରିବାକୁ ନିର୍ଦ୍ଦେଶ ରହିଛି।

ଏକଦିବସୀୟ ମ୍ୟାଚ କଥା ଦେଖିଲେ ଉଭୟ ଦଳ ସମ୍ପୂର୍ଣ୍ଣ ୫୦ ଓଭର ମ୍ୟାଚ ପାଇଁ ଦୁଇଟି ନୂଆ ବଲ ବ୍ୟବହାର କରାଯାଉଥିଲା। କିନ୍ତୁ ନିୟମର ପରିବର୍ତ୍ତନ ପରେ ଦୁଇଟି ବଲ ଗୋଟିଏ ଇନିଂସରେ ୩୪ ଓଭର ପର୍ଯ୍ୟନ୍ତ ବ୍ୟବହାର କରାଯିବ। ୩୫ ଓଭରଠାରୁ ବୋଲିଂ ଦଳକୁ କେବଳ ଗୋଟିଏ ବଲ ବାଛିବାକୁ ପଡିବ ଏବଂ ଅନ୍ୟ ବଲଟିକୁ ରିଜର୍ଭରେ ରଖାଯିବ। ଯଦି ବର୍ଷା କିମ୍ବା ଅନ୍ୟ କୌଣସି କାରଣରୁ ୨୫ ଓଭର କିମ୍ବା ତା'ଠାରୁ କମ୍ ଓଭର ଉଭୟ ଦଳକୁ ଖେଳିବାକୁ ହୁଏ ତେବେ ପ୍ରତ୍ୟେକ ଦଳ ପାଇଁ ଗୋଟିଏ ନୂଆ ବଲ ବ୍ୟବହାର ପାଇଁ ନିୟମ ରହିଛି। ଏହା ମଧ୍ୟ ପୂର୍ବରୁ ରହିଥିଲା।

ଟି୨୦ ଓ ଏକଦିବସୀୟ ମ୍ୟାଚ ପରି ଟେଷ୍ଟ କ୍ରିକେଟରେ ମଧ୍ୟ ଷ୍ଟପ୍‌ୱାଚ୍ ନିୟମ ଲାଗୁହେବ। ଏହି ନିୟମ ଅନୁସାରେ ଗୋଟିଏ ଓଭର ସରିବା ପରେ ୬୦ସେକେଣ୍ଡ ମଧ୍ୟରେ ବୋଲିଂ ଟିମ୍ ପରବର୍ତ୍ତୀ ଓଭର ଆରମ୍ଭ କରିବ। ଯଦି କୌଣସି ଯୁକ୍ତିଯୁକ୍ତ କାରଣ ନ ଥାଇ ଅଧିନାୟକ କିମ୍ବା ବୋଲର ପରବର୍ତ୍ତୀ ଓଭର ଆରମ୍ଭ ନ କରନ୍ତି ତେବେ ଦୁଇ ଫିଲ୍ଡ ଅମ୍ପାୟର ପ୍ରଥମ ସତର୍କ ସୂଚନା ଦେବେ ଏବଂ ଦ୍ୱିତୀୟ ସତର୍କ ସୂଚନା ପରେ ପାଞ୍ଚ ରନର ପେନାଲଟି ରନ୍ ବ୍ୟାଟିଂ ଦଳକୁ ପ୍ରଦାନ କରିବେ। ଫଳରେ ଅଧିନାୟକ ଓ ଖେଳାଳିମାନେ ଅଯଥା ସମୟ ଫିଲ୍ଡ ସଜାରେ ବରବାଦ କରିବେ ନାହିଁ ଓ ସତର୍କ ରହିବେ । ୮୦ ଓଭର ପରେ ବୋଲିଂ ଦଳର ଚେତାବନୀ ଶୂନ ହେବ।

ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ନିୟମ ଅନୁସାରେ ପ୍ରତ୍ୟେକ ମ୍ୟାଚରେ ପାଞ୍ଚଜଣ ବ୍ୟାକ୍‌ଅପ୍ ଖେଳାଳି ଉପଲବ୍ଧ ରହିବେ। ଏହା ଉଭୟ ଦଳ ପାଇଁ ପ୍ରଯୁଜ୍ୟ ହେବ। ଏଥିରେ ଜଣେ ଲେଖାଏ ବ୍ୟାଟର, ଦ୍ରୁତବୋଲର, ଅଲ୍‌ରାଉଣ୍ଡର, ସ୍ପିନର ଓ ଜଣେ ଉଇକେଟକିପର ରହିବେ। ଯଦି ମ୍ୟାଚ ସମୟରେ କୌଣସି ଖେଳାଳି ଆହତ ହୁଅନ୍ତି ତେବେ ବଦଳ ଖେଳାଳି ରୂପେ ଅମ୍ପାୟର୍ସ ଅନୁମତି କ୍ରମେ 'ଲାଇକ ଫର ଲାଇକ' ଖେଳାଳିଙ୍କୁ ଖେଳିବାକୁ ଅନୁମତି ମିଳିବ। ଏଥିପାଇଁ ମ୍ୟାଚ ରେଫରି ପ୍ରମୁଖ ଭୂମିକା ଗ୍ରହଣ କରିବେ। ମାତ୍ର ପୂର୍ବରୁ ଅନେକ ମ୍ୟାଚରେ ଏହାର ବ୍ୟତିକ୍ରମ କରାଯିବାର ଦେଖିବାକୁ ମିଳିଛି। ଜଣେ ବୋଲର ବଦଳରେ ଅଲରାଉଣ୍ଡରମାନେ ବ୍ୟାଟିଂ କରି ଟିମ୍‌ମାନଙ୍କୁ ଜିତାଉଥିବାରୁ ଆଇସିସି ଏହି ନିୟମରେ ପରିବର୍ତ୍ତନ କରିଛି।

ବାଉଣ୍ଡାରୀ ପାଖରେ 'ବନି ହୁପ' କ୍ୟାଚ ପାଇଁ ମଧ୍ୟ ନୂଆ ନିୟମ ଲାଗୁ କରିଛି। ଏହା ପୂର୍ବରୁ ଅନେକ ବିବାଦୀୟ କ୍ୟାଚ ଯୋଗୁ ବେଶ୍ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ଯାହାକି କ୍ୟାଚର ସ୍ୱଚ୍ଛତା ଉପରେ ସନ୍ଦେହ ସୃଷ୍ଟି କରୁଥିଲା। ନିୟମ ଅନୁସାରେ ଫିଲ୍‌ଡର ବାଉଣ୍ଡାରୀ ବାହାରେ ଯଦି ଦୁଇ ଥର କ୍ୟାଚ ସଂସ୍ପର୍ଶରେ ଆସନ୍ତି ଓ ଯଦି ତାଙ୍କର ଶରୀର ଭୂମି ସ୍ପର୍ଶ କରି ନ ଥାଏ କିମ୍ବା ବଲକୁ ଫିଲ୍ଡ ଅଫ୍ ପ୍ଲେ ମଧ୍ୟକୁ ଶୂନ୍ୟରେ ଫିଙ୍ଗିଦେଇ ପୁନର୍ବାର କ୍ୟାଚ ଧରୁଥିଲେ ତାହା ତ୍ରୁଟିଶୂନ୍ୟ କୁହାଯାଉଥିଲା। ମାତ୍ର ସୀମାରେଖା ବାହାରେ ଯଦି ୨ଥର ବଲକୁ ସ୍ପର୍ଶ କରନ୍ତି ଓ କ୍ୟାଚ ନିଅନ୍ତି ତେବେ ତାହା ଛଅ ରନ ବୋଲି ଘୋଷଣା ହେବ। ଟି୨୦ବିଶ୍ୱକପ ଫାଇନାଲରେ ସୂର୍ଯ୍ୟକୁମାର ଯାଦବ ଯେତେବେଳେ ଡେଭିଡ୍ ମିଲରଙ୍କ କ୍ୟାଚ ଧରିଲେ ତାହା ବେଶ୍ ବିତର୍କ ଓ ବିବାଦ ସୃଷ୍ଟି କରିଥିଲା। ଏପରି କ୍ୟାଚ ଏବେ ନୂଆ ନିୟମରେ ଅସିଦ୍ଧ ଘୋଷଣା ହୋଇଛି।

ଆଉ ଏକ ନୂଆ ନିୟମ ହେଉଛି କୌଣସି ଫିଲ୍‌ଡର ଯଦି ମିଛରେ କ୍ୟାଚ ପାଇଁ ଦାବି କରେ ତେବେ ଟିଭି ଅମ୍ପାୟର 'ନୋ ବଲ' ଘୋଷଣା କରିବେ। ସ୍ୱଚ୍ଛ କ୍ୟାଚ ହୋଇ ନ ଥିଲେ ନୋ ବଲ ପାଇଁ ବ୍ୟାଟିଂ ଦଳକୁ ଅତିରିକ୍ତ ରନ୍ ମିଳିବ। ଏହି ସମୟରେ ବ୍ୟାଟର୍ସ ନେଇଥିବା ରନଗୁଡିକ ଟିମ୍ ଟୋଟାଲରେ ଗଣାହେବ। ଏହା ସ୍ପିରିଟ ଅଫ୍ ଦି ଗେମ୍ ନିୟମକୁ ଉଲ୍ଲଂଘନ କରୁଥିବାରୁ ଫିଲ୍ଡ ଅମ୍ପାୟରମାନେ ମଧ୍ୟ ଫିଲ୍ଡରର ଏପରି କାର୍ଯ୍ୟକୁ ଚେତାବନୀ ଦେଇପାରିବେ। ଏଥିସହିତ ଯଦି କୌଣସି ବ୍ୟାଟର୍ସ ରନ ସଂଗ୍ରହ କରିବା ସମୟରେ ଜାଣିଶୁଣି ଶର୍ଟ ରନ୍ ନେଲେ ବୋଲର୍ସ ଏଣ୍ଡ ଅମ୍ପାୟର ସମସ୍ତ ରନକୁ ଅଯୋଗ୍ୟ ଘୋଷଣା କରିବା ସହିତ ନୋ ବଲ କିମ୍ବା ୱାଇଡ ବଲର ସିଗ୍ନାଲ ଦେବେ ଏବଂ ଏଥିସହିତ ୫ ରନ୍ ପେନାଲଟି ଆକାରରେ ଫିଲ୍ଡିଂ ସାଇଡକୁ ଦେବା ସହ ଦୁଇ ବ୍ୟାଟର୍ସଙ୍କ ମଧ୍ୟରୁ କେଉଁ ବ୍ୟାଟର ଷ୍ଟ୍ରାଇକ କରିବ ଏ କଥା ଅଧିନାୟକ କହିବେ। ଏହି ନିୟମଟି ବେଶ୍ ଗୁରୁତ୍ୱପୂର୍ଣ୍ଣ। ଏଥିରେ ତୃତୀୟ ଅମ୍ପାୟରଙ୍କ ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ ରହିବ।

ଏଥିସହିତ କୋଭିଡ୍ ପରେ ଆରମ୍ଭ ହୋଇଥିବା ସମସ୍ତ ଟେଷ୍ଟ ମ୍ୟାଚଗୁଡିକରେ ବଲରେ ବୋଲର କିମ୍ବା ଫିଲ୍‌ଡର ସାଲିଭା ବ୍ୟବହାର କରିବା ଦେଖାଯାଉଥିଲେ ବଲକୁ ସମାନ ଅବସ୍ଥାରେ ଥିବା ବଲ ସହିତ ପରିବର୍ତ୍ତନ କରାଯାଉଥିଲା। ମାତ୍ର ବଲରେ ଲାଳ ଲାଗିଥିଲେ ବର୍ତ୍ତମାନ ନିୟମରେ ବଲ ପରିବର୍ତ୍ତନ ହେବନାହିଁ। ଅନ୍ୟପକ୍ଷରେ ଡିଆର୍‌ଏସ୍ କଲ୍‌ରେ ମଧ୍ୟ ଯଦି ଜଣେ ବ୍ୟାଟର ଚ୍ୟାଲେଞ୍ଜ କଲା ଓ ତୃତୀୟ ଅମ୍ପାୟରଙ୍କ ସହାୟତା ନେଲା ତେବେ ବଲ ପ୍ୟାଡ କିମ୍ବା ବ୍ୟାଟ ସହିତ କଣ୍ଟାକ୍ଟ କରିଛି ତେବେ ପ୍ରଥମେ ଏଲ୍‌ବିଡବ୍ଲ୍ୟୁ ଓ ପରବର୍ତ୍ତୀ ଅବସ୍ଥାରେ ବ୍ୟାଟରେ ଟଚ୍ ହୋଇଥିଲେ ଅମ୍ପାୟର୍ସ କଲ୍‌ରେ ମଧ୍ୟ ବ୍ୟାଟର ଆଉଟ ହେବ। ଅକ୍ଟୋବର ପରେ 'କନକସନ' ନିୟମରେ ପରିବର୍ତ୍ତନ ସହିତ ବ୍ୟାଟର୍ସ ବ୍ୟାଟିଂ ପୋଜିଶନକୁ ନେଇ ୱାଇଡ ବଲ ନିୟମରେ ପରିବର୍ତ୍ତନ ହେବ। କ୍ରିକେଟକୁ ଅଧିକ ଶୃଙ୍ଖଳିତ କରିବା ପାଇଁ ଏହି ନିୟମଗୁଡିକରେ ପରିବର୍ତ୍ତନ ହୋଇଛି। ଏପରି ନିୟମ କିପରି ସଫଳ ଭାବେ କାର୍ଯ୍ୟକାରୀ ହେଉଛି ଏହା ସମୟ କହିବ।





# ଆର୍‌ସିବି, କେଏସ୍‌ସିଏ ଦାୟୀ

## ବେଙ୍ଗାଲୁରୁ ଦଳାଚକଟା

### ଷ୍ଟାଟସ ରିପୋର୍ଟ ଦାଖଲ କଲେ କର୍ନାଟକ ସରକାର



ବେଙ୍ଗାଲୁରୁ,୧୭।୭

ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମ ନିକଟରେ ଗତ ଜୁନ ୪ ତାରିଖରେ ଘଟିଥିବା ଦଳାଚକଟାରେ ୧୧ ଜଣଙ୍କ ମୃତ୍ୟୁ ଘଟଣାର ଷ୍ଟାଟସ ରିପୋର୍ଟ କର୍ନାଟକ ସରକାରଙ୍କ ପକ୍ଷରୁ ହାଇକୋର୍ଟରେ ଦାଖଲ କରାଯାଇଛି। ଏଥିରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି), ସେମାନଙ୍କର ଇଭେଣ୍ଟ ମ୍ୟାନେଜମେଣ୍ଟ ପାର୍ଟନର ଡିଏନ୍‌ଏ ନେଟ୍‌ୱର୍କ୍ସ ପ୍ରାଇଭେଟ ଲିମିଟେଡ୍ ଓ କର୍ନାଟକ ରାଜ୍ୟ କ୍ରିକେଟ ଆସୋସିଏଶନ(କେଏସ୍‌ସିଏ)କୁ ଦାୟୀ କରାଯାଇଛି। କର୍ନାଟକ ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ରିପୋର୍ଟକୁ ସର୍ବଜନୀନ କରାଯାଇଛି। ସରକାରଙ୍କ ପକ୍ଷରୁ ଏହି ରିପୋର୍ଟକୁ ଗୋପନୀୟ ରଖିବାକୁ ଅନୁରୋଧ କରାଯାଇଥିଲା। ହେଲେ କୋର୍ଟ ପ୍ରତ୍ୟାଖ୍ୟାନ କରିଥିଲେ।

ଏହି ରିପୋର୍ଟ ମୁତାବକ, ଜୁନ ୩ ତାରିଖରେ ଆର୍‌ସିବି ମ୍ୟାନେଜମେଣ୍ଟ ପକ୍ଷରୁ ସମ୍ଭାବ୍ୟ ବିଜୟୀ ପରେଡ ସମ୍ପର୍କରେ ପୋଲିସକୁ ଅବଗତ କରାଯାଇଥିଲା। ତେବେ ଏହା କେବଳ ସୂଚନା ଥିଲା, କୌଣସି ଅନୁମତି ମଗାଯାଇ ନ ଥିଲା। ଆଇନ ଅନୁଯାୟୀ, ଏଭଳି ଅନୁମତି ଇଭେଣ୍ଟର ୭ ଦିନ ପୂର୍ବରୁ ମଗାଯାଏ। କ୍ୟୁବନ ପାର୍କ ଥାନା କେଏସ୍‌ସିଏ ଦ୍ୱାରା ୩ ତାରିଖ ସନ୍ଧ୍ୟା ୬ଟା ୩୦ରେ ଅନୁମତି ଲାଗି କରାଯାଇଥିବା ଅନୁରୋଧକୁ ପ୍ରତ୍ୟାଖ୍ୟାନ କରାଯାଇଥିଲା। କାରଣ କେତେ ସଂଖ୍ୟାରେ ଲୋକେ ଭାଗ ନେବେ, କେଉଁଠାରେ ଏକତ୍ରିତ ହେବେ, ସମୟ, ଉତ୍ତରଦାୟୀ ଆୟୋଜକଙ୍କ ନାମ ଓ କଣ୍ଟାକ୍ଟ ଭଳି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଉଲ୍ଲେଖ କରାଯାଇ ନ ଥିଲା। ଏହାସତ୍ତ୍ୱେ ଆର୍‌ସିବି ପକ୍ଷରୁ ୪ ତାରିଖ ଅପରାହ୍ଣ ୩.୧୪ରେ ବିଧାନ ସୌଧରୁ ଷ୍ଟାଡିୟମ ପର୍ଯ୍ୟନ୍ତ ସନ୍ଧ୍ୟା ୫ଟାରେ ବିଜୟୀ ପରେଡ ହେବ ବୋଲି ସୋସିଆଲ ମିଡିଆ ଜରିଆରେ ଘୋଷଣା କରାଯାଇଥିଲା। ଏହି ପୋଷ୍ଟଗୁଡ଼ିକୁ ମିଳିତ ଭାବେ ୪୪ ଲକ୍ଷ ଲାଇକ୍ ମିଳିଥିଲା। ଏଥିଯୋଗୁ ଷ୍ଟାଡିୟମ ପାଖରେ ୩ ଲକ୍ଷ୍ୟରୁ ଅଧିକ ଲୋକ ଏକତ୍ରିତ ହୋଇଥିଲେ। ଏଭଳି ଭିଡ଼କୁ ନିୟନ୍ତ୍ରଣ କରିବା ଲାଗି ବଡ଼ ଆକାରରେ ପୋଲିସ ମୁତୟନର ଆବଶ୍ୟକତା ଥିଲା। ହେଲେ ଠିକ ସୂଚନାର ଅଭାବରୁ ଇଭେଣ୍ଟରେ କେତେ ସଂଖ୍ୟାରେ ଲୋକେ ଯୋଗଦେବେ, ତାହାର ମୂଲ୍ୟାଙ୍କନ ପୋଲିସ କରିପାରି ନ ଥିଲା ଏବଂ ଲୋକଙ୍କ ସୁରକ୍ଷା ଲାଗି ପୋଲିସ ଯଥେଷ୍ଟ ପଦକ୍ଷେପ ନେଇପାରି ନ ଥିଲା। ଷ୍ଟାଡିୟମର ଦର୍ଶକଙ୍କ କ୍ଷମତା ୩୫ ହଜାର ହୋଇଥିବା ବେଳେ ଆର୍‌ସିବି ପକ୍ଷରୁ ଫ୍ରି-ଏଣ୍ଟ୍ରି ଘୋଷଣା କରାଯାଇଥିଲା ; ଯାହା ଫଳରେ ପରିସ୍ଥିତି ଅଣାୟତ୍ତ ହୋଇଯାଇଥିଲା। ସହଯୋଗ ଓ ଅନୁମତି ବିନା ବେଙ୍ଗାଲୁରୁ ସହର ପୋଲିସ ପରିସ୍ଥିତିକୁ ନିୟନ୍ତ୍ରଣ କରିବା ଲାଗି ଅନେକ ପଦକ୍ଷେପ ନେଇଥିଲା। ଜୁନ ୪ ତାରିଖ ସକାଳ ୧୦ଟାରେ ବୈଠକ ବସିଥିଲା, ଯେଉଁଠାରେ ଟ୍ରାଫିକ ଓ ଆଇନ ପ୍ରଣୟନ ଯୋଜନା ଚୂଡ଼ାନ୍ତ କରାଯାଇଥିଲା। ୪ ଡିସିପି, ୬ ଏସିପି, ୨୩ ପିଆଇ, ୫୭ ପିଏସ୍‌ଆଇ, ୧୦୪ ଏଏସ୍‌ଆଇ ଓ ୪୬୨ଙ୍କୁ ନିଯୁକ୍ତ କରାଯାଇଥିଲା। ଆର୍‌ସିବି, ଡିଏନ୍‌ଏ ନେଟ୍‌ୱର୍କ୍ସ ଓ କେଏସ୍‌ସିଏ ଷ୍ଟାଣ୍ଡାର୍ଡ ପ୍ରୋସିଜିଓର୍ସ ଓ ସୁରକ୍ଷା ବ୍ୟବସ୍ଥାକୁ ଅଣଦେଖା କରିଥିଲେ ; ଯାହାଫଳରେ ଲୋକଙ୍କ ଜୀବନ ବିପଦରେ ପଡ଼ିଥିଲା।

# ବି.ସି. ରୟ ଟ୍ରଫି ଫୁଟ୍‌ବଲରେ ଭାଗନେବ ଓଡ଼ିଶା



ଅଫିସିଆଲ୍‌ଙ୍କ ସହ ଓଡ଼ିଶା ଜୁନିୟର ଫୁଟବଲ ଦଳ।

ଭୁବନେଶ୍ୱର, ୧୭।୭ (ବିଜୟ ରଣା)

ପଞ୍ଜାବର ଅମୃତସରରେ ଜୁଲାଇ ୨୦ରୁ ୩୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଥିବା ଜାତୀୟ ଜୁନିୟର ବାଳକ ଫୁଟ୍‌ବଲ ଚାମ୍ପିୟନଶିପ୍ ବି.ସି. ରୟ ଟ୍ରଫି ୨୦୨୫-୨୬ରେ ଓଡ଼ିଶା ଦଳ ଅଂଶଗ୍ରହଣ କରିବ। ପ୍ରତିଯୋଗିତାରେ ଭାଗନେବା ଲାଗି ଓଡ଼ିଶା ଦଳ ଅମୃତସର ଅଭିମୁଖେ ଯାତ୍ରା କରିଛି। ଏହି ଅବସରରେ ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ)ର ସଭାପତି ଟଙ୍କଧର ତ୍ରିପାଠୀ ଓ ସମ୍ପାଦକ ଆଶୀର୍ବାଦ ବେହେରାଙ୍କ ସମେତ ଆସୋସିଏଶନର ସମସ୍ତ କର୍ମକର୍ତ୍ତା ଦଳର ଶୁଭକାମନା କରିଛନ୍ତି। **ଓଡ଼ିଶା ଜୁନିୟର ଫୁଟ୍‌ବଲ ଦଳ:** ଗୋଲକିପର: ସୌମ୍ୟରଞ୍ଜନ ଦେବତା, ଉଦୟ ଏକ୍କା। ଡିଫେଣ୍ଡର: ବିଷ୍ଣୁ ପ୍ରସାଦ ସାହୁ, କିରଣ ମୁଣ୍ଡା, ଆୟୁଷ ଅଂଶୁଜିତ୍, ଶଙ୍କର ଭୁଏ, ଜେଙ୍ଗା ଲାକ୍ରା, କୃଷ୍ଣଚନ୍ଦ୍ର ହାଁସ୍‌ଦା, ଅଙ୍କିତ ଖାଡ଼ିଆ। ମିଡ୍‌ଫିଲ୍ଡର: ସ୍ୱାଗତମ ସାହୁ, ସତ୍ୟ ନାୟକ, ଏମ୍. ରାଜ କୁମାର ରାଓ, ସମୀର ଟପ୍ପୋ, ଅମନ ଲାକ୍ରା, ପିଣ୍ଟୁ ନାଗ୍ ଓ ଭିକି ମାଝି। ଫରୱାର୍ଡ: ଇଶାନ୍ତ କୁଜୁର, ପ୍ରସନଜିତ୍ ବାଡା. ବିଜୟ ମୁର୍ମୁ ଓ ମହମ୍ମଦ ଫରହାନ ଏହସାନ। ଅଫିସିଆଲ, ସେକ୍ ମନ୍‌ଜୁର (ମୁଖ୍ୟ କୋଚ୍), ଧନେଶ୍ୱର ତିର୍କୀ (ସହକାରୀ କୋଚ୍), ଚିତ୍ତରଞ୍ଜନ ବେହେରା (ମ୍ୟାନେଜର) ଏବଂ ସରୋଜ କୁମାର ଦାସ ( ଫିଜିଓ)।

# ଫ୍ରିଷ୍ଟାଇଲ ଚେସ୍: ପ୍ରଜ୍ଞାନନ୍ଦ, ଏରିଗେସି କ୍ୱାର୍ଟରରେ

ଲାସ୍ ଭେଗାସ, ୧୭।୭ (ପି.ଟି.)

ଗ୍ରାଣ୍ଡ ମାଷ୍ଟର ଆର. ପ୍ରଜ୍ଞାନନ୍ଦ ବିଶ୍ୱର ନମ୍ବର ୱାନ ମାଗ୍ନସ କାର୍ଲସେନଙ୍କୁ ପରାସ୍ତ କରି ଏଠାରେ ଚାଲିଥିବା ୭୫୦,୦୦୦ ଆମେରିକୀୟ ଡଲାର ପୁରସ୍କାର ବିଶିଷ୍ଟ ଫ୍ରିଷ୍ଟାଇଲ ଗ୍ରାଣ୍ଡସ୍ଲାମ ଟୁର୍‌ର କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ଇଭେଣ୍ଟରେ ୧୬ ଜଣ ଖେଳାଳି ଭାଗ ନେଇଛନ୍ତି। ଟୁର୍ନାମେଣ୍ଟର ନିୟମାନୁସାରେ ସେମାନଙ୍କୁ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ପ୍ରତି ଗ୍ରୁପ୍‌ରେ ୮ ଜଣ ଲେଖାଏ ଖେଳାଳିଙ୍କୁ ନିଆଯାଇଛି। ପ୍ରତି ଗ୍ରୁପ୍‌ରୁ ଶ୍ରେଷ୍ଠ ୪ଜଣ କ୍ୱାର୍ଟରଫାଇନାଲ ପର୍ଯ୍ୟାୟକୁ ଉନ୍ନୀତ ହେବେ। ଅନ୍ୟ ଭାରତୀୟ ଅର୍ଜୁନ ଏରିଗେସି ଦ୍ୱିତୀୟ ଗ୍ରୁପ୍‌ରୁ କ୍ୱାର୍ଟରଫାଇନାଲକୁ ଉନ୍ନୀତ ହୋଇଛନ୍ତି। ଏରିଗେସୀଙ୍କୁ ପ୍ରାରମ୍ଭରେ ସଂଘର୍ଷ କରିବାକୁ ପଡ଼ିଥିଲା। ମାତ୍ର ସେ ଦୃଢ଼ ପ୍ରତ୍ୟାବର୍ତ୍ତନ କରିଥିଲେ।

# ସାହାଣୀ କପ୍: କଟକ, ଖୋର୍ଦ୍ଧା ବିଜୟୀ



ପାରାଦୀପ ପୋର୍ଟ ଓ ଖୋର୍ଦ୍ଧା ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ପୂର୍ବରୁ ଦୁଇ ଦଳର ଖେଳାଳି ଓ ଅନ୍ୟମାନେ।

ରାଜକନିକା, ୧୭।୭
(ରବୀନ୍ଦ୍ର କୁମାର ଦାସ )

ରାଜକନିକା ଆଥଲେଟିକ ଆସୋସିଏଶନ ଆନୁକୂଲ୍ୟରେ କେନ୍ଦ୍ରାପଡ଼ା ଜିଲା କ୍ରୀଡା ସଂସଦ ଓ ଫୁଟ୍‌ବଲ ଆସୋସିଏଶନ ଅଫ ଓଡ଼ିଶା ସହଯୋଗରେ ରାଜକନିକା ଆର. ଏନ ହାଇସ୍କୁଲ ମିନି ଷ୍ଟାଡିୟମରେ ଚାଲିଥିବା ସିନିଅର ଆନ୍ତଃ ଜିଲା ସାହାଣୀ କପ ଫୁଟ୍‌ବଲ ଟୁର୍ନାମେଣ୍ଟର ୨ୟ ଦିନ ଖେଳ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ମ୍ୟାଚ କଟକ ଓ ପୁରୀ ମଧ୍ୟରେ ହୋଇଥିଲା। ଏଥିରେ କଟକ ୫-୦ ଗୋଲ ବିଜୟ ଲାଭ କରିଥିଲା। ସେହିପରି ଦ୍ୱିତୀୟ ମ୍ୟାଚରେ ପାରାଦୀପ ପୋର୍ଟ ଖୋର୍ଦ୍ଧାକୁ ଭେଟିଥିଲା। ଏଥିରେ ଖୋର୍ଦ୍ଧା ୪-୩ ଗୋଲରେ ବିଜୟ ଲାଭ କରିଥିଲା। ଉଭୟ ଖେଳରେ ମୁଖ୍ୟ ଅତିଥି ଭାବେ, ରାଜକନିକା ପଞ୍ଚାୟତ ସମିତି ଅଧକ୍ଷା ମିନତି ରାଉତ ଯୋଗଦେଇଥିଲେ। ଏହି ଅବସରରେ ରାଜକନିକା ଆଥଲେଟିକ ଆସୋସିଏଶନର ଉପସଭାପତି ପ୍ରଫେସର ବୈକୁଣ୍ଠନାଥ ପରିଡା ଓ କପିଳେନ୍ଦ୍ର ମଲ୍ଲିକ, ସାଧାରଣ ସମ୍ପାଦକ ଅଜୟ କୁମାର ନାୟକ, ଯୁଗ୍ମ ସମ୍ପାଦକ ପ୍ରାଣବନ୍ଧୁ ରାଉତ, ଓ ଡ.ଫକୀର ଚନ୍ଦ୍ର ପ୍ରଧାନ, କୋଷାଧକ୍ଷ ଦେବେନ୍ଦ୍ର ନାୟକ, ମିଡିଆ ସମ୍ପାଦକ ଅଜୟ ରାଉତ, ଉପଦେଷ୍ଟା ଆଦିକନ୍ଦ ଦାସ, ପାରାଦୀପ ପୋର୍ଟ ଫୁଟବଲ କୋଚ ରବି ଦାସ ଓ ଭଲି କୋଚ ସଞ୍ଜୟ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଶେଖବତ ଖାଁ, ଶଶୀକାନ୍ତ ଦାସିଆ ଖେଳ ପରିଚାଳନା କରିଥିବାବେଳେ ଦିଲୀପ ରାଉତ ମ୍ୟାଚ କମିଶନର କାର୍ଯ୍ୟ ସମ୍ପାଦନ କରିଥିଲେ। ଗୋଲକ ବିହାରୀ ମଲ୍ଲିକ, ବାସୁଦେବ ବେହେରା, ପର୍ଶୁରାମ ସାହୁ, ପ୍ରହଲ୍ଲାଦ ଜେନା, ସୋମ୍ୟକାନ୍ତ ନାୟକ, ବିଶ୍ୱରଞ୍ଜନ ପଢ଼ିଆରୀ ଆଦି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

**ଅନ୍ୟ ଜୋନ୍ ଫଳାଫଳ**

**ବୌଦ୍ଧ**
ବରଗଡ଼ -୪, କଳାହାଣ୍ଡି-୦
ଦେଓଗଡ଼-୨, ନୟାଗଡ଼-୦

**କେନ୍ଦୁଝର**
ସୁବର୍ଣ୍ଣପୁର-୬, ବାଲେଶ୍ୱର-୦
ସୁନ୍ଦରଗଡ଼-୧, ଢେଙ୍କାନାଳ-୧

**ବ୍ରହ୍ମପୁର**
ମୟୂରଭଞ୍ଜ-୦, କୋରାପୁଟ-୪
ମାଲକାନଗିରି-୮, ରାୟଗଡ଼ା-୧

# ଆଇଓସି, ଅନ୍ତର୍ଜାତୀୟ ଫେଡେରେଶନ ପରାମର୍ଶ ନିଆଯାଇଛି: କ୍ରୀଡ଼ାମନ୍ତ୍ରୀ

## ଜାତୀୟ କ୍ରୀଡ଼ା ଶାସନ ବିଲ୍



ନୂଆଦିଲ୍ଲୀ,୧୭।୭(ପି.ଟି.)

ଆସନ୍ତା ସପ୍ତାହରେ ମୌସୁମୀ ଅଧିବେଶନରେ ଆଗତ ହେବାକୁ ଯାଉଥିବା ଜାତୀୟ କ୍ରୀଡ଼ା ଶାସନ ବିଲ୍‌କୁ ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି (ଆଇଓସି) ଓ ଫିଫା ଭଳି ଅନ୍ତର୍ଜାତୀୟ ଫେଡେରେଶନର ପରାମର୍ଶ କ୍ରମେ ପ୍ରସ୍ତୁତ କରାଯାଇଛି। ଗୁରୁବାର ଆୟୋଜିତ ଦିନିକିଆ 'ଖେଲୋ ଭାରତ କନକ୍ଲେଭ'ରେ ସମ୍ବୋଧନ ଦେଇ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ଏହା କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଭାରତୀୟ ଅଲିମ୍ପିକ୍ ଆସୋସିଏଶନ (ଆଇଓଏ), ଜାତୀୟ କ୍ରୀଡ଼ା ମହାସଂଘ (ଏନ୍‌ଏସ୍‌ଏଫ୍‌ଏ), ଆଥ୍ଲେଟ୍ସଙ୍କ ସହ କର୍ପୋରେଟ ଜଗତର ସଦସ୍ୟ ଉପସ୍ଥିତ ଥିଲେ। ସଂସଦର ମୌସୁମୀ ଅଧିବେଶନ ଆସନ୍ତା ୨୧ ତାରିଖରୁ ଆରମ୍ଭ ହେବ।

''ମୁଁ ଜାତୀୟ କ୍ରୀଡ଼ା ମହାସଂଘ, ଆଥଲେଟ୍ସ, କୋଚ୍‌ଙ୍କ ସହ ପରାମର୍ଶ କରିଥିଲି। ଏପରି କି ବିଲ୍‌କୁ ପ୍ରସ୍ତୁତ କରାଗଲା ବେଳେ ଅନ୍‌ଲାଇନ୍ ଜରିଆରେ ଜନସାଧାରଣଙ୍କଠାରୁ ମଧ୍ୟ ମତାମତ ନିଆଯାଇଥିଲା। କ୍ରୀଡ଼ା ଓକିଲଙ୍କ ଦୃଷ୍ଟିକୋଣ ବୁଝିବା ପାଇଁ ମୁଁ ୩ ଘଣ୍ଟା ଧରି ସେମାନଙ୍କ ସହ କଥା ହୋଇଥିଲି। ଆଇଓସି ଓ ଫିଫା ଭଳି ଅନ୍ତର୍ଜାତୀୟ ଫେଡେରେଶନକୁ ପରାମର୍ଶ କରାଯାଇଥିଲା। ଫିଫା ପକ୍ଷରୁ ଏକ ପ୍ରଶ୍ନ ଉଠାଯାଇଥିଲା। ସେମାନଙ୍କ ସହ ଆଲୋଚନା କରିବା ପାଇଁ ମୁଁ ଜଣେ ଅଧିକାରୀଙ୍କୁ ସେମାନଙ୍କ ମୁଖ୍ୟ କାର୍ଯ୍ୟାଳୟକୁ ପଠାଇଥିଲି। ଏପରି କି ମୁଁ ପୂର୍ବତନ କ୍ରୀଡ଼ାମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ଅଜୟ ମାକେନଙ୍କ ସହ ମଧ୍ୟ କଥା ହୋଇଥିଲି। ବିଲ୍‌କୁ ପ୍ରସ୍ତୁତ କରିବାରେ ତାଙ୍କର ମଧ୍ୟ ଭୂମିକା ରହିଛି। ବର୍ତ୍ତମାନ ଜାତୀୟ କ୍ରୀଡ଼ା ବିଲ୍ ପ୍ରସ୍ତୁତ ହୋଇସାରିଛି ଏବଂ ମୌସୁମୀ ଅଧିବେଶନରେ ଏହାକୁ ଆଗତ କରାଯିବ। ଆମକୁ ଏକତ୍ରିତ ହୋଇ ଆଗକୁ ବଢ଼ିବା ଉଚିତ। ଆମକୁ ଆତ୍ମସମୀକ୍ଷା କରିବାକୁ ପଡ଼ିବ ଯେ, କେବଳ ଚେୟାରରେ ବସିବା ଯଥେଷ୍ଟ କି ନାହିଁ। ଆମକୁ ଇଗୋ ଛାଡ଼ିବାକୁ ପଡ଼ିବ। ଯଦି କେହି ତୁମଠାରୁ ଭଲ ଅଛନ୍ତି, ତେବେ ତାଙ୍କୁ ଚେୟାର ଦେବାକୁ ପଡ଼ିବ'' ବୋଲି ମାଣ୍ଡବ୍ୟ କହିଛନ୍ତି। ଏହି ବିଲ୍‌ର ଉଦ୍ଦେଶ୍ୟ ହେଉଛି ଦେଶର କ୍ରୀଡ଼ା ପ୍ରଶାସକଙ୍କୁ ଅଧିକ ଉତ୍ତରଦାୟୀ କରିବା। ଏଥିରେ ଏକ ରେଗୁଲେଟୋରୀ ବୋର୍ଡ ବ୍ୟବସ୍ଥା ରଖାଯାଇଛି, ଏହା ନିକଟରେ ସ୍ୱୀକୃତି ଦେବା ଓ କେଉଁ ଏନ୍‌ଏସ୍‌ଏଫ୍‌ଏସ୍‌କୁ କେତେ ପାଣ୍ଠି ଦିଆଯିବ, ତାହା ନିର୍ଦ୍ଧାରଣ କରିବାର ଅଧିକାର ରହିବ। ସମସ୍ତ ଜାତୀୟ ଫେଡେରେଶନରେ ସ୍ୱଚ୍ଛ ପରିଚାଳନା, ଆର୍ଥିକ ଓ ନୈତିକ ମାନଦଣ୍ଡ ଅନୁପାଳନ ନିଶ୍ଚିତ କରିବା ମଧ୍ୟ ଏହି ବୋର୍ଡର ଦାୟିତ୍ୱ ହେବ। ପରିଚାଳନାରେ ସ୍ୱଚ୍ଛତା ଆଣିବା ପାଇଁ ଏଥିକ୍ସ କମିଶନ ଓ ବିବାଦର ସମାଧାନ କମିଶନ ପ୍ରତିଷ୍ଠା ଲାଗି ଏହି ବିଧେୟକରେ ପ୍ରସ୍ତାବ ରହିଛି। ତେବେ ଏହାକୁ ଆଇଓଏ ପକ୍ଷରୁ ବିରୋଧ କରାଯାଉଛି। କାରଣ ଏଥିକ୍ସ କମିଶନ ପ୍ରତିଷ୍ଠା ହେବା ଦ୍ୱାରା ସମସ୍ତ ଏନ୍‌ଏଫ୍‌ଏସ୍‌ଏଫ୍ ଉପରେ ଆଇଓଏର ପ୍ରଭାବ ହ୍ରାସ ପାଇବ।

# କଳିକେଶ ଅନ୍ତରୀଣ ଚେୟାର ପର୍ସନ

**ନୂଆଦିଲ୍ଲୀ, ୧୭।୭ (ପି.ଟି.):** ନ୍ୟାଶ୍‌ନାଲ ରାଇଫଲ ଆସୋସିଏଶନ ଅଫ୍ ଇଣ୍ଡିଆ (ଏନ୍‌ଆର୍‌ଏଆଇ) ସଭାପତି ଓଡ଼ିଶାର କଳିକେଶ ନାରାୟଣ ସିଂ ଦେଓଙ୍କୁ ଇ-କ୍ରୀଡ଼ା, ଇ-ଗେମ୍ସ ଓ ପ୍ରଯୁକ୍ତି ବିଦ୍ୟା ଉଦ୍ଭାବନ ଉପରେ ଇଣ୍ଟରନ୍ୟାଶନାଲ ଶୁଟିଂ ସ୍ପୋର୍ଟ ଫେଡେରେଶନ



(ଆଇଏସ୍‌ଏସ୍‌ଏଫ୍) କମିଟିର ଚେୟାର ପର୍ସନ ଭାବେ ନିଯୁକ୍ତ କରାଯାଇଛି। ଜାତୀୟ ମହାସଂଘ ତରଫରୁ ଗୁରୁବାର ଏହା ଘୋଷଣା କରାଯାଇଛି। ଆଇଏସ୍‌ଏସ୍‌ଏଫ୍ ଦ୍ୱାରା ନବଗଠିତ ଏହି କମିଟି ଯଥା ଶୁଟିଂରେ ଭର୍ଚୁଆଲ, ଇ-ଶୁଟିଂ ଓ ଇ-ଗେମିଂ ଫର୍ମାଟରେ ଯେପରି ଡିଜିଟାଲ ଓ ଟେକ୍ନୋଲୋଜିର ଉପଯୋଗ କରାଯାଇପାରିବ ସେ ଦିଗରେ କାର୍ଯ୍ୟକରିବ। କଳିକେଶ କହିଛନ୍ତି, ଆଇଏସ୍‌ଏସ୍‌ଏଫ୍ ତାଙ୍କୁ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ପ୍ରଦାନ କରିଥିବାରୁ ସେ ଗୌରବାନ୍ୱିତ ମନେକରୁଛନ୍ତି।

# ଡୁରାଣ୍ଡ କପ୍ ପୁରସ୍କାର ରାଶି ବୃଦ୍ଧି

**କୋଲକାତା,୧୭।୭(ପି.ଟି.):** ଚଳିତ ବର୍ଷ ଡୁରାଣ୍ଡ କପ୍‌ରେ ଇଣ୍ଡିଆନ ସୁପର ଲିଗ୍‌ର ୬ ଦଳ ଭାଗ ନେବେ। କିନ୍ତୁ ଏସିଆର ସର୍ବପୁରାତନ ଫୁଟବଲ ଟୁର୍ନାମେଣ୍ଟର ପୁରସ୍କାର ରାଶିରେ ବୃଦ୍ଧି କରାଯାଇଥିବା ଆୟୋଜକଙ୍କ ପକ୍ଷରୁ ଗୁରୁବାର ଘୋଷଣା କରାଯାଇଛି। ଟୁର୍ନାମେଣ୍ଟର ମୋଟ ପୁରସ୍କାର ରାଶିକୁ ୧.୨ କୋଟିରୁ ୩ କୋଟିକୁ ବୃଦ୍ଧି କରାଯାଇଛି। ଏଥିସହିତ ବେଷ୍ଟ ଗୋଲକିପର, ଗୋଲ୍ଡେନ ବୁଟ ଓ ଗୋଲ୍ଡେନ ବଲ ବିଜେତାଙ୍କୁ ଗୋଟିଏ ଲେଖାଏ ଏସ୍‌ୟୁଭି ପ୍ରଦାନ କରାଯିବ। ଚାମ୍ପିୟନ ଦଳକୁ ରାଷ୍ଟ୍ରପତି ଭବନକୁ ଆମନ୍ତ୍ରଣ କରାଯିବ ଏବଂ ସେଠାରେ ରାଷ୍ଟ୍ରପତି ପ୍ରେସିଡେଣ୍ଟ୍ସ କପ୍ ପ୍ରଦାନ କରିବେ ବୋଲି ଡୁରାଣ୍ଡ କପ୍ ଆୟୋଜକ କମିଟି ଚେୟାରମ୍ୟାନ ଲ୍ୟୁଟନାଣ୍ଟ ଜେନେରାଲ ମୋହିତ ମଲହୋତ୍ରା କହିଛନ୍ତି।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ